# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, October 15/2019 | ★★★★★★

୪୫ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






ଫିଲ୍ମ ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ସହ କାମ କରିବାକୁ ମୁଁ ଆଗ୍ରହୀ। ତାଙ୍କର ଆଗାମୀ ଫିଲ୍ମରେ ମୋତେ ଡବଲ ରୋଲ୍‌ରେ ଆପଣମାନେ ଦେଖିପାରିବେ।
- ଐଶ୍ୱର୍ଯ୍ୟା ରାୟ ବଚ୍ଚନ,
ବଲିଉଡ୍ ଅଭିନେତ୍ରୀ



# ବିଶ୍ୱ ଦାରିଦ୍ର୍ୟ ଦୂର ଲାଗି ପ୍ରୟାସ

## ଆର୍ଥିକ ସ୍ଥିତି ପରଖିବା ଲାଗି ଫିଲ୍ଡ ଏକ୍ସପେରିମେଣ୍ଟ ଜରୁରୀ



ଅଭିଜିତ୍ ବାନାର୍ଜୀ

**ଷ୍ଟକହୋମ:** ଚଳିତ ବର୍ଷ ଲାଗି ଇଣ୍ଡିଆନ୍ ଆମେରିକାନ୍ ଅଭିଜିତ୍ ବାନାର୍ଜୀ, ଇଷ୍ଟର ଡୁଫ୍ଲୋ ଓ ମାଇକେଲ୍ କ୍ରେମରଙ୍କୁ ମିଳିତ ଭାବେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଗି ସୋମବାର ମନୋନୀତ କରାଯାଇଛି। ବିଶ୍ୱରୁ ଦାରିଦ୍ର ଦୂରୀକରଣ କ୍ଷେତ୍ରରେ ସେମାନଙ୍କ ଗବେଷଣା ଓ ପ୍ରୟାସକୁ ପ୍ରଶଂସା କରାଯାଇଛି। ବାନାର୍ଜୀ ହେଉଛନ୍ତି କୋଲକାତା ପ୍ରେସିଡେନ୍ସି କଲେଜର ପୂର୍ବତନ ଛାତ୍ର। ୧୯୮୧ରେ ସେ ଅର୍ଥନୀତିରେ ସ୍ନାତକ ପାସ୍‌କରି କୋଲକାତା ବିଶ୍ୱବିଦ୍ୟାଳୟ ଓ ପରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ହାର୍ଭାର୍ଡରୁ ସେ ପିଏଚ୍‌ଡି ମଧ୍ୟ ପାଇଥିଲେ। ସେ ଏବେ ଏମ୍ଆଇଟି(ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ର ଫୋର୍ଡ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲରେ ଅର୍ଥନୀତି ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଡୁଫ୍ଲୋଙ୍କ ସହ ମିଶି ୨୦୦୩ରେ ବାନାର୍ଜୀ ଅବ୍‌ଦୁଲ ଲତିଫ୍ ଜମିଲ ପଭର୍ଟି ଆକ୍ସନ୍ ଲାବ୍ ପ୍ରତିଷ୍ଠା କରିଥିଲେ। କେନ୍ଦ୍ରୀୟ ଅର୍ଥନୀତି ଗବେଷଣାର ସେ ଗବେଷକ ଭାବେ କାର୍ଯ୍ୟ କରିଥିଲେ। ଭାରତର ଧୁଲେରେ ଜନ୍ମଗ୍ରହଣ କରିଥିବା ବାନାର୍ଜୀ କୋଲକାତାସ୍ଥିତ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ ସାଇନ୍ସର ଅର୍ଥନୀତି ପ୍ରଫେସର ନିର୍ମଳା ବାନାର୍ଜୀଙ୍କ ପୁଅ। ଅର୍ଥନୀତିର ମୂଳକୁ ଯିବା କିମ୍ବା ବିକାଶର ମାର୍ଗ ଦେଖିବାକୁ ହେଲେ ଫିଲ୍ଡ ଏକ୍ସପେରିମେଣ୍ଟ ଜରୁରୀ ବୋଲି ସେ କହନ୍ତି। ୨୦୧୫ରେ ସେ ଇସ୍ଥର ଡୁଫ୍ଲୋଙ୍କୁ ବିବାହ କରିଥିଲେ। ତାଙ୍କର ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବ୍ୟକ୍ତିକୈନ୍ଦ୍ରିକ ଅର୍ଥନୀତି ଉପରେ ଗୁରୁତ୍ୱ ଦିଆଯାଉ

**ଷ୍ଟକହୋମ:** ଫ୍ରାନ୍ସ ଅର୍ଥନୀତିଜ୍ଞ ଏଷ୍ଟର ଡୁଫ୍ଲୋ(୪୬)ଙ୍କୁ ମଧ୍ୟ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏମ୍ଆଇଟିରେ ଜଣେ ବରିଷ୍ଠ ଅର୍ଥନୀତି ପ୍ରଫେସର ଭାବେ ସେ ଜଣାଶୁଣା। ଅବ୍‌ଦୁଲ ଲତିଫ୍ ଜମିଲ୍ ପ୍ରଫେସର ଅଫ୍ ପଭର୍ଟି ଆଲିଭିଏସନ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ଇକୋନୋମିକ୍ସ ଉପରେ ସେ ଶିକ୍ଷାଦାନ କରିଥାନ୍ତି। ଅବ୍‌ଦୁଲ ଲତିଫ୍ ଜମିଲ୍ ପଭର୍ଟି ଆକ୍ସନ୍ ଲାବ୍‌ର ସେ ଜଣେ ସହ ପ୍ରତିଷ୍ଠାତା। ସେଣ୍ଟର ଫର୍ ଇକୋନୋମିକ ଆଣ୍ଡ୍ ପଲିସି ରିସର୍ଚ୍ଚ ଡେଭେଲପ୍‌ମେଣ୍ଟ ଇକୋନୋମିକ୍ସ ପ୍ରୋଗ୍ରାମର ସେ ନିର୍ଦ୍ଦେଶକ। ବିଶ୍ୱରୁ ଦାରିଦ୍ର୍ୟ ଦୂର କରିବା ଲାଗି ତାଙ୍କର ଗବେଷଣାତ୍ମକ ଚିନ୍ତାଧାରା ନୂତନତ୍ୱ ଆଣିଦେଇଛି। ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ବ୍ୟକ୍ତିକୈନ୍ଦ୍ରୀକ ଅର୍ଥନୀତି ଉପରେ ସେ ଗବେଷଣା ଓ ଗୁରୁତ୍ୱ ଦେଇଆସିଛନ୍ତି। ଘରୋଇ ଶିକ୍ଷା, ପାରିପାର୍ଶ୍ୱିକ ପରିବେଶ, ଆର୍ଥିକ ସ୍ଥିତି, ସ୍ୱାସ୍ଥ୍ୟ ଆଦିକୁ ସେ ତର୍ଜମା କରି କିଭଳି ଦାରିଦ୍ର୍ୟ ଦୂର କରାଯାଇପାରିବ ସେନେଇ ଗବେଷଣା କରିଥିଲେ। ଅଭିଜିତ୍‌ଙ୍କ ସହ ମିଶି ସେ 'ଗୁଡ୍ ଇକୋନୋମିକ୍ସ ଫର୍ ହାର୍ଡ ଟାଇମ୍ସ' ଲେଖିଛନ୍ତି। ଏଥିରେ ଦାରିଦ୍ର ଦୂର ଲାଗି କଠିନ ସମୟରେ କିଭଳି ନିଜକୁ ଦୃଢ କରିବ ଓ ଯୋଜନା ମୁତାବକ ଭିତ୍ତିଭୂମି ପ୍ରତିଷ୍ଠା କରି ଆଗକୁ ବଢ଼ିବ, ସେନେଇ ଉଲ୍ଲେଖ କରାଯାଇଛି। ପ୍ୟାରିସ୍ଥିତ ଲିସ୍ ହେନ୍‌ରି ପବ୍ଲିକ ସ୍କୁଲରେ ପାଠ ପଢ଼ିବା ପରେ ସେ ମସ୍କୋ ଯାଇ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ବ୍ୟାଙ୍କ ଅଫ୍ ରୁଷିଆରେ ସେ କାର୍ଯ୍ୟ କରିଥିଲେ। ଇତିହାସ ଓ ଅର୍ଥନୀତିରେ ସ୍ନାତକ ପାସ୍ କରିଥିବା ଡୁଫ୍ଲୋ ୧୯୯୯ରେ ଏମ୍ଆଇଟିରେ ପିଏଚ୍‌ଡି ଲାଭ କରିଥିଲେ। ୨୦୦୨ରେ ତାଙ୍କୁ ଆସୋସିଏଟ୍ ପ୍ରଫେସର ଭାବେ ପ୍ରମୋଶନ ମିଳିଥିଲା। ଆର୍ଥିକ ପ୍ରଗତି ସହ ଦାରିଦ୍ର୍ୟ ଦୂରୀକରଣ ଲାଗି ତାଙ୍କ ଗବେଷଣା ତାଙ୍କୁ ଅନେକ ସମ୍ମାନ ଆଣିଦେଇଛି।



ଏଷ୍ଟର ଡୁଫ୍ଲୋ

## ଦାରିଦ୍ର୍ୟ ଦୂର କରିବା ସହ ପୀଡ଼ିତଙ୍କୁ ସହାୟତା ମିଳୁ



ମାଇକେଲ୍ କ୍ରେମର

**ଷ୍ଟକହୋମ:** ଆମେରିକାର ଅର୍ଥନୀତିଜ୍ଞ ମାଇକେଲ୍ କ୍ରେମରଙ୍କୁ ଚଳିତ ବର୍ଷ ଲାଗି ମିଳିତ ଭାବେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଗି ମନୋନୀତ କରାଯାଇଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ଅର୍ଥନୀତି ପ୍ରଫେର ଭାବେ ସେ ଜଣାଶୁଣା। ବିଶ୍ୱରେ ଦାରିଦ୍ର ଦୂର କରିବା ଲାଗି ପୀଡ଼ିତଙ୍କୁ ବଦାନ୍ୟତା ଦେଖାଇବା ଉପରେ ସେ ଜୋର୍ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ତାଙ୍କ ଗବେଷଣା ଓ କାର୍ଯ୍ୟକୁ ପ୍ରଶଂସା କରାଯାଇ ୟଙ୍ଗ୍ ଗ୍ଲୋବାଲ ଲିଡର ଭାବେ ଅଭିହିତ କରାଯାଇଛି। ଦାରିଦ୍ରତାର କାରଣ ଓ ଏହାର ନିରାକରଣ ଲାଗି ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ସେ ଗବେଷଣା କରିଛନ୍ତି। ବିଶ୍ୱ ଦାରିଦ୍ର ଦୂର ଲାଗି ଗଠିତ ଅନ୍ତର୍ଜାତୀୟ ସଂସ୍ଥା 'ଗିଭିଂ ହ୍ୱାଟ୍ ୱି କ୍ୟାନ୍'ର ସେ ସଦସ୍ୟ ଅଛନ୍ତି। ହାର୍ଭାର୍ଡର ଏକ ସଂସ୍ଥା 'ୱାର୍ଲ୍ଡଟେକ୍'ର ସଭାପତି ଓ ପ୍ରତିଷ୍ଠାତା ଭାବେ କ୍ରେମରଙ୍କ ନାମ ରହିଛି। ଜନସଂଖ୍ୟା କିଭଳି ଅର୍ଥନୀତି ଉପରେ ପ୍ରଭାବ ପକାଉଛି, ସେନେଇ ମଧ୍ୟ ସେ ଗବେଷଣା କରିଥିଲେ। ବିକାଶୋନ୍ମୁଖୀ ରାଷ୍ଟ୍ରରେ ସାମାଜିକ ସ୍ଥିତି ଓ ଲୋକଙ୍କ ଚଳଣୀରେ ପରିବର୍ତ୍ତନ ଅର୍ଥନୀତି ଉପରେ କିଭଳି ପ୍ରଭାବ ପକାଉଛି, ତାକୁ ନେଇ ସେ ଗବେଷଣା କରିଛନ୍ତି।

# ଜାହ୍ନବୀଙ୍କ ପାଇଁ ୨୦୨୦ ଲକି

**ମୁମ୍ବାଇ:** ବଲିଉଡ୍ ମହାନାୟିକା ଶ୍ରୀଦେବୀଙ୍କ ଝିଅ ଜାହ୍ନବୀ କପୁର ବଲିଉଡ୍ ଏଣ୍ଟ୍ରି କଲେ ସତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କର ଗୋଟିଏ ହିଁ ଫିଲ୍ମ ରିଲିଜ୍ ହୋଇଛି। ଅନ୍ୟପଟେ ସୈଫ୍ ଅଲୀ ଖାନ୍ ଓ ଅମୃତା ସିଂହଙ୍କ ଝିଅ ସାରା ଅଲୀ ଖାନ୍ କିନ୍ତୁ ଜାହ୍ନବୀଙ୍କ ତୁଳନାରେ ଅନେକ ସଫଳତା ହାସଲ କରିସାରିଲେଣି। ଦୁହେଁ ଏକା ସମୟରେ ବଲିଉଡ୍‌ରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ବାହାରିଥିବାବେଳେ ସାରା କିନ୍ତୁ ଜାହ୍ନବୀଙ୍କୁ ପଛରେ ପକାଇ ବାଜି ମାରିଚାଲିଛନ୍ତି। ଜାହ୍ନବୀ ବର୍ତ୍ତମାନ ସୁଦ୍ଧା କେବଳ ଫିଲ୍ମ 'ଧଡ଼କ୍'ରେ ହିଁ ନଜର ଆସିଛନ୍ତି। ତେବେ ଆସନ୍ତା ବର୍ଷ ଜାହ୍ନବୀଙ୍କ ପାଇଁ ଆଣିପାରେ ସଫଳ ହେବାର ସୁଯୋଗ। 'ରୁହୀ ଅଫ୍‌ଜା', 'କାରଗିଲ୍ ଗର୍ଲ', 'ଦୋସ୍ତାନା-୨', 'ତଖ୍‌ତ' ଭଳି ଫିଲ୍ମର ଅଫର୍ ଜାହ୍ନବୀଙ୍କ ହାତରେ ଥିବାବେଳେ ଏକତା କପୁରଙ୍କ ଆଗାମୀ ଫିଲ୍ମ ପାଇଁ ମଧ୍ୟ ତାଙ୍କୁ ଅଫର୍ ମିଳିଥିବା ଜଣାପଡ଼ିଛି। ନିକଟରେ ଏକତା କପୁରଙ୍କ ଘର ସାମ୍ନାରେ ଜାହ୍ନବୀ ଦେଖିବାକୁ ମିଳିଥିଲେ। ଏହାପରେ ଏକତାଙ୍କ ଆଗାମୀ ଫିଲ୍ମରେ ଜାହ୍ନବୀ ଲିଡ୍ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂତ୍ର ଅନୁସାରେ ଏକତା ନିଜ ଆଗାମୀ ଫିଲ୍ମରେ ଜାହ୍ନବୀଙ୍କୁ ନେବା ପାଇଁ ଅଫର୍ ଦେଇଛନ୍ତି। ଏନେଇ ଅଧିକ କଥାବାର୍ତ୍ତା କରିବାକୁ ଜାହ୍ନବୀ ଏକତାଙ୍କ ଅଫିସ୍‌କୁ ଯାଇଥିଲେ। ତେବେ ମିଡିଆ ଯେତେବେଳେ ଜାହ୍ନବୀଙ୍କୁ ଏକତାଙ୍କ ଘର ସାମ୍ନାରେ ଦେଖି ଅଧିକ ଜାଣିବାକୁ ପ୍ରଶ୍ନ କରିଥିଲା, ସେ କେବଳ ହସି ଦେଇ ସେଠାରୁ ଚାଲିଯାଇଥିଲେ। ୨୦୧୮ରେ କରଣ ଜୋହର୍‌ଙ୍କ ଫିଲ୍ 'ଧଡ଼କ୍'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଶ୍ରୀଦେବୀ ଓ ବୋନୀ କପୁରଙ୍କ ତନୟା ଜାହ୍ନବୀ କପୁର। ୨୦୨୦ ତାଙ୍କ କ୍ୟାରିୟର ପାଇଁ ସଫଳତା ଆଣିଦେବ ବୋଲି ଆଶା କରାଯାଉଛି।



# ପ୍ରଜାପତିର ରହିଛି ରଙ୍ଗ ଚିହ୍ନିବା କ୍ଷମତା



**ଟୋକିଓ:** ଫୁଲରୁ ଫୁଲକୁ ଉଡ଼ିବୁଲୁଥିବା ପ୍ରଜାପତିର ମଧ୍ୟ ରଙ୍ଗ ସମ୍ପର୍କରେ ଜ୍ଞାନ ରହିଥାଏ। ଏନେଇ ଟୋକିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ପ୍ରଜାପତି ରଙ୍ଗିନ ଫୁଲ ପ୍ରତି କାହିଁକି ଅଧିକ ଆକୃଷ୍ଟ ହୋଇଥାନ୍ତି ସେଥିନେଇ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଗବେଷଣା ଜାରି ରଖିଥିଲେ। ପୂର୍ବରୁ ଆକଳନ କରାଯାଉଥିଲା ରଙ୍ଗିନ ଫୁଲରେ ସାଧାରଣତଃ ଅଧିକ ମହୁ ଥିବାରୁ ପ୍ରଜାପତି ସେଭଳି ଫୁଲ ପ୍ରତି ଆକର୍ଷିତ ହୋଇଥାନ୍ତି। ରାତିରେ ଫୁଟୁଥିବା କେତେକ ଧଳାରଙ୍ଗର ଫୁଲରେ ମହୁ ମଧ୍ୟ ରହିଥାଏ। ତେବେ ଏସବୁ ଫୁଲ ପ୍ରତି ପ୍ରଜାପତି ଅଧିକ ଆକର୍ଷିତ ହୋଇ ନ ଥାନ୍ତି। ଅନ୍ୟପକ୍ଷରେ ଲାଲ୍, ହଳଦିଆ, ଗୋଲାପି, କମଳା, ବାଇଗଣୀ ଆଦି ରଙ୍ଗ ଫୁଲ ନିକଟକୁ ବହୁ ସଂଖ୍ୟାରେ ପ୍ରଜାପତି ଆସିଥାନ୍ତି। ପ୍ରଜାପତି, ମହୁମାଛି ଓ ଅନ୍ୟାନ୍ୟ କୀଟପତଙ୍ଗ ପରାଗ ସଂଗମରେ ସହାୟତା କରିଥାନ୍ତି। ଏହା ପ୍ରକୃତିର ନିୟମ ଅନୁସାରେ କାର୍ଯ୍ୟକାରୀ ହୋଇଥାଏ। ଏହାଯୋଗୁ ରଙ୍ଗିନ ଫୁଲ ଥିବା ଗଛରେ ପରାଗ ସଂଗମ ଭଲ ଭାବେ ସମ୍ପନ୍ନ ହୋଇପାରିଥାଏ। ଏଭଳି ଗଛ ଯଦି ଫଳ ଧାରଣ କରୁଥିବା ଗଛ ହୋଇଥାନ୍ତି ତେବେ ଫଳ ସଂଖ୍ୟା ଅଧିକ ରହିଥାଏ। ମାତ୍ର ଧଳା ଫୁଲ ଥିବା ଗଛ ନିକଟକୁ ଅଧିକ କୀଟପତଙ୍ଗ ଆସୁ ନ ଥିବାରୁ ପରାଗ ସଂଗମରେ ସହାୟକ ହେଉଥିବା ଅନ୍ୟ କାରକଗୁଡିକ ଉପରେ ଏଭଳି ଗଛ ନିର୍ଭର କରିଥାନ୍ତି। ପ୍ରଜାପତିର ମସ୍ତିଷ୍କ ରଙ୍ଗିନ ଫୁଲ ପ୍ରତି ଅଧିକ ସମ୍ବେଦନଶୀଳ ରହିଥାଏ। ତେଣୁ ସ୍ୱତଃପ୍ରବୃତ୍ତ ଭାବେ ପ୍ରଜାପତି ଆକର୍ଷିତ ହୋଇ ଏଭଳି ଫୁଲ ନିକଟକୁ ଆସିଥାନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି।

# କେମୋଥେରାପି ପରେ ଝଡ଼ିବନି କେଶ

## ବୈଜ୍ଞାନିକଙ୍କ ଉପଲବ୍ଧି

**ମାଞ୍ଚେଷ୍ଟର:** କେମୋ ଥେରାପି ସମୟରେ ରୋଗୀଙ୍କୁ ଏଭଳି ଔଷଧ ଦିଆଯାଇଥାଏ, ଯାହା କର୍କଟ କୋଷିକାଗୁଡ଼ିକୁ ନଷ୍ଟ କରିଥାଏ। ଲାଷ୍ଟ ଷ୍ଟେଜ୍‌ରେ ମଧ୍ୟ ଏହି ଥେରାପି ମାଧ୍ୟମରେ ରୋଗକୁ ଦୀର୍ଘଦିନ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇପାରେ। କିନ୍ତୁ କେମୋ ଥେରାପି କରାଇବା ପରେ କ୍ଳାନ୍ତ ଅନୁଭବ ହେବା ଓ ବାନ୍ତି ହେବା ସହ ରୋଗୀ ମୁଣ୍ଡରୁ କେଶ ସବୁ ଉପୁଡ଼ି ଯାଇଥାଏ। ଏଥିଯୋଗୁ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ। ତେବେ ଏହି ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନେ ଏକ ଉପାୟ ବାହାର କରିଛନ୍ତି। କେମୋ ଥେରାପି ନେଉଥିବା ଲୋକମାନେ ଏହା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ। 'ସ୍କିନ୍ ଥେରାପି ଲେଟର' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ, କେମୋ ଥେରାପି ନେଉଥିବା ୬୫ ପ୍ରତିଶତ କର୍କଟ ରୋଗୀଙ୍କ ଚୁଟି ଝଡ଼ି ଯାଇଥାଏ। ଏଭଳି ସ୍ଥିତିରେ ବୈଜ୍ଞାନିକମାନେ କେଶ ନ ଝଡ଼ିବା ପାଇଁ ବାହାର କରିଥିବା ଉପାୟକୁ ଏକ ବିରାଟ ଉପଲବ୍ଧି ବୋଲି କୁହାଯାଉଛି। ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟରର ସେଣ୍ଟର ଅଫ୍ ଡର୍ମାଟୋଲୋଜିର ବୈଜ୍ଞାନିକଙ୍କ କହିବା ଅନୁସାରେ, କେମୋ ଥେରାପିରେ ଟକ୍ସିନ୍ ନାମକ ଏକ ଡ୍ରଗ୍ ଥାଏ, ଯାହା ଟ୍ୟୁମର କୋଷ ବିଭାଜନକୁ ରୋକିଥାଏ। ଏଥିସହ କେଶ ଝଡ଼ିବା ଓ ଅନ୍ୟାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ। ତେବେ ଶରୀର ଉପରେ ପଡୁଥିବା ଏଭଳି ନକାରାତ୍ମକ ପ୍ରଭାବକୁ ରୋକିବା ପାଇଁ ଏହି ଡ୍ରଗ୍‌ରେ କିଛି ପରିବର୍ତ୍ତନ କରିବା ସକାଶେ ବିଶେଷଜ୍ଞମାନେ ପରୀକ୍ଷା ଚଳାଇଥିଲେ। ଏହାପରେ ସିଡିକେ ୪/୬ ନାମରେ ଏକ ଡ୍ରଗ ବାହାର କରିଛନ୍ତି, ଯାହା କେଶ ଝଡ଼ିବାକୁ ରୋକିପାରିବ। ତେବେ ବଜାରରରେ ଏହି ଔଷଧ କେବେ ଉପଲବ୍ଧ ହେବ ସେ ନେଇ କିଛି ସୂଚନା ମିଳିନାହିଁ।



# ବୟସ ବି ଦାମ୍ପତ୍ୟ ଜୀବନରେ ଆଣିଥାଏ ଝଡ଼

**ଇମୋରୀ:** ଏଜ୍‌ଗ୍ୟାପ୍ ବା ବୟସ ତାରତମ୍ୟ ଦାମ୍ପତ୍ୟ ଜୀବନରେ ଝଡ଼ ଆଣିଥାଏ। ଏହା ଅଧିକ ରହିଲେ ଦମ୍ପତିଙ୍କ ମଧ୍ୟରେ ଅଶାନ୍ତି ଆଶଙ୍କା ବଢ଼ିଥାଏ। ନିକଟରେ ଆଟଲାଣ୍ଟିକ୍ ଇମୋରୀ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ପ୍ରେମରେ ବୟସର ତାରତମ୍ୟ କିଛି ଫରକ ପକାଉ ନ ଥିଲେ ମଧ୍ୟ ଦାମ୍ପତ୍ୟ ଜୀବନରେ ଏନେଇ କାହିଁକି ଝଡ଼ ଉଠିଥାଏ ସେନେଇ ଗବେଷକ ଏକ ଅଧ୍ୟୟନ କରିଥିଲେ। ଦାମ୍ପତ୍ୟ ଜୀବନର ସୁଖରେ ବୟସ ତାରତମ୍ୟ ବାଧା ସୃଷ୍ଟି କରେ। ଏହା ଅଧିକ ଥିଲେ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଏହାଯୋଗୁ ଯଦି ଦମ୍ପତିଙ୍କର କୌଣସି ସନ୍ତାନ ସନ୍ତତି ନ ହୁଅନ୍ତି ତେବେ ଦାମ୍ପତ୍ୟ ଜୀବନରେ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଅଧିକ ରୁହେ। ତେବେ ଏହା ସମ୍ପୂର୍ଣ୍ଣଭାବେ ଦମ୍ପତିଙ୍କ ମାନସିକତା ଉପରେ ହିଁ ନିର୍ଭର କରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବୟସ ତାରତମ୍ୟ କମ୍ ଥିଲେ ମଧ୍ୟ କେତେକଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥାଏ। ଦମ୍ପତିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ବୟସ ତାରତମ୍ୟର କୌଣସି ପ୍ରଭାବ ପଡ଼ି ନ ଥାଏ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।



# ସମାଜ ଗଠନରେ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ବିଶ୍ୱ ଛାତ୍ର ଦିବସ

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ.ଏପିଜେ ଅବଦୁଲ କଲାମ ଛାତ୍ରମାନଙ୍କୁ ବହୁତ ଭଲ ପାଉଥିଲେ ତଥା ଶିକ୍ଷାର ପ୍ରସାର କ୍ଷେତ୍ରରେ ତାଙ୍କର ଯୋଗଦାନ ଥିଲା ଉଲ୍ଲେଖନୀୟ। ଏଣୁ କଲାମଙ୍କ ସମ୍ମାନାର୍ଥେ ଜାତିସଂଘ ୨୦୧୦ରେ ତାଙ୍କ ୭୯ତମ ଜନ୍ମଦିନ(ଅକ୍ଟୋବର୧୫)କୁ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ସେବେଠାରୁ ପ୍ରତିବର୍ଷ ଅକ୍ଟୋବର ୧୫ରେ 'ବିଶ୍ୱ ଛାତ୍ର ଦିବସ' ପାଳନ କରାଯାଉଛି। କଲାମ ମିଶାଇଲ ବିକାଶ କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଗୁଡ଼ିକର ସମକକ୍ଷ କରାଇବାରେ ସକ୍ଷମ ହୋଇଥିଲେ। ସେଥିପାଇଁ ତାଙ୍କୁ 'ମିଶାଇଲ ମ୍ୟାନ୍' କୁହାଯାଏ। ଡ.କଲାମ ପୋଖରାନ ପରମାଣୁ ବୋମା ପରୀକ୍ଷଣରେ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣରେ ସେ ଭୂଷିତ ହୋଇଛନ୍ତି। ଗବେଷଣା କ୍ଷେତ୍ରରେ ମାର୍ଗଦର୍ଶକ କାର୍ଯ୍ୟ ପାଇଁ ତାଙ୍କୁ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଛି। କିନ୍ତୁ ତାଙ୍କର ବୈଜ୍ଞାନିକ ଓ ରାଜନୈତିକ ଜୀବନରେ କଲାମ ନିଜକୁ ଜଣେ ବିଚାରକ, ଦାର୍ଶନିକ ଓ ଶିକ୍ଷକ ଭାବେ ସବୁବେଳେ ଛାତ୍ରମାନଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଉଥିଲେ। କଲାମଙ୍କୁ ମଧ୍ୟ ଆଧୁନିକ ଭାରତର ଜନକ ବୋଲି କୁହାଯାଏ। ନୂଆ ଭାରତ ଗଠନରେ ସେ ସବୁବେଳେ ଛାତ୍ରଙ୍କ ଉପରେ ଭରସା ଓ ବିଶ୍ୱାସ ରଖୁଥିଲେ।

ଶିଖିବା ଏକ ପ୍ରକ୍ରିୟା, ଯାହା ଜୀବନ ସାରା ତୁମ ସାଙ୍ଗରେ ରହେ। ଜଣେ ମଣିଷ ସବୁବେଳେ ଜଣେ ଛାତ୍ର ଓ ସେ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା' ଚାରିପାଖରେ ଥିବା ପରିବେଶରୁ ଶିଖିଥାଏ। ଶିଖିବା କେବେ ବି ଅଟକି ଯାଏନି, ଏହା ଥିଲା କଲାମଙ୍କ ବିଶ୍ୱାସ । ଜଣେ ଛାତ୍ର ତା କ୍ୟାରିୟରରେ ବହୁତ ପଢେ ଓ ଶିଖେ। ଏଥିପାଇଁ ସେ ସବୁବେଳେ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରି ତା'ଉତ୍ତର ଚାହୁଁଥିଲେ ଓ ତାଙ୍କୁ ପ୍ରଶ୍ନ ପଚାରିବା ଲାଗି ଛାତ୍ରମାନଙ୍କୁ ପ୍ରେରିତ କରୁଥିଲେ। ନିୟମିତ ସ୍କୁଲ ଓ କଲେଜରେ ଛାତ୍ରଙ୍କୁ ଭେଟୁଥିଲେ। ସବୁବେଳେ ସେ ଛାତ୍ରମାନଙ୍କୁ ଲେଖା ତଥା ବକ୍ତୃତା ମାଧ୍ୟମରେ ଜୀବନକୁ ସରସ ସୁନ୍ଦର କରିବାକୁ ପ୍ରେରଣା ଦେଉଥିଲେ । ଛାତ୍ରମାନେ ଅନୁଶାସିତ ଜୀବନ ଜିଇବା ପାଇଁ ସେ ଥିଲେ ଆଶାବାଦୀ। ଏହାଦ୍ୱାରା ଛାତ୍ରମାନେ ମନ୍ଦ ରାସ୍ତାରେ ଯାଇପାରିବେ ନାହିଁ ବୋଲି ତାଙ୍କର ଧାରଣା ରହିଥିଲା। ଛାତ୍ରମାନେ ଚରିତ୍ର ଗଠନକୁ ଜୀବନର ସର୍ବୋଚ୍ଚ ପ୍ରାଥମିକତା ଭାବେ ଗ୍ରହଣ କରିବା ଆବାଶ୍ୟକ ବୋଲି ସେ ବିଚାର କରୁଥିଲେ । ଜଣେ ଛାତ୍ର ଭଲ ନାଗରିକ, ଭବିଷ୍ୟତର ପ୍ରତୀକ ଓ ସମାଜ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବେ। ଏଣୁ ଛାତ୍ର ସମାଜର ନୈତିକ,ବୌଦ୍ଧିକ ଶିକ୍ଷାରେ ଉନ୍ନତି ଆସିଲେ ସେମାନେ ଏକ ସୁନ୍ଦର ରାଷ୍ଟ୍ର ନିର୍ମାଣ କରିପାରିବେ- କଲାମଙ୍କ ଏପରି ବିଶ୍ୱାସକୁ ଛାତ୍ରମାନଙ୍କ ମଧ୍ୟରେ ପୁଣି ଉଜାଗର କରିବା ବିଶ୍ୱ ଛାତ୍ର ଦିବସର ମୁଖ୍ୟ ଉଦ୍ଦେଶ୍ୟ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯ | Bhubaneswar, Tuesday, October 15/2019 | ପୃଷ୍ଠା-୧




**ପ୍ରିୟାଂଶୁଙ୍କୁ ବାହାରିନ ବ୍ୟାଡ୍‌ମିଣ୍ଟନ ଟାଇଟଲ**

ଭାରତର ପ୍ରିୟାଂଶୁ ରାଜାୱତ ବାହାରିନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ସିରିଜ ଫାଇନାଲରେ କାନାଡ଼ାର ଜାସନ ଆଣ୍ଟୋନୀ ହୋ-ଶୁଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭

୧୩ **ସଲମାନ୍-ଦିଶା ପୁଣି ଏକାଠି**

ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ୨୦୨୦ ଇଦ୍‌ରେ ଦିଶା ପଟାନୀଙ୍କ ସହ 'ରାଧେ-ଇଣ୍ଡିଆଜ୍ ମୋଷ୍ଟ ୱାଣ୍ଟେଡ୍ କୋପ୍' ଫିଲ୍ମ ଭେଟି ଦେବେ।



# ଓଡ଼ିଶାରେ ବାଂଲାଦେଶୀ ଆତଙ୍କବାଦୀ

■ ଆସାମ, ଝାଡ଼ଖଣ୍ଡ ସମେତ ବିଭିନ୍ନ ରାଜ୍ୟରେ ସଂଗଠନ ସୁଦୃଢ଼ କରୁଛି ଜେଏମ୍‌ବି
■ ସତର୍କ କରାଇଲେ ଏନ୍‌ଆଇଏ ଡିଜି
■ ୧୨୫ ଆତଙ୍କବାଦୀଙ୍କ ତାଲିକା ପ୍ରକାଶ କଲା ତଦନ୍ତକାରୀ ସଂସ୍ଥା



ୱାଇ.ଏସ୍. ମୋଦି

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ଜମାତ୍-ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମ୍‌ବି) ଆତଙ୍କବାଦୀ ସଂଗଠନ ଏବେ ଦେଶ ପାଇଁ ବିପଦ ସୃଷ୍ଟି କରିଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମହାନିର୍ଦ୍ଦେଶକ ୱାଇ.ଏସ୍. ମୋଦି କହିଛନ୍ତି। ଓଡ଼ିଶା ସମେତ ଦେଶର ୭ ରାଜ୍ୟରେ ଏହି ବାଂଲାଦେଶୀ ଆତଙ୍କବାଦୀ ସଂଗଠନ କାୟା ବିସ୍ତାର କରୁଥିବା ଏନ୍‌ଆଇଏ ଡିଜି ସତର୍କ କରାଇଦେଇଛନ୍ତି। ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ମୁଖ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଜେଏମ୍‌ବି ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର, କର୍ନାଟକ ଓ କେରଳ ଭଳି ରାଜ୍ୟରେ ଏହାର କାର୍ଯ୍ୟକଳାପ ବଢ଼ାଇଚାଲିଛି। ସେମାନେ ବାଂଲାଦେଶୀ ଦେଶାନ୍ତରୀ ଭାବେ ଛଦ୍ମବେଶରେ ରହୁଛନ୍ତି।

ଜେଏମ୍‌ବି ନେତୃତ୍ୱଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥିବା ୧୨୫ ଜଣ ସନ୍ଦିଗ୍ଧଙ୍କର ଏକ ତାଲିକା ଏନ୍‌ଆଇଏ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଦେଇଛି। ଓଡ଼ିଶା, ଆସାମ ଓ ଝାଡ଼ଖଣ୍ଡରେ ଜେଏମ୍‌ବିର ଗତିବିଧି ବୃଦ୍ଧି ପାଇଥିବା ଏନ୍‌ଆଇଏର ପାନ୍-ଇଣ୍ଡିଆ ତଦନ୍ତରୁ ଜଣାପଡ଼ିଛି। ଏହାବ୍ୟତୀତ ବିହାର, କର୍ନାଟକ, କେରଳ ଓ ମହାରାଷ୍ଟ୍ରରେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି ବୋଲି ଡିଜି କହିଛନ୍ତି। ରାଜ୍ୟ ପୋଲିସର ତଦନ୍ତ ପରିସର ସୀମିତ ହୋଇଥିବା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏ ସମ୍ପର୍କିତ ତଥ୍ୟ ଏନ୍‌ଆଇଏକୁ ଦେବା ଆବଶ୍ୟକ, ଯାହା ଫଳରେ ବଡ଼ ଧରଣର ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇପାରିବ ବୋଲି ଏନ୍‌ଆଇଏ ଆଇଜି ଆଲୋକ ମିତ୍ତଲ କହିଛନ୍ତି। ୨୦୧୪ରୁ ୨୦୧୮ ମଧ୍ୟରେ ଜେଏମ୍‌ବି ବେଙ୍ଗାଲୁରୁରେ ୨୦ରୁ ୨୨ ଗୁପ୍ତ ଆଡ୍ଡା ସ୍ଥାପନ କରି ଦକ୍ଷିଣ ଭାରତରେ ସଂଗଠନର ପ୍ରସାର କରାଉଥିବା ସେ ସୂଚନା ଦେଇଛନ୍ତି। ଏପରିକି କର୍ନାଟକ ସୀମାନ୍ତ କ୍ରିଷ୍ଣଗିରି ପାର୍ବତ୍ୟାଞ୍ଚଳରେ ଜେଏମ୍‌ବି ରକେଟ ଲଞ୍ଚର୍ ପରୀକ୍ଷଣ କରିଛି। ମ୍ୟାନ୍‌ମାରରେ ରୋହିଙ୍ଗ୍ୟା ମୁସଲମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ପ୍ରତିଶୋଧ ନେବା ଲାଗି ଜେଏମ୍‌ବି ବୌଦ୍ଧ ମନ୍ଦିରଗୁଡ଼ିକୁ ଆକ୍ରମଣ କରିବା ଲାଗି ଲକ୍ଷ୍ୟ ରଖିଛି। ଏହି ସଂଗଠନ ପ୍ରଥମେ ୨୦୦୭ରେ ପଶ୍ଚିମବଙ୍ଗ ଓ ଆସାମରେ ସେମାନଙ୍କ କାର୍ଯ୍ୟକଳାପ ଆରମ୍ଭ କରିଥିଲେ ଓ ପରେ ସଂଗଠନକୁ ଅନ୍ୟ ରାଜ୍ୟକୁ ବିସ୍ତାର କରାଇଥିଲେ। ଜେଏମ୍‌ବି ନେତୃତ୍ୱଙ୍କ ସହ ୧୩୦ ଆତଙ୍କବାଦୀ ନିୟମିତ ସମ୍ପର୍କ ରଖିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ମିତ୍ତଲ କହିଛନ୍ତି।

ଅନ୍ୟ ଜିହାଦୀ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ଦେଇ ମିତ୍ତଲ କହିଛନ୍ତି, ମଧ୍ୟପ୍ରାଚ୍ୟ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ସମ୍ପର୍କ ରଖିଥିବା ୧୨୭ ଜଣଙ୍କୁ ଦେଶର ବିଭିନ୍ନ ଅଞ୍ଚଳରୁ ଗିରଫ କରାଗଲାଣି। ମୁମ୍ବାଇ ଜନ୍ମିତ ଇସ୍‌ଲାମୀୟ ବିଦ୍ୱାନ ତଥା ଆତଙ୍କବାଦ ଅଭିଯୁକ୍ତ ଜାକିର ନାଏକ ଏବଂ ଶ୍ରୀଲଙ୍କାରେ ଇଷ୍ଟର ବେଳେ ହୋଇଥିବା ବୋମାମାଡ଼ର ମାଷ୍ଟରମାଇଣ୍ଡଙ୍କ ଭିଡିଓ ବକ୍ତୃତାରେ ଅନୁପ୍ରାଣିତ ହୋଇଥିବା ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱୀକାର କରିଛନ୍ତି।

ଆତଙ୍କବାଦ ନିରୋଧୀ ସଂସ୍ଥା ବର୍ତ୍ତମାନ ସୁଦ୍ଧା ଯେଉଁସବୁ ମାମଲା ତଦନ୍ତ କରୁଛି ସେଥିରେ ଦୋଷୀସାବ୍ୟସ୍ତ ହାର ୯୦ ପ୍ରତିଶତ ରହିଥିବା ଏନ୍‌ଆଇଏ ଡିଜି କହିଛନ୍ତି। ଆତଙ୍କବାଦ ସମ୍ପର୍କିତ ମାମଲାଗୁଡ଼ିକୁ ପରିଚାଳନା କରିବାରେ ରାଜ୍ୟ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଉତ୍ତମ ଫଳାଫଳ ଲାଗି ଏହା ସମସ୍ତ ତଥ୍ୟ ଏନ୍‌ଆଇଏ ସହ ବିନିମୟ କରିବା ଆବଶ୍ୟକ ବୋଲି ଡିଜି ମତ ଦେଇଛନ୍ତି।

# ଅଭିଜିତ ବାନାର୍ଜୀଙ୍କୁ ଅର୍ଥନୀତିରେ ନୋବେଲ

■ ସ୍ତ୍ରୀ ଏସ୍ଥର ଓ ମାଇକେଲ କ୍ରେମରଙ୍କୁ ମିଳିତ ଭାବେ ପୁରସ୍କାର
■ ବିଶ୍ୱର ଦାରିଦ୍ର୍ୟ ଦୂରୀକରଣ ପ୍ରୟାସ ପାଇଁ ମିଳିଲା



ଷ୍ଟକ୍‌ହୋମ୍,୧୪।୧୦(ପି.ଟି.)

ଭାରତ ଜନ୍ମିତ ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ, ତାଙ୍କ ସ୍ତ୍ରୀ ଏସ୍ଥର ଡୁଫ୍ଲୋ ଏବଂ ମାଇକେଲ୍ କ୍ରେମର ଚଳିତ ବର୍ଷ ମିଳିତ ଭାବେ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇବେ। ବିଶ୍ୱର ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଏହି ଅର୍ଥନୀତିଜ୍ଞମାନଙ୍କର ପ୍ରୟୋଗାତ୍ମକ ଚିନ୍ତାଧାରା ଲାଗି ସେମାନଙ୍କୁ ଶ୍ରେଷ୍ଠ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ଅଭିଜିତ ଓ ଡୁଫ୍ଲୋ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ କାର୍ଯ୍ୟ କରୁଥିବାବେଳେ କ୍ରେମର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଅର୍ଥନୀତିରେ ନୋବେଲ ପାଇବାରେ ଡୁଫ୍ଲୋ ହେଉଛନ୍ତି ଦ୍ୱିତୀୟ ମହିଳା ଏବଂ ସର୍ବକନିଷ୍ଠ। ପୁରସ୍କାର ବାବଦରେ ମିଳିବାକୁ ଥିବା ୯ ନିୟୁତ କ୍ରୋନର ( ୯,୧୮,୦୦୦ ଡଲାର) ଅର୍ଥରାଶି, ଗୋଲ୍ଡ ମେଡାଲ ଏବଂ ଡିପ୍ଲୋମାକୁ ତିନି ବିଜେତାଙ୍କ ମଧ୍ୟରେ ସମାନ ଭାବେ ଭାଗ କରାଯିବ।

ତିନି ଅର୍ଥନୀତିଜ୍ଞଙ୍କ ଗବେଷଣା ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଯଥେଷ୍ଟ ସାମର୍ଥ୍ୟ ବୃଦ୍ଧି କରିଛି। ମାତ୍ର ଦୁଇ ଦଶନ୍ଧିରେ ସେମାନଙ୍କର ନୂତନ ପ୍ରୟୋଗାତ୍ମକ ଭିତ୍ତିକ ଦୃଷ୍ଟିକୋଣ ଅର୍ଥନୀତିରେ ବିକାଶ ଆଣିପାରିଛି ବୋଲି ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି। ସେମାନଙ୍କ ☞ପୃଷ୍ଠା-୨

## ୧୦ ଖଣି ନିଲାମ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଟି ଖଣି ନିଲାମ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ୫ ଲୁହାପଥର, ୨ ମାଙ୍ଗାନିଜ୍ ଏବଂ ୩ଟି ଲୁହାପଥର ଓ ମାଙ୍ଗାନିଜ୍ ଖଣି ରହିଛି। ସେହି ଖଣିଗୁଡ଼ିକ ହେଲା ଗୋରୁମହିଷାଣୀ, ବାଦାମପାହାଡ଼, ଜାଜଙ୍ଗ, ନାଦିହିହ, (ବିଆଇସିଓ) ଏବଂ ବଲଦାର ଲୁହାପଥର ଖଣି । ସେହିପରି କାଠସାହି ଏବଂ କାନ୍ଥେର କୋଇରା ମାଙ୍ଗାନିଜ୍ ଖଣିକୁ ମଧ୍ୟ ନିଲାମ କରାଯିବ। ନାଦିହିହ(ଫ୍ରିଗେଡ୍), ତେହେରାଇ ଏବଂ କୋଲମଙ୍ଗରେ ଥିବା ଲୁହାପଥର ଓ ମାଙ୍ଗାନିଜ୍ ଖଣି ନିଲାମ କରାଯିବ। ପ୍ରତ୍ୟେକ ଟେଣ୍ଡର ଫି' ୫ ଲକ୍ଷ ରଖାଯାଇଛି। ୱେବ୍‌ସାଇଡ୍ ଜରିଆରେ ଇ-ଅକ୍ସନ ପ୍ରକ୍ରିୟାରେ ହେବାକୁ ଥିବା ଟେଣ୍ଡର କ୍ରୟର ଶେଷ ତାରିଖ ନଭେମ୍ବର ୨୨ ଯାଏ ରଖାଯାଇଛି। ସେହିପରି ନିଲାମୀ ସମ୍ପର୍କିତ ବିଡ୍ ଦାଖଲ(ପ୍ରକ୍ରିୟା) ନଭେମ୍ବର ୨୮ ପର୍ଯ୍ୟନ୍ତ ରହିଛି। କେନ୍ଦ୍ର ସରକାର ୨୦୧୫ରେ ଖଣି ଆଇନକୁ ସଂଶୋଧନ କରି ସମସ୍ତ ଖଣିକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ୩୨୯ ଖଣିର ଲିଜ୍ ଅବଧି ଶେଷ ହେଉଛି। ଏହି ସମୟ ମଧ୍ୟରେ ଓଡ଼ିଶାର ୨୪ଟି ଖଣିର ଅବଧି ମଧ୍ୟ ଶେଷ ହେବ।

■ ଆର୍ମି ନିଯୁକ୍ତି ପାଇଁ ଆସି ହଟହଟା

# ଫୁଟ୍‌ପାଥରେ ରାତି କଟାଉଛନ୍ତି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ସୋମବାର ମଧ୍ୟାହ୍ନ। ସ୍ଥାନ ରବୀନ୍ଦ୍ର ମଣ୍ଡପ ଛକରୁ ୧୨୦ ବାଟାଲିୟନ ରାସ୍ତା। ବିହାରର ଆଶିଷ କୁମାର ଏମ୍‌ଏଲ୍‌ଏ କ୍ୱାର୍ଟର୍ସ ସାମ୍ନା ଫୁଟ୍‌ପାଥରେ ମନସ୍ତାପରେ ବସିଥିଲେ। ତାଙ୍କର ବିଚଳିତ ଅବସ୍ଥା ଦେଖି ଆମ ପ୍ରତିନିଧିଙ୍କ ନଜର ପଡ଼ିଥିଲା। ସୈନ୍ୟବାହିନୀରେ ଭର୍ତ୍ତି ପାଇଁ ବହୁତ ଇଚ୍ଛା ଥିଲା। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରି ବହୁ ଆଶା ନେଇ ଭୁବନେଶ୍ୱର ଧାଇଁ ଆସିଥିଲେ। ହେଲେ ପ୍ରଥମ ରାଉଣ୍ଡ ଦୌଡ଼ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ହେଲେ ଏଥିପାଇଁ ସେ ଭାଗ୍ୟକୁ ଯେତିକି ଦୋଷ ଦେଉଥିଲେ, ବ୍ୟବସ୍ଥାକୁ ସେତିକି ଦାୟୀ କରୁଥିଲେ। ରେଳ ଷ୍ଟେଶନରେ ପହଞ୍ଚି ସିଧା ପରୀକ୍ଷାସ୍ଥଳ ବାଟାଲିୟନ ନିକଟକୁ ଯାଇଥିଲେ। ସେଠାରେ ମୁଣ୍ଡ ଗୁଞ୍ଜିବାକୁ କୌଣସି ଶେଡ୍ ନ ଥିଲା। ରାତି ପାହିଲେ ପରୀକ୍ଷା। ଅନ୍ୟମାନେ ଫୁଟ୍‌ପାଥରେ ଖୁନ୍ଦାଖୁନ୍ଦି ହୋଇ ରହିଥିବା ଦେଖି ଆଶିଷ ମଧ୍ୟ ବାଟାଲିୟନ ମୁଖ୍ୟ ଗେଟ୍ ନିକଟ ଫୁଟ୍‌ପାଥରେ ଶୋଇପଡ଼ିଥିଲେ। ହଠାତ୍ ବିଳମ୍ବିତ ରାତିରେ ବର୍ଷା ହେଲା। ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ପାଇ ଅନ୍ୟମାନଙ୍କ ଭଳି ସେ ମଧ୍ୟ ଓଦା ହୋଇଗଲେ। ସାର୍ଟିଫିକେଟକୁ ପେଟ ତଳେ ଦେଇ ସେମିତି ରାତି ବିତାଇଲେ। ରାତି ଅନିଦ୍ରା ସହ ବର୍ଷାରେ ଭିଜି ଯାଇଥିବାରୁ ଜ୍ୱର ଆସିଯାଇଥିଲା। ଏପରି ଅସୁସ୍ଥତା ଭିତରେ ଦୌଡ଼ ପରୀକ୍ଷାର ଅଧାରୁ ଫେରିବାକୁ ପଡ଼ିଲା। କେବଳ ଆଶିଷ ନୁହନ୍ତି, ତାଙ୍କ ଭଳି ହଜାର ହଜାର ପରୀକ୍ଷାର୍ଥୀ ଏବେ ଖୋଲା ଆକାଶ ତଳେ ରହି ବର୍ଷା ଓ କାକରରେ ଭିଜି ଦିନ ରାତି କାଟୁଛନ୍ତି। ଏଭଳି ଅବ୍ୟବସ୍ଥା ଭିତରେ ନାନା ହଟହଟା ହୋଇ ଆର୍ମି ପରୀକ୍ଷା ଦେଉଛନ୍ତି। ଅକୃତକାର୍ଯ୍ୟ ହୋଇ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ସୂଚନାଯୋଗ୍ୟ, ୭ ରାଜ୍ୟ ପାଇଁ ସୋମବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ବିହାର ରେଜିମେଣ୍ଟର ଟେରିଟୋରିଆଲ ଆର୍ମି ☞ପୃଷ୍ଠା-୨



୧୨୦ ବାଟାଲିୟନ ନିକଟ ଫୁଟ୍‌ପାଥ୍‌ରେ ଶୋଇଥିବା ପରୀକ୍ଷାର୍ଥୀ।

■ ୮୩ ପଦବୀ ପାଇଁ ଆସିଛନ୍ତି ୮ ହଜାରରୁ ଊର୍ଦ୍ଧ୍ୱ ଯୁବକ
■ ଅସୁରକ୍ଷିତ ଅବସ୍ଥାରେ ବର୍ଷା, କାକରରେ ଭିଜୁଛନ୍ତି
■ ଜ୍ୱର, ରାତି ଅନିଦ୍ରା ଯୋଗୁ ଅଧିକାଂଶ ଅସୁସ୍ଥ

### ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

ସେନାରେ ଯୋଗଦେବାକୁ ଆସିଥିବା ପରୀକ୍ଷାର୍ଥୀମାନେ ରାଜଧାନୀର ରାସ୍ତା କଡ଼ରେ ପଡ଼ିରହିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏନେଇ ଆଇନଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ, ବିଜୟ କୁମାର ପଣ୍ଡା, ସୁବାଶିଷ ପଣ୍ଡା, ଗୋଲକ ବିହାରୀ ନାୟକ ଓ ପ୍ରକାଶଚନ୍ଦ୍ର ଦାଶ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପିଟିଶନ କରିଛନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ଅସ୍ଥାୟୀ ରାତ୍ର ଆଶ୍ରୟସ୍ଥଳ ତିଆରି କରିବାକୁ ୧୨୦ ବାଟାଲିୟନ ମୁଖ୍ୟ ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେମାନେ କମିଶନଙ୍କୁ ନିବେଦନ କରିଛନ୍ତି।

■ ମୋ ସରକାର ଟିମ୍‌ର ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# କୋରାପୁଟରେ ହେବ କମ୍ପୋଜିଟ୍ ହସ୍ପିଟାଲ

■ ମାଲକାନଗିରି, ନବରଙ୍ଗପୁର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ପଦକ୍ଷେପ
■ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ବେଡ୍ ସଂଖ୍ୟା ୭୦୦କୁ ବଢ଼ିବ
■ ୪ ରୋଗୀକଲ୍ୟାଣ ସମିତିକୁ ମିଳିବ ୬୦ ଲକ୍ଷ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ସଦର ମହକୁମା ଚିକିତ୍ସାଳୟ ଏବଂ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୪ଟି ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ଏହି ୩ଟି ଜିଲାର ଏସପିମାନଙ୍କୁ ରକ୍ତଦାନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ମୋ ସରକାର କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନଙ୍କ ପ୍ରଥମ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ସୋମବାର ଏହି ଘୋଷଣା କରିଛନ୍ତି।

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ଏକ କମ୍ପୋଜିଟ ହସ୍ପିଟାଲ ନିର୍ମାଣ କରାଯିବ। ଦୁଇ ବର୍ଷ ମଧ୍ୟରେ ଏହାର ଶଯ୍ୟା ସଂଖ୍ୟା ୭୦୦କୁ ବୃଦ୍ଧି କରାଯିବ। ରୋଗୀମାନଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ମେଡିକାଲ କ୍ୟାମ୍ପସରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବ। ନୂତନ କମ୍ପୋଜିଟ କ୍ୟାମ୍ପସରେ କର୍ମଚାରୀମାନଙ୍କ ପାଇଁ ବାସଗୃହ ବ୍ୟବସ୍ଥା ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ମେଡିକାଲ କଲେଜ ପାଇଁ ୫ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। କୋରାପୁଟ ସଦର ମହକୁମା ହସ୍ପିଟାଲରେ ବେଡ୍ ସଂଖ୍ୟା ୨୫୦କୁ ବୃଦ୍ଧି କରାଯିବା ସହିତ ବର୍ତ୍ତମାନର ବିଲ୍ଡିଂ ଉପରେ ଏକ ନୂଆ ୱାର୍ଡ ନିର୍ମାଣ କରାଯିବ। କର୍ମଚାରୀମାନଙ୍କ ପାଇଁ ସରକାରୀ ବାସଗୃହ ଏବଂ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୨ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ସେହିପରି ମାଲକାନଗିରି ସଦର ☞ପୃଷ୍ଠା-୨



ଗଞ୍ଜାମ ଜିଲା ଗୋପାଳପୁର ବନ୍ଦରରେ ପ୍ରଥମଥର ଲାଗି ଏକ ବୃହତ୍ ମାଲ୍‌ବାହୀ ଜାହାଜ ଲାଗିଛି । ଏଥିରେ ୧ ଲକ୍ଷ ୫ହଜାର ଟନ୍ ଚୂନ ପଥର ରହିଛି ।

**ଆଜିର ସମ୍ପାଦକୀୟ**

କମୁଛି ବାୟୁ ଗୁଣବତ୍ତା

**ଆଜିର ମନ୍ତବ୍ୟ**

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନୀ ବ୍ୟବସାୟୀମାନଙ୍କ ଲାଉଡ୍‌ସ୍ପିକର।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା


Vencobb FRESH CHICKEN

14.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 68 | 116 | 126 |
| BHM | 65 | 113 | 123 |

*Conditions Apply

Issued in the Interest of Consumers


**ପଦାରେ ପଡ଼ିଲା ସ୍ୱାସ୍ଥ୍ୟ ବିଭାଗର ଅସଲ ଚେହେରା**

# ଡାକ୍ତରଖାନା ବାରଣ୍ଡାରେ ଯମଜ କନ୍ୟା ଜନ୍ମ

ଭଦ୍ରକ ଅଫିସ, ୧୪।୧୦

'ମୋ ସରକାର ଯୋଜନା'ରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଧାର ପାଇଁ ତଦାରଖ କରାଯାଉଥିବା ବେଳେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ଜଣେ ଗର୍ଭବତୀ ସୋମବାର ଯମଜ କନ୍ୟାସନ୍ତାନ ପ୍ରସବ କରିବା ଘଟଣା ପଦାକୁ ଆସିଛି। ଗର୍ଭକଷ୍ଟ ପାଉଥିବା ତିହିଡ଼ି ଅଞ୍ଚଳର ଏହି ମହିଳାଙ୍କୁ ପରିବାର ଲୋକେ ୧୦୨ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ। ଆଉଟଡୋର ଚିକିତ୍ସା ପରେ ତାଙ୍କୁ ପ୍ରସୂତି ୱାର୍ଡରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା କରୁଥିବା ଡାକ୍ତର ବିଭିନ୍ନ ପରୀକ୍ଷା କରାଇବା ଲାଗି ପଠାଇବା ପରେ କଟକ ନେଇଯାଅ ବୋଲି କହିଥିଲେ। ଏଭଳି ସ୍ଥିତିରେ ପରିବାର ଲୋକେ କଟକ ନେବା ଲାଗି ତାଙ୍କୁ ୱାର୍ଡ ବାରଣ୍ଡାକୁ ଆଣି ବସାଇ ଆମ୍ବୁଲାନ୍ସ ଖୋଜିଥିଲେ। ଦୀର୍ଘ ଦୁଇ ଘଣ୍ଟା ଧରି ସେମାନେ ଚେଷ୍ଟା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ମିଳି ନ ଥିଲା। ଏଭଳି ଅବସ୍ଥାରେ ମହିଳା ଜଣଙ୍କ ଅସହ୍ୟ ଗର୍ଭ ଯନ୍ତ୍ରଣା ପାଇ ଛଟପଟ ହୋଇଥିଲେ। ପ୍ରସୂତି ୱାର୍ଡରେ ଥିବା ଅନ୍ୟ ରୋଗୀଙ୍କ ମହିଳା ସମ୍ପର୍କୀୟମାନେ ଏଭଳି ଅବସ୍ଥା ଦେଖି ଅପରାହ୍ନ ୨ଟା ସମୟରେ ଗର୍ଭବତୀଙ୍କ ଚାରିପଟେ ଲୁଗା ଘେରାଇ ତାଙ୍କୁ ପ୍ରସବ କରାଇଥିଲେ। ଡାକ୍ତର ଓ କର୍ମଚାରୀ ଗର୍ଭବତୀଙ୍କୁ ଲେବର ରୁମ୍‌କୁ ନ ପଠାଇ କଟକ ସ୍ଥାନାନ୍ତର କରିବା ସକାଶେ କହି ଦାୟିତ୍ୱରୁ ମୁକୁଳିବାକୁ ଚେଷ୍ଟା କରିବା ଚିକିତ୍ସା ଅବହେଳାର ନମୁନା ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି।

ବାରଣ୍ଡାରେ ପ୍ରସବ ଘଟଣା ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କୁ ଘେରାଉ କରି ଅବହେଳା କରିଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହୋହଲ୍ଲା କରିଥିଲେ। ଏହି ସମୟ ମଧ୍ୟରେ ଡାକ୍ତରଖାନା କର୍ମଚାରୀ ପ୍ରସୂତି ଓ ଦୁଇ ନବଜାତ ଶିଶୁକନ୍ୟାଙ୍କୁ ତରବରରେ ୱାର୍ଡର ଶଯ୍ୟା ଉପରକୁ ନେଇଯାଇଥିଲେ।

୫-ଟି ସଚିବ ଓ ପ୍ରତିନିଧି ଦଳ ଭଦ୍ରକ ଜିଲା ଡାକ୍ତରଖାନା ପରିଦର୍ଶନରେ ଆସିବା କାର୍ଯ୍ୟକ୍ରମ ଥିବାରୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏବେ ଦିନରାତିକୁ ଏକ କରି ଡାକ୍ତରଖାନା ସ୍ଥିତି ସଜାଡ଼ିବାକୁ ଉଦ୍ୟମ ଚଳାଇଛନ୍ତି। ଏଭଳି ସ୍ଥିତିରେ ବାରଣ୍ଡାରେ ଜଣେ ଗର୍ଭବତୀ ସନ୍ତାନ ପ୍ରସବ କରିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ଅସଲ ଚେହେରାକୁ ପଦାରେ ପକାଇଛି। ଏହାମଧ୍ୟରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଏସ୍‌ପି ରାଜେଶ ପଣ୍ଡିତ, ଉପଜିଲାପାଳ ପୀତାମ୍ବର ସାମଲ, ଭଦ୍ରକ ତହସିଲଦାର ପ୍ରଦୀପ ସାହୁ ପ୍ରମୁଖ ଉଚ୍ଚ ପ୍ରଶାସନିକ ଅଧିକାରୀ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସିଡିଏମ୍‌ଓ ଡା. ଆର୍ଯ୍ୟ କୁମାର ମିଶ୍ର ଏବଂ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆଙ୍କ ଉପସ୍ଥିତିରେ ପ୍ରସୂତି ରାନୁଲତା ଖିଲାରଙ୍କ ଶାଶୁ, ଶ୍ୱଶୁର ଓ ଅନ୍ୟ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଛି। ରାନୁଲତାଙ୍କ ଶ୍ୱଶୁର ଦୁଃଖୀରାମ କହିଛନ୍ତି, ତାଙ୍କ ବୋହୂ ବିନା ଡାକ୍ତର ଓ ନର୍ସରେ ପ୍ରସବ କରିଥିବା ବେଳେ ଡାକ୍ତର କାହିଁକି ତାଙ୍କୁ କଟକ ସ୍ଥାନାନ୍ତର କରୁଥିଲେ ତାହାର ତଦନ୍ତ ହେବା ଦରକାର। ଏ ସମ୍ପର୍କରେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ(ମେଡିକାଲ) ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ, ଜଣେ ମହିଳା ୪୦ ସପ୍ତାହ ଗର୍ଭଧାରଣ ପରେ ପିଲା ଜନ୍ମ କରିଥାନ୍ତି। ଏହି ମହିଳାଙ୍କ ଗର୍ଭଧାରଣକୁ ୩୪ ସପ୍ତାହ ଚାଲିଥିଲା। ଗର୍ଭରେ ଯମଜ ଶିଶୁ ଥିବା ସମ୍ପୃକ୍ତ ଡାକ୍ତର ଜାଣି ତାଙ୍କୁ କଟକ ପଠାଇବାକୁ କହିଥିଲେ। ତେବେ ଦୁଇ ନବଜାତ ଶିଶୁଙ୍କ ଓଜନ ଆବଶ୍ୟକଠାରୁ କମ୍ ଥିବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



ବାରଣ୍ଡାରେ ମହିଳାଙ୍କୁ ପ୍ରସବ କରାଯାଉଛି।

**କିଛି ତଥ୍ୟ**
ସେପ୍ଟେମ୍ବରରେ ଜେମ୍ସ ଏବଂ ଜୁଏଲେରି ରପ୍ତାନି ୬% ହ୍ରାସ ଘଟି ୩.୩୪ ବିଲିୟନ ଡଲାର ରହିଛି।
– ଜେମ୍ସ ଜୁଏଲେରି ଏକ୍ସପୋର୍ଟ କାଉନସିଲ୍


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ସୁଦୀପ୍ତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଡିଏମ୍‌ଓଙ୍କୁ ସମର୍ଥନ କରି ସୁନ୍ଦରଗଡ଼ ବନ୍ଦ

**ସୁନ୍ଦରଗଡ, ୧୪।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସିଡିଏମ୍‌ଓ ଡାକ୍ତର ପଙ୍କଜ କୁମାର ପଟେଲଙ୍କୁ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ରବିବାର ନିଲମ୍ବିତ କରିଛନ୍ତି। ହେଲେ ସିଡିଏମ୍‌ଓଙ୍କୁ ସମର୍ଥନ କରି ତଥା ତାଙ୍କ ନିଲମ୍ବନର ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ ସୁନ୍ଦରଗଡ ସହର ବନ୍ଦ କରାଯାଇଛି। ଅବଶ୍ୟ ଏହି ବନ୍ଦ ଯୋଗୁ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ପ୍ରଭାବିତ ହୋଇ ନ ଥିଲା। ହେଲେ ଦୋକାନ ବଜାର ବନ୍ଦ ରହିଥିଲା । ବିଭିନ୍ନ ସ୍କୁଲକଲେଜ ଓ ଶିକ୍ଷାନୁଷ୍ଠାନ ଖୋଲା ଥିଲା। ହେଲେ ଭାଜପା କର୍ମୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ବନ୍ଦ କରିଥିଲେ। ଏହି ବନ୍ଦକୁ ଜିଲା ଓକିଲ ସଂଘ ସମର୍ଥନ ଦେଇଥିଲା । ଫଳରେ କୋର୍ଟ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ଅଚଳ ରହିଥିଲା । ଜିଲା ଭାଜପା ସଭାପତି ବଟକିଶୋର ମିଶ୍ରଙ୍କ ସମେତ ଦଳୀୟ ନେତା ଓ କର୍ମୀ ଦୋକାନ ବଜାର ଓ ସରକରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ବନ୍ଦ କରିଥିଲେ। ଜଣେ କର୍ତ୍ତବ୍ୟନଷ୍ଠ ଡାକ୍ତରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଲମ୍ବନ କରାଯିବା ଭାଜପା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ତାଙ୍କ ନିଲମ୍ବନ ଆଦେଶକୁ ନିଃସର୍ତ୍ତ ଭାବେ ପ୍ରତ୍ୟାହାର କରାଯିବା ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ, ରବିବାର ୫-ଟି ସଚିବ ପାଣ୍ଡିଆନ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ହେଲେ ଡାକ୍ତରଖାନାରେ ରୋଗୀ ସେବା କ୍ଷେତ୍ରରେ ବିଭିନ୍ନ ଅବ୍ୟବସ୍ଥା ନେଇ ଅଭିଯୋଗ ପରେ ସେ ସିଡିଏମ୍‌ଓଙ୍କୁ ନିଲମ୍ବନ କରି ଜିଲା ସ୍ୱାସ୍ଥ୍ୟ ସମିତିର ସଭାପତି ତଥା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ପ୍ରିୟାଂଶୀ ମିଶ୍ର


ମିନତି ରାଉଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଅଭିଜିତ...

ଗବେଷଣାର ଅନ୍ୟତମ ପ୍ରତ୍ୟକ୍ଷ ଫଳାଫଳ ହେଲା ସ୍କୁଲ୍‌ରେ ଉପଚାରାତ୍ମକ ଶିକ୍ଷାଦାନ ଫଳରେ ଭାରତର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଉପକୃତ ହୋଇପାରିଛନ୍ତି। ଅନ୍ୟ ଉଦାହରଣ ହେଲା ଅଧିକାଂଶ ଦେଶରେ ଲାଗୁ ହୋଇଥିବା ପ୍ରତିଶେଧମୂଳକ ସ୍ୱାସ୍ଥ୍ୟସେବା। ଜଣେ ମହିଳାଙ୍କ ପକ୍ଷେ ଏଭଳି ସମ୍ମାନ ମିଳିବା ସମ୍ଭବ ହୋଇଥିବାରୁ ଏହା ବହୁସଂଖ୍ୟାରେ ମହିଳାଙ୍କୁ ଏ ଦିଗରେ ଆଗେଇବା ଲାଗି ଅନୁପ୍ରାଣିତ କରିବ ଓ ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବ ବୋଲି ଡୁଫ୍ଲୋ କହିଛନ୍ତି। ୫୮ ବର୍ଷୀୟ ଅଭିଜିତ କୋଲକାତା ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଶିକ୍ଷାଗ୍ରହଣ ପରେ ୧୯୮୮ରେ ହାଭାର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ ଫୋର୍ଡ ଫାଉଣ୍ଡେଶନ୍ ଇଣ୍ଟରନ୍ୟାଶନାଲ ପ୍ରଫେସର ଅଫ୍ ଇକୋନୋମିକ୍ସ ଅଛନ୍ତି।

## ଫୁଟ୍‌ପାଥରେ...

ନିଯୁକ୍ତି ରାଲି ବା ପରୀକ୍ଷା। ୮ ବର୍ଗର ମୋଟ ୮୩ ପଦବୀ ପାଇଁ ୨୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ପ୍ରଥମଦିନର ପରୀକ୍ଷା ପାଇଁ ୮ହଜାରରୁ ଊର୍ଦ୍ଧ୍ୱ ପିଲା ଏଠାକୁ ଆସିଥିବାବେଳେ ଧୀରେ ଧୀରେ ଅନ୍ୟ ରାଜ୍ୟର ପରୀକ୍ଷାର୍ଥୀଙ୍କ ଆଗମନ ଜାରି ରହିଛି। ଏମାନଙ୍କ ରହଣି ପାଇଁ ରାଜ୍ୟ ସରକାର କିମ୍ବା ସେନା ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ନାହିଁ। ସେମାନେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନଠାରୁ ବାଟାଲିୟନ, ରାଜଭବନଠାରୁ ଜୟଦେବ ବିହାର, ସିଆର୍‌ପି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି। ନାନା ହଟହଟା ଭିତରେ ସମୟ ବିତାଉଛନ୍ତି। ରାସ୍ତା ପାର୍ଶ୍ୱ ଓ ରେଳ ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରେ ପରିସ୍ରା କରିବା ସହ ଶୌଚ ହେଉଛନ୍ତି। ଫଳରେ ସହରର ରାସ୍ତାଘାଟ ଦୁର୍ଗନ୍ଧରେ ଫାଟି ପଡୁଛି। ଷ୍ଟେଶନ ପରିସରରେ ଏପରିସ୍ଥିତି ସୃଷ୍ଟି ହେବାରୁ ରେଳ କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କୁ ଘଉଡ଼ାଇଥିଲେ। ଫଳରେ ସେମାନଙ୍କ ମଧ୍ୟରୁ ୧ହଜାରରୁ ଊର୍ଦ୍ଧ୍ୱ ପ୍ଲାଟ୍‌ଫର୍ମ ଟିକେଟ କରି ଭିତରକୁ ପଶି ସ୍ଥାନ କବ୍‌ଜା କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ରେଲ୍‌ଓ୍ୱେ କର୍ତ୍ତୃପକ୍ଷ ନାନା ଆଶଙ୍କା କରି ଅଧିକ ଫୋର୍ସ ମୁତୟନ କରିଥିଲେ। ଆର୍ମି ନିଯୁକ୍ତି ସମୟରେ ରାଜଧାନୀରେ ପରୀକ୍ଷାର୍ଥୀମାନେ ଏଭଳି ଦୟନୀୟ ଅବସ୍ଥାରେ ରହୁଛନ୍ତି। ସହରରେ ଥିବା ବଡ଼ ବଡ଼ ପଡ଼ିଆ ଓ ଖୋଲା ସ୍ଥାନରେ ସେମାନଙ୍କ ପାଇଁ ଶେଡ୍ କିମ୍ବା ଅସ୍ଥାୟୀ ବିଶ୍ରାମ ସ୍ଥଳର ବ୍ୟବସ୍ଥା କରାଯାଉ। ଏଥିସହ ପିଇବା ପାଣି, ଶୌଚାଳୟ ଆଦିର ସୁବିଧା ଯୋଗାଇ ଦିଆଯିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

## କୋରାପୁଟରେ...

ମହକୁମା ହସ୍ପିଟାଲରେ ଡାକ୍ତରମାନଙ୍କ ପାଇଁ ବାସଗୃହ ଓ ଟ୍ରାନଜିଟ୍ ହୋମ ନିର୍ମାଣ ହେବ। ଶଯ୍ୟା ସଂଖ୍ୟା ୨୦୦କୁ ମଧ୍ୟ ବୃଦ୍ଧି କରାଯିବ। ମୋଟୁଠାରୁ ମାଲକାନଗିରି ପର୍ଯ୍ୟନ୍ତ ସବୁଦିନିଆ ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ। ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ସେହିପରି ନବରଙ୍ଗପୁର ସଦର ମହକୁମା ହସ୍ପିଟାଲର ଶଯ୍ୟା ସଂଖ୍ୟା ୨୦୦କୁ ବୃଦ୍ଧି କରାଯିବା ସହିତ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରାଯିବ। ୩ଟି ଆମ୍ବୁଲାନ୍ସ ଓ ୩ଟି ମହାପ୍ରୟାଣ ଯାନ ଯୋଗାଇ ଦିଆଯିବ। ୨୦୦ ବେଡ୍ ବିଶିଷ୍ଟ ନୂତନ ହସ୍ପିଟାଲ ବିଲ୍ଡିଂ ନିର୍ମାଣ କରାଯିବ ବୋଲି କହିଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବାକୁ ୩ ଟି ଜିଲା ପାଇଁ କେତେକ ଘୋଷଣା କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ଗାନ୍ଧୀ ଜୟନ୍ତୀ ଅବସରରେ ମୋ ସରକାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୋଲିସ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ଦୃଷ୍ଟି ନିବେଶ କରାଯାଇଥିଲା। ନିଜେ ୧୨୦ ଟି କଲ କରିଛି । ଲୋକମାନଙ୍କ ପ୍ରତିକ୍ରିୟା ବହୁତ ଉତ୍ସାହଜନକ ଥିଲା। ଯୋଜନା ଅନୁଯାୟୀ ପ୍ରଥମେ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ଅତି କମ୍‌ରେ ୧୫ଟି ଜିଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଘୋଷଣା ଲୋକଦେଖାଣିଆ: ଭାଜପା

ମୋ ସରକାର ଯୋଜନା ପରିପ୍ରେକ୍ଷୀରେ ତିନି ପଛୁଆ ଜିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା ସମସ୍ୟା ସମାଧାନରେ ସହାୟକ ହେବନାହିଁ । ଏହା କେବଳ ଲୋକଦେଖାଣିଆ ପଦକ୍ଷେପ ବୋଲି ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ, ନବରଙ୍ଗପୁର ପୂର୍ବତନ ଏମପି ବଳଭଦ୍ର ମାଝି ଓ କୋରାପୁଟ ପୂର୍ବତନ ଏମପି ଜୟରାମ ପାଙ୍ଗୀ ଏକ ମିଳିତ ପ୍ରେସ୍ ବିବୃତିରେ କହିଛନ୍ତି। ଭାଜପାର ଏହି ତିନି ନେତା କହିଛନ୍ତି ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ କୋରାପୁଟ ଜିଲାରେ ୧୧୨ , ନବରଙ୍ଗପୁରରେ ୯୯ ଏବଂ ମାଲକାନଗିରିରେ ୬୪ ଡାକ୍ତର ପଦବୀ ଖାଲିଥିବା ଲିଖିତ ଉତ୍ତର ଦେଇଥିଲେ । ବିନା ଡାକ୍ତରରେ ନବୀନ ବାବୁ କି ରୋଗୀ ସେବା କରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। କୋରାପୁଟ ମେଡିକାଲ କଲେଜରେ ଥିବା ମୋଟ ୧୫ଟି ଆଇସିୟୁ ବେଡ୍ ମଧ୍ୟରୁ ମେଡିସିନ, ସର୍ଜରୀ ଓ ପେଡିଆଟ୍ରିକ ବିଭାଗକୁ ମାତ୍ର ୫ଟି ଲେଖାଏ ଦିଆଯିବା ସମୁଦ୍ରକୁ ଶଙ୍ଖେ। ଏହି ମେଡିକାଲ କଲେଜରେ ମେଡିସିନ ବିଭାଗର ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ରହିଛି। କାଜୁଆଲ୍‌ଟି ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ । ୩୦ଟି ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ମାତ୍ର ୪ଟି ପୂରଣ ହୋଇଛି। ଏହି ତିନୋଟି ଯାକ ଜିଲା ରାଜ୍ୟରେ ଗର୍ଭବତୀ ମା' ଓ ନବଜାତଶିଶୁ ମୃତ୍ୟୁ ହାରରେ ଅଗ୍ରଣୀ ସ୍ଥାନରେ ରହିଛି ବୋଲି ସରକାରୀ ତଥ୍ୟ କହୁଛି। ୨୦ ବର୍ଷରେ ଏହି ଜିଲାର ସ୍ୱାସ୍ଥ୍ୟ ସେବା କାହିଁକି ବିପର୍ଯ୍ୟସ୍ତ ହୋଇପଡିଛି ରାଜ୍ୟବାସୀଙ୍କୁ ଏହାର ଜବାବ ଦେବା ଦରକାର ବୋଲି ଭାଜପା ନେତାମାନେ କହିଛନ୍ତି । ସେହିପରି ରବିବାର ସୁନ୍ଦରଗଡର ଭାରାପ୍ରାପ୍ତ ସିଡିଏମ୍‌ଓଙ୍କୁ ନିଲମ୍ବନ କରାଯିବା ନେଇ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ପ୍ରତିବାଦ କରିଛନ୍ତି। ଏସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତିକୁ ତର୍ଜମା କରାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ ମଧ୍ୟ କରିଛନ୍ତି। ଏହି ନିଲମ୍ବନର ପ୍ରତିବାଦରେ ସୋମବାର ସ୍ଥାନୀୟ ଅଞ୍ଚଳରେ ୬ ଘଣ୍ଟିଆ ବନ୍ଦ ପାଳନ ମଧ୍ୟ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ଜମିଜମା ବିବାଦ, ପରିବହନ ଝଗଡ଼ାର ସମାଧାନ ହୋଇପାରିବ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହାକି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ଅର୍ଥ, ପ୍ରଶାସନ, ଆଇନ, ସଭାସମିତି, ଆନୁଷ୍ଠାନିକ କାମରେ ଖୁସୀ ରହିବେ।

**ବୃଷ** ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମିଥୁନ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ପାଇଁ ସମର୍ଥନ ଓ ସାହାଯ୍ୟ ଆଶା କରିବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବ୍ୟବସାୟରେ ମାନ ମନାନ୍ତର ଦେଖାଦେଇପାରେ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରି ନ ପାରେ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସହାନୁଭୂତି ପ୍ରକାଶ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବା କାରଣରୁ ମନେମନେ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** ଆଜି ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନା, ଜମିଜମା କାରବାର ଏବଂ ଗାଡ଼ିମୋଟର ମରାମତି ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ, ଯାହାକି ଆପଣଙ୍କ କାମକୁ ବହୁ ପରିମାଣରେ ସାହାଯ୍ୟ କରିବ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇ ଖୁସୀ ହେବେ। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ ଏବଂ ଏଥିପାଇଁ ବନ୍ଧୁ ମଧ୍ୟରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା** ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ସନ୍ତାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସଭାସମିତିରେ ଯୋଗଦେଇପାରନ୍ତି। ଗତକାଲିଠାରୁ ସ୍ଥିରୀକୃତ ହୋଇଥିବା ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ସମସ୍ୟା ହେତୁ ବାତିଲ ହେବାର ଆଶଙ୍କା ଦେଖାଦେବ।

**ବିଛା** ବହୁ ଦିନର ଆଶା ପୂରଣ ହେବା କାରଣରୁ ମନ ଉତ୍‌ଫୁଲ୍ଲିତ ରହିବ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ଅନ୍ୟମାନଙ୍କ ଉଦ୍ଦେଶ୍ୟକୁ ବୁଝି ନ ପାରି ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ପରିବାର ମଧ୍ୟରେ ଛୋଟକଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବ୍ୟାଘାତ ଘଟିପାରେ।

**ମକର** ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** ଆପଣ ଦୀର୍ଘଦିନ ହେଲା ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭକରି ବିବାଦୀୟ ପରିସ୍ଥିତିକୁ ସୁଧାରିନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** କର୍ମକ୍ଷେତ୍ରରେ ଅପରାହ୍ନରେ ଟେନ୍‌ସନ କମିଯିବ ମାତ୍ର ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ଶିକ୍ଷା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। କିନ୍ତୁ ପରିବାର ସକାଶେ ସେମାନେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି।

ଆଜି ମାସାନ୍ତ, କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର, ଅକ୍ଟୋବର ୧୫ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଏପିଜେ ଅବ୍ଦୁଲ୍ କଲାମଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ୧ ।୨୬ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬ ।୩୦ମି. ମଧ୍ୟେ ଘ୭ ।୧୭ମି. ଗତେ, ଘ୧୧ ।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୧୦ ।୧୮ମି. ଗତେ ଘ୧୧ ।୫୦ମି. ମଧ୍ୟେ, ଘ୧ ।୨୫ମି ଗତେ ଘ୪ ।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨ ।୨୬ମି. ଗତେ ଘ୩ ।୫୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile**

**SALE**

2018 Bolero Plus Rs 650000/, New condition, Refinance available. 8249627855. D-14772

**real estate**

**SALE**

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829. D-66795

ସୁନ୍ଦରପଦା ହାଇଟେକ୍ ଛକପାଖରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ sqft 850/- 9337381796. D-56656

ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312. D-66788

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**to-let**

Roadfacing Shoproom vacant in 2nd floor in shopping complex located opposite to Indradhanu market, Bhubaneswar, contact for rent 9438744451, 8328932447, 6370933260. D-56657

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-14523

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Refresh your mind and soul with best therapy at Orchid Salon/ Spa. 9937287222. D-66977

Summer special mesmerizing offer expert therapeutic refreshing massage appointment. 9668374480. D-68131

Ayurvedic full body massage ladies/gents smart experts therapist- 8480939300 D-66979

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

ଏତଦ୍ୱାରା ଆମ୍ଭେ ଘୋଷଣା କରୁଅଛୁ କି ମୋର ନାମ କୃଷ୍ଣଚନ୍ଦ୍ର ବେହେରା ଓ କୃଷ୍ଣଚନ୍ଦ୍ର ଭୋଇ, ପିତା ମଙ୍ଗଳ ବେହେରା ଓ ମଙ୍ଗୁଳି ଭୋଇ ସା: କଂଟିଶାସନ, ପୋ: ଅଳସଣା, ଥାନା: ଚନ୍ଦନପୁର, ଜିଲ୍ଲା: ପୁରୀ ଏକ ଓ ଅଭିନ୍ନ ଅଟୁ। ଧ-୧୪୭୭୩

By virtue of an affidavit before Executive Magistrate, Cuttack 19.08.2019. I Jyotsnarani Pandey, W/o- Ghanashyam Pandey, Brahman Jharilo, Kothapatna, P.S- Cuttack Sadar. Henceforth, I shall be known as Jyotsnarani Pandey for all purposes. D-46267

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।







# ବ୍ରହ୍ମପୁରର ୭ ୟୁପିଏଚ୍‌ସିଙ୍କୁ ମିଳିଲା ଆଇଏସ୍‌ଓ

## ରାଜ୍ୟରେ ପ୍ରଥମ : ଟ୍ୱିଟ୍ କରି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ,୧୪।୧୦

ରାଜ୍ୟର ପ୍ରଥମ ବାହ୍ୟମଳମୁକ୍ତ ପ୍ଲସ ପ୍ଲସ (ଓଡିଏଫ ++) ସହର ଭାବେ ବ୍ରହ୍ମପୁର ପୁରସ୍କୃତ ହେବା ପରେ ଏବେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇଁ ବ୍ରହ୍ମପୁରର ୭ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚସି)କୁ ଆଇଏସ୍‌ଓ (ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ) ସାର୍ଟିଫିକେଟ ମିଳିଛି। ଏହି ସାର୍ଟିଫିକେଟ ହାସଲ କରିବାରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଏହା ଘୋଷଣା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଅଗଷ୍ଟ ୧୩ରେ ସ୍ୱଚ୍ଛତା, ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ବିଏମ୍‌ସି ଅନ୍ତର୍ଗତ ଆସ୍କାରୋଡ, ଆଗାସାହି ଓ ଆମ୍ବପୁଆ ୟୁପିଏଚସିକୁ ଏନ୍‌କ୍ୟୁଏଏସ୍ (ନ୍ୟାସନାଲ କ୍ୱାଲିଟି ଆସୁରାନ୍ସ ଷ୍ଟାଣ୍ଡାର୍ଡ) ସାର୍ଟିଫିକେଟ ମିଳିଥିଲା। ଏହାପରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଆଇଏସ୍‌ଓର ଏକ ପ୍ରତିନିଧି ଦଳ ବ୍ରହ୍ମପୁରର ସମସ୍ତ ୟୁପିଏଚ୍‌ସି ପରିଦର୍ଶନ କରି ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବାର ମାନ ଯାଞ୍ଚ କରିଥିଲେ। ସେପ୍ଟେମ୍ବର ୮ରେ ୭ ୟୁପିଏଚ୍‌ସିକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଆଇଏସ୍‌ଓ ୯୦୦୧ :୨୦୧୫ ସର୍ଟିଫିକେଟ ମିଳିଥିବା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆସିଷ୍ଟାଣ୍ଟ ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ କହିଛନ୍ତି। ସୋମବାର ଏହି ପ୍ରମାଣପତ୍ର ହାସଲ କରିବାରେ ବ୍ରହ୍ମପୁର ରାଜ୍ୟର ପ୍ରଥମ ପୌର ସଂସ୍ଥା ବୋଲି ମୁଖ୍ୟମନ୍ତ୍ରୀ ନିଜ ଟ୍ୱିଟର୍‌ରେ ଘୋଷଣା କରିଛନ୍ତି।

## ଜିଲା ଟିଟି ସମ୍ବଲପୁର



# ଅବହେଳିତ ପର୍ଯ୍ୟଟନସ୍ଥଳ

କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ବହୁ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପର୍ଯ୍ୟଟନ, ଜଙ୍ଗଲ ଓ ପରିବେଶ ବିଭାଗ ଏ ଦିଗରେ ମିଳିତ ଉଦ୍ୟମ କରୁଛନ୍ତି। ଜିଲା ପ୍ରଶାସନକୁ ଏ ଦିଗରେ ରିପୋର୍ଟ ମଗାଯାଉଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୱେବ୍‌ସାଇଟ୍‌ଗୁଡିକରେ ବିଜ୍ଞାପନ ସହ ସଚେତନ କରାଯାଉଛି। ବିଭିନ୍ନ ସ୍ଥାନରେ ବ୍ୟାନର, ହୋର୍ଡିଂ ଲଗାଇ ପ୍ରଚାର ପ୍ରସାର କରାଯାଉଛି। ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହିତ ସ୍ଥାନୀୟ ହୋଟେଲ ଓ ଟ୍ରାଭେଲ ଏଜେନ୍ସିଗୁଡିକର ସହଯୋଗ ନିଆଯାଇଛି। ହେଲେ ବାସ୍ତବରେ ଦେଖିବାକୁ ଗଲେ ପର୍ଯ୍ୟଟନସ୍ଥଳଗୁଡିକର ବିକାଶ ଦିଗରେ ସେଭଳି କୌଣସି ଉନ୍ନତି ହୋଇପାରିନାହିଁ। ସମ୍ବଲପୁର ଜିଲାର ପର୍ଯ୍ୟଟନସ୍ଥଳଗୁଡିକ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ଡେବ୍ରିଗଡ ଅଭୟାରଣ୍ୟ, ଉଷାକୋଠୀ, ମାଁ ଘଣ୍ଟେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ହୁମା ବକ୍ର ମନ୍ଦିର, ଗୁଦଗୁଦା ଜଳପ୍ରପାତ, ଦେବଝରନ ଜଳପ୍ରପାତ, ବୁଢାରଜା ମନ୍ଦିର, ଡିୟର ପାର୍କ, ହୀରାକୁଦ ଡ୍ୟାମ୍, ମାନେଶ୍ୱର ମାନଧାତା ବାବା ମନ୍ଦିର ପ୍ରମୁଖ ପର୍ଯ୍ୟଟନ ସ୍ଥଳର ଉନ୍ନତି ଆଖିଦୃଶିଆ ହୋଇପାରିନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି ରାଣୀ ବଖରୀ, ରାଜା ବଖରୀ ଭଳି ଐତିହାସିକ ରାଜ ଉଆସ ଜିଲାରେ ରହିଛି। ଦେବଝରନ ଜଳପ୍ରପାତ ପାଇଁ ୯୪ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ କାମ ଆରମ୍ଭ ହୋଇ ପାରିନାହିଁ। ସେହିପରି ୱାଟର ପାର୍କ, ସହରରେ ବିଳାସପୂର୍ଣ୍ଣ ହୋଟେଲ ପାଇଁ ଏକ ଜାତୀୟସ୍ତରର କମ୍ପାନୀ ଜମି ଯୋଗାଇଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। କେତୋଟି ଐତିହାସିକ ସ୍ଥାନରେ ଇନ୍‌ଟାକ ପକ୍ଷରୁ ମରାମତି କାମ ଆରମ୍ଭ ହୋଇଛି। ହେଲେ ତାହା ମନ୍ଥର ଗତିରେ ଚାଲିଛି। ସେହିପରି ପର୍ଯ୍ୟଟନ ସ୍ଥଳଗୁଡିକରେ ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟକରଣ, ଅତ୍ୟାଧୁନିକ ଆରାମଦାୟକ ରହିବା ଓ ଖାଇବା ବ୍ୟବସ୍ଥା, ବୁଲିବା ପାଇଁ ପାର୍କ, ବୋଟିଂ, ୱାଟର ପାର୍କ ଭଳି ମଜା ଉଠାଇବା ପ୍ରକଳ୍ପ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଜିଲାକୁ ଧୀରେ ଧୀରେ ପର୍ଯ୍ୟଟକ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପକ୍ଷେ ଜିଲାରେ ଏତେ ଗୁଡାଏ ପର୍ଯ୍ୟଟନସ୍ଥଳ ଥିଲେ ମଧ୍ୟ ଟୁରିଷ୍ଟ ବସ୍ ସୁବିଧା କରାଯାଉନାହିଁ। ବସ୍ ନ ଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଅନେକ ସମୟରେ ସମସ୍ୟା ଭୋଗିବାକୁ ପଡୁଛି। ପ୍ରଶାସନ ପର୍ଯ୍ୟଟନ ସ୍ଥଳଗୁଡିକ ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କଲେ ରାଜସ୍ୱ ବଢିବ। ଏଥିରେ ଅନେକ ପରିବାର ରୋଜଗାର ପାଇପାରିବେ। ବିଭାଗୀୟ ଅଧିକାରୀମାନେ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

– ଶୁଭାଶିଷ ପାଢୀ

## ଚୌଦ୍ୱାରରେ ୨୪ ଘଣ୍ଟାରେ ୨ୟ ଏନ୍‌କାଉଣ୍ଟର

# ପୋଲିସ ଗୁଳିରେ ଜିତୁ ସହଯୋଗୀ ମୁନା ଗୁରୁତର

ଚୌଦ୍ୱାର, ୧୪।୧୦(ଡି.ଏନ୍.ଏ.)

ଚୌଦ୍ୱାର ଅଞ୍ଚଳରୁ ଅପରାଧ କ୍ଲିନ୍ ଆଉଟ୍ କରିବା ଲାଗି ପୋଲିସ ସକ୍ରିୟ ହୋଇଉଠିଛି। ଚୌଦ୍ୱାର ପୋଲିସ ୨୪ଘଣ୍ଟା ମଧ୍ୟରେ ୨ଟି ଏନ୍‌କାଉଣ୍ଟର କରି ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଧରିବାରେ ସକ୍ଷମ ହୋଇଛି। ସୋମବାର ଭୋରରେ ଚୌଦ୍ୱାର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ ମିଳିତ ଭାବେ ଦ୍ୱିତୀୟ ଏନ୍‌କାଉଣ୍ଟର କରିଛନ୍ତି। ଏଥିରେ ରବିବାର ପୋଲିସ ଗୁଳିରେ ଆହତ ହୋଇଥିବା ଅଜୟ ସାହୁ ଓରଫ ଜିତୁଙ୍କ ପ୍ରମୁଖ ସହଯୋଗୀ ମୁନା ଦେହୁରୀ ଆହତ ହୋଇଛନ୍ତି। ମୁନାଙ୍କ ଘର ଢେଙ୍କାନାଳ ଜିଲା ଗୁଣ୍ଡିଚାପୁର ଗ୍ରାମରେ। ମୁନାଙ୍କ ବାମ ଗୋଡରେ ଗୁଳି ବାଜିଛି। ତାଙ୍କୁ ଚିକିତ୍ସାପାଇଁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୁନାଙ୍କ ନିକଟରୁ ପୋଲିସ ଏକ ପିସ୍ତଲ, ୨ଟି ଅଫୁଟା ଗୁଳି, ଗୋଟିଏ ମାଗାଜିନ୍ ଓ ଗୋଟିଏ ବାଇକ୍ ଜବତ କରିଛି। ମୁନାଙ୍କ ନାମରେ ବିଭିନ୍ନ ଥାନାରେ ୧୧ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ମୁନା ଢେଙ୍କାନାଳରୁ ନୂଆପାଟଣା ରାସ୍ତାଦେଇ ଚୌଦ୍ୱାର ଯାଉଥିବାବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଭୂୟାଁଯୋର ନିକଟରେ ଜଗିରହିଥିଲା। ପୋଲିସକୁ ଦେଖି ମୁନା ପ୍ରଥମେ ଖସିଯିବାକୁ ଚେଷ୍ଟା କରିଥିଲେ। ପୋଲିସ ଟିମ୍ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ମୁନା ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପୋଲିସର ପାଲଟା ଗୁଳି ମୁନାଙ୍କ ଗୋଡରେ ବାଜିବାରୁ ସେ ବାଇକରୁ ଖସି ପଡିଥିଲେ। ସଙ୍ଗେସଙ୍ଗେ ପୋଲିସ ମୁନାଙ୍କୁ କାବୁ କରିନେଇଥିଲା। ଗତ ସେପ୍ଟେମ୍ବର ୨୪ରେ ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ବଜାର ଓ ମଧୁସେତୁ ମଧ୍ୟବର୍ତ୍ତୀ ରାଇସ୍‌ମିଲ ନିକଟରେ ଦୁର୍ବୃତ୍ତମାନେ ଏକ କାରକୁ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ କାରରେ ଥିବା ଢେଙ୍କାନାଳ ଟାଉନ ଜୟଗୋପାଳ ସାହିର ଲାଲା ଲଳିତ୍ ମୋହନ ସିଂଙ୍କର ପରିବାରବର୍ଗଙ୍କଠାରୁ ସୁନା ଓ ଟଙ୍କାପଇସା ଲୁଟ୍ କରିବା ସହିତ ଲାଲାଙ୍କୁ ଗୁଳିମାଡ କରିଥିଲେ। ଏଥିରେ ଲାଲା ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଜିତୁ ରବିବାର ପୋଲିସ ଏନ୍‌କାଉଣ୍ଟରରେ ଧରା ପଡିଥିଲେ। ଜିତୁଙ୍କ ଲୁଟ୍ ସାମଗ୍ରୀ ରଖୁଥିବା ମା' ଅପାଣିଆର କାଞ୍ଚନ ସାହୁ, ଭଉଣୀ କଟକ ଚାଉଳିଆଗଞ୍ଜର ଲକ୍ଷ୍ମୀପ୍ରିୟା ମାହାଲ ଏବଂ ଜିତୁଙ୍କ ପ୍ରେମିକା ଲାଲବାଗ ଥାନା ମହିଦାସ ବଜାରର ସୁନୀତା ସିଂ ଓରଫ ଜିନାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ନଗଦ ୧୦ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତ ୩ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନେ ଜିତୁଙ୍କୁ ଲୁଟ୍ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାରେ ସହଯୋଗ କରିବା ସହ ପ୍ରୋତ୍ସାହିତ କରୁଥିଲେ ବୋଲି ଜିତୁ ପୋଲିସ ଆଗରେ ସ୍ୱୀକାର କରିଛି।

## ବିଜେପୁର ଉପନିର୍ବାଚନ

# ପ୍ରାର୍ଥୀଙ୍କ କଥା, ସେମାନଙ୍କ ମୁହଁରୁ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)
**ବରଗଡ ଜିଲା ବିଜେପୁର ଉପନିର୍ବାଚନକୁ ଆଉ ରହିଲା ମାତ୍ର ୭ ଦିନ। ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ସେତିକି ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଉପନିର୍ବାଚନ ରଣାଙ୍ଗନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହୋଇଛନ୍ତି ବିଜେଡି ପ୍ରାର୍ଥିନୀ ରୀତା ସାହୁ ଓ ଭାଜପାର ସନତ ଗଡତିଆ। ଅପରପକ୍ଷରେ ଏହି ଆସନରେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଜିତି ଆସିଥିବା କଂଗ୍ରେସ ନିଜର ସ୍ଥିତି ରକ୍ଷା ପାଇଁ ପ୍ରୟାସ କରୁଛି। ଦଳ ପକ୍ଷରୁ ସ୍ଥାନୀୟ ନେତା ଦିଲ୍ଲୀପ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଛି। ୩ ଦଳର ପ୍ରାର୍ଥୀମାନେ ସେମାନଙ୍କ ନିଜସ୍ୱ ଆଭିମୁଖ୍ୟ ଓ ପ୍ରସଙ୍ଗକୁ ନେଇ ଭୋଟରଙ୍କ ନିକଟରେ ପହଞ୍ଚୁଥିବାବେଳେ ସେମାନଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଧରିତ୍ରୀ ପକ୍ଷରୁ କରାଯାଇଥିଲା କିଛି ଆଲୋଚନା, ଯାହାର କ୍ରିୟଦଂଶ ନିମ୍ନରେ ପ୍ରଦାନ କରାଗଲା।**

## ମୋର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି : ରୀତା ସାହୁ

**ଉପନିର୍ବାଚନରେ ପ୍ରଚାର କାର୍ଯ୍ୟ କିପରି ଚାଲିଛି?**
❍ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। ଦଳର କର୍ମୀ ଓ ବିଜେପୁର ଭୋଟର ସମସ୍ତେ ଉତ୍ସାହିତ ଅଛନ୍ତି। ବିଜେଡିର ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତା ମୋତେ ବିଜୟୀ କରିବା ପାଇଁ ଚେଷ୍ଟା କରୁଛନ୍ତି।

**ପୂର୍ବ ଦୁଇଥର ଭଲ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ଏହିଠାରୁ ବିଜୟୀ ହୋଇଥିଲେ। ଚଳିତ ଥର ପୂର୍ବାପେକ୍ଷା ବିଜୟ ବ୍ୟବଧାନ ବଢିବ ନା କମିବ?**
❍ ପ୍ରଚାର କାର୍ଯ୍ୟ ଠିକ୍‌ଭାବେ ଚାଲିଛି। ସମସ୍ତେ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ପୂର୍ବପରି ଭଲ ବ୍ୟବଧାନରେ ବିଜୟୀ ହେବି ବୋଲି ଆଶା।

**ଏହି ଉପନିର୍ବାଚନରେ କେଉଁ ଦଳ ବା ପ୍ରାର୍ଥୀଙ୍କଠାରୁ ଆପଣ କଡା ଲଢେଇର ସମ୍ମୁଖୀନ ହେଉଥିବା ଅନୁଭବ କରୁଛନ୍ତି?**
❍ ଏହି ନିର୍ବାଚନରେ କାହାକୁ ବି ମୁଁ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବୁ ନାହିଁ। ମୋର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି।

**ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢି ଆସନ ଛାଡିଦେବା ପ୍ରସଙ୍ଗ ହିଁ ଭାଜପାର ଅସ୍ତ୍ର ପାଲଟିଛି। ଏହାର ପ୍ରଭାବ ଉପନିର୍ବାଚନ ଉପରେ ପଡିବ ବୋଲି ଭାବୁଛନ୍ତି କି?**
❍ ନାଁ, ବିଲକୁଲ୍ ନୁହେଁ। ଆମ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କରିଛନ୍ତି। ଆମର ନିଶ୍ଚିତ ରୂପେ ବିଜୟ ହେବ। ଅଞ୍ଚଳର ବିକାଶ ପାଇଁ ବହୁତ କିଛି ଅନୁଦାନ ଦେଇଛନ୍ତି, ଏକଥା ସମସ୍ତେ ଜାଣିଛନ୍ତି। ମୁଖ୍ୟମନ୍ତ୍ରୀ ହିଁ ଉନ୍ନତି ଓ ବିକାଶର ଧାରା ଆଗକୁ ନେବେ। ନିଶ୍ଚିତ ଭାବେ ଲୋକଙ୍କ ବିକାଶ ହେବ, ଏଥିରେ କୌଣସି ଅସୁବିଧା ହେବ ନାହିଁ।

**ନିର୍ବାଚନମଣ୍ଡଳୀରେ ଜଳସେଚନ ଏବଂ ବୁଣାକାର ସମସ୍ୟା ନେଇ ଅଭିଯୋଗ ରହିଛି, ଏ ସମ୍ପର୍କରେ କ'ଣ କହିବେ?**
❍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏହାକୁ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ଅଛି। ଖୁବ୍‌ଶୀଘ୍ର ଲୋକମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ। ସେହିପରି ବୁଣାକାରମାନଙ୍କ ସମସ୍ୟା ମଧ୍ୟ ସମାଧାନ କରାଯିବ।

**ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ୧୭,୧୮ରେ ବିଜେପୁର ଆସୁଛନ୍ତି, ଏହାକୁ ନେଇ କେତେ ଉତ୍ସାହିତ?**
❍ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସମ୍ପୂର୍ଣ୍ଣ ଅଞ୍ଚଳବାସୀ ବହୁତ ଉତ୍ସାହିତ ଅଛନ୍ତି। ମୁଁ ନିଜେ ମଧ୍ୟ ବହୁତ ଖୁସି ଅଛି।

**ପୂର୍ବ ଉପନିର୍ବାଚନରେ ୪୧ ହଜାରୁ ଅଧିକ ବ୍ୟବଧାନରେ ଜିତିଥିଲେ। ଚଳିତ ଥର ବିଜୟ ବ୍ୟବଧାନ ନେଇ କ'ଣ କହିବେ?**
❍ ମୋର ଲୋକମାନଙ୍କ ଉପରେ ଭରସା ରହିଛି। ନିଶ୍ଚିତଭାବେ ବ୍ୟବଧାନ ବଢିବ।




ବିଜେପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ସହ ସାକ୍ଷାତ୍କାର

ଦେଖନ୍ତୁ ଭିଡିଓ

YouTube /dharitrilive

## କଂଗ୍ରେସ ଜିତିଲେ ଲୋକଙ୍କ ସ୍ୱର ପ୍ରତିଫଳିତ ହେବ : ଦିଲୀପ ପଣ୍ଡା



**କଂଗ୍ରେସ ଉପନିର୍ବାଚନରେ କେଉଁଠି ରହିଛି?**
❍ କଂଗ୍ରେସ ଲୋକମାନଙ୍କ ହୃଦୟରେ ଅଛି। ଲୋକମାନେ ମୋ ହୃଦୟରେ ଅଛନ୍ତି। ରାଜନୀତି ମୋ ପାଇଁ ନୂଆ ନୁହେଁ, ବିଜେପୁରର ପ୍ରତି ଗାଁରେ ମୋର ଶୁଭେଚ୍ଛୁ ରହିଛନ୍ତି। ସେମାନଙ୍କୁ ନେଇ ହିଁ ରାଜନୀତି ଜାରି ରଖିଛି।

**ଗତ ୨ଟି ନିର୍ବାଚନରେ କଂଗ୍ରେସ ଭୋଟ ଅହେତୁକ ଭାବେ ହ୍ରାସ ପାଇଛି। ଦଳ ପୂର୍ବ ଭୋଟ ଫେରି ପାଇବ କି ?**
❍ ହ୍ରାସ ପାଇଛି, ହେଲେ ଆଗକୁ ଦଳର ଭୋଟ ବଢିବ। ଯେତେବେଳେ କଂଗ୍ରେସ ଭଲ ସ୍ଥିତି ଥିଲା। ସେ ସମୟରେ ଏତେଟା ଆଲୋଚନା ହେଉ ନ ଥିଲା। ଏବେ ସ୍ଥିତି ଖରାପ ହୋଇଥିବାରୁ ଅଧିକ ଆଲୋଚନା ହେଉଛି।

**କଂଗ୍ରେସ ଦଳ ନିର୍ବାଚନରେ ଜିଣିବା ପାଇଁ ଯେପରି ରଣକୌଶଳ ଆବଶ୍ୟକ, ତାହା ପ୍ରସ୍ତୁତ କରିଛି କି ?**
❍ ଦଳ ମୋତେ ଲଢିବା ପାଇଁ ଟିକେଟ୍ ଦେଇଛି। ମୁଁ ସେ ସୁଯୋଗକୁ ହାତଛଡ଼ା କରିବି ନାହିଁ। ବିଜେଡି ଓ ଭାଜପାର ପ୍ରାର୍ଥୀମାନେ ଦଳ ପାଇଁ ଭୋଟ ପାଉଛନ୍ତି। ମୋର ନିଜସ୍ୱ ଭୋଟ ରହିଛି।

**ସବୁଥର ପ୍ରାର୍ଥୀ ବଦଳାଇବା, ନେତାଙ୍କ ନକାରାତ୍ମକ ମନ୍ତବ୍ୟ ଦଳକୁ କ୍ଷତି କରିବ ନାହିଁ କି?**
❍ ସବୁ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି। ଏହି ସମସ୍ୟାକୁ ପଛରେ ଛାଡିଦେଇ ଆଗକୁ ବଢିଯିବା ହିଁ ନେତାର କର୍ତ୍ତବ୍ୟ।

**୨୦୧୮ ଉପନିର୍ବାଚନରେ ଦଳ ପ୍ରାୟ ୧୦ ହଜାର ଓ ଗତ ସାଧାରଣ ନିର୍ବାଚନରେ ପାଖାପାଖି ୧୪ ହଜାର ଭୋଟ ପାଇଥିଲା। ଚଳିତ ଥର କେତେ ଭୋଟ ପାଇବେ ବୋଲି ଭାବୁଛନ୍ତି ?**
❍ କେତେ ଭୋଟ ପାଇବି, ସେ କଥା କହିବି ନାହିଁ। ହେଲେ ଏ ନିର୍ବାଚନ ଆମେ ଜିତିବା ପାଇଁ ଲଢୁଛୁ।

**କେନ୍ଦ୍ରରେ ଭାଜପା ସରକାର, ରାଜ୍ୟରେ ବିଜେଡି ସରକାର ଏସବୁ ମଧ୍ୟରେ କଂଗ୍ରେସ ପାଇଁ ଲଢ଼େଇ କିପରି ରହିଛି?**
❍ ବିଜେଡି ଓ ଭାଜପା ମଧ୍ୟରୁ ଗୋଟିଏ ଜିତିଲେ କିଛି ଅଧିକ ହେବ ନାହିଁ। କଂଗ୍ରେସ ଜିତିଲେ ଲୋକଙ୍କ ସ୍ୱର ପ୍ରତିଫଳିତ ହେବ। ଗୋଟିଏ ଉପଯୁକ୍ତ ବିରୋଧୀ ସୃଷ୍ଟି ହୋଇପାରିବ।

**ଯଦି ନିର୍ବାଚନରେ ବିଜୟୀ ହୁଅନ୍ତି, ତେବେ କେଉଁ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେବେ?**
❍ ମୁଁ ସର୍ବପ୍ରଥମେ ସ୍ୱାସ୍ଥ୍ୟ ସମସ୍ୟାକୁ ଗୁରୁତ୍ୱ ଦେବି। ଛୁଆଟିଏ ଜନ୍ମ ହେଲେ ତାହାର ପ୍ରଥମେ ସ୍ୱାସ୍ଥ୍ୟ ସୁବିଧାର ଆବଶ୍ୟକତା ରହିଛି। ଏହା ପରେ ଶିକ୍ଷା ଓ କୃଷି କଥାକୁ ପ୍ରାଥମିକତା ଦେବି। ଡାକ୍ତରଖାନାର ଭିତ୍ତିଭୂମି ନାହିଁ, ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ଚାଷୀଙ୍କୁ ଉପଯୁକ୍ତ ସବ୍‌ସିଡି ମିଳୁନାହିଁ।

## ପୂର୍ବାପେକ୍ଷା ଦୁଇଗୁଣା ଅଧିକ ଭୋଟ ପାଇବି: ସନତ



**ଉପନିର୍ବାଚନକୁ ନେଇ ପ୍ରଚାର କିପରି ଜାରି ରହିଛି?**
❍ ପ୍ରଚାର ଜୋର୍‌ଦାର ଚାଲିଛି। ଭାଜପାର ପ୍ରତିଟି କର୍ମୀ ଓ ନିର୍ବାଚନମଣ୍ଡଳୀର ଭୋଟର ଉତ୍ସାହିତ ଅଛନ୍ତି।

**ଭାଜପା ପଶ୍ଚିମ ଓଡ଼ିଶାରେ ପାଇଥିବା ଲୋକ ସଭା ଆସନର ସଫଳତା ବିଧାନସଭା ସିଟ୍‌ରେ ପ୍ରତିଫଳନ କରିପାରିବ କି?**
❍ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଲୋକେ ଆସ୍ଥା ରଖିଥିଲେ। ଏହି କାରଣରୁ ଲୋକ ସଭା ନିର୍ବାଚନରେ ସଫଳତା ମିଳିଥିଲା, ବିଧାନସଭା ଆସନରେ ମିଳି ନ ଥିଲା। ହେଲେ ମୁଖ୍ୟମନ୍ତ୍ରୀ ଏଠାରୁ ପ୍ରାର୍ଥୀ ହୋଇ ବିଜୟୀ ହେଲେ, କିନ୍ତୁ ଜିତିବା ପରେ ଆସନ ଛାଡି ଦେଲେ। ଏହି ନିଷ୍ପତ୍ତି ବିଜେପୁରବାସୀଙ୍କ ଆଶା, ଆକାଂକ୍ଷାକୁ ଧୂଳିସାତ୍ କଲା। ଅଞ୍ଚଳବାସୀ ପ୍ରତାରିତ ହେବା ଭଳି ମନେ କରୁଛନ୍ତି। ତେଣୁ ଏଥର ଭାଜପାକୁ ନିଶ୍ଚିତ ସଫଳତା ମିଳିବ।

**କୁହାଯାଇଛି ଭାଜପା ଭଲ ପ୍ରାର୍ଥୀ ଦେଇଛି, ହେଲେ ବିଜେଡି ସହ ଉପର ସ୍ତରରେ ବୁଝାମଣା ପାଟକୁରା ନିର୍ବାଚନ ଭଳି ଫଳ ଦେବ?**
❍ ବିଜୟୀ ହେବା ପାଇଁ ଭାଜପା ଲଢୁଛି। ଉପର ସ୍ତରରେ କୌଣସି ମେଣ୍ଟ ନାହିଁ, ଆଗକୁ ମଧ୍ୟ ହେବାର ସମ୍ଭାବନା ନାହିଁ।

**ଆପଣ ବିଧାୟକଭାବେ ନିର୍ବାଚିତ ହେଲେ କେଉଁ ୩ଟି ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବେ?**
❍ ସର୍ବପ୍ରଥମେ ଚାଷୀଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବି। ଅଞ୍ଚଳବାସୀ ଧାର୍ଯ୍ୟ ଦରଠାରୁ କମ୍ ମୂଲ୍ୟରେ ଧାନ ବିକୁଛନ୍ତି। ମଣ୍ଡି ଖୋଲୁ ନାହିଁ, ଧାନ ପଡି ରହୁଛି। ଦ୍ୱିତୀୟତଃ ଜଳସେଚନର ଯଥେଷ୍ଟ ଉନ୍ନତି ହୋଇନାହିଁ। ତାହାର ସମାଧାନକୁ ଗୁରୁତ୍ୱ ଦେବି। ତୃତୀୟତଃ ଅଞ୍ଚଳରେ ଶିକ୍ଷା ସମସ୍ୟା ରହିଛି। ଅନେକ ସ୍ଥାନରେ କେବଳ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବିଦ୍ୟାଳୟ ରହିଛି, ହେଲେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଶିକ୍ଷା ଭିତ୍ତିଭୂମିର ଆହୁରି ଉନ୍ନତି ହେବାର ଆବଶ୍ୟକତା ରହିଛି।

**ଗତଥର ୫୩ ହଜାରରୁ ଅଧିକ ଭୋଟ ପାଇଥିଲେ। ଏଥର କେତେ ଭୋଟ ପାଇବେ ବୋଲି ଆଶା କରିଛନ୍ତି?**
❍ ପୂର୍ବାପେକ୍ଷା ଦୁଇଗୁଣା ଅଧିକ ଭୋଟ ପାଇବି। ମୁଁ ଲକ୍ଷାଧିକ ଭୋଟ ପାଇବି ବୋଲି ଆଶା କରୁଛି।

**ପୂର୍ବ ଉପନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଶୋକ ପାଣିଗ୍ରାହୀ ଦଳ ଛାଡିବା ସହ ବିଜେଡିକୁ ବାହ୍ୟ ସମର୍ଥନ ଘୋଷଣା କରିଛନ୍ତି। ଏହାର କି ପ୍ରଭାବ ପଡିବ ବୋଲି ଭାବୁଛନ୍ତି?**
❍ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ଭଲ ପାଇବା ଅଛି। କୌଣସି ବ୍ୟକ୍ତିବିଶେଷ ଦଳ ଛାଡି ଗଲେ ତାହାର ପ୍ରଭାବ ଭୋଟ ଉପରେ ପଡିବ ନାହିଁ। ଭାଜପା ପୂର୍ବାପେକ୍ଷା ଭଲ କରିବ।

**ସାକ୍ଷାତକାର : ଚିଦାନନ୍ଦ ଜେନା**
**ଫଟୋ: ମୁକେଶ ରାମ୍**

ତୁମର ପଡୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ– ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ– ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ। –ଶ୍ରୀଅରବିନ୍ଦ



# କମୁଛି ବାୟୁ ଗୁଣବତ୍ତା

ନୂଆଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ୧୪ ଅକ୍ଟୋବର ୨୦୧୯ରେ ଅତ୍ୟନ୍ତ ନିମ୍ନସ୍ତରକୁ ଚାଲିଯାଇଛି। ପଞ୍ଜାବ ଓ ହରିୟାଣାରେ ଖେତରେ ନଡ଼ାକୁ ବ୍ୟାପକ ମାତ୍ରାରେ ପୋଡ଼ି ଦିଆଯାଉଥିବାରୁ ଏହାର ଧୂଆଁ ସେଠାକାର ସମଗ୍ର ବାୟୁମଣ୍ଡଳକୁ ଆଚ୍ଛାଦିତ କରିଦେଉଛି। ଫଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୨୩୫ ମାର୍କରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତମ ବାୟୁ ଗୁଣବତ୍ତା ସ୍ତର ଶୂନରୁ ୫୦ ରହିଥିବା ବେଳେ ମଧ୍ୟମ ଧରଣର ହେଲେ ତାହା ୫୧ରୁ ୧୦୦ ସ୍ଥିର କରାଯାଇଛି। ଏହାକୁ ମାନକ ଭାବେ ନେଇ ତର୍ଜମା କରାଗଲେ ଦିଲ୍ଲୀରେ ବାୟୁ ଗୁଣବତ୍ତା ସ୍ତର ୨୩୫ ଛୁଇଁବା ନିଶ୍ଚିତ ଭାବେ ସେଠାକାର ଅଧିବାସୀଙ୍କ ପାଇଁ ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଛି। ଗତ ୫ ଦିନ ହେବ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳବାସୀ ବିଷାକ୍ତ ବାୟୁ ଗ୍ରହଣ କରିଚାଲିଛନ୍ତି। ଦୁଇମାସ ତଳକୁ ଫେରିଗଲେ ତାମିଲନାଡୁ ରାଜଧାନୀ ଚେନ୍ନାଇର କେତେକ ଅଞ୍ଚଳରେ ପାଣିର ଉତ୍କଟ ଅଭାବ ଦେଖାଦେବା ପରେ ଲୋକେ ସମ୍ପୃକ୍ତ ଇଲାକା ଛାଡ଼ିବାକୁ ବାଧ୍ୟ ହୋଇଥିଲେ ବୋଲି ଖବର ମିଳିଥିଲା। ଏପଟେ ଅଗଷ୍ଟ ଓ ସେପ୍ଟେମ୍ବରରେ ହୋଇଥିବା ବର୍ଷା ପୂର୍ବ ରେକର୍ଡ ଭାଙ୍ଗି ଦେଇଛି। ସେହିଭଳି ଗୋଟିଏ ପଟେ ମୌସୁମୀ ଠିକ୍ ସମୟରେ ଆସୁ ନ ଥିବା ବେଳେ ଫେରନ୍ତା ମୌସୁମୀ ଯିବାରେ ଅତ୍ୟନ୍ତ ବିଳମ୍ବ ଘଟୁଛି।

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ସୃଷ୍ଟି ହେଉଥିବା ବେଳେ ଦିଲ୍ଲୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏବେ ବାୟୁ ଗୁଣବତ୍ତା କମିଯିବା ଲାଗି ମନୁଷ୍ୟକୃତ ବିପର୍ଯ୍ୟୟ ଦାୟୀ ବୋଲି କୁହାଯାଇପାରିବ। ପଞ୍ଜାବ ଓ ହରିୟାଣାର ଖେତଗୁଡ଼ିକରୁ ଫସଲ ଅମଳ କରିସାରିବା ପରେ ଚାଷୀ ନଡ଼ାରେ ନିଆଁ ଲଗାଇ ଦେଇଥାଆନ୍ତି। ସେଗୁଡ଼ିକୁ ବୋହିବାରେ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏଭଳି ପଦକ୍ଷେପ ନେଇଥାଆନ୍ତି। ଫଳରେ ସେଥିରୁ ନିର୍ଗତ ହେଉଥିବା ଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରିଦେଉଛି। ପ୍ରାତଃ ସମୟରେ ଗାଡ଼ି ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀତଦିନର କୁହୁଡ଼ି ଏହି ଧୂଆଁ ସହ ମିଶିଯିବା ଫଳରେ ରାସ୍ତା ଦେଖିବା ମଧ୍ୟ କଷ୍ଟକର ହୋଇପଡ଼େ। ସେଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟେ। ବିଗତ କିଛିବର୍ଷ ହେବ ଜାତୀୟ ରାଜଧାନୀ ଦିଲ୍ଲୀ ପ୍ରଦୂଷଣଜନିତ ସମସ୍ୟାରେ ଜର୍ଜରିତ ହୋଇଯାଉଥିବାରୁ ସେଥିରୁ ତ୍ରାହି ପାଇବା ସକାଶେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡେକର ୭ ଅକ୍ଟୋବରରେ ଏକ ଖବରଦାତା ସମ୍ମିଳନୀରେ ଏହାର ସମାଧାନ ଦିଗ ଉପରେ ସୂଚନା ଦେଇଥିଲେ। କେନ୍ଦ୍ର ସରକାର ପଞ୍ଜାବ ଓ ହରିୟାଣାରେ ଚାଷୀଙ୍କ ସମସ୍ୟାକୁ ଦେଖି ପରିବେଶ ଉପଯୋଗୀ ମେଶିନ କିଣିବା ବାବଦକୁ ୧୧୫୦ କୋଟି ଟଙ୍କା ସହାୟତା ଦେଇଥିବା ବିଷୟ ଜାଭଡେକର ଉଲ୍ଲେଖ କରିଥିଲେ। ଇତିମଧ୍ୟରେ ପ୍ରାରମ୍ଭିକ ଅବସ୍ଥାରେ ଚାଷୀଙ୍କୁ ୧୮,୦୦୦ ମେଶିନ ମଧ୍ୟ ଯୋଗାଇ ଦିଆସରିଲାଣି। ଉକ୍ତ ମେଶିନ ସେହି ନଡ଼ାକୁ ସାରରେ ପରିବର୍ତ୍ତନ କରିବାରେ ସହାୟକ ହେବ ବୋଲି କୁହାଯାଉଛି। କେନ୍ଦ୍ର ସରକାର ଏହି ବିଷୟକୁ ଗମ୍ଭୀରତାର ସହ ବିଚାର କରି ସହାୟତା ରାଶି ଦେବା ସହ ମେଶିନ ଯୋଗାଇ ଦେବା ଏକ ଉତ୍ତମ ପଦକ୍ଷେପ ବୋଲି କୁହାଯାଇପାରେ। କିନ୍ତୁ କୃଷକମାନେ ଆନ୍ତରିକତାର ସହ ତାହାକୁ କାର୍ଯ୍ୟକାରୀ ନ କଲେ ସମସ୍ୟା ବଢ଼ିଚାଲିବ।

ଆଜିର ସମୟରେ ଗୋଟିଏ କଥା ଦେଖାଯାଉଛି ଯେ, ଅନେକେ ସର୍ବଦା ଭାବୁଛନ୍ତି ସେମାନଙ୍କ ଲାଗି ଅନ୍ୟ କେହି କାର୍ଯ୍ୟ କରନ୍ତୁ। ସରକାରକୁ ପ୍ରତି କଥାରେ ଦୋଷ ଦିଆଯାଉଛି। ଓଡ଼ିଶା କଥା ଦେଖିଲେ ଏଠାକାର ଅନେକ ସହରାଞ୍ଚଳରେ ଅଳିଆକୁ ସ୍ଥାନାନ୍ତର କରିବା ବ୍ୟୟସାପେକ୍ଷ ଭାବି ପୋଡ଼ି ଦିଆଯାଉଥିବା ବାରମ୍ବାର ଦେଖିବାକୁ ମିଳୁଛି। ଏଥିରେ ମହାନଗର ନିଗମ ବା ନଗରପାଳିକାରେ କାର୍ଯ୍ୟରତ କର୍ତ୍ତୃପକ୍ଷ ସିଧାସଳଖ ସମ୍ପୃକ୍ତ ରହୁଛନ୍ତି ବୋଲି ସନ୍ଦେହ କରାଯାଉଛି। ଏଠାରେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ର ଉଦାହରଣ ଦିଆଯାଇପାରେ। ପ୍ରବଳ ମାତ୍ରାରେ ଅଳିଆ ଉପୁଜାଉଥିବା ଏହି ମଲ୍ ନିଜର ଅଳିଆ ନିଷ୍କାସନର କୌଣସି ବ୍ୟବସ୍ଥା କରିବାକୁ ଚେଷ୍ଟା କରୁନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ମଲ୍‌ରୁ ବାହାରୁଥିବା ଅନେକ ପରିମାଣ ବର୍ଜ୍ୟ ପ୍ଲାଷ୍ଟିକ୍ ବସ୍ତାରେ ପୂରାଯାଇ ଫିଙ୍ଗାଯାଉଥିବାର ସମସ୍ତେ ଦେଖୁଛନ୍ତି। ସେଥିରୁ ଅନୁମାନ କରାଯାଇପାରୁଛି ଯେ, ଏହି ମଲ୍‌କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଆସୁଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉଚ୍ଚ କର୍ମକର୍ତ୍ତା ପ୍ରବଳମାତ୍ରାରେ ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବେ। ଦୁହାଁଳିଆ ଗାଈ ଭଳି ବ୍ୟବସାୟିକ ସଂସ୍ଥା ଥରେ ଅଧେ ନୁହେଁ, ନିୟମିତ ଭାବେ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବାକୁ ବାଧ୍ୟ ହେଉଥିବେ। ତେଣୁ ପରିବେଶକୁ ବିଷାକ୍ତ ଓ ପ୍ରଦୂଷଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ହୋଇପଡ଼ିଲାଣି। ଏଥିସହିତ ବର୍ଜ୍ୟବସ୍ତୁରୁ କିଭଳି ଶକ୍ତି ଉତ୍ପନ୍ନ ହୋଇପାରିବ ସେଭଳି ଅନେକ ପ୍ଲାଣ୍ଟ ବସାଇବା ଲାଗି ସରକାର ପଦକ୍ଷେପ ନେବା ଜରୁରୀ। ଏଠାରେ ସିଙ୍ଗାପୁରର ଦୃଷ୍ଟାନ୍ତ ମଧ୍ୟ ଦିଆଯାଇପାରେ। ସେହି କ୍ଷୁଦ୍ର ଦେଶରେ ଅଳିଆ ପୁନର୍ବ୍ୟବହାର କରାଯିବାର ଅନେକ ଉପାୟ କାର୍ଯ୍ୟକାରୀ କରାଯାଉଛି। ସହରର ସବୁବର୍ଜ୍ୟକୁ ଏକାଠି କରାଯାଇ ସେଥିରୁ ଉତ୍ତାପ ଓ ଶକ୍ତି ଉତ୍ପନ୍ନ କରାଯିବା ଭଳି ଅଭିନବ ପଦକ୍ଷେପ ନିଆଯିବା ସହ ସେହି ଅଳିଆକୁ ଶୂନ ସ୍ତରକୁ ଅଣାଯାଇପାରୁଛି। ଏହା କୌଣସି ବୈଜ୍ଞାନିକଙ୍କ ସ୍ୱପ୍ନ ନୁହେଁ, ସିଙ୍ଗାପୁରର ବାସ୍ତବ ଚିତ୍ର। ଭାରତର କୌଣସି ସହରାଞ୍ଚଳରେ ସେଭଳି ପ୍ରଯୁକ୍ତିବିଦ୍ୟା ଉପଯୋଗ କରାଯାଉ ନାହିଁ, ଯାହାଫଳରେ ନିକଟ ଭବିଷ୍ୟତରେ ଭାରତର ଏୟାର କ୍ୱାଲିଟିକୁ ଆହୁରି ଅଧିକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଲାଣି।

# ନେତା ନୁହେଁ, ଜନତାର ସେବା



ବୈକୁଣ୍ଠନାଥ ମିଶ୍ର

ବ୍ରିଟିଶ ରାଜତ୍ୱ ସମୟରୁ ଆଜି ପର୍ଯ୍ୟନ୍ତ ପୋଲିସ ପ୍ରତି ଭିନ୍ନ ଏକ ଧାରଣା ଜନମାନସରେ ରହିଆସିଛି। ଏ ଧାରଣାର ପ୍ରମୁଖ ଉତ୍ସ ହେଉଛି ଭୟ। ପୋଲିସବାବୁ ଗାଁକୁ ଆସିଲେ ଲୋକଙ୍କ ମନରେ ସନ୍ଦେହର ଜାଲ ବୁଣି ହୋଇଯାଏ। ମନରେ ଶଙ୍କା ଜାତ ହୁଏ ଯେ କିଛି ଗୋଟିଏ ଅଘଟଣ ଘଟିଛି ନିଶ୍ଚୟ। ଏହା କିନ୍ତୁ ଅନ୍ୟ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ହୁଏ ନାହିଁ। ଉଚ୍ଚ ଅଧିକାରୀଙ୍କ ଆଗମନରେ ଲୋକେ ରୁଣ୍ଡ ହୋଇ କିଛି ପ୍ରତ୍ୟାଶା ରଖି ତାଙ୍କ କଥା ଶୁଣୁଥିବା ସମୟରେ ପୋଲିସ ଅଧିକାରୀଙ୍କ ଆଗମନରେ 'କାଦୁଅକୁ ଯିବି ନାହିଁ କି ଗୋଡ ଧୋଇବି ନାହିଁ' ନ୍ୟାୟରେ ସେମାନେ ଛତ୍ରଭଙ୍ଗ ଦେଇ ଅବିଳମ୍ବେ ସେ ସ୍ଥାନ ତ୍ୟାଗ କରନ୍ତି। ସହରାଞ୍ଚଳ କଥା ଭିନ୍ନ– ଗ୍ରାମାଞ୍ଚଳରେ ପୋଲିସ ପ୍ରତି ନକାରାତ୍ମକ ଚିନ୍ତାଧାରା ଏବେ ମଧ୍ୟ ବଳବତ୍ତର ଅଛି। ପୋଲିସ ମଧ୍ୟ କେବେ ନିଜ ଆଡୁ ଜନସାଧାରଣଙ୍କର ନିକଟତର ହେବାକୁ ଉଦ୍ୟମ କରିନାହିଁ। ଯଦିଓ 'ମୋ ସରକାର' ଭଳି କେତେକ କାର୍ଯ୍ୟକ୍ରମ ଯୋଗୁ ସେ ଜନତାର ବନ୍ଧୁ ରୂପେ ପ୍ରତୀତ ହେବାକୁ ଚେଷ୍ଟା କରୁଛି। ଅନ୍ୟଥା ସେ କେବଳ ନେତାଙ୍କର ରକ୍ଷାକବଚ ସାଜିଛି।

ଅଶାଳୀନ ଭାଷା ଓ ଅମାର୍ଜିତ ବ୍ୟବହାର ପୋଲିସ ଭିନ୍ନ ଅନ୍ୟ କାହାଠାରେ ପ୍ରାୟ ପରିଦୃଷ୍ଟ ହୁଏ ନାହିଁ। ମୋ ଜୀବନର ଏକ ତିକ୍ତ ଅନୁଭୂତି ଏଠାରେ ପ୍ରାସଙ୍ଗିକ ମନେହୁଏ। ୧୯୭୯ ମସିହାରେ ମୁଁ ଏକ ନୂଆ ହମ୍ବର ସାଇକେଲ କିଣିଥିଲି, ଯାହାର ଦାମ୍ ଥିଲା ୫୦୦ ଟଙ୍କା– ମୋର ପ୍ରାୟ ୧୫ ଦିନର ବେତନ। କିଣିବାର ମାସକ ମଧ୍ୟରେ ସାଇକେଲଟି ଚୋରି ହୋଇଗଲା। ମୁଁ ଥାନାରେ ଏତଲାଟିଏ ଦେଇ ମନ ଦୁଃଖରେ ଥାଏ। କିଛିଦିନ ପରେ ଖବର ମିଳିଲା ଥାନାକୁ କିଛି ଚୋରି ସାଇକେଲ ଧରାହୋଇ ଆସିଛି। ଥାନା ବାବୁଙ୍କ ଅନୁମତି ନେଇ ମାଲଖାନା ଦେଖିଲି। ଅନେକ ସାଇକେଲ ଭିତରେ ମୋ ସାଇକେଲଟି ଚିହ୍ନଟ କରି ଦାୟିତ୍ୱରେ ଥିବା କନଷ୍ଟେବଳଙ୍କୁ ଦେଖାଇଲି। ସେ କହିଲେ, ସାଇକେଲର ମୂଳ କାଗଜପତ୍ର ଧରି କାଲି ଆସ, ସାରଙ୍କୁ ଦେଖାଇ ତୁମ ସାଇକେଲ ନେଇଯିବ। ପରଦିନ ଥାନାରେ ପହଞ୍ଚି ଆନୁଷଙ୍ଗିକ କାର୍ଯ୍ୟ ସାରି ଦେଖେ ତ ଅନେକ ଭିତରେ ମୋ ସାଇକେଲଟି ନାହିଁ। ମୁଁ ଥାନା ବାବୁଙ୍କୁ ଏହା ଜଣାଇବାରୁ ସେ କିଛି କହିବା ପୂର୍ବରୁ କନଷ୍ଟେବଳ ଜଣକ ଯାହା କହିଲେ, ଆଉ ଯେଉଁ ଭାଷାରେ କହିଲେ ତାହା ପ୍ରକାଶ କରିବା ସମ୍ଭବ ନୁହେଁ। ମୋଟାମୋଟି ତାଙ୍କ ଉତ୍ତର ଥିଲା, ଶ..., ଆମେ କ'ଣ ଚୋର! ଯାଉଛୁ ନା ଦେଖିବୁ। ମୁଁ କାନମୁଣ୍ଡା ଆଉଁଶି ମନ ଦୁଃଖରେ ଫେରି ଆସିଲି। ଥାନା ବାବୁଙ୍କ ଉପସ୍ଥିତିରେ ଜଣେ କନଷ୍ଟେବଳର ଏତାଦୃଶ ଆଚରଣ ବାସ୍ତବିକ ଅନୁଶୋଚନୀୟ। ସେହିଦିନଠାରୁ ପୋଲିସ ପ୍ରତି ମୋର ଧାରଣା ଅତ୍ୟନ୍ତ ଅସ୍ୱାଭାବିକ।

ସ୍ୱାଧୀନତାର ୭୨ ବର୍ଷ ଭିତରେ ଦେଶ ବହୁ ପରିବର୍ତ୍ତନକୁ ଅଙ୍ଗେ ନିଭାଇଛି। ହେଲେ ପୋଲିସ ସଂସ୍ଥାର ମାନସିକତାରେ ସେପରି କିଛି ପରିବର୍ତ୍ତନ ହୋଇଥିବା ପରି ସାଧାରଣ ମଣିଷ ଅନୁଭବ କରେନାହିଁ। ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପମେଣ୍ଟ ବ୍ୟୁରୋ ଦ୍ୱାରା ଆୟୋଜିତ ଏକ କର୍ମଶାଳାରେ କହିଲେ ଯେ, ବ୍ରିଟିଶ ରାଜତ୍ୱ ସମୟରେ ପୋଲିସ ବାହିନୀ କେବଳ ଶାସକ ଗୋଷ୍ଠୀର ସ୍ୱାର୍ଥରକ୍ଷା ଛଡ଼ା ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଅନ୍ଧ ଥିଲା। କିନ୍ତୁ ଆଜିର ପୋଲିସ ଜନସ୍ୱାର୍ଥ ପାଇଁ ଉତ୍ସର୍ଗୀକୃତ। ତାଙ୍କ ବକ୍ତବ୍ୟ ଅନୁଯାୟୀ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୩୪୦୦୦ରୁ ଊର୍ଦ୍ଧ୍ୱ କର୍ତ୍ତବ୍ୟରତ ପୋଲିସ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠେ ଆଜିର ପୋଲିସ କ'ଣ ବାସ୍ତବରେ ଜନସେବା ଓ ଜନସ୍ୱାର୍ଥ ପାଇଁ ତତ୍ପର? ଏକଥା ସାଧାରଣ ମଣିଷ ଭଲ ଭାବରେ ବୁଝିଛି ଯେ ପୋଲିସ ଆଜି ମଧ୍ୟ ନେତା ସେବାରେ ସମ୍ପୂର୍ଣ୍ଣ ସମର୍ପିତ।

ଜାତୀୟ ପୋଲିସ କମିଶନଙ୍କ ୧୯୭୯ ରିପୋର୍ଟ ଅନୁସାରେ ସ୍ୱାଧୀନତା ପୂର୍ବରୁ ପୋଲିସ ଓ ବିଦେଶୀ ଶାସକଙ୍କ ମଧ୍ୟରେ ଥିବା ସମ୍ପର୍କ ବର୍ତ୍ତମାନର ପୋଲିସ ଓ ଶାସକ ଦଳଙ୍କ ସମ୍ପର୍କରେ ପରିଣତ ହୋଇଛି। ୧୯୯୭ ଏପ୍ରିଲ ୩ ତାରିଖରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ଇନ୍ଦ୍ରଜିତ ଗୁପ୍ତା ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ, ''ବର୍ତ୍ତମାନ ସମୟ ଉପଗତ, ଯେତେବେଳେ କି ଆମେ ଆମର ସଂକୀର୍ଣ୍ଣ ଉପଲବ୍ଧିର ଊର୍ଦ୍ଧ୍ୱକୁ ଉଠି ପୋଲିସ ସଂଗଠନର ବ୍ୟାପକ ସଂସ୍କାର ଓ ପୁନର୍ଗଠନ କରିବା ଜରୁରୀ। ତେଣୁ ମୁଖ୍ୟମନ୍ତ୍ରୀମାନେ ଔପନିବେଶିକ ଚିନ୍ତାଧାରାରୁ ମୁକ୍ତ ହୋଇ ପୋଲିସ ସଂସ୍ଥାର ସଂସ୍କାର ଓ ପୁନର୍ଗଠନ ମାଧ୍ୟମରେ ଜନସାଧାରଣଙ୍କୁ ଆପରାଧିକ ମାମଲାରେ ତ୍ୱରିତ ନ୍ୟାୟ ପ୍ରଦାନ ଲାଗି ପ୍ରୟାସ କରିବା ଉଚିତ।'' କେବଳ ସେତିକି ନୁହେଁ ନିକଟରେ ପ୍ରକାଶିତ 'ଦି ସେଣ୍ଟର ଫର୍ ଷ୍ଟଡି ଅଫ୍ ଡେଭ୍‌ଲପିଙ୍ଗ ସୋସାଇଟିଜ୍'ଓ 'କମନ୍ କଜ୍' ନାମକ ଏକ ଖ୍ୟାତନାମା ବେସରକାରୀ ସଂସ୍ଥାର ମିଳିତ ଉଦ୍ୟମରେ ପ୍ରସ୍ତୁତ ଏକ ସର୍ଭେ ରିପୋର୍ଟ ଅନୁଯାୟୀ ପୋଲିସର ଅପରାଧ ଅନୁସନ୍ଧାନ ଓ ଅପରାଧୀକୁ କବଳିତ କରିବା ଦିଗରେ ସବୁଠାରୁ ବୃହତ୍ ଆହ୍ୱାନ ହେଲା ପୋଲିସ ପ୍ରଶାସନରେ ରାଜନୈତିକ ହସ୍ତକ୍ଷେପ। ସାଧାରଣ ଅପରାଧୀକୁ ଧରିବାରେ ପୋଲିସ ଯେତେ ତତ୍ପର ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବା ଅପରାଧଗୁଡିକରେ କାର୍ଯ୍ୟାନୁଷ୍ଠାନ ପ୍ରାୟ ଶୂନ। ସେହିସବୁ କେସ୍ ନାଲିଫିତା ତଳେ ଚାପି ହୋଇ ପରିଶେଷରେ ଗୁରୁତ୍ୱହୀନ ହୋଇଯାନ୍ତି। ସମୟାନୁକ୍ରମେ ଜନମାନସରୁ ତାହା ଲିଭିଯାଏ।

ଅଧିକନ୍ତୁ ୨୨ ସେପ୍ଟେମ୍ବର ୨୦୦୬ରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରମାନଙ୍କୁ ଦେଇଥିବା ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ ପୋଲିସକୁ ରାଜନୀତିକ ଚାପରୁ ମୁକ୍ତ ରଖାଯାଉ ଏବଂ ପୋଲିସ ଉପରେ କାର୍ଯ୍ୟର ଦାୟବଦ୍ଧତା ନିର୍ଦ୍ଧାରଣ କରାଯାଉ। ଡିଜିଙ୍କ ନିଯୁକ୍ତିକୁ ରାଜନୀତି ପୃଷ୍ଠପୋଷକତା ଦୃଷ୍ଟିରୁ ବିଚାର କରା ନ ଯାଇ କାର୍ଯ୍ୟଦକ୍ଷତା ଓ ନିଷ୍ଠା ପ୍ରତି ଗୁରୁତ୍ୱ ଦିଆଯାଉ। ଏଥିରେ ସ୍ୱଚ୍ଛତା ରକ୍ଷା କରାଯାଉ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ମେଟ୍ରୋ ସହରଗୁଡ଼ିକରେ ଅପରାଧୀ ଅନୁସନ୍ଧାନ ଓ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପରସ୍ପରଠାରୁ ପୃଥକ୍ ହେବା ଜରୁରୀ। ୨୦୦୬ ଶେଷ ସୁଦ୍ଧା ଏ କାର୍ଯ୍ୟ ସମାପନ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏ ଯାବତ୍ ବିଶେଷ କିଛି ପଦକ୍ଷେପ ନିଆଯାଇନାହିଁ। ପୋଲିସ ସଂସ୍କାର କଥା ଯାହା କୁହାଯାଉଛି, ତାହା କେବଳ ଯୋଜନାରେ ସୀମାବଦ୍ଧ। ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ପ୍ରାୟ ୫ ଲକ୍ଷ ବିଭିନ୍ନ ବର୍ଗର ପୋଲିସ ପଦବୀ ଖାଲି ପଡିଛି, ଯାହା ମଧ୍ୟରେ ଓଡିଶାରେ ପ୍ରାୟ ୮ ହଜାର ପଦବୀ ଅନ୍ତର୍ଭୁକ୍ତ। ପୋଲିସ ସଂସ୍ଥାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ଆଶାନୁରୂପ ନୁହେଁ। କ୍ଷେତ୍ର ବିଶେଷରେ ଅପରାଧୀ ପୋଲିସଠାରୁ ଜ୍ଞାନକୌଶଳରେ ଢେର୍ ଆଗୁଆ। ପୋଲିସ ଅପରାଧୀକୁ ଧରିବାରେ ବିଫଳ ହେଉଛି ବୋଲି ଯାହା କୁହାଯାଉଛି ତାହା ଅନେକାଂଶରେ ସତ୍ୟ। ଏହାର କାରଣ ସ୍ୱରୂପ ଦୁଇଟି ସୂଚକକୁ ଚିହ୍ନିତ କରାଯାଇପାରେ। ପ୍ରଥମତଃ ସୂଚନାପ୍ରଯୁକ୍ତି ବିଦ୍ୟାର ପର୍ଯ୍ୟାପ୍ତ ପ୍ରୟୋଗର ଅଭାବ ଓ ଦ୍ୱିତୀୟତଃ ପୋଲିସ ଉପରେ ରାଜନୀତିକ ଚାପର ଆଧିକ୍ୟ। ଉତ୍ତରପ୍ରଦେଶରେ ଯୌନ ନିର୍ଯାତନାରେ ସଂପୃକ୍ତ ଜଣେ ଶାସକ ଦଳର ବିଧାୟକଙ୍କୁ ଗିରଫ କରିବାରେ ପୋଲିସ କାଳକ୍ଷେପଣ ନୀତି ଗ୍ରହଣ କରି ଚାଲିଥିଲା। ପରେ ବିରୋଧୀଙ୍କ ସ୍ୱର ଉଗ୍ର ରୂପ ଧାରଣ କରିବାରୁ ସରକାରଙ୍କ ନିର୍ଦ୍ଦେଶରେ ବିଧାୟକଙ୍କୁ ଗିରଫ କରାଗଲା।

ଏତଦ୍‌ବ୍ୟତୀତ କେତେଜଣ ପୋଲିସବାବୁଙ୍କ ମାତ୍ରାଧିକ କାର୍ଯ୍ୟ ସମଗ୍ର ବିଭାଗ ପାଇଁ ନିନ୍ଦାର କାରଣ ହୋଇଥାଏ। ସ୍ଥାନେ ସ୍ଥାନେ ହାଜତ ମୃତ୍ୟୁର ଖବର ଗଣମାଧ୍ୟମରୁ ଜଣାଯାଏ। ହାଜତରେ ହୁଏତ ବ୍ୟକ୍ତିର ସାଧାରଣ ମୃତ୍ୟୁ ଘଟିଥାଇପାରେ, ମାତ୍ର ପୋଲିସ ନିର୍ଯାତନାଜନିତ ମୃତ୍ୟୁକୁ ଅସ୍ୱୀକାର କରିହେବନାହିଁ। ନିକଟରେ ଆମ ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର' କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ସ୍ୱୟଂ ପୋଲିସ ଡିଜି ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ସହ ସିଧାସଳଖ ଫୋନ ଯୋଗେ କଥା ହେଉଛନ୍ତି ଓ ଥାନାରେ ତାଙ୍କ ପ୍ରତି ହୋଇଥିବା ବ୍ୟବହାରର ସମୀକ୍ଷା କରୁଛନ୍ତି। ସେ ଅଭିଯୋଗକାରୀଙ୍କୁ ପଚାରୁଥିବା ପ୍ରଶ୍ନର ଉତ୍ତର ଅନୁସାରେ ଥାନାବାବୁଙ୍କ ଚରିତ୍ର ଓ କାର୍ଯ୍ୟଶୈଳୀର ମୂଲ୍ୟାୟନ କରୁଛନ୍ତି। ଅଭିଯୋଗକାରୀଙ୍କ ଦ୍ୱାରା ୧ ନମ୍ବର ପ୍ରାପ୍ତ ପୋଲିସ ଅଧିକାରୀ ସର୍ବନିମ୍ନସ୍ତରର ଓ ୫ ନମ୍ବର ପାଉଥିବା ପୋଲିସ ଅଧିକାରୀ ସର୍ବୋଚ୍ଚ ସ୍ତରର ବୋଲି ବିବେଚନା କରାଯାଉଛି। ସୂଚନା ଅନୁସାରେ ୯୦ ଭାଗ ଅଭିଯୋଗକାରୀଙ୍କ ମନ୍ତବ୍ୟ ନକାରାତ୍ମକ।

ପୋଲିସର ପ୍ରାଥମିକ କର୍ତ୍ତବ୍ୟ ହେଲା ଜନତାର ସୁରକ୍ଷା। ନିଜ କର୍ତ୍ତବ୍ୟ ଓ ଜନତାର ସ୍ୱାର୍ଥରକ୍ଷାରେ ଉତ୍ସର୍ଗୀକୃତ ପୋଲିସ ଅଧିକାରୀ ସଦା ପ୍ରଶଂସନୀୟ। ନେତା–ଜନତା, ଧନୀ–ଦରିଦ୍ର, କ୍ଷମତାଶାଳୀ ଓ ଅକ୍ଷମ ମଧ୍ୟରେ ପାର୍ଥକ୍ୟ ଦେଖୁ ନ ଥିବା ପୋଲିସ ଅଧିକାରୀଙ୍କୁ ଏ ଦେଶ ପୂଜା କରିବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# କର୍ମଯୋଗୀ କଲାମ



ଗିରିଜାଶଙ୍କର ତରାସିଆ

ତାମିଲନାଡୁର କ୍ଷୁଦ୍ର ରାମେଶ୍ୱରମ୍ ଦ୍ୱୀପରୁ ରାଷ୍ଟ୍ରପତି ଭବନକୁ ଯାତ୍ରା। ୨୦୦୨ ଜୁଲାଇ ୨୫ରେ ରାଷ୍ଟ୍ରପତି ଭବନର କେନ୍ଦ୍ରୀୟ ହଲରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ଏକାଦଶ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବା ଡ. ଅବୁଲ ପାକିର ଜୈନୁଲ୍ଲାବ୍ଦିନ ଅବଦୁଲ କଲାମଙ୍କ ନିମନ୍ତ୍ରଣକ୍ରମେ ତାଙ୍କର ୩୭ ଜଣ ପାରିବାରିକ ଅତିଥିଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଡ. କଲାମଙ୍କ ପୁରୁଣା ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରଫେସର ଚିନ୍ନା ଦୁରାଇ, ରାମେଶ୍ୱରମ୍ ମନ୍ଦିରର ମୁଖ୍ୟ ପୂଜକ ଭେଙ୍କଟ ସୁବ୍ରମଣ୍ୟମ୍ ଶାସ୍ତ୍ରୀଗଲ, ରାମେଶ୍ୱରମ୍ ମସଜିଦ୍‌ର ଇମାମ ନୁରୁଲାଖୁଦା, ରାମେଶ୍ୱରମ୍ ଚର୍ଚ୍ଚର ରେଭେରେଣ୍ଡ ଏ.ଜି. ଲିଓନାର୍ଡ, ବିଖ୍ୟାତ ଚକ୍ଷୁ ବିଶେଷଜ୍ଞ ଡ. ଜି. ଭେଙ୍କଟସ୍ୱାମୀ, ଓଡ଼ିଶାର ଗୌରବ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ସୋନାଲ ମାନସିଂହ। ଏତଦ୍‌ବ୍ୟତୀତ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୦୦ ଜଣ ଛାତ୍ର ନିମନ୍ତ୍ରିତ ଅତିଥିଭାବରେ ଯୋଗଦାନ କରିଥିଲେ। କ୍ଷମତାର ସର୍ବୋଚ୍ଚ ପାହାଚରେ ପହଞ୍ଚିଥିଲେ ମଧ୍ୟ ଡ. କଲାମ ନିଜ କ୍ଷୁଦ୍ର ଗାଁକୁ କଦାପି ପାସୋରି ଦେଇ ନ ଥିଲେ।

ନିଜକୁ ସାଂସାରିକ ବିବାହ ବନ୍ଧନରେ ବାନ୍ଧି ନ ଥିବା ଏହି ବିରଳ ନିରଳସ ଦେଶଭକ୍ତ ୧୯୩୧ ଅକ୍ଟୋବର ୧୫ରେ ପିତା ଜନାବ ଅବୁଲ ପାକିର ଜୈନୁଲ୍ଲାବ୍ଦିନ ଏବଂ ମାତା ଅସିଅମ୍ମାଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତି ସହ ମୁକାବିଲା କରି ସେ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଥମ ନାଗରିକ ହେବାର ଗୌରବ ଅର୍ଜନ କରିଥିଲେ। ପାଠପଢ଼ିବା ପାଇଁ ପିଲାଦିନେ ତାଙ୍କୁ ଖବରକାଗଜ ବିକ୍ରି କରିବାକୁ ପଡ଼ିଥିଲା। ଏପରିକି ଭଉଣୀଙ୍କ ସୁନାଗହଣା ବିକ୍ରିକରି ସେ ପାଠପଢ଼ା ପାଇଁ ବ୍ୟୟ କରିଥିଲେ। ପିତା ଜନାବ ଜୈନୁଲ୍ଲାବ୍ଦିନ ନୌକା ଭଡ଼ାରେ ଲଗାଇ ସେଥିରୁ ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ କରୁଥିଲେ। ୧୯୫୮ ମସିହାରେ ହିନ୍ଦୁସ୍ଥାନ ଏରୋନଟିକ୍ସରେ ଯୋଗଦାନ କରି ଡ. କଲାମ ତାଙ୍କର କର୍ମମୟ ଜୀବନ ଆରମ୍ଭ କଲେ। ୧୯୬୨ ମସିହାରେ ସେ ଇସ୍ରୋର ଜଣେ ବୈଜ୍ଞାନିକ ଭାବେ ଯୋଗଦାନ କଲେ। ତାଙ୍କର ଅଦମ୍ୟ ଚେଷ୍ଟା ଯୋଗୁ ପୋଖରାନ୍ (୨) ପରମାଣୁ ପରୀକ୍ଷା, ଏସ୍.ଏଲ୍.ଭି. ଉପଗ୍ରହ ନିର୍ମାଣ,



ଜୟନ୍ତୀ ଉପଲକ୍ଷେ

ରୋହିଣୀ ଉପଗ୍ରହ ଉତ୍କ୍ଷେପଣ ସମ୍ଭବ ହୋଇପାରିଥିଲା। ତ୍ରିଶୂଳ, ନାଗ, ପୃଥ୍ୱୀ, ଅଗ୍ନି, ଆକାଶ ଆଦି କ୍ଷେପଣାସ୍ତ୍ର ବିକାଶ ଦିଗରେ ସେ ମୁଖ୍ୟ ଭୂମିକା ନିଭାଇଥିଲେ। ଏହି ମହାନ୍ ପ୍ରତିଭାଧରଙ୍କୁ ୧୯୯୦ ମସିହାରେ ପଦ୍ମବିଭୂଷଣ ଏବଂ ୧୯୯୭ରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ଉପାଧିରେ ଭୂଷିତ କରାଯାଇଥିଲା।

ପିତାଙ୍କ ଅନୁଶାସନ ଏବଂ କଠୋର ସଚ୍ଚୋଟତା ଡ. କଲାମଙ୍କ ଜୀବନର ଛତ୍ରେ ଛତ୍ରେ ପ୍ରତିଫଳିତ ହେଉଥିଲା। ସେ ଗୋଟିଏ ଘଟଣାର ସ୍ମୃତିଚାରଣ କରି ତାଙ୍କ ପ୍ରସିଦ୍ଧ ଇଂଲିଶ ପୁସ୍ତକ ଟର୍ନିଂ ପଏଣ୍ଟସ୍‌ରେ ଉଲ୍ଲେଖ କରିଛନ୍ତି କି ଭାରତବର୍ଷ ସ୍ୱାଧୀନତା ଲାଭ କରିବାର ଅଳ୍ପ କିଛିଦିନ ପରେ ୧୯୪୭ ମସିହାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଲା। ରାମେଶ୍ୱରମ୍ ଗ୍ରାମ ପରିଷଦ ସଭାପତି ଭାବେ କଲାମଙ୍କ ପିତା ନିର୍ବାଚିତ ହେଲେ। ସେତେବେଳକୁ କଲାମ ବିଦ୍ୟାଳୟର ଜଣେ ଛାତ୍ର। ଆଗକୁ ପରୀକ୍ଷା ଥିବାରୁ ସେ ତାଙ୍କ ଦୁଆର କବାଟ ଅଧା ଆଉଜା କରି ପାଟିକରି ପାଠ ପଢୁଥାନ୍ତି। ଏହି ସମୟରେ ଜନୈକ ବ୍ୟକ୍ତି ହାତରେ ଗୋଟିଏ ଉପହାର ଧରି କଲାମଙ୍କ ପିତାଙ୍କୁ ସାକ୍ଷାତ କରିବା ନିମନ୍ତେ କଲାମ ପଢୁଥିବା କୋଠରିରେ ପ୍ରବେଶ କଲେ। ସେତେବେଳକୁ କଲାମଙ୍କ ପିତା ସାନ୍ଧ୍ୟ ନମାଜ କରିବାକୁ ଯାଇଥିବାରୁ ଭଦ୍ରବ୍ୟକ୍ତି ଜଣକ ଉପହାରଟି ଖଟ ଉପରେ ଥୋଇଦେଇ ଚାଲିଗଲେ। କିଛି ସମୟ ପରେ କଲାମଙ୍କ ପିତା ଆସି ରୁପେଲି କାଗଜଗୁଡ଼ା ଉପହାର ପ୍ୟାକେଟଟି ଦେଖି କିଏ ଥୋଇଛି ବୋଲି ପଚାରିବାରୁ କଲାମ କହିଲେ ଜଣେ ବ୍ୟକ୍ତି ଥୋଇଦେଇ ଯାଇଛନ୍ତି। କଲାମଙ୍କ ପିତା ପ୍ୟାକେଟ ଖୋଲି ଦେଖନ୍ତି ତ ତା' ଭିତରେ କିଛି ମୂଲ୍ୟବାନ ଲୁଗା, ରୁପାର କେତୋଟି କପ୍, କିଛି ଫଳ ଏବଂ କିଛି ମିଠା ରହିଛି। ଏହା ଦେଖି ତାଙ୍କ ପିତା କ୍ରୋଧଜର୍ଜରିତ ହୋଇ କଲାମଙ୍କୁ ଖୁବ୍ ମାଡ଼ ମାରିବାକୁ ଲାଗିଲେ। କଲାମ ସାନପୁଅ ହୋଇଥିବାରୁ ବାପା ଖୁବ୍ ଭଲ ପାଉଥିଲେ। ସେଦିନ ସେ ପ୍ରଥମ କରି ବାପାଙ୍କଠାରେ ଏପରି କ୍ରୋଧ ଦେଖିବା ସହିତ ତାଙ୍କଠାରୁ ନିର୍ମମ ପ୍ରହାର ଖାଇଥିଲେ। ଅନ୍ୟଠାରୁ ଉପହାର ଗ୍ରହଣ କରିବା ପାପ ବୋଲି ତାଙ୍କ ପିତା କଲାମଙ୍କୁ ଚେତାଇ ଦେଇଥିଲେ। ପିତାଙ୍କର ଏହି କଠୋର ନିୟମଟି ଡ. କଲାମ ଜୀବନର ଅନ୍ତିମ ସୋପାନ ପର୍ଯ୍ୟନ୍ତ ପାଳନ କରି କାହାଠାରୁ ଉପହାର ଗ୍ରହଣ କରୁ ନ ଥିଲେ। ଏହି ଜ୍ଞାନତପସ୍ୱୀ, କର୍ମଯୋଗୀ ମହାନ୍ ସନ୍ଥ ଡ. କଲାମ ମେଘାଳୟର ରାଜଧାନୀ ଶିଲଂଠାରେ ୨୦୧୫ ଜୁଲାଇ ୨୭ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ବେଳେ ହୃଦ୍‌ଘାତର ଶିକାର ହୋଇ ଇହଲୀଳା ସମ୍ବରଣ କଲେ।

ଖଣ୍ଡପଡ଼ା, ନୟାଗଡ଼,
ମୋ–୯୯୩୭୩୩୪୮୦୦

## ଏଇ ଭାରତରେ

ଜଣେ ବ୍ୟକ୍ତି ରେଲ୍‌ୱେ ଚାକିରି ଛାଡି ଆଦିବାସୀ ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ ସବୁ ସମୟ ଲଗାଇଦେବା ଘଟଣା ଦେଖିବାକୁ ମିଳିଛି ଝଡ଼ଖଣ୍ଡରେ। ଚାଇବାସା ପୁଲହାତୁର ସଞ୍ଜୟ କଚ୍ଛପ ପରଶୁଡିହ (ଜାସେଦ୍‌ପୁର)ର କୃଷି ଉତ୍ପାଦନ ବଜାର ସମିତିର ସମ୍ପାଦକ। ୨୦୦୮ରେ କୃଷି ଉତ୍ପାଦନ ବଜାର ସମିତିରେ ସମ୍ପାଦକ ହେବା ପୂର୍ବରୁ ସଞ୍ଜୟ ୨୦୦୫ରେ ରେଲ୍‌ୱେର ତିନୋଟି ଭିନ୍ନ ଭିନ୍ନ ପଦ ଲାଗି ହୋଇଥିବା ପରୀକ୍ଷାରେ ସଫଳ ହୋଇଥିଲେ। କିନ୍ତୁ ତାହାକୁ ସେ ଛାଡି ଦେଇଥିଲେ। ଆଦିବାସୀ ସମାଜକୁ ଶିକ୍ଷା ସହ ଯୋଡିବାକୁ ପିଲାଦିନରୁ ତାଙ୍କର ଲକ୍ଷ୍ୟ ରହିଥିଲା। ଏହି ଲକ୍ଷ୍ୟ ପୂରଣ କରିବାକୁ ଚାକିରି ଛାଡି ସେ ୧୨ ବର୍ଷ ହେବ ଗରିବ ଆଦିବାସୀ ପିଲାଙ୍କ ଜୀବନ ଗଢ଼ିବାରେ ଲାଗିଛନ୍ତି। ବ୍ୟସ୍ତତା ଭିତରୁ ସମୟ ବାହାର କରି ପୂରା ଆଦିବାସୀ ସମାଜକୁ ଜାଗ୍ରତ କରି ଶିକ୍ଷା ଉପରେ ସଚେତନ କରୁଛନ୍ତି। ଆଦିବାସୀ ଅଞ୍ଚଳରେ ଶିକ୍ଷାର ସୁବିଧା ପାଇଁ ୧୨ ବର୍ଷ ଭିତରେ ସେ ଝାଡ଼ଖଣ୍ଡର ୪ଟି ଜିଲା (ରାଞ୍ଚି, ପଶ୍ଚିମ ସିଂହଭୂମ, ଷଡ଼େଇକଳା–ଖରସୁଆଁ ଓ ପୂର୍ବ ସିଂହଭୂମ)ରେ ୧୬ଟି ଡିଜିଟାଲ୍ ଲାଇବ୍ରେରୀ ମଧ୍ୟ ଖୋଲିଛନ୍ତି। ଏମିତିକି କେତେଜଣ ଗରିବ ପିଲାଙ୍କୁ ପଢାଇ ଅଫିସର୍ ମଧ୍ୟ କରିପାରିଛନ୍ତି। ସେ ଗଢ଼ିଥିବା ଲାଇବ୍ରେରୀରେ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡିକ ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରୁଛନ୍ତି। ଏଥିରେ ଯେଉଁ ଶିକ୍ଷକମାନେ ପଢାଉଛନ୍ତି ସେମାନେ ପିଲାମାନଙ୍କଠାରୁ କୌଣସି ଦେୟ ନେଉନାହାନ୍ତି। ଏହି ଖର୍ଚ୍ଚ ସଞ୍ଜୟ କଚ୍ଛପ ଓ ତାଙ୍କ ସହଯୋଗୀମାନେ ତୁଲାଉଛନ୍ତି।

## ଚିରନ୍ତନୀ

''ଆସ ବୀର! ଧର ତୋଳି
ଆଶାର ଉଜ୍ଜ୍ୱଳ ମହାଦୀପ
''ଜୀବନ ପାବଚ୍ଛେ ତବ
ସାଜି ଦିଅ ସ୍ୱପନ–ସ୍ଫଟିକ।
''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ–ନୀଡ଼େ।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | | B | | | A | | 6 | | | |
| | | | | | | | | | | D | | | 1 | A |
| 5 | C | | | 1 | | | | | | | | 2 | | 7 |
| | | | 0 | D | C | | E | | | 8 | | | 6 | 4 |
| 8 | | | B | 6 | | | 4 | | | 5 | 0 | 3 | | |
| 7 | 6 | | D | C | | 2 | 0 | | | 1 | | | | |
| B | | 2 | | | | 1 | | | | | | | C | 5 |
| | | | | 3 | 8 | D | | | 0 | 7 | | 1 | | |
| | | 1 | 2 | | | 8 | | 5 | | 3 | | 4 | | |
| 4 | | | E | | | 7 | B | 6 | | | D | | | |
| 2 | 1 | | | | | | | | B | | A | 8 | 9 | |
| | | 8 | 6 | E | B | | | | 1 | | 3 | A | 0 | |
| | | | 5 | | 4 | E | | | | 9 | | | | |
| | 7 | | | | | | 2 | | | | 5 | D | E | 3 |
| | | | | 2 | | | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 8 | A | C | 1 | 6 | 4 | 3 | 7 | 0 | 5 | 9 | E | 2 |
| 4 | 3 | A | E | 8 | 0 | 1 | B | 9 | 6 | 2 | C | 7 | 5 | D |
| E | C | 5 | 4 | 9 | 2 | 0 | 7 | A | 3 | D | 8 | B | 1 | 6 |
| 0 | 9 | 2 | B | 6 | 7 | D | 8 | 5 | 1 | A | E | 3 | 4 | C |
| 1 | 6 | 7 | 3 | 5 | D | E | 2 | C | 4 | B | 9 | 8 | A | 0 |
| 9 | 8 | E | 7 | A | 6 | 4 | 0 | 1 | 5 | C | D | 2 | 3 | B |
| A | 4 | B | C | 3 | 8 | 9 | D | 2 | E | 7 | 6 | 5 | 0 | 1 |
| 7 | 0 | D | 1 | 2 | 5 | A | 3 | 6 | 8 | 4 | B | C | 9 | E |
| 3 | 5 | 6 | D | B | 9 | C | E | 8 | 2 | 1 | 0 | A | 7 | 4 |
| C | 2 | 1 | 0 | E | 4 | B | 5 | 7 | A | 9 | 3 | D | 6 | 8 |
| 6 | E | 3 | 9 | D | A | 7 | C | B | 0 | 8 | 1 | 4 | 2 | 5 |
| B | A | C | 8 | 0 | 3 | 2 | 1 | E | 9 | 5 | 4 | 6 | D | 7 |
| 8 | 1 | 9 | 2 | 4 | E | 5 | A | D | B | 6 | 7 | 0 | C | 3 |
| 5 | 7 | 0 | 6 | 1 | C | 8 | 9 | 4 | D | 3 | 2 | E | B | A |
| 2 | D | 4 | 5 | 7 | B | 3 | 6 | 0 | C | E | A | 1 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାନ୍ଦା ଓ ଦାଦାବଟି ଆଦାୟ

ମହାଶୟ,

ଗାଁଗହଳିଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଚାନ୍ଦା, ଦାଦାବଟିର ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପର୍ବପର୍ବାଣି, ଯାତ୍ରା ଓ ନାଟକ ଆଦିକୁ ଆଳ କରି କେତେକ ଯୁବକ ସଂଘବଦ୍ଧ ଭାବେ ରାସ୍ତା ଉପରେ ଦଉଡି କିମ୍ବା ବାଉଁଶ ପକାଇ ଲୋକଙ୍କଠାରୁ ଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି। ସେହିପରି ଦୁଇଚକିଆ, ଚାରିଚକିଆ ଯାନକୁ ଅଟକାଇ ମୋଟା ଅଙ୍କର ଦାଦାବଟି ଆଦାୟ କରୁଛନ୍ତି। ପୋଲିସ ମାମଲାଟିକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଅଭିଯୁକ୍ତ ଅଧିକ ଉଗ୍ର ହୋଇ ପରବର୍ତ୍ତୀ ସମୟରେ ଜଘନ୍ୟକାଣ୍ଡ ଘଟାଉଛି। ସୁତରାଂ ଏହାର ପ୍ରତିକାର ନିମିତ୍ତ ସରକାର କଡା ଆଇନର ବ୍ୟବସ୍ଥା କରନ୍ତୁ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ନାରୀ ବ୍ରହ୍ମା ପଦବୀ ପ୍ରାପ୍ତିର ଯୋଗ୍ୟା

ଧରିତ୍ରୀ(୧୪।୯)ର ପ୍ରଥମ ପୃଷ୍ଠାରେ ପ୍ରକାଶିତ ଖବରଟି ପାଠକରି ମୋର ମନେ ପଡିଗଲା ବେଦରେ ଥିବା ମନ୍ତ୍ରଟି, ଯାହାର ଅର୍ଥ ନାରୀ ବ୍ରହ୍ମା ପଦବୀ ପ୍ରାପ୍ତିର ଯୋଗ୍ୟା। ମହାଭାରତରେ ଯକ୍ଷ ପ୍ରଶ୍ନର ଉତ୍ତର ଦେଇ ଯୁଧିଷ୍ଠିର କହିଥିଲେ, 'ମାତା ଗୁରୁତରା ଭୂମେଃ'। ଧରିତ୍ରୀରେ ପ୍ରକାଶିତ ଖବର ଜନକଲ୍ୟାଣମୁଖୀ ଓ ତ୍ୟାଗପୁତ ମାନସିକତାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିବ। ଯଥା–ଉଜୁଡା ସଂସାର ସଜାଡିଦେଲେ ଶାଶୁ, ବିଧବା ବୋହୂକୁ ଦେଲେ ବିବାହ, ଭାଇ ପରିବାର ବି ଦେଖାଇଲେ ମାନବିକତା। ଶାଶୁ ହୋଇ ବୋହୂ ପ୍ରତି ପ୍ରତିମାଙ୍କର ଏପରି ସ୍ନେହ, ଶ୍ରଦ୍ଧା ଏବେ ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ। ଏପରି ଜଣେ ମହୀୟସୀ ମହିଳାଙ୍କୁ ମୁଁ ପ୍ରଣାମ ଜଣାଉଛି।

ଡ. ବାବାଜୀ ଚରଣ ସେଠୀ, ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅକ୍ଟୋବର, ୨୦୧୯



**ଭେଡେନ୍ ବଳାତ୍କାର ଘଟଣା ସରକାର ଚାପିଥିବା କଂଗ୍ରେସର ଅଭିଯୋଗ**

୨୦୧୬ ମେ'ରେ ବରଗଡ଼ ଜିଲା ଭେଡେନ୍ ଥାନା ଅନ୍ତର୍ଗତ ରୁପାପାଲି ଗାଁରେ ତିନି ଜଣ ଦଳିତ ମହିଳାଙ୍କୁ କରାଯାଇଥିବା ବଳାତ୍କାର ଘଟଣାକୁ ରାଜ୍ୟ ସରକାର ଜାଣିଶୁଣି ଚପାଇ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ସୋମବାର ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି।

# ୨ୟ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ



**ଝାରସୁଗୁଡ଼ା ଅଫିସ/ଲଖନପୁର, ୧୪।୧୦ (ଡି.ଏନ୍.ଏ.)**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ୧ ମାସହେଲା କୋଇଲା ସଙ୍କଟ ଦେଖାଦେଇଛି । ଜରୁରିକାଳୀନ ବ୍ୟବହାର ପାଇଁ ରଖାଯାଇଥିବା ଗଚ୍ଛିତ କୋଇଲା ଇତିମଧ୍ୟରେ ଶେଷ ହେଇଛି । ଫଳରେ କମ୍ପାନୀ କର୍ତ୍ତୃପକ୍ଷ ୪ଟି ୟୁନିଟ୍ ମଧ୍ୟରୁ ୨ୟ ୟୁନିଟ୍‌କୁ ଗତ ରବିବାର ରାତି ୧୨ଟା ୧୭ମିନିଟ୍‌ରେ ବନ୍ଦ କରିବା ପାଇଁ ବାଧ୍ୟ ହୋଇଛି। ଫଳରେ ସେଠାରୁ ଉତ୍ପାଦନ ହେଉଥିବା ୨୧୦ମେଗାୱାଟ୍

**ଓପିଜିସିରେ କୋଇଲା ସଙ୍କଟ**

ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଏହାର ପ୍ରଭାବ ରାଜ୍ୟ ଉପରେ ପଡିବ । ଯାହାଫଳରେ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେବ । ଏଭଳି କୋଇଲା ସଙ୍କଟ ଯଦି ଆଗକୁ ଜାରି ରହେ ତା'ହେଲେ ଆଗାମୀ ଦିନରେ ଅଧିକ ୟୁନିଟ୍ ବନ୍ଦ ହେବା ସମ୍ଭାବନା ରହିଛି । ଏଥିପାଇଁ ବେଳଥାଉ ଥାଉ ଏହାର ପ୍ରତିକାର କରିବା ପାଇଁ ରାଜ୍ୟ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିବା କଥା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ହାଇକୋର୍ଟର ନୂଆ ବିଚାରପତି ନାମ ସୁପାରିସକୁ ବିରୋଧ

# ୧୬ ପର୍ଯ୍ୟନ୍ତ କୋର୍ଟ ବର୍ଜନ ନିଷ୍ପତ୍ତି

**କଟକ ଅଫିସ, ୧୪।୧୦**

ସୁପ୍ରିମକୋର୍ଟଙ୍କ କଲେଜିୟମ ଗତ ୩ ତାରିଖରେ ଓଡ଼ିଶା ହାଇକୋର୍ଟରେ ୨ଜଣ ବିଚାରପତିଙ୍କୁ ନିଯୁକ୍ତି ଦେବା ପାଇଁ ନାମ ସୁପାରିସ କରିଛନ୍ତି। ତେବେ ଏହି ସୁପାରିସକୁ ବିରୋଧକରି ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ଆସନ୍ତା ୧୬ ତାରିଖ ଅର୍ଥାତ୍ ବୁଧବାର ପର୍ଯ୍ୟନ୍ତ ହାଇକୋର୍ଟଙ୍କ ସମସ୍ତ ଅଦାଲତକୁ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛି। ସୋମବାର ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ଆୟୋଜିତ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୁପ୍ରିମକୋର୍ଟଙ୍କ କଲେଜିୟମ ବିଚାରପତି ନିଯୁକ୍ତିରେ ପକ୍ଷପାତିତା ଓ ନିୟମାନୁଯାୟୀ ନିଷ୍ପତ୍ତି ନେଇ ନ ଥିବା ବାର୍ ଆସୋସିଏଶନ ଅଭିଯୋଗ କରିଛି। ଆଇନଜୀବୀ ହାଇକୋର୍ଟରେ ନିୟମିତ ପ୍ରାକ୍ଟିସନର ହୋଇଥିଲେ ତାଙ୍କ ନାମ ବିଚାରପତି ପାଇଁ ସୁପାରିସ କରାଯିବା ନିୟମ ରହିଛି। ହେଲେ ସୁପ୍ରିମକୋର୍ଟଙ୍କ କଲେଜିୟମ ଏହି ନିୟମକୁ ବିଚାରକୁ ନ ନେଇ ବିଚାରପତି ନିଯୁକ୍ତି ପାଇଁ ନାମ ସୁପାରିସ କରିଥିବାରୁ ବାର୍ ଆସୋସିଏଶନ କୋର୍ଟ ବର୍ଜନ ନିଷ୍ପତ୍ତି ନେଇଥିବା ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି। ଆସନ୍ତା ବୁଧବାର ଅପରାହ୍ନ ୧ଟା ୧୫ରେ ପୁଣି ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ସେହିପରି ମଙ୍ଗଳବାର ଏହି ଘଟଣାକୁ ନେଇ ଏକ କମିଟି ଗଠନ କରାଯିବ। ଏହି କମିଟିର ପରାମର୍ଶ ଅନୁଯାୟୀ ଆସୋସିଏଶନ ଏହି ଘଟଣା ସମ୍ପର୍କରେ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସମ୍ପାଦକ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା ହାଇକୋର୍ଟରେ ୨ଜଣ ବିଚାରପତିଙ୍କୁ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟଙ୍କ କଲେଜିୟମ ରାଷ୍ଟ୍ରପତିଙ୍କୁ ସୁପାରିସ କରିଛି। ପୂର୍ବରୁ ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ୮ଜଣ ଆଇନଜୀବୀଙ୍କ ନାମ ସୁପାରିସ କରିଥିଲେ। ସୁପ୍ରିମକୋର୍ଟଙ୍କ କଲେଜିୟମ ସଞ୍ଜୀବ ପାଣିଗ୍ରାହୀଙ୍କ ନାମ ସୁପାରିସ କରିଥିବାବେଳେ ସାବିତ୍ରୀ ରଥଙ୍କ ନାମ ବିଚାରାଧୀନ ରଖିଛନ୍ତି। ସେହିପରି ୪ଜଣ ଜୁଡ଼ିସିଆଲ୍ ଅଫିସରଙ୍କ ମଧ୍ୟରୁ ବିଭୂପ୍ରସାଦ ରାଉତରାୟଙ୍କ ନାମ ସୁପାରିସ କରାଯାଇଛି। ଏହା ପୂର୍ବରୁ ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ସହ କଲେଜିୟମର ଅନ୍ୟ ବିଚାରପତିଙ୍କୁ ସାକ୍ଷାତ କରି ଜଣେ ବିଚାରପତିଙ୍କ ନାମ ସୁପାରିସ ନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଟି ବସି କିଏ ଝାଟିରେ ଛାଟିଲା,**
**ଝଡ଼ିପଡ଼ି ଅଛି ଖଣ୍ଡେ;**
**କାନ୍ତଙ୍କ କଥାରେ କରିଛି ମାନ,**
**ରହି ପାରିବି କି ଦଣ୍ଡେ ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା। ବେଳେ ବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ। ତେବେ ଏଭଳି ଅଭିମାନ ଯେ ଖୁବ୍ କ୍ଷଣସ୍ଥାୟୀ ତାହା ଏଠାରେ ବର୍ଣ୍ଣନା କରାଯାଇଛି।

**ମହତା ପାନ, ଚିତ୍ତ କରୁଥିଲୁ ଛନଛନ;**
**ଆଶା କରିଥେଲି ତତେ,**
**ପିଲାଙ୍କୁ ଯେମିତି ଭଣ୍ଡେଇ ଦିଅନ୍ତି,**
**ସେହିମିତି କହୁ ମତେ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ଛୋଟ ଛୋଟ ପିଲାଙ୍କୁ ୟାତ୍ତୁ ସାତ୍ତୁ କହି ଭଣ୍ଡେଇବା ଭଳି ପ୍ରେମ ମଧ୍ୟ ଅନେକ ସମୟରେ ଛଳନାପୂର୍ଣ୍ଣ ହୋଇଯାଇଥାଏ। ପ୍ରେମିକାର ଛଳନାପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡ଼ିଥିବା ପ୍ରେମୀ ଦୁଃଖରେ ଭାଙ୍ଗିପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଶୀର୍ବାଦ

କଟକ ଅଫିସ, ୧୪।୧୦

**ଏଟି ଚିଟ୍‌ଫଣ୍ଡ ମାମଲା**

ଅର୍ଥତତ୍ତ୍ୱ(ଏଟି) ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଜାମିନ ପାଇଁ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଆଶୀର୍ବାଦ ସିବିଆଇ ସ୍ପେଶାଲ କୋର୍ଟ ଏବଂ ଭୁବନେଶ୍ୱର ସେସନ କୋର୍ଟରେ ଜାମିନ ଆବେଦନ କରିଥିଲେ। ତେବେ ଉଭୟ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଆଶୀର୍ବାଦ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଛନ୍ତି। ଆଶୀର୍ବାଦଙ୍କ ପକ୍ଷରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଓ ପ୍ରଣୟ ଦାସ ଏହି ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରଣଜୀ କ୍ରିକେଟ ଦଳର ପ୍ରାୟୋଜକ ହେବା ପାଇଁ ଅର୍ଥତତ୍ତ୍ୱ ଓସିଏକୁ ୧ କୋଟି ଟଙ୍କା ଦେଇଥିଲା। ୨୦୧୧ରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ୍)ର ପ୍ରାୟୋଜକ ଥିଲା ଅର୍ଥତତ୍ତ୍ୱ। ଏହି ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବହୁ ଜମାକାରୀଙ୍କ କୋଟିକୋଟି ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ ସିବିଆଇ କରୁଥିବାବେଳେ ଅର୍ଥତତ୍ତ୍ୱ ସହ ଆଶୀର୍ବାଦଙ୍କ ଲିଙ୍କ୍ ଥିବା ସୂଚନା ମିଳିଥିଲା। ଅନ୍ୟପକ୍ଷରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଥିବାବେଳେ ସରକାରୀ ଜମିରେ କଲ୍ୟାଣ ମଣ୍ଡପ ଓ ଦୋକାନ ଗୃହ ନିର୍ମାଣ କରିବା ମାମଲାରେ ମଧ୍ୟ ଆଶୀର୍ବାଦଙ୍କ ସମ୍ପୃକ୍ତି ଥିବା ନେଇ ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିଲା। ଏ ନେଇ ଆଶୀର୍ବାଦଙ୍କୁ ବହୁବାର ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଜେରା କରାଯାଇଥିଲା। ତେବେ ଗତ ସେପ୍ଟେମ୍ବର ୧୯ରେ ସିବିଆଇ ଆଶୀର୍ବାଦଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ସିବିଆଇ ବିଚାରବିଭାଗୀୟ ହାଜତରେ ରହିଥିବାବେଳେ ଆଶୀର୍ବାଦ ଅସୁସ୍ଥ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

# ଗୋଷ୍ଠୀ ସଂଘର୍ଷରେ ଗାଁ ମୁଖିଆ ମୃତ

**ବାଲିଆପାଳ, ୧୪।୧୦(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା କଟ୍ରାମହଲ ଗ୍ରାମରେ ସୋମବାର ଏକ ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଆକ୍ରମଣରେ ଗ୍ରାମର ମୁଖ୍ୟ ରାମଚନ୍ଦ୍ର ଗିରିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୭ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ୩ ଆକ୍ରମଣକାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

# ହାଲ୍‌ରେ କର୍ମଚାରୀଙ୍କ ଧର୍ମଘଟ

କୋରାପୁଟ, ୧୪।୧୦(ଡି.ଏନ୍.ଏ.)

ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍) କୋରାପୁଟ ଡିଭିଜନର ୨ ହଜାର ୬୦୦ କର୍ମଚାରୀ ସୋମବାର ଧର୍ମଘଟ ଆରମ୍ଭ କରିଛନ୍ତି। ହାଲ୍‌ର ଉଭୟ ଇଞ୍ଜିନ ଡିଭିଜନ କାର୍ଯ୍ୟାଳୟ ଓ ସୁଖୋଇ-୩୦ କାର୍ଯ୍ୟାଳୟ ମୁଖ୍ୟରାସ୍ତାରେ ଧାରଣା ଦିଆଯାଇଛି। ଦରମାରେ ୧୫% ଫିଟମେଣ୍ଟ ଓ ବିଭିନ୍ନ ଭତ୍ତା ବାବଦକୁ ୩୫% (ପର୍କ) ଦାବିରେ ହାଲ୍‌ର ସର୍ବଭାରତୀୟ ସ୍ତରରେ ୧୯ ହଜାରରୁ ଅଧିକ କର୍ମଚାରୀ ଧର୍ମଘଟ ଆରମ୍ଭ କରିଛନ୍ତି। ଫଳରେ ଗୋଟିଏ ଦିନରେ କମ୍ପାନୀ ଦେଶରେ ଥିବା ସବୁ ପ୍ରଭାବରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ସହିବ ବୋଲି ଜଣାପଡ଼ିଛି।

# ବିଶ୍ୱସ୍ତରୀୟ ହେବ ଶାମୁକା ପର୍ଯ୍ୟଟନ ପ୍ରକଳ୍ପ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

**ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା**

ପୁରୀ ଜିଲାରେ ପ୍ରସ୍ତାବିତ ଶାମୁକା ପର୍ଯ୍ୟଟନ ପ୍ରକଳ୍ପ ଏକ ବିଶ୍ୱସ୍ତରୀୟ ପ୍ରକଳ୍ପ ହେବ। ଏହି ପ୍ରକଳ୍ପ ସମ୍ପର୍କିତ ଏକ ସମୀକ୍ଷା ବୈଠକ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ ପର୍ଯ୍ୟଟନ ସଚିବ ବିଶାଳ କୁମାର ଦେବ ପ୍ରକଳ୍ପ ବିକାଶର ସାମ୍ପ୍ରତିକ ସ୍ଥିତି ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ।

ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରି ଏହାକୁ ଏକ ବିଶ୍ୱସ୍ତରୀୟ ଏକକ ପ୍ରକଳ୍ପ ଭାବେ ନିର୍ମାଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ ପାଇଁ ୯୭୨ ଏକର ଜମି ଅଧିଗ୍ରହଣ ସରିଛି। ତେଣୁ ଏଥିରେ ପ୍ରାଚୀର ନିର୍ମାଣ ପାଇଁ ଇଡ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ତଟବର୍ତ୍ତୀ ହୋଇଥିବାରୁ ପ୍ରାଚୀରକୁ ଯଥା ସମ୍ଭବ ଲୁଣା ପ୍ରଭାବଜନିତ ଅବକ୍ଷୟ ନିରୋଧକ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅଧିକ ବ୍ୟୟ କରୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନେଇ ଯୋଜନା ପ୍ରସ୍ତୁତ କରାଯାଉଛି।

ପର୍ଯ୍ୟଟକ ସଚିବ ବିଶାଳଦେବ କହିଥିଲେ ଯେ, ଇତିମଧ୍ୟରେ ଶାମୁକା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସରିଛି । ପ୍ରକଳ୍ପ ନିର୍ମାଣ ନିମନ୍ତେ ଇଡ୍‌କୋ ଏବଂ ଓଡ଼ିଶା ପର୍ଯ୍ୟଟନ ନିଗମଙ୍କ ସହଭାଗିତାରେ 'ଶାମୁକା ପର୍ଯ୍ୟଟନ ବିକାଶ ନିଗମ' ନାମରେ ଏକ ଯୁଗ୍ମ କମ୍ପାନୀ ଗଠନ କରାଯାଇଛି। ପ୍ରକଳ୍ପ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଅନୁମତି, ତଟବର୍ତ୍ତୀ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁମତି ଏବଂ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମତି ମିଳିସାରିଛି।

ସେହିପରି ପରିବର୍ତ୍ତିତ ପ୍ରାକୃତିକ ପରିବେଶ ଯୋଗୁ ପୂର୍ବ ପ୍ରସ୍ତୁତି 'ମାଷ୍ଟର ପ୍ଲାନ୍'ରେ କିଛି ପରିବର୍ତ୍ତନ କରାଯିବାର ଆବଶ୍ୟକତା ଅଛି । ସମୁଦ୍ର ତଟରେ ନୂଆ କରି ବାଲିକୁଦ ସୃଷ୍ଟି ହେଉଛି। ସେଗୁଡିକର କୌଣସି କ୍ଷତି ନ କରି ପ୍ରକଳ୍ପ ଯୋଜନାର ଅନ୍ତରୀଣ ପରିବର୍ତ୍ତନ କରାଯିବ । ଏଥିରେ କଳା ଓ ସଂସ୍କୃତି କେନ୍ଦ୍ର, ସଂଗ୍ରହାଳୟ, ବିଳାସପୂର୍ଣ୍ଣ ହୋଟେଲ, ଗଲ୍‌ଫ କୋର୍ସ, ଭିଲ୍ଲା, ଆବାସିକ ଆପାର୍ଟମେଣ୍ଟ, ଷ୍ଟ୍ରିଟ୍ ବଜାର, ଆତିଥ୍ୟ ପ୍ରତିଷ୍ଠାନ ଏବଂ ମିଶ୍ରିତ ପର୍ଯ୍ୟଟନ ସମ୍ପତ୍ତି ନିର୍ମାଣ କରାଯିବ । ଖୋଲା ଜାଗା ଏବଂ ପାର୍କ ମଧ୍ୟ ରହିବ । ପରିବର୍ତ୍ତିତ ମାଷ୍ଟର ପ୍ଲାନ୍ ୪ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ ହେବ ବୋଲି ବିଶାଳଦେବ କହିଥିଲେ ।

## ପେଟପାଟଣାରେ ବନ୍ଧା ପଡ଼ିଛି ପାରା ଅଲିମ୍ପିକର ସ୍ୱପ୍ନ

# ଶ୍ରମିକ ସାଜିଛନ୍ତି କରାଟେକା

ଭାଗ୍ୟଶ୍ରୀ ମିଶ୍ର
ରାୟଗଡ଼ା ଅଫିସ,୧୪।୧୦



ପିଲା ବୟସରେ ମା' ଚାଲିଗଲେ। ପୋଲିଓ ଯୋଗୁ ଡାହାଣ ଗୋଡ଼ ତାଙ୍କୁ ଦିବ୍ୟାଙ୍ଗ ସଜେଇଦେଲା। ପେଟ ପାଇଁ ଚା' ଦୋକାନରେ କାମ କରୁଥିଲେ ସେ। ଜୀବନ ଜୀବିକାର ଏଭଳି ସଂଘର୍ଷ ଭିତରେ ସେ କରାଟେକା ହେବାର ସ୍ୱପ୍ନ ଦେଖିଥିଲେ। ପାଖରେ ପଇସା ନ ଥିଲା କି ପ୍ରଶିକ୍ଷଣର ସୁଯୋଗ ମଧ୍ୟ ନ ଥିଲା। ସବୁ ଅଭାବ ମଧ୍ୟରେ ବଢି ସେ ନିଜକୁ ଅନ୍ତର୍ଜାତୀୟ କରାଟେକା ଭାବେ ଗଢ଼ି ତୋଳିଲେ। ଏହି ସାଧାରଣ ପ୍ରତିଭା ଜଣଙ୍କ ହେଲେ ରାୟଗଡ଼ାର ଏଲ୍.ରମେଶ। ପାରା ଅଲିମ୍ପିକ ୨୦୨୦ ଖେଳିବା ସ୍ୱପ୍ନ ଦେଖୁଥିବା ରମେଶ କିନ୍ତୁ ଜୀବନ ଜୀବିକା ଜାଲରେ ଶ୍ରମିକ ପାଲଟି ଯାଇଛନ୍ତି।

ରାୟଗଡ଼ା ସହରର ଡେଲି ମାର୍କେଟ ମଧୁସୂଦନ ଲେନ୍‌ରେ ରୁହନ୍ତି ରମେଶ। ପିଲାଟି ଦିନରୁ ମା'ଙ୍କୁ ହରାଇବା ସହ ପୋଲିଓରେ ତାଙ୍କ ଡାହାଣ ଗୋଡ଼ ଅକାମୀ ହୋଇଯାଇଥିଲା। ଏକ ଚା' ଦୋକାନରେ ଦିନ ମଜୁରିଆ ଭାବେ କାମ କରୁଥିଲେ ଏଲ୍. ରମେଶ। କରାଟେ ଶିଖିବାକୁ ଇଚ୍ଛା ଥିବାରୁ ରାୟଗଡ଼ା ରେଳ ବିଭାଗର ଅନୁଷ୍ଠାନରେ ପିଲାଙ୍କୁ ଦିଆଯାଉଥିବା କରାଟେ ତାଲିମକୁ ସେ ଲୁଚିଲୁଚି ଦେଖୁଥିଲେ। ଟଙ୍କା ନ ଥିବାରୁ ଏକଲବ୍ୟଙ୍କ ଭଳି ଦୂରରୁ କରାଟେ ତାଲିମକୁ ଦେଖି ନିଜେ ଅଭ୍ୟାସ କରୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉପହାସ କରୁଥିଲେ। ୨୦୦୭ରେ ରମେଶଙ୍କ ଉପରେ ଗୁରୁ ଆପ୍ପନାଙ୍କ ନଜର ପଡ଼ିଥିଲା। ରମେଶଙ୍କ ଆଗ୍ରହ ଓ କ୍ରୀଡ଼ା କୌଶଳ ଦେଖି ତାଙ୍କୁ ମାଗଣାରେ ତାଲିମ ଦେଇଥିଲେ ଆପ୍ପନା। ରମେଶ ସାଧାରଣ ବର୍ଗର ପିଲାଙ୍କ ସହ ମୁକାବିଲା କରିପାରୁଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ୨୦୧୦ରେ ପ୍ରଥମେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ ରମେଶ। ସେବେଠାରୁ ଆଉ ସେ ପଛକୁ ଫେରି ନାହାନ୍ତି। ୨୦୧୧ରେ ସୀମାଞ୍ଚଳମ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ରୋଞ୍ଜ, ୨୦୧୨ରେ ଗୋଆରେ ସ୍ୱର୍ଣ୍ଣ, ୨୦୧୪ରେ ୱାରେଙ୍ଗାଲରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୫ରେ ହାଇଦ୍ରାବାଦରେ ସ୍ୱର୍ଣ୍ଣ, ୨୦୧୬ରେ ଭେଲୋର ଓ ବାଙ୍ଗାଲୋରରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ସର୍ବଭାରତୀୟ କରାଟେ ଫେଡେରେଶନ ପକ୍ଷରୁ ୨୦୧୭ରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୮ରେ ସେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରମେଶ ୨୦୨୦ରେ ଜାପାନରେ ହେବାକୁ ଥିବା ପାରା ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟକୁ ଅପେକ୍ଷା କରିଛନ୍ତି ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh







BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Hi-Tech Tower Company
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770




!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 9853098836
9853098829
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍ + 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ ଅବସରରେ ସଚେତନତା ରାଲି, ଏସ୍‌ଆଇଆରଡି, ଗୋପବନ୍ଧୁ ନଗର, ୟୁନିଟ-୮, ସକାଳ ୮ଟା।
- ସାଇସେବ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଡ.ଏପିଜେ ଅବଦୁଲ କଲାମ ଜନ୍ମବାର୍ଷିକୀ ପାଳନ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀ ସଂସ୍କୃତି ସଂଘ ଓ ଜୟ ଓଡ଼ିଶା ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ୟୁନିଟ-୩, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଲେଡିଜ୍ ଫୋରମ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ନାଟ୍ୟ ଶାସ୍ତ୍ର ପକ୍ଷରୁ ନୃତ୍ୟ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଁ ମା ଗଜଲକ୍ଷ୍ମୀ ପୂଜା ସମିତି ପକ୍ଷରୁ ଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲକ୍ଷ୍ମୀସାଗର ମେଳନ ପଡ଼ିଆ, ସନ୍ଧ୍ୟା ୭ଟା।
- ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀ ପକ୍ଷରୁ କୁମାର ଉତ୍ସବ ଓ ଗୁରୁ ସହଦେବ ପାଢ଼ୀ ମୋମୋରିଆଲ ଆୱାର୍ଡ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଭାରତ ରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ ଉତ୍ସବ, ମ୍ୟୁନିସିପାଲ ସରକାରୀ ହାଇସ୍କୁଲ, ମାନସିଂ ପାଟଣା, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**

- ପୁରସ୍କାର ବିତରଣ ଓ କୁମାର ଉତ୍ସବ, ନହରକଣ୍ଟା, ପାଟଣା ସାହି, ରାତି ୭ଟା।

■ ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରୁ ହଟିବ ଜବରଦଖଲ

# ଆଜି ସର୍ଭେ, ଖୁବ୍‌ଶୀଘ୍ର ଉଚ୍ଛେଦ

### ନକ୍ସା ଦେଖି ଚିହ୍ନଟ କରିବ ମନ୍ଦିର ପ୍ରଶାସନ



**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ଶ୍ରୀମନ୍ଦିର ଭଳି ରାଜ୍ୟର ଅନ୍ୟତମ ଐତିହ୍ୟ ତଥା ପ୍ରମୁଖ ଶୈବପୀଠ ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରୁ ଜବରଦଖଲ ହଟିବ। ସେହିଭଳି ବିନ୍ଦୁ ସାଗର ପାର୍ଶ୍ୱରେ ଥିବା ସରକାରୀ ତଥା ମନ୍ଦିର ଜାଗାକୁ ଜବରଦଖଲମୁକ୍ତ କରାଯିବ। ଏଥିପାଇଁ ମନ୍ଦିର ପ୍ରଶାସନ ସହ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବେ ଅଣ୍ଟା ଭିଡ଼ିଛି। ପର୍ଯ୍ୟଟକଙ୍କ ଯାତାୟାତ ସୁବିଧା ସହ ଐତିହ୍ୟର ସୁରକ୍ଷା ତଥା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହି ପ୍ରୟାସ ଆରମ୍ଭ ହୋଇଛି। ମଙ୍ଗଳବାର ଏକ ମିଳିତ ଟିମ୍ ସର୍ଭେ କରିବ। ଏହି ଟିମ୍‌ରେ ବିଡିଏ, ବିଏମ୍‌ସି, ସାଧାରଣ ପ୍ରଶାସନ ବିଭାଗ, ରାସ୍ତା ଓ କୋଠାବାଡି ବିଭାଗ ଏବଂ ମନ୍ଦିର ପ୍ରଶାସନର ଅଧିକାରୀମାନେ ରହିବେ। ମନ୍ଦିରର କେଉଁ ପାର୍ଶ୍ୱରେ କେତେ ସରକାରୀ ଓ ଠାକୁରଙ୍କ ଜମି ରହିଛି, କେଉଁଠି ଜବରଦଖଲ କରାଯାଇଛି ତାହାକୁ ପ୍ରଥମେ ଚିହ୍ନଟ କରାଯିବ। ମନ୍ଦିର ପ୍ରଶାସନ ନକ୍ସା ଦେଖି କିଛି ସ୍ଥାନ ଚିହ୍ନଟ ହୋଇଥିବାବେଳେ ସର୍ଭେ ପରେ ଜବରଦଖଲ ଉଚ୍ଛେଦ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେବ।

ଉଲ୍ଲେଖଯୋଗ୍ୟ, ମନ୍ଦିର ପାର୍ଶ୍ୱରେ ଥିବା ବହୁ ସରକାରୀ ତଥା ମନ୍ଦିର ଜମିକୁ ଉଠାଦୋକାନୀଙ୍କଠାରୁ ଆରମ୍ଭକରି ସ୍ଥାନୀୟ ଲୋକ ଓ ବ୍ୟବସାୟୀ ଜବରଦଖଲ କରିଛନ୍ତି। ପ୍ରତିଦିନ ଏଠାରେ ଟ୍ରାଫିକ ଜାମ୍ ପରିସ୍ଥିତି ଲାଗୁ ରହୁଛି। ଶ୍ରଦ୍ଧାଳୁମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏଠାରେ ପୁରୀ ପରି ବଡ଼ ଉଚ୍ଛେଦ କରାଯିବ ନାହିଁ। ଏହି ସର୍ଭେରେ ଟିମ୍ ସାମିଲ ରହିବ। ଜଣେ ଅମିନ, ଜଣେ ଆର୍‌ଆଇ ସହ ପ୍ରଶାସନିକ ଅଧିକାରୀମାନେ ସର୍ଭେ କରିବେ। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ହରିଶ୍ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ସୂଚନା ମିଳିଛି।

## ପୁରୀ ମେନ କେନାଲ ନିକଟରେ ୨ ହାତୀ



**ବାରଙ୍ଗ/ନରାଜ,୧୪।୧୦(ଡି.ଏନ.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳିବ୍ରିଜ ନିକଟସ୍ଥ ପୁରୀ ମେନ କେନାଲ ନିକଟ ଜଙ୍ଗଲରେ ସୋମବାର ସକାଳୁ ଦୁଇଟି ମାଈ ହାତୀ ରହିଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମର କେତେକ ଯୁବକ ଏହି ବାଟରେ ଆସୁଥିବାବେଳେ ଏହି ଦୁଇ ହାତୀକୁ ଦେଖି ଡମପଡ଼ା ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗର ୧୦ଜଣିଆ ଦଳ ଆସି ଦିନସାରା ହାତୀ ଦୁଇଟି ଉପରେ ନଜର ରଖିଥିଲେ। ଅପରାହ୍ନ ୪.୩୦ ସମୟରେ ହାତୀ ଦୁଇଟି ଛୋଟ ଜଙ୍ଗଲରୁ ବାହାରି ନୂଆସାହି ରାସ୍ତା ଦେଇ ବାଆଁରା ଗହିରକୁ ଯାଇଥିଲେ। କିନ୍ତୁ କଟକ-ବାଙ୍କୀ ରାସ୍ତାରେ ଗହଳି ଥିବାରୁ ସେମାନେ ସେଠାରେ ଅଟକି ଯାଇଛନ୍ତି। ତାଙ୍କ ଉପରେ ବନ ବିଭାଗର କର୍ମଚାରୀମାନେ ନଜର ରଖିଥିବାବେଳେ ରାତିହେଲେ ସେମାନେ ଡମପଡା ଜଙ୍ଗଲକୁ ଚାଲି ଯିବେ ବୋଲି ଡମପଡା ରେଞ୍ଜ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି। ଖବରରୁ ପ୍ରକାଶ, ରବିବାର ବିଳମ୍ବିତ ରାତିରେ କିଛି ହାତୀ ଡମପଡା ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇଥିଲେ। ସେମାନେ ରାତିରେ କୁଅମଡା ଗହିର ହୋଇ ମୁଣ୍ଡଳି ଗହିରରେ ଧାନଖାଇବା ପାଇଁ ପଶିଥିଲେ। ସକାଳ ହୋଇଯିବାରୁ ସେମାନେ ଜଙ୍ଗଲକୁ ଯାଇ ନ ପାରି ମୁଣ୍ଡଳି ପୁରୀ ମେନକେନାଲ ପାଖ ଏକ ଛୋଟ ଜଙ୍ଗଲରେ ରହିଯାଇଥିଲେ।

## ବିଲ୍‌ଡରଙ୍କ ଗାଡ଼ି ସହ ଜଳିଗଲା ୩ କାର



**କଟକ ରୋଡ,୧୪।୧୦(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ସୋମବାର ୩ଟି ଗାଡ଼ି ଜଳିଯାଇଛି। ଉକ୍ତ ଗାଡ଼ି ମଧ୍ୟରେ ଜଣେ ବିଲ୍‌ଡରଙ୍କ ଗାଡ଼ି ପୋଡ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ ଚିନ୍ତାମଣିଶ୍ୱେର ଲେନ-୩ରେ ଥିବା ଏକ ପଡ଼ିଆରେ ରଖାଯାଇଥିବା ଗାଡ଼ି ଗୁଡ଼ିକରେ ନିଆଁ ଲାଗିଥିବା ନେଇ ଜଣେ ଯୁବକ କଳ୍ପନା ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେଇଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ସହ ଏକ ଟିମ ପ୍ରାୟ ଅଧ ଘଣ୍ଟା ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଉଇଙ୍ଗର ସହ ଏକ କାର ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଅନ୍ୟ ଏକ କାରର ଆଂଶିକ କ୍ଷତି ହୋଇଥିବା ଜଣାପଡିଛି। ପ୍ରଥମେ ଉଇଙ୍ଗରରେ ନିଆଁ ଲାଗିବା ପରେ ଏହା ଅନ୍ୟ ଗାଡ଼ିକୁ ବ୍ୟାପିଥିଲା ବୋଲି ଅଗ୍ନିଶମ କର୍ମଚାରୀ କହିଛନ୍ତି। ଉଇଙ୍ଗରଟି ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ଜଣେ ବିଲଡରଙ୍କ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଜଣେ ନାବାଳକଙ୍କ ସିଗାରେଟ ନିଆଁରୁ ଗାଡ଼ି ପୋଡ଼ିଥିବା ନେଇ ଲୋକେ ଉକ୍ତ ନାବାଳକଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଘଟଣା ସମ୍ପର୍କରେ ଉକ୍ତ ନାବାଳକଙ୍କୁ ପଚରାଉଚରା କରାଯାଇଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ସହକାରୀ ଅଗ୍ନିଶମ ଅଧିକାରୀ ବେହେରା କହିଛନ୍ତି, କେହି ନିଆଁ ଲଗାଇଦେଇ ଥାଇପାରେ କିମ୍ବା ସିଗାରେଟ ଯୋଗୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସେ କହିଥିଲେ। ଖବର ଲେଖା ହେବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ, ମହିଳା ମୃତ

**ବେଗୁନିଆ/ବୋଲଗଡ଼,୧୪।୧୦(ଡି.ଏନ୍.ଏ.)**

ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅଧୀନ ଗେଡ଼ିଆପଲ୍ଲୀ ପାଟଣା ଗ୍ରାମର ଶାନ୍ତିଲତା ପାତ୍ର(୪୮)। ସୂଚନା ଅନୁଯାୟୀ, ରବିବାର ରାତିରେ ଶାନ୍ତିଲତାଙ୍କ ଘରେ ଥିବା ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା। ଏଥିରେ ଶାନ୍ତିଲତା ଓ ତାଙ୍କ ପୁଅ ମାୟାଧର ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶାନ୍ତିଲତାଙ୍କୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ଶାନ୍ତିଲତାଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## ୧୨ କୁଇଣ୍ଟାଲ ଭାଙ୍ଗ ଜବତ: ଜଣେ ଗିରଫ

■ ବିହାରରୁ କଟକ ଆସୁଥିଲା

**କଟକ ଅଫିସ, ୧୪।୧୦**

ଜଗତ୍‌ପୁର ଗୋଲେଇ ଛକ ନିକଟରେ ଅବକାରୀ ବିଭାଗ ଚଢାଉ କରି ଏକ ଟ୍ରକ୍ ବୋଝେଇ ହୋଇ ଯାଉଥିବା ଭାଙ୍ଗବସ୍ତା ଜବତ କରିଛି। ଏହି ଘଟଣାରେ ଆନ୍ତଃରାଜ୍ୟ ଚୋରା ଭାଙ୍ଗ ଚାଲାଣକାରୀ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଧୀନ ବୁଧିଆପଡାର ଅଶୋକ ପାଶୱାନଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଅଶୋକ ଏକ ଟ୍ରକ୍ (ଓଆର୍‌୦୨ବିସି-୦୪୭୫)ରେ ଭାଙ୍ଗ ବୋଝେଇ କରି ଯାଉଥିବାବେଳେ ରବିବାର ସନ୍ଧ୍ୟାରେ ଅବକାରୀ ବିଭାଗ ହାତରେ ଧରାପଡିଥିଲେ। ଯାଞ୍ଚବେଳେ ଟ୍ରକ୍‌ରେ ଥିବା ୩୦ଟି ବସ୍ତାରେ ପ୍ରାୟ ୧୨କୁଇଣ୍ଟାଲ ଭାଙ୍ଗ ରହିଥିବା ଜଣାପଡିଥିଲା। ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି କଟକ ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀ କହିଛନ୍ତି। ଭାଙ୍ଗ ବୋଝେଇ ଟ୍ରକ୍‌ଟି ବିହାରରୁ କଟକ-ଭୁବନେଶ୍ୱର ଅଞ୍ଚଳକୁ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି।

ଚୌଦ୍ୱାର ଅଞ୍ଚଳରେ ହେବାକୁ ଥିବା ରୂପଯାତ୍ରାକୁ ନିଶାମୁକ୍ତ କରିବା ଲାଗି ଜିଲାପାଳ ଭବାନୀ ଶଙ୍କର ଚୟନୀ ଅବକାରୀ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଚୌଦ୍ୱାର ଅବକାରୀ ଅଫିସରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ ଖୋଲାଯାଇଛି। କଟକ ଅବକାରୀ ମୋବାଇଲ ସବଇନ୍ସପେକ୍ଟର ରମେଶ ଚନ୍ଦ୍ର ଶତପଥୀ, ଚୌଦ୍ୱାର ସବ୍‌ଇନ୍ସପେକ୍ଟର ସ୍ୱାତୀ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ମଙ୍ଗୁଳିରୁ ଜଗତ୍‌ପୁର ଯାଏ ପାଟ୍ରୋଲିଂ କଡାକଡି କରାଯାଇଥିଲା। ଏହି ସମୟରେ କଟକ ଅଭିମୁଖେ ଟ୍ରକଟି ଦ୍ରୁତ ଗତିରେ ଆସୁଥିବାବେଳେ ପୋଲିସ ସନ୍ଦେହରେ ଅଟକାଇଥିଲା। ପରେ ଟ୍ରକ୍‌ର ତଲାସି କରାଯିବାରୁ ସେଥିରେ ଭାଙ୍ଗ ଥିବା ଜଣାପଡିଥିଲା।





ଯେଉଁମାନଙ୍କ ବିଚାର ବୁଦ୍ଧି ସବୁଠାରୁ କମ୍,
ସେଇମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।
- ପ୍ଲାଟୋ



## ସଂକ୍ଷେପରେ

### ପହିଲି କାର୍ତ୍ତିକ: ଶ୍ରୀ ଲିଙ୍ଗରାଜ ମନ୍ଦିରରେ ୫ହଜାର ଶ୍ରଦ୍ଧାଳୁ

ପୁରୁଣା ଭୁବନେଶ୍ୱର,୧୪।୧୦ (ଡି.ଏନ.ଏ.): ସୋମବାର ପହିଲି କାର୍ତ୍ତିକ। ଧର୍ମମାସରେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ପ୍ରାୟ ୫ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି। ବିଶେଷ କରି ଶ୍ରୀଜୀଉଙ୍କ ଦାମୋଦର ବେଶ ଦର୍ଶନ ପାଇଁ ଉଭୟ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଦେବୋତ୍ତର ବିଭାଗ କମିଶନର ଚିତ୍ତରଞ୍ଜନ ମହାପାତ୍ର, ଉପ-ଆୟୁକ୍ତ, ସହକାରୀ ଆୟୁକ୍ତଏବଂ ସାଂସଦ ଅମର ପଟ୍ଟନାୟକ, ନାଲ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତପନ କୁମାର ଚାନ୍ଦ ପ୍ରମୁଖ ମହାପ୍ରଭୁଙ୍କ ଦାମୋଦର ବେଶ ଦର୍ଶନ କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

### ଟ୍ରେନ୍ ଲାଇନରୁ ମୃତଦେହ ଉଦ୍ଧାର

#### ମାନବିକତା ଭୁଲି ଲୁଟିଲେ ମୋବାଇଲ, ପର୍ସ

ପୁରୁଣା ଭୁବନେଶ୍ୱର,୧୪।୧୦ (ଡି.ଏନ.ଏ.): ସ୍ଥାନୀୟ ପୋଖରୀପୁଟ ଟ୍ରେନ ଲାଇନ କଡ଼ରୁ ସୋମବାର ଜଣେ ଅଜଣାବ୍ୟକ୍ତିଙ୍କ ମୃତଦେହ ଜିଆର୍‌ପି ପୋଲିସ ଉଦ୍ଧାର କରିଛି। ଖବର ମୁତାବକ, ପୂର୍ବାହ୍ନରେ ଏହି ଟ୍ରେନ ଲାଇନ କଡ଼ରେ ଜଣେ ଯୁବକ ଯାଉଥିବାବେଳେ ହଠାତ୍ ଟ୍ରେନ ଆଗକୁ ପଶିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୃଶ୍ୟ ସ୍ଥାନୀୟ ଲୋକେ ଦେଖି ଜିଆର୍‌ପି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ୍ ଏବଂ ସାମାଜିକ କର୍ମୀ ରିତୁରାଣୀ ସାସମଲ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଅପରପକ୍ଷେ ତେବେ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡ଼ିଥିବା ମୃତକଙ୍କ ପକେଟରୁ କେତେକ ଅସାମାଜିକ ଯୁବକ ମାନବିକତା ଭୁଲି ମନିପର୍ସ ଏବଂ ମୋବାଇଲ ଲୁଟି ନେଇଥିବା ରିତୁରାଣି କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳିକା ମୃତ

କଟକ ସଦର,୧୪।୧୦(ଡି.ଏନ.ଏ.): କିଶୋର ନଗର ଥାନା ଅନ୍ତର୍ଗତ ପାରାବିଲ ଗ୍ରାମରେ ସୋମବାର ସନ୍ଧ୍ୟାରେ ଲକ୍ଷ୍ମୀ ପୂଜା ହେଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ପାୟଲ ବେହେରା। ଖବର ଅନୁଯାୟୀ, ଲକ୍ଷ୍ମୀ ପୂଜା ଅବସରରେ ଗ୍ରାମର ପୂଜା ମଣ୍ଡପରେ ପାୟଲ ଲକ୍ଷ୍ମୀପୁରାଣ ଗାଉଥିବାବେଳେ ଡାକବାଜି ଯନ୍ତ୍ରର ତାର ସଂସ୍ପର୍ଶରେ ଆସିଯାଇଥିଲେ। ଘଟଣାସ୍ଥଳରେ ସେ ଗୁରୁତର ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀପୂଜା ପାଇଁ ଗ୍ରାମରେ ଖୁସିର ମାହୋଲ ଥିବାବେଳେ ଏହି ଖବର ଶୁଣିବାରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ବିଦ୍ୟୁତ୍ ଚୋରି କରି ଧରାପଡ଼ିଲେ ୨ କର୍ମଚାରୀ

#### ୪୫ ହଜାର ୨ଶହ ଜରିମାନା

ଭୁବନେଶ୍ୱର,୧୪।୧୦(ବ୍ୟୁରୋ): ବିଦ୍ୟୁତ୍ ବିଭାଗର କର୍ମଚାରୀ ହୋଇ କରୁଥିଲେ ବିଦ୍ୟୁତ୍ ଚୋରି। ସୋମବାର ପାୱାର ହାଉସ୍ କଲୋନୀରେ ସେସୁ ଟିମ୍ ଚଢ଼ାଉ କରି ବିଦ୍ୟୁତ୍ ଚୋରି କରୁଥିବା ୨ଜଣ କର୍ମଚାରୀଙ୍କଠାରୁ ୪୫ ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହାସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପରିସ୍ଥ ଅଧିକାରୀ କହିଛନ୍ତି। ବିଦ୍ୟୁତ୍ ଚୋରି ରୋକିବାରୁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏପରିକି ସ୍କ୍ୱାଡ ଗଠନ କରାଯିବା ସହ ହେଲ୍ପଲାଇନ ଖୋଲାଯାଇଛି। ଖବର ମିଳିବାମାତ୍ରେ ଚଢ଼ାଉ କରାଯାଉଛି। ଏହାସହ ଯେଉଁମାନେ ବିଦ୍ୟୁତ୍ ଚୋରି ନେଇ ସୂଚନା ଦେବେ ସେମାନଙ୍କୁ ପୁରସ୍କାର ମିଳିବା ସହ ଜରିମାନାର ୧୦ ପ୍ରତିଶତ ଅର୍ଥ ଦିଆଯିବ ବୋଲି ସେସୁ ପକ୍ଷରୁ ଘୋଷଣା କରାଯାଇଛି। ଏହି ଦୁଇ କର୍ମଚାରୀ ମିଟର ଟାମ୍ପରିଂ କରି ବିଦ୍ୟୁତ୍ ଚୋରି କରୁଥିବା କେହି ଜଣେ ସେସୁକୁ ଖବର ଦେଇଥିଲେ। ସେସୁର ବ୍ରହ୍ମାନନ୍ଦ ଦଣ୍ଡପାଟଙ୍କ ନେତୃତ୍ୱରେ ଅତିରିକ୍ତ ଭିଜିଲାନ୍ସ ଅଫିସର ଓ ଏମ୍‌ଆରଟି ସ୍କ୍ୱାଡ ମିଳିତ ଚଢ଼ାଉ କରିଥିଲେ। ଏହି ଟିମ୍ କଲୋନୀର ୨୦ଟି କ୍ୱାର୍ଟର୍ସ ସହ ୨ଟି ଅଫିସ୍‌ରେ ଚଢ଼ାଉ କରିଥିଲା। ଦୁଇ କର୍ମଚାରୀଙ୍କ ଘରେ ମିଟର ଟାମ୍ପରିଂ ହୋଇଥିବା ଜଣାପଡିଥିଲା। ଆଗାମୀ ଦିନରେ ଏଭଳି ଚଢ଼ାଉ ଜୋରଦାର ହେବ ବୋଲି ସେସୁ ପକ୍ଷରୁ କୁହାଯାଇଛି।





'ଓଡ଼ିଶା ଟ୍ରାଭେଲ ବଜାର'ର ଶୁଭ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ଆରମ୍ଭ ହେଲା ଓଡ଼ିଶା ଟ୍ରାଭେଲ ବଜାର

# ପର୍ଯ୍ୟଟନ ରାଜଧାନୀ ହେବ ଓଡ଼ିଶା

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

- ବର୍ଷେ ମଧ୍ୟରେ ୨କୋଟି ୫୦ଲକ୍ଷ ପର୍ଯ୍ୟଟକ ଆଣିବା ଲକ୍ଷ୍ୟ
- ଏଥିନିକ୍, ଟ୍ରାଇବାଲ ଟୁରିଜମ୍‌ରେ ରହିଛି ବିପୁଳ ସୁଯୋଗ

ଦେଶର 'ବେଷ୍ଟ କେପ୍ଟ ସିକ୍ରେଟ୍' ଭାବେ ପରିଚିତ ଓଡ଼ିଶା ବିଗତ ୧୫ବର୍ଷ ଧରି ଭାରତର ଶ୍ରେଷ୍ଠ ୩ ଇନ୍‌ଭେଷ୍ଟମେଣ୍ଟ ଡେଷ୍ଟିନେଶନ ଭାବେ ପ୍ରତିଷ୍ଠିତ ହୋଇପାରିଛି। ନୂତନ କର୍ମ ନିଯୁକ୍ତି ସୃଷ୍ଟି କରିବା ସହ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ଉତ୍କୃଷ୍ଟ ସାଂସ୍କୃତିକ ଐତିହ୍ୟ ଏହାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବାବେଳେ ପରିବେଶ ପର୍ଯ୍ୟଟନ ଏବଂ ଐତିହ୍ୟ ପର୍ଯ୍ୟଟନ ନୂଆ ସୁଯୋଗ ସୃଷ୍ଟି କରିଛି। ଅନ୍ତର୍ଜାତୀୟସ୍ତରୀୟ କ୍ରୀଡ଼ା ଇଭେଣ୍ଟର ଆୟୋଜନ ଦ୍ୱାରା ଓଡ଼ିଶା କ୍ରୀଡା ପର୍ଯ୍ୟଟନକୁ ଏହା ପ୍ରମୁଖ ପର୍ଯ୍ୟଟନ ଉତ୍ପାଦଭାବେ ପ୍ରଦର୍ଶନ କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଭୁବନେଶ୍ୱରରେ ୩ୟ ଥର ପାଇଁ ଅନୁଷ୍ଠିତ ହୋଇଛି ଓଡ଼ିଶା ଟ୍ରାଭେଲ ବଜାର। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ବିଶ୍ୱରେ ଭ୍ରମଣ ଏବଂ ପର୍ଯ୍ୟଟନ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବିଭାଗ ରୂପେ ପରିଗଣିତ ହେଉଥିବାବେଳେ ଓଡ଼ିଶା ଏହାକୁ ଗୁରୁତ୍ୱ ଦେଉଛି। ସ୍ପୋର୍ଟସ ଟୁରିଜମ୍ କ୍ଷେତ୍ରରେ ରାଜ୍ୟ ଏକ ନୂଆ ମାଇଲଷ୍ଟୋନ୍ ପ୍ରତିଷ୍ଠା କରିଛି। କ୍ରୀଡ଼ାର ପ୍ରଚାର ପ୍ରସାର କରିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ମାନ୍ୟତା ପାଇଛି। ବିଶ୍ୱସ୍ତରରେ ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆ ସ୍ତରକୁ ନେବାକୁ ରାଜ୍ୟ ସରକାର କୋଣାର୍କରେ ଏକ ମାସିଆ ମେଗା ଇଭେଣ୍ଟ 'କୋଣାର୍କ ସନ୍‌ସିଟି ଫେଷ୍ଟିଭାଲ'ର ଆୟୋଜନ କରୁଛନ୍ତି। ବିଶ୍ୱପ୍ରସିଦ୍ଧ କୋଣାର୍କକୁ କିଭଳି ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହାଛଡ଼ା ବହୁ ପ୍ରତୀକ୍ଷିତ 'ଶାମୁକା' ପ୍ରକଳ୍ପକୁ ବାସ୍ତବ ରୂପ ଦେବା ଲାଗି ରାଜ୍ୟ ସରକାର ସକ୍ରିୟଭାବେ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥିଭାବେ ଓଡ଼ିଶା ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଜ୍ୟର ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ। ୨୦୨୧ ସୁଦ୍ଧା ୨କୋଟି ୫୦ଲକ୍ଷ ପର୍ଯ୍ୟଟକଙ୍କୁ ଓଡ଼ିଶା ଆଣିବା ସହ ରାଜ୍ୟକୁ ଦେଶର ଶ୍ରେଷ୍ଠ ୩ ଟୁରିଷ୍ଟ ଡେଷ୍ଟିନେଶନରେ ପରିଣତ କରିବାକୁ ଲକ୍ଷ୍ୟ ରହିଥିବା ସେ କହିଥିଲେ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏହି ଅବସରରେ ଆଇଟି, ଟେକ୍ସଟାଇଲ ଭଳି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାରେ ରହିଥିବା ସୁଯୋଗ ସମ୍ପର୍କରେ କହିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ୨୦ରୁ ଊର୍ଦ୍ଧ୍ୱ ଆଭ୍ୟନ୍ତରୀଣ ପରିବେଶ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଲାଗି ରହଣି ସହ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେଉଥିବା ତ୍ରିପାଠୀ କହିଥିଲେ। ଫିକି ଟୁରିଜମ୍ କମିଟି ଅଧ୍ୟକ୍ଷ ଜ୍ୟୋତ୍ସ୍ନା ସୁରୀ ଓଡ଼ିଶାରେ ଥିବା ଏଥ୍‌ନିକ୍ ଟୁରିଜମ୍, ଟ୍ରାଇବାଲ ଟୁରିଜମ୍, ଇକୋ ଟୁରିଜମ୍ ଏବଂ ହେରିଟେଜ୍ ଟୁରିଜମ୍‌ର ବିପୁଳ ସମ୍ଭାର ସମ୍ପର୍କରେ କହିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଫିକି ନ୍ୟାଶନାଲ ଟୁରିଜମ୍ କମିଟି ସହଅଧ୍ୟକ୍ଷ ଜେ.କେ. ମହାନ୍ତି, ଫିକି ପୂର୍ବାଞ୍ଚଳ ପର୍ଯ୍ୟଟନ କମିଟି ଅଧ୍ୟକ୍ଷ ସୌଭାଗ୍ୟ ମହାପାତ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ୍ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ରାଭେଲ ବଜାରରେ ୨୫ ବିଦେଶୀ ଟୁର୍ ଅପରେଟର୍‌ଙ୍କ ସହ ୬୦ ଡୋମେଷ୍ଟିକ୍ ଟୁର୍ ଅପରେଟର୍ ଯୋଗଦେଇଥିବାବେଳେ ସେମାନେ ୨୪୦୦ ପୂର୍ବ ନିର୍ଦ୍ଧାରିତ ବିଟୁବି ବୈଠକରେ ଓଡ଼ିଶାର ୫୩ ଟୁର୍ ଅପରେଟର୍ ଏବଂ ହୋଟେଲିୟରମାନଙ୍କ ସହ ଆଲୋଚନା କରିବେ।

# ଦ୍ୱିତୀୟ କୋଣାର୍କ ନିର୍ମାଣ କରିବେ ଓମ୍‌ବାବା

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)



- ରାଜ୍ୟପାଳଙ୍କୁ ଭେଟି ଆଲୋଚନା କଲେ
- ବାଲିତଳେ ରହସ୍ୟ ରହିଥିବା କହିଲେ

ବିଭିନ୍ନ ସମୟରେ ବିବାଦରେ ରହି ଆସିଥିବା ଓମ୍‌ବାବା ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ ଓଡ଼ିଶାରେ ଦ୍ୱିତୀୟ କୋଣାର୍କ (ସୂର୍ଯ୍ୟ) ମନ୍ଦିର ନିର୍ମାଣ କରିବା ପାଇଁ ଦିଲ୍ଲୀରୁ ଭୁବନେଶ୍ୱର ଆସିବା ଅବସରରେ ସୋମବାର କହିଛନ୍ତି। ଜୀର୍ଣ୍ଣୋଦ୍ଧାର ମହାସଂଘ ଅଧ୍ୟକ୍ଷ ଥିବା ଓମ୍‌ବାବା ସହଯୋଗୀଙ୍କ ସହ ପୂର୍ବାହ୍ନରେ ରାଜଭବନ ଯାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଓମ୍ ବାବା କହିଛନ୍ତି, ପ୍ରାଚୀନ କାରୁକାର୍ଯ୍ୟରେ ଭରା କୋଣାର୍କ ମନ୍ଦିର ଭିତରେ ଆହୁରି ଅନେକ ଅଲୌକିକ ଶକ୍ତି ରହିଛି। ୧୧୧ ବର୍ଷ ତଳେ ଇଂରେଜଙ୍କ ଦ୍ୱାରା ମନ୍ଦିର ଭିତରେ ଭର୍ତ୍ତି କରାଯାଇଥିବା ବାଲି ତଳେ ବହୁ ରହସ୍ୟ ଲୁଚି ରହିଛି। ସେବେଠୁ ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନା ବନ୍ଦ ହୋଇଯିବା ଅନ୍ୟତମ ରହସ୍ୟ ହୋଇଥିବାବେଳେ ମୋତେ ପ୍ରଭୁ ଜଗନ୍ନାଥ ସ୍ୱପ୍ନରେ ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ମୁଁ ଏଠାକୁ ଆସିଛି। ଏପରିକି କୋଣାର୍କ ମନ୍ଦିର ନିକଟରେ ଜମି କିଣିଥିବା ସେ ଗଣମାଧ୍ୟମକୁ କହିଛନ୍ତି।

ସେ ଦାବି କରିଛନ୍ତି ଯେ, ବାଲିକୁ ସୂର୍ଯ୍ୟ ମନ୍ଦିରରୁ ବାହାର କର। ବାଲିକଢ଼ା ସରିବାବେଳକୁ ଦ୍ୱିତୀୟ ମନ୍ଦିର ନିର୍ମାଣ ହୋଇଯାଇଥିବ।

ସୂଚନାଯୋଗ୍ୟ, ବାବା ପୂର୍ବରୁ ଅନେକ ବିବାଦରେ ରହି ଆସିଛନ୍ତି। ସେ ରିଏଲିଟି ସୋ ବିଗ୍ ବସ୍‌ରେ ଜଣେ ଯୁବତୀଙ୍କୁ ମାଡ଼ମାରି ଚର୍ଚ୍ଚାରେ ଥିଲେ। ଏହାସହ ଏକ ଟିଭି କାର୍ଯ୍ୟକ୍ରମରେ ମହିଳା ଆଙ୍କରଙ୍କୁ ଚଣାଓଟରା ଓ ମାଡମାରିଥିବାବେଳେ ଅନ୍ୟ ଜଣେ ପୁରୁଷ ଆଙ୍କରଙ୍କୁ ମଧ୍ୟ ମାଡ ମାରିଥିଲେ। ଏହାସହ ସେ ମଧ୍ୟ ଅନେକ ବିକିନି ପିନ୍ଧା ଯୁବତୀଙ୍କ ସହ ନୃତ୍ୟ କରି ବିବାଦରେ ରହିଥିଲେ।

### ପଥର ଖଣି , ବନ୍ଧୁକ କାରବାର ମାମଲା

## ପ୍ରଫୁଲ୍ଲଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ବେଆଇନ ଖଣି ଖନନ ଓ ଚୋରା ବନ୍ଧୁକ କାରବାର ମାମଲାରେ ଗିରଫ ଖୋର୍ଦ୍ଧା ନାରାୟଣ ନଗରର ପ୍ରଫୁଲ୍ଲ କୁମାର ନାୟକ ଓରଫ ଟୁନାକୁ ସୋମବାର ୪ ଦିନିଆ ରିମାଣ୍ଡରେ ଆଣିଛି ଏସ୍‌ଟିଏଫ୍। ତାଙ୍କୁ କୋର୍ଟରେ ହାଜର ପରେ ଏସ୍‌ଟିଏଫ୍ ମୁଖ୍ୟାଳୟକୁ ଆଣି ପଚରାଉଚରା କରାଯାଉଛି। ପ୍ରଫୁଲ୍ଲ କାହା ଇଶାରାରେ ବେଆଇନ ପଥର ଖନନ କରି କେଉଁମାନଙ୍କୁ ଯୋଗାଉଥିଲେ ଓ ତାଙ୍କର ଚୋରା ବନ୍ଧୁକ କାରବାର ର୍ୟାକେଟର ପର୍ଦ୍ଦାଫାଶ ପାଇଁ ଏସ୍‌ଟିଏଫ୍ ଆଶା ରଖିଛି। ସୂଚନା ଅନୁଯାୟୀ, ୨୦୧୮ରେ ଖୋର୍ଦ୍ଧା ଥାନାଞ୍ଚଳରେ ଧରାପଡ଼ିଥିବା ଏକ ବନ୍ଧୁକ କାରବାର ମାମଲାର ତଦନ୍ତବେଳେ ପ୍ରଫୁଲ୍ଲ ସାମିଲ ଥିବା ଜଣାପଡିଥିଲା। ହେଲେ ସ୍ଥାନୀୟ ପୋଲିସକୁ ସେ ହାତବାରିସ କରି ମାମଲାକୁ ଚାପି ଦେଇଥିଲା। ଗତ ୧୦ ତାରିଖରେ ଖୋର୍ଦ୍ଧା ବଜାରରେ ବୁଲୁଥିବାବେଳେ ଏସ୍‌ଟିଏଫ୍ ତାଙ୍କୁ ଗିରଫ କରି ନେଇଥିଲା।

### ହୋମ୍‌ଗାର୍ଡଙ୍କୁ ବରୀ ବିଧାୟିକା ସ୍ୱାମୀଙ୍କ ମାଡ଼ ଘଟଣା

# ଓଏଚ୍‌ଆରସିଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)



ଓଏଚ୍‌ଆରସିଙ୍କୁ ଭେଟିବାକୁ ଆସିଥିବା ଭାଜପା ପ୍ରତିନିଧି ଦଳ।

- ପୋଲିସ ବିରୋଧରେ ଅଭିଯୋଗ ଉଠାଇଲେ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଯାଜପୁର ଜିଲା ବରୀ ବ୍ଲକ ଔପଦା ଗାଁର ଜଣେ ଅନୁସୂଚିତ ଜାତିର ହୋମ୍‌ଗାର୍ଡ ରଞ୍ଜନ ମଲ୍ଲିକଙ୍କୁ ବିଧାୟିକା ସୁନନ୍ଦା ଦାସଙ୍କ ସ୍ୱାମୀ ମାଡ଼ ମାରିବା ଘଟଣା ଏବେ ଜଟିଳ ହେବାରେ ଲାଗିଛି। ଏହି ଘଟଣାରେ ଜିଲାପରିଷଦ ସଭ୍ୟ, ଅଭିଯୁକ୍ତଙ୍କୁ ଗିରଫ ଓ ହୋମ୍‌ଗାର୍ଡଙ୍କୁ ନ୍ୟାୟ ପ୍ରଦାନ ପାଇଁ ଭାଜପା ପ୍ରତିନିଧି ଦଳ ସୋମବାର ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି)ଙ୍କୁ ଭେଟିଛନ୍ତି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ କମିଶନଙ୍କ ସହ ଘଟଣା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଗତ ୯ ତାରିଖରେ ହୋମ୍‌ଗାର୍ଡ ରଞ୍ଜନ ମଲ୍ଲିକଙ୍କୁ ଆକ୍ରମଣ କରାଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ରଞ୍ଜନଙ୍କ ନାମରେ ଥିବା ମିଥ୍ୟା ମାମଲାକୁ ହଟାଇ ସୁରକ୍ଷା ଦେବାକୁ ଦେବାକୁ ସେଠୀ ଦାବି କରିଛନ୍ତି। ସେ କହିଛନ୍ତି, ସାରା ଓଡିଶାରେ ଦଳିତଙ୍କ ଉପରେ ଆକ୍ରମଣ କରାଯାଉଛି। ଶାସକ ଦଳର କର୍ମୀ ଓ ନେତା ସେମାନଙ୍କ ଉପରେ ଅତ୍ୟାଚାର କରିଚାଲିଛନ୍ତି। ସେମାନଙ୍କ ହାତରେ କ୍ଷମତା ଥିବାରୁ ପୋଲିସ ବୋଲକରା ସାଜୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଓ ମୋ ସରକାର ଯୋଜନା କେବଳ ପ୍ରହସନ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ନେତା ତଥା ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇ ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ପୋଲିସର ଗୋହି ଖୋଲିଛନ୍ତି। ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୧୮ ଅନୁଯାୟୀ ଏତଲା ଆଧାରରେ ଥାନା ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରିବା କଥା। କିନ୍ତୁ ପୋଲିସ ଓଲଟା ହୋମଗାର୍ଡଙ୍କ ବିରୋଧରେ ମିଥ୍ୟା ମକଦ୍ଦମା ଲଗାଇଛି। ସରକାର ସାଧାରଣ ଲୋକଙ୍କ ପାଇଁ ନୁହେଁ, କେତେକ ମୁଷ୍ଟିମେୟଙ୍କ ପାଇଁ କାମ କରୁଛି। ଏଠି ନିରୀହ, ଦଳିତ ଲୋକଙ୍କ ଉପରେ ଅତ୍ୟାଚାର କରାଯାଉଛି। ହୋମଗାର୍ଡଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେବା ଘଟଣାରେ ପୋଲିସର ପକ୍ଷପାତିତା ପଦାରେ ପଡିଛି। ଅଭିଯୁକ୍ତଙ୍କୁ ଗିରଫ ଓ ରଞ୍ଜନଙ୍କ ବିରୋଧରେ ଲଗାଯାଇଥିବା ମିଥ୍ୟା ମାମଲା ଉଠା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବରୀ ବିଧାୟିକାଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ତେବେ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ କହିଛନ୍ତି, ଭାଜପା ତୁଚ୍ଛାଟାରେ ଘଟଣାକୁ ରାଜନୀତିକରଣ କରୁଛି। ଦୁର୍ଗାପୂଜା ପାଇଁ ହୋମ୍‌ଗାର୍ଡ ରଞ୍ଜନ ବଟି ମାଗି ଥିଲେ। ଟଙ୍କା ନ ମିଳିବାରୁ ଯୁକ୍ତିତର୍କ କରିବା ସହ ଆମ ନାମରେ ଥାନାରେ ମିଛ ଅଭିଯୋଗ କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଉର୍ମି



ସାବିତ୍ରୀ



ଶ୍ରୀକାନ୍ତ



ସୁଜିତ୍



ପାର୍ଥସାରଥୀ



ରଞ୍ଜନ



ଦିଲୀପ



ବିପୁନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଫନୀ ସହାୟତା ରାଶି ବଣ୍ଟନରେ ଅନିୟମିତତା
## ଆସିଲେନି ତହସିଲଦାର, ବିଡିଓଙ୍କୁ ଘେରିଲେ ବିପନ୍ନ

**ଗୋପ, ୧୪।୧୦(ଡି.ଏନ୍.ଏ.):** ଗୋପ ବ୍ଲକ୍ ଅଧୀନ ବୀରତୁଙ୍ଗ ପଞ୍ଚାୟତ ୨ନଂ ୱାର୍ଡର ଶତାଧିକ ବିପନ୍ନ ଗୋପ ତହସିଲଦାରଙ୍କୁ ନ ପାଇ ଶେଷରେ ନିଜର ହକ୍ ଦାବିରେ ବିଡିଓଙ୍କୁ ଘେରିବା ସହ ଏକ ଅଭିଯୋଗ ପତ୍ର ଦେଇଥିବା ଜଣାପଡ଼ିଛି। ସାମୁଦ୍ରିକ ଝଡ଼ ଫନୀକୁ ୧୬୦ ଦିନ ବିତିଥିବାବେଳେ ବୀରତୁଙ୍ଗ ପଞ୍ଚାୟତ ସମେତ ଆଉ କେତେକ ପଞ୍ଚାୟତର ପ୍ରକୃତ ବିପନ୍ନମାନଙ୍କୁ ଘରଭଙ୍ଗା ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ସହାୟତା ରାଶି ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି।

ଏହି ପଞ୍ଚାୟତରେ ଧନୀ ଲୋକମାନଙ୍କୁ ପୂର୍ଣ୍ଣ ସହାୟତା ରାଶି ମିଳିଥିବାବେଳେ ପ୍ରକୃତ ଗରିବ ବିପନ୍ନମାନଙ୍କୁ ବଞ୍ଚିତ ହେବାକୁ ପଡ଼ିଛି ବୋଲି ଅଭିଯୋଗ ପତ୍ରରୁ ଜଣାପଡ଼ିଛି। ଫନୀରେ ଗୋପ ବ୍ଲକ୍ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଘରଭଙ୍ଗା ତଦନ୍ତ କରାଯିବାବେଳେ ଏପରି ଅନିୟମିତତା କରାଯାଇଥିବା ଏବେ ଲୋକଲୋଚନକୁ ଆସିପାରିଛି। ଗୋପ ତହସିଲ ଅଧୀନରେ ଥିବା ୧୪ ଗୋଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏପରି ଅଭିଯୋଗ ଆସୁଥିବାବେଳେ ପୁରୀ ଜିଲାପାଳ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ସହିତ ଯୋଗାଯୋଗ କରାଯାଇପାରି ନ ଥିବାବେଳେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଗରିବ ବିପନ୍ନମାନଙ୍କ ଅଭିଯୋଗ ପତ୍ରକୁ ଜିଲାପାଳ ଓ ତହସିଲଦାରଙ୍କ ନିକଟକୁ ପଠାଇଦେବେ ବୋଲି କହିଥିଲେ। ଏହା ସହ ବୀରତୁଙ୍ଗ ପଞ୍ଚାୟତରେ ତଦନ୍ତ କରିବେ ବୋଲି କହିଥିଲେ।

## କାର୍ତ୍ତିକ ବ୍ରତ ପାଳିଲେ ଜରାନିବାସ ବୃଦ୍ଧାବୃଦ୍ଧ

**କଣାସ, ୧୪।୧୦(ସ୍ୱ.ପ୍ର.):** କଣାସ ବ୍ଲକର ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜରାନିବାସରେ ଥିବା ବୃଦ୍ଧାବୃଦ୍ଧମାନେ ସୋମବାର କାର୍ତ୍ତିକ ବ୍ରତ ପାଳନ କରିଛନ୍ତି। ସକାଳୁ ସ୍ନାନ କରି ଏକ ରଙ୍ଗର ଧୋତି, ଦୋସଡା ଓ ମାଳି ପକାଇ ଅନୁଷ୍ଠାନ ପରିସରରେ ଥିବା ବୃନ୍ଦାବତୀଙ୍କ ନିକଟରେ ଭଜନ କୀର୍ତ୍ତନ କରିଥିଲେ। ଭଜନ କୀର୍ତ୍ତନ ପରେ ସମସ୍ତ ବୃଦ୍ଧାବୃଦ୍ଧ ଚଉରାମୂଳେ ଏକତ୍ର ବସିରହିବାବେଳେ ଜଣେ ବ୍ରାହ୍ମଣ କାର୍ତ୍ତିକ ବ୍ରତ ପାଠ କରୁଥିଲେ। ବୃଦ୍ଧାବୃଦ୍ଧମାନେ ଏହାକୁ ଶ୍ରବଣ କରିଥିଲେ। ସନ୍ଧ୍ୟାରେ ହବିଷାନ୍ନ ଖାଇବାପରେ ଚଉରା ମୂଳେ ଏକତ୍ରହୋଇ ଆକାଶ ଦୀପ ଜାଳିଥିଲେ।

### ■ ଦିଲୀପ ସ୍ୱାଇଁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ
# ଅଭିଯୁକ୍ତଙ୍କ ସହ ଥାନାଧିକାରୀଙ୍କ ସେଲ୍‌ଫି

**ପୁରୀ ଅଫିସ, ୧୪।୧୦**

ଏକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କ ସହ ରାମଚଣ୍ଡୀ ଥାନା ଅଧିକାରୀ ବୁଲୁ ମୁଣ୍ଡା ପୋଲିସ ଭ୍ୟାନରେ ଭିତରେ ନେଇଥିବା

**ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ପି**

ସେଲଫି ସୋମବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାକୁ ପୁରୀ ଏସ୍‌ପି ଉମାଶଙ୍କର ଦାଶ ଗୁରୁତର ସହିତ ନେଇଛନ୍ତି। ସଂପୃକ୍ତ ଥାନାଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ପୋଲିସ ହେଡକ୍ୱାର୍ଟରକୁ ରିପୋର୍ଟ କରିଥିବା କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ଅସ୍ତରଙ୍ଗ ଥାନା ଅଞ୍ଚଳରେ ଘଟିଥିବା ଦିଲୀପ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ମୁନା ଓରଫ ରାଧାମୋହନ ବିଶ୍ୱାଳଙ୍କୁ ଅସ୍ତରଙ୍ଗ ପୋଲିସ ସୋମବାର ଗିରଫ କରିଥିଲା। ତାଙ୍କୁ ନିମାପଡା କୋର୍ଟକୁ



ଅଭିଯୁକ୍ତଙ୍କ ସହ ଥାନା ଅଧିକାରୀଙ୍କ ଭାଇରାଲ୍ ଫଟୋ।

ନେବା ବେଳେ ରାମଚଣ୍ଡୀ ଥାନାଧିକାରୀ ବୁଲୁ ମୁଣ୍ଡା ପୋଲିସ ଭ୍ୟାନ ଭିତରେ ସେଲଫି ନେଇଥିଲେ। ଏହାର ଏକ ଭିଡିଓ ଏବଂ ସେଲଫି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ମୁନା ଓ ତାର ସହଯୋଗୀମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୫ତାରିଖ ରାତିରେ ଅଠତିରା ଗ୍ରାମର ସାଧୁସ୍ୱାଇଁ ଓ ତାଙ୍କ ପୁଅ ଦିଲୀପ ଏବଂ ତାଙ୍କର ଜଣେ ବନ୍ଧୁ ବିପିନ ମୁଦୁଲିଙ୍କୁ ଆଳସାହି ଛକଠାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ଦିଲୀପଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୁଇଥର ରାସ୍ତାରୋକୋ କରିଥିଲେ। ମୁନାକୁ ଗିରଫ କରିବା ଲାଗି ଏସ୍‌ପି ଅସ୍ତରଙ୍ଗ, କାକଟପୁର, ରାମଚଣ୍ଡୀ ଏବଂ ଚନ୍ଦ୍ରଭାଗା ମେରାଇନ୍ ପୋଲିସ ଥାନାକୁ ନେଇ ୪ଟିମ୍ ଗଠନ କରିଥିଲେ। ଏହି ଟିମ୍ ଘଟଣା ପରଠାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ସୋମବାର ହଠାତ୍ ଅସ୍ତରଙ୍ଗ ପୋଲିସ ତାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଶରତ କୁମାର ନାୟକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନ୍ୟପଟେ ଅଭିଯୁକ୍ତ ମୁନା ରାମଚଣ୍ଡୀ ଥାନାଅଧିକାରୀ ବୁଲୁ ମୁଣ୍ଡାଙ୍କ ପ୍ରରୋଚନାରେ ଥାନାରେ ଆତ୍ମସମର୍ପଣ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣାକୁ ଅସ୍ତରଙ୍ଗ ଥାନାଧିକାରୀ ନାୟକ ଖଣ୍ଡନ କରିଛନ୍ତି। ତେବେ ଅସ୍ତରଙ୍ଗ ଥାନା ଦ୍ୱାରା ଗିରଫ ଅଭିଯୁକ୍ତଙ୍କୁ ରାମଚଣ୍ଡୀ ଥାନାଧିକାରୀ ମୁଣ୍ଡା କାହିଁକି ପୋଲିସ ଭ୍ୟାନରେ ନିମାପଡ଼ା ନେଉଥିଲେ, ଅସ୍ତରଙ୍ଗ ପୋଲିସ କାହିଁକି ନେଇ ନ ଥିଲା ପ୍ରଶ୍ନରେ ଅସ୍ତରଙ୍ଗ ଥାନା ଅଧିକାରୀ ନାୟକ କୁହନ୍ତି, ସଂପୃକ୍ତ ଥାନାଅଧିକାରୀ ଏସ୍‌ପି ଗଠନ କରିଥିବା ଟିମ୍‌ରେ ରହିଥିଲେ। ତେଣୁ ସେ ଗିରଫ ଅଭିଯୁକ୍ତଙ୍କୁ ନେଇ ନିମାପଡା କୋର୍ଟକୁ ଯାଉଥିଲେ। ଏସ୍‌ପି ଦାଶ କୁହନ୍ତି ଯେ, ଅପରାଧିଙ୍କ ସହିତ ସେଲଫି ନେବା ଏକ ସମ୍ବେଦନଶୀଳ ଘଟଣା। ଏହାକୁ ଗୁରୁତର ସହିତ ନିଆଯାଇଛି। ଭାଇରାଲ ହୋଇଥିବା ଫଟୋ ହସ୍ତଗତ ହୋଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅପରାଧିଙ୍କ ସହିତ ପୋଲିସର ସମ୍ପର୍କ ରହିଥିବା ଖବର ନଜରକୁ ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ରାମଚଣ୍ଡୀ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ମୋବାଇଲ ନମ୍ବର ୯୪୩୭୬୦୧୬୯୭କୁ ଯୋଗାଯୋଗ କରାଯାଇଥିଲେ ବି ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# କଳା, ସଂସ୍କୃତିର ସହର ଶ୍ରୀକ୍ଷେତ୍ର

**ପୁରୀ ଅଫିସ,୧୪।୧୦**

ଶ୍ରୀକ୍ଷେତ୍ର ହେଉଛି କଳା ଓ ସଂସ୍କୃତିର ସହର। ବହୁ ଖ୍ୟାତିସମ୍ପନ୍ନ କଳାକାରଙ୍କୁ

**୫୨ତମ କୁମାରୋତ୍ସବ ଉଦ୍‌ଘାଟିତ**

ଜନ୍ମଦେଇଛି ଏହି ମାଟି। କଳାର ବିକାଶ କ୍ଷେତ୍ରରେ କୁମାରୋତ୍ସବ ସମିତିର ବିଶେଷ ଭୂମିକା ରହିଛି। କୁମାରୋତ୍ସବ ସମିତି ଆନୁକୂଲ୍ୟରେ ସୋମବାର ଶରଧାବାଲିରେ ଆୟୋଜିତ ୫୨ତମ କୁମାରୋତ୍ସବକୁ ଉଦ୍‌ଘାଟନ କରି ଏହା କହିଛନ୍ତି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ।

ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ସେବାୟତ ଗୋପାଳ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଶଙ୍କର ପରିଡ଼ା ଯୋଗଦେଇ ସାଂସ୍କୃତିକ ଭାବ ବିନିମୟ ସମାଜରେ ଭାଇଚାରା ଓ ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ରାଜେଶ



ଅତିଥିମାନେ ଶ୍ରୀକ୍ଷେତ୍ର କୁମାରୀ ଓ ଶ୍ରୀକ୍ଷେତ୍ର କୁମାରଙ୍କୁ ସମ୍ମାନିତ କରୁଛନ୍ତି।

ମିଶ୍ର, ରତନ କୁମାର ମିଶ୍ର, ରଶ୍ମିରଞ୍ଜନ ସିହ୍ନା, କବି ତିଳକ୍ ଆର୍ତ୍ତତ୍ରାଣ ଶତପଥୀ, ଶିକ୍ଷାବିତ୍ ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ପୁଷ୍କର ମହାପାତ୍ର, ନାରୀନେତ୍ରୀ ସରସ୍ୱତୀ ପାତ୍ର, ସାମାଜିକ କର୍ମୀ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସ୍ୱାଧୀନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ନାଟ୍ୟକାର ଭରତ ନାୟକ ଓ ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ଶିଶୁ ପ୍ରତିଭା

■ ଡୁଡୁଲ ଶ୍ରୀକ୍ଷେତ୍ର କୁମାରୀ ଓ ଦେବୀ ପ୍ରସାଦଙ୍କୁ ଶ୍ରୀକ୍ଷେତ୍ର କୁମାର ସମ୍ମାନ

■ ମନ ମୋହିଲା 'ମନୁଆ ଜହ୍ନ କୁଆଁରୀ ମନ'

ଡୁଡୁଲ ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର କୁମାରୀ ଏବଂ ଦେବୀ ପ୍ରସାଦ ଦାଶଙ୍କୁ ଶ୍ରୀକ୍ଷେତ୍ର କୁମାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଆର୍ତ୍ତତ୍ରାଣ ଶତପଥୀଙ୍କ ରଚିତ ଓ ଗୁରୁ ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶିତ ନବପ୍ରତିଭାର କଳାକାରମାନେ 'ମନୁଆ ଜହ୍ନ କୁଆଁରୀ ମନ' ସଙ୍ଗୀତରୂପକ ପରିବେଷଣ କରିଥିଲେ। ବିପିନ ବାରିକଙ୍କ ସଙ୍ଗୀତ ଏବଂ ସନ୍ତୋଷ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଅନନ୍ୟା କଳାମନ୍ଦିର, ମେଘ ମହ୍ଲାର, ସୁର ମନ୍ଦିର, ନୃତ୍ୟ ନୈବେଦ୍ୟ ପ୍ରଭୃତି ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶରଧାବାଲିରେ ଦେଖିବାକୁ ମିଳିଥିଲା ସାଂସ୍କୃତିକ ଝଲକ।



କଳାକାରମାନେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## କୋଣାର୍କକୁ ସ୍ୱଚ୍ଛ, ପଲିଥିନ୍‌ମୁକ୍ତ ନେଇ ଜିଲାପାଳଙ୍କ ବୈଠକ

**କୋଣାର୍କ, ୧୪।୧୦(ଡି.ଏନ୍.ଏ.)**

କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଣାର୍କ ଏନ୍‌ଏସି ଆନୁକୂଲ୍ୟରେ କୋଣାର୍କକୁ ସ୍ୱଚ୍ଛତା ଓ ପ୍ରଦୂଷଣ ମୁକ୍ତ ସହର ଭାବରେ ଗଢି ତୋଳିବା ପାଇଁ ପୁରୀ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ଜିଲାପାଳ ବଲୱନ୍ତ ସିଂ ଯୋଗଦେଇ କୋଣାର୍କକୁ ପ୍ଲାଷ୍ଟିକ ମୁକ୍ତ ଓ ପ୍ରଦୁଷଣ ମୁକ୍ତ ସହର ଭାବରେ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସାମୁହିକ ପ୍ରୟାସ ଜରୁରୀ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ କୋଣାର୍କ ଏନ୍‌ଏସିର ସମସ୍ତ ଅଞ୍ଚଳରୁ ବାହାରୁଥିବା ଅଳିଆ ଆବର୍ଜନା ସଫା କରି ଗାଡ଼ିରେ ପକାଇଲେ ସ୍ୱଚ୍ଛ କୋଣାର୍କ ଓ ସବୁଜ କୋଣାର୍କ ଗଠନ ସମ୍ଭବହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ପୁରୀ ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସ୍ଥାନୀୟ ଅଧିବାସୀଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ପରିଚାଳନା କରିଥିଲେ। ଏଥିରେ କୋଣାର୍କ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।



ରେଲୱେ ଷ୍ଟେଶନ ଆଶ୍ରୟସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ହବିଷିଆଳି।

## ହବିଷିଆଳି ଆଶ୍ରୟସ୍ଥଳୀରୁ...

### ମୁଖ୍ୟମନ୍ତ୍ରୀ ଆସିଲେନି କି ?

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ହବିଷିଆଳି କାର୍ତ୍ତିକ ବ୍ରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏକ ବଡ଼ ଟିଭି ସ୍କ୍ରିନ୍‌ରେ କାର୍ଯ୍ୟକ୍ରମକୁ ହବିଷିଆଳିମାନେ ଦେଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ପ୍ରାୟ ୯୦୦ ହବିଷିଆଳିଙ୍କ ପାଇଁ ଗୋଟିଏ ସ୍କ୍ରିନ୍ ଯୋଗୁ ବହୁ ସଂଖ୍ୟକ ହବିଷିଆଳି ମୁଖ୍ୟମନ୍ତ୍ରୀଙ୍କୁ ଦେଖିପାରି ନ ଥିଲେ। ସେହିପରି ଅନେକ ହବିଷିଆଳି ଭିଡ଼ିଓ କନଫରେନ୍ସି ବ୍ୟବସ୍ଥା ବିଷୟରେ ଜାଣି ନ ଥିବାରୁ ମୁଖ୍ୟମନ୍ତ୍ରୀ କ'ଣ ଆସିଲେନି କି ବୋଲି ସରକାରୀ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରଶ୍ନ କରୁଥିବା ଦେଖିବାକୁ ମିଳିଥିଲା।

### ମନ କଥା କହିଲେ ମମତା

କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ ଦୁଇ ହବିଷିଆଳି ପୁରୀ କୃଷ୍ଣପ୍ରସାଦର ରମା ଦଳାଇ ଓ ମୟୂରଭଞ୍ଜ ବାରିପଦାର ମମତା ଦେ। ମୁଖ୍ୟମନ୍ତ୍ରୀଙ୍କୁ ମନର କଥା କହିବା ପରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ମମତା। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଯେଉଁ ହବିଷିଆଳି ଯୋଜନା କରିଛନ୍ତି ଏହାଦ୍ୱାରା ବହୁ ଲୋକ ଉପକୃତ ହେଉଛନ୍ତି। ଯେଉଁମାନେ ଅଭାବରୁ ଆସିପାରୁ ନ ଥିଲେ ସେମାନେ ଆସି ପୁରୀରେ ରହି ହବିଷ କରିପାରୁଛନ୍ତି। ଆଶ୍ରୟସ୍ଥଳୀରେ ରହିବା, ଖାଇବା, ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯିବା, ସ୍ୱାସ୍ଥ୍ୟସେବା ସୁବିଧା ଆଦି ସବୁକିଛି କରାଯାଇଛି। ମହାପ୍ରଭୁ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘଜୀବୀ ଓ ଆଶୀର୍ବାଦ କରନ୍ତୁ।

### ଆଜି ସେତିକି ଥାଉ, କାଲିକି ପୂଜିବ

କାର୍ଯ୍ୟକ୍ରମ ସନ୍ଧ୍ୟା ୫ଟା ୪୫ରେ ହେବା ପାଇଁ ସ୍ଥିର ହୋଇଥିଲା। ତେବେ ଏହି ସମୟରେ ଅନେକ ହବିଷିଆଳି ଆଶ୍ରୟସ୍ଥଳୀ ବାହାରେ ଥିଲେ। ଚଉରା ମୂଳେ ସେମାନେ ସଞ୍ଜବତି ଜାଳି ପୂଜା କରୁଥିଲେ। ଏହି ସମୟରେ ହବିଷିଆଳିମାନଙ୍କୁ ଆଶ୍ରୟସ୍ଥଳୀ ଭିତରକୁ ଯିବା ପାଇଁ ମାଇକରେ କୁହାଯାଉଥିଲା। ଆଜି ସେତିକି ଥାଉ, କାଲିକି ପୂଜିବ ବୋଲି କହି ସେମାନଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ମାଇକରେ ବାରମ୍ବାର ଡକରା ଯାଇଥିଲା। ଏପରି କି ସ୍ୱେଚ୍ଛାସେବୀମାନେ ବାହାରକୁ ଯାଇ ହବିଷିଆଳିଙ୍କୁ ଆଣି ଭିତରେ ବସାଇଥିଲେ।

### ମୋବାଇଲ ଚାର୍ଜିଂ ପାଇଁ ସମସ୍ୟା

ନରେନ୍ଦ୍ରକୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ହବିଷିଆଳିମାନେ ମୋବାଇଲ ଚାର୍ଜିଂ ପାଇଁ ହଇରାଣ ହେଉଛନ୍ତି। ଏହି କୋଠା ତିଆରି ଚାଲୁଥିବାରୁ ବିଦ୍ୟୁତ୍ କାମ ସମ୍ପୂର୍ଣ୍ଣ ହୋଇ ନାହିଁ। ଚାର୍ଜିଂ ପଏଣ୍ଟ ନ ଥିବାରୁ ହବିଷିଆଳିମାନେ ସେମାନଙ୍କ ମୋବାଇଲ ଚାର୍ଜ କରିପାରୁ ନାହାନ୍ତି। ଅନେକଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିବାରୁ ସେମାନେ ପରିବାର ଲୋକଙ୍କ ସହ କଥା ହୋଇପାରୁନାହାନ୍ତି। ଏହି କେନ୍ଦ୍ର ଦାୟିତ୍ୱରେ ଥିବା ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି, ସବୁ ମହଲାରେ ୪/୫ଟି ଅସ୍ଥାୟୀ ଚାର୍ଜିଂ ପଏଣ୍ଟ ବ୍ୟବସ୍ଥା ହୋଇଛି। କିନ୍ତୁ ହବିଷିଆଳିମାନେ ଜାଣିପାରୁ ନାହାନ୍ତି। ମଙ୍ଗଳବାର ଅଧିକ ସଂଖ୍ୟକ ଚାର୍ଜିଂ ପଏଣ୍ଟ କରାଯିବ।

## ମାଙ୍କଡ଼ କାମୁଡ଼ାରେ ହବିଷିଆଳି ଆହତ

**ପୁରୀ ଅଫିସ, ୧୪।୧୦**

ହବିଷିଆଳି ଆଶ୍ରୟସ୍ଥଳୀରେ ମାଙ୍କଡ଼ଙ୍କ ଉତ୍ପାତ ଦେଖିବାକୁ ମିଳିଛି। କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳୀରେ ମାଙ୍କଡ଼ କାମୁଡ଼ାରେ ଜଣେ ହବିଷିଆଳି ଆହତ ହୋଇଛନ୍ତି। ସେହିପରି ନରେନ୍ଦ୍ରକୋଣ ଆଶ୍ରୟସ୍ଥଳୀରେ ମାଙ୍କଡ଼ ପଶି ବ୍ରତଧାରୀଙ୍କ ଜିନିଷପତ୍ର ନେଇ ଯାଉଛନ୍ତି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ କଣାସର ବିଳାସିନୀ ଭୁଜବଳ ମୋଚିସାହି ଛକସ୍ଥିତ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ଏହି ସମୟରେ ଏକ ମାଙ୍କଡ଼ ତାଙ୍କୁ କାମୁଡ଼ି ଦେଇଥିଲା। ସେ ଆହତ ହୋଇଥିବାବେଳେ ତାଙ୍କର ଚିକିତ୍ସା ଚାଲିଛି। ୩ଟି ଆଶ୍ରୟସ୍ଥଳୀ ମଧ୍ୟରୁ ନରେନ୍ଦ୍ରକୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ମାଙ୍କଡ଼ମାନେ ଅଧିକ ଉତ୍ପାତ କରୁଛନ୍ତି। ଏହି କୋଠା ସମ୍ପୂର୍ଣ୍ଣ ଭାବେ ନିର୍ମିତ ହୋଇ ନ ଥିବାବେଳେ ହବିଷିଆଳି ରହୁଥିବା ପ୍ରକୋଷ୍ଠ ଭିତରକୁ ମାଙ୍କଡ଼ ପଲ ପଶି ସେମାନଙ୍କ ଜିନିଷପତ୍ର ନେଇଯାଉଛନ୍ତି। ସୋମବାର ଜଣେ ହବିଷିଆଳିଙ୍କ ବ୍ୟାଗ୍ ମାଙ୍କଡ଼ଟିଏ ନେଇଯାଉଥିବାବେଳେ ସେ ପାଟି କରିବାରୁ ତାହାକୁ ପକାଇ ପଳାଇଥିଲା। ଏ ନେଇ ହବିଷିଆଳି କେନ୍ଦ୍ରରେ ଆତଙ୍କ ଖେଳି ଯାଇଛି।

# ପହିଲି କାର୍ତ୍ତିକ ଅବସରରେ ଚନ୍ଦ୍ରଭାଗାରେ ହବିଷିଆଳିଙ୍କ ଭିଡ଼

**କୋଣାର୍କ, ୧୪।୧୦(ଡି.ଏନ୍.ଏ.)**

ଚନ୍ଦ୍ରଭାଗାଠାରେ ପହିଲି କାର୍ତ୍ତିକ ଅବସରରେ ହବିଷିଆଳିଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପବିତ୍ର କାର୍ତ୍ତିକମାସ ଅବସରରେ ମାସ ବ୍ୟାପି ବ୍ରତ ପାଳନ ଓ ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା କରିବା ପାଇଁ ଚନ୍ଦ୍ରଭାଗାସ୍ଥିତ ଦରିଆ ମହାବୀର ମନ୍ଦିର ଓ ଛୋଟାରାମ ମଠରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ହବିଷିଆଳିଙ୍କ ସମାଗମ ହୋଇଛି। କୋଣାର୍କସ୍ଥିତ ଚନ୍ଦ୍ରଭାଗାଠାରେ ସମାହିତ ହୋଇଥିବା ହବିଷିଆଳିଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେମାନଙ୍କ ପାଇଁ ଆଲୋକ, ପରିମଳ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ହବିଷିଆଳିମାନେ କହିଛନ୍ତି। ପୁରୀ ପରି ଚନ୍ଦ୍ରଭାଗାଠାରେ ଅବସ୍ଥାନ କରୁଥିବା ହବିଷିଆଳିଙ୍କ ପାଇଁ ଆବଶ୍ୟକୀୟ ବନ୍ଦୋବସ୍ତ କରିବା ପାଇଁ ପୁରୀ ଜିଲାପାଳଙ୍କ ନିକଟରେ ଦୂରଦୂରାନ୍ତରୁ ଆସିଥିବା ହବିଷିଆଳିମାନେ ଦାବି କରିଛନ୍ତି।





ପୁରୀ ରେଲୱେ ଷ୍ଟେସନ ହବିଷିଆଳି ଆଶ୍ରୟସ୍ଥଳରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ସୋମବାର ପ୍ରସ୍ତୁତ ବାଲୁକା କଳା।

# ଶ୍ରୀକ୍ଷେତ୍ରରେ ୬ହଜାର ହବିଷିଆଳିଙ୍କ ସମାଗମ

**ପୁରୀ ଅଫିସ, ୧୪।୧୦**

ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସ। ଏହି ପୂଣ୍ୟ ମାସରେ ହବିଷିଆଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପୁରୀରେ ରହି କାର୍ତ୍ତିକ ବ୍ରତ ପାଳିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ହବିଷିଆଳିମାନେ ପହଞ୍ଚିଛନ୍ତି। ଏଠାରେ ୬ହଜାରରୁ ଉର୍ଦ୍ଧ୍ୱ ବ୍ରତଧାରୀଙ୍କ ସମାଗମ ହୋଇଛି। ସୋମବାର ପ୍ରତ୍ୟୁଷରୁ ହବିଷିଆଳିମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହାପରେ ସଂକଳ୍ପ କରି ବ୍ରତ ଆରମ୍ଭ କରିବା ସହ ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କ ପୂଜା କରିଛନ୍ତି। ତେବେ ପ୍ରଥମ ଦିନରେ ଶ୍ୱେତଗଙ୍ଗାରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରିଥିବା ବେଳେ ସେ ଜଣେ ହବିଷିଆଳି ବୋଲି କୁହାଯାଉଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳିଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ୩ ହଜାର ହବିଷିଆଳିଙ୍କ ଲାଗି ୩ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି।



ହବିଷିଆଳିମାନେ ରାଇଦାମୋଦର ପୂଜା କରୁଛନ୍ତି।

ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୨,୬୦୦ ହବିଷିଆଳିଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ୨,୪୦୦ ଜଣ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୌର କଲ୍ୟାଣ ମଣ୍ଡପ ଓ ନରେନ୍ଦ୍ର କୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ରହିଛନ୍ତି। ଏହାବ୍ୟତୀତ ବ୍ୟକ୍ତିଗତ ଭାବେ ବହୁ ହବିଷିଆଳି ପୁରୀର ବିଭିନ୍ନ ମଠ, ମନ୍ଦିର ଓ ଧର୍ମଶାଳାରେ ରହି କାର୍ତ୍ତିକ ବ୍ରତ ପାଳୁଛନ୍ତି। ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଆଶ୍ରୟସ୍ଥଳୀରେ ହବିଷିଆଳିଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟସେବା ସାଙ୍ଗକୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ହବିଷିଆଳିଙ୍କୁ ସକାଳେ ଚା ଦିଆଯାଉଛି। ସୁରକ୍ଷିତ ସ୍ନାନ ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଲାଇଫ୍‌ଗାର୍ଡ ଓ ଅଗ୍ନିଶମ କର୍ମଚାରୀ ମୁତୟନ ରହିଥିବାବେଳେ ଶ୍ରୀମନ୍ଦିରକୁ ଯିବା ପାଇଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରୁ ଗାଡ଼ି ବ୍ୟବସ୍ଥା ହୋଇଛି। ସେହିପରି ଆଶ୍ରୟସ୍ଥଳୀ ପରିସରରେ

■ ଶ୍ୱେତଗଙ୍ଗାରେ ବୁଡ଼ି ମହିଳା ମୃତ

■ ହବିଷିଆଳି ହୋଇଥିବା ସନ୍ଦେହ

ତୁଳସୀ ଚଉରା ଏବଂ ଆକାଶ ଦୀପ ସାଙ୍ଗକୁ ସନ୍ଧ୍ୟାରେ ଭାଗବତ, ପୁରାଣ ଓ ପ୍ରବଚନ କାର୍ଯ୍ୟକ୍ରମ ରଖାଯାଇଛି।

ପୁରାଣ ଶାସ୍ତ୍ର ଅନୁଯାୟୀ, କାର୍ତ୍ତିକ ମାସ ସବୁଠୁ ପୂଣ୍ୟ ମାସ। ଏହି ମାସରେ କାର୍ତ୍ତିକ ବ୍ରତ ପାଳନ ଦ୍ୱାରା ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଦେବାଳୟ, ନଦୀ କୂଳ, ତୁଳସୀ ବୃକ୍ଷ ମୂଳେ ଓ ଘରେ ନିୟମିତ ଦୀପ ଜାଳିଲେ ସୁଖ ଓ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହି ମାସରେ ପ୍ରାତଃ ସ୍ନାନକୁ ଅତ୍ୟନ୍ତ ଶୁଭଦାୟକ ବୋଲି ବିବେଚନା କରାଯାଏ। ଏହାଦ୍ୱାରା ସୁଖ, ସମୃଦ୍ଧି, ଆୟୁ, ଶକ୍ତି ବୃଦ୍ଧି ପାଇଥାଏ। ବିଶେଷକରି ମହିଳାମାନେ ଅଧିକ ସଂଖ୍ୟାରେ ଏହି ବ୍ରତ ପାଳନ କରିଥାନ୍ତି। ଏଥିପାଇଁ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ଭିଡ଼ ଜମିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅକ୍ଟୋବର, ୨୦୧୯



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
- ଫ୍ରାଙ୍କ୍ଲିନ୍



# ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁ ଅଭିଯୋଗ

କଟକ ଅଫିସ,୧୪।୧୦

କଟକ ଶିଶୁଭବନରେ ଜଣେ ୪ମାସ ଶିଶୁର ମୃତ୍ୟୁକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସା ଅବହେଳାରୁ ଶିଶୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ଡାକ୍ତରଖାନା ପରିସରରେ ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ପ୍ରାୟ ଅଧଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଲାଲବାଗ ଥାନା ପୋଲିସ ପହଞ୍ଚି ମୃତ ଶିଶୁପୁତ୍ରଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଆଶୁତୋଷ ମିଶ୍ର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ଗରଡି ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କ ୪ମାସର ଶିଶୁପୁତ୍ର ୩ ଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଲାଗି ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ

**ଶିଶୁଭବନରେ ଉତ୍ତେଜନା**

ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ଘଟିବାରୁ ରବିବାର ପୂର୍ବାହ୍ନରେ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଭବନରେ ପହଞ୍ଚିବା ପରେ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଅଛି ଓ ଆଇସିୟୁରେ ରଖାଯିବ ବୋଲି ଡାକ୍ତରମାନେ କହିଥିଲେ। ହେଲେ ଆଇସିୟୁରେ ବେଡ ଫାଙ୍କା ନ ଥିବାରୁ ଶିଶୁପୁତ୍ରକୁ କାଜୁଆଲ୍ଟିରେ ରଖାଯାଇଥିଲା। ସୋମବାର ଅପରାହ୍ନ ପ୍ରାୟ ୩.୩୦ରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଡାକ୍ତରମାନେ ଅବହେଳା କରି ପୁଅକୁ ମାରି ଦେଇଛନ୍ତି ବୋଲି ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଏ ନେଇ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ(ଇନ୍‌ଚାର୍ଜ) ପ୍ରଫେସର ଅନିଲ କୁମାର ମହାନ୍ତି କୁହନ୍ତି, ମୋ ନିକଟରେ ଘଟଣା ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇନି। ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### କ୍ରୀଡ଼ା କ୍ଷେତ୍ରରେ ସିଡିଏ ଡିଏଭି ଛାତ୍ରଙ୍କ ସଫଳତା



**କଟକ ଅଫିସ, ୧୪।୧୦:** ରାଉରକେଲାଠାରେ ସିବିଏସ୍‌ଇ ପୂର୍ବାଞ୍ଚଳ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଡିଏଭି ସ୍କୁଲର ଛାତ୍ର ଗିରିଜାତ୍ମକ ବେହେରା ଓ ତ୍ରିନୟନ ବେହେରା ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଆସନ୍ତା ନଭେମ୍ବର ୧୯ରୁ ୨୪ ପର୍ଯ୍ୟନ୍ତ ଉତ୍ତରପ୍ରଦେଶସ୍ଥିତ ବଳରାମପୁରଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ଭାଗ ନେବେ। ସେମାନଙ୍କର କୃତିତ୍ୱ ପାଇଁ ବିଦ୍ୟାଳୟର ଅଧକ୍ଷା ନମିତା ମହାନ୍ତି ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ଏହି ଜୟଯାତ୍ରା ଜାରି ରହିବ ବୋଲି ମତବ୍ୟକ୍ତ କରିଛନ୍ତି।

### କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

**କଟକ ଅଫିସ, ୧୪।୧୦:** କେନ୍ଦ୍ର ଆଧାରରେ ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକମାନଙ୍କ ନିମନ୍ତେ ମହଙ୍ଗା ଭତ୍ତା ଘୋଷଣା ସହିତ ବିଭିନ୍ନ ସମସ୍ୟା ସମାଧାନ ଦାବିରେ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ପ୍ରଦାନ କରାଯାଇଛି। କଣ୍ଟ୍ରାକଚୁଆଲ ଓ ଏନ୍‌ଏଚ୍‌ଏମ୍ କଣ୍ଟ୍ରାକଚୁଆଲମାନଙ୍କର ଦରମା ନିର୍ଦ୍ଧାରଣ, ଇଞ୍ଜିନିୟରିଂ ବିଭାଗଗୁଡ଼ିକରେ କାର୍ଯ୍ୟରତ ୱାର୍କଚାର୍ଜମାନଙ୍କୁ ପେନସନ ପ୍ରଦାନ କରିବା ଭଳି ବିଭିନ୍ନ ଦାବି ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ବିଶ୍ୱମୋହନ ମହାପାତ୍ର, ମହିଳା ସବ୍ କମିଟି ଆବାହକ ଶ୍ରୀମତୀ ସାହୁ, କାହ୍ନୁ ଚରଣ ମଲ୍ଲିକ, ଶ୍ରଦ୍ଧାନନ୍ଦ ବେହେରା, ଲକ୍ଷ୍ମୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଦାବିପତ୍ର

**କଟକ ଅଫିସ, ୧୪।୧୦:** ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ସୋମବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। କଟକ ଜିଲାର ନିଆଳି, ଗୋବିନ୍ଦପୁର, ଆଠଗଡ଼, ବାଙ୍କୀ, କାନପୁର, ସାଲେପୁର ଥାନା ଅଞ୍ଚଳରେ ଅନୁସୂଚିତ ଜାତି ବର୍ଗର ଲୋକମାନଙ୍କ ଉପରେ ଅତ୍ୟାଚାର ହେଉଛି। ଦିନକୁ ଦିନ ଅତ୍ୟାଚାର ବୃଦ୍ଧି ପାଉଥିବାବେଳେ ଏଠାକାର ଲୋକେ ନ୍ୟାୟ ପାଇପାରୁ ନାହାନ୍ତି। କିଛିଦିନ ତଳେ ସାଲେପୁର ଅଞ୍ଚଳର ଏକ ଅନୁସୂଚିତ ଜାତି ବର୍ଗର ପରିବାର ଲୋକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କ ଅଭିଯୋଗକୁ ପୋଲିସ ଗୁରୁତର ସହ ଗ୍ରହଣ କରି ନ ଥିବା ମହାସଂଘ ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ କୁହାଯାଇଥିଲା। ଏ ଦିଗରେ ଦୃଷ୍ଟି ଦେବାକୁ ଏହି ନିବେଦନ କରାଯାଇଛି।





ଏସ୍‌ୟୁସିଆଇ ପକ୍ଷରୁ କଟକ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ।

# ରେଳସେବା ଘରୋଇକରଣ ପ୍ରତିବାଦରେ ବିକ୍ଷୋଭ

କଟକ ଅଫିସ, ୧୪।୧୦

କେନ୍ଦ୍ର ସରକାର ଦେଶର ୫୦ଟି ରେଳ ଷ୍ଟେଶନ ଓ ୧୫୦ଟି ଟ୍ରେନ୍‌କୁ ଘରୋଇକରଣ କରିବା ନିଷ୍ପତ୍ତି ପ୍ରତିବାଦରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ସୋମବାର କଟକ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ସଭାରେ 'ସବ୍‌କା ସାଥ୍ ସବ୍‌କା ବିକାଶ'ର ସ୍ଲୋଗାନ ଦେଉଥିବା କେନ୍ଦ୍ର ସରକାର ଦେଶର ପୁଞ୍ଜିପତିମାନଙ୍କର ସେବା କରିଚାଲିଛନ୍ତି। ସାଧାରଣ ମଣିଷ ଗରିବରୁ ଗରିବ ହେବାରେ ଲାଗିଲେଣି। ଜାତୀୟ ସମ୍ପତ୍ତିର ସମସ୍ତ ଭିତ୍ତିଭୂମି ଉପରେ ଦେଶର ପୁଞ୍ଜିପତିମାନେ ଅକ୍ତିଆର କରିଛନ୍ତି। ଦେଶର ରେଳସେବାକୁ ଘରୋଇକରଣ କରାଗଲେ ରେଳଭଡା ଆକାଶ ଛୁଆଁ ବୃଦ୍ଧି ଘଟିବ। ରେଳ କର୍ମଚାରୀ ବହୁ ସଂଖ୍ୟାରେ ଛଟେଇ ହେବା ସହ ରେଳସେବାରେ ନିଯୁକ୍ତି ସୁଯୋଗ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ ବୋଲି ପ୍ରତିବାଦ ସଭାରେ କୁହାଯାଇଥିଲା। ଏଥିରେ ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସସ୍ମିତା ମହାନ୍ତି, ସଙ୍ଗଠକ ଶୋଭା ଦେହୁରୀଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

## କରତ କଳରେ ଚଢ଼ାଉ, କାଠ ଜବତ

କଟକଅଫିସ,୧୪।୧୦

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଇମା ଗ୍ରାମରେ ଥିବା ଏକ କରତ କଳରେ ସୋମବାର କଟକ ଭିଜିଲାନ୍ସ ଓ ବୈରୀ ଫରେଷ୍ଟ ବିଭାଗ ମିଳିତ ଚଢ଼ାଉ କରିଛି। ସେଠାରେ ଥିବା ସରଞ୍ଜାମ ଓ କାଠ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୧,୯୩,୯୫୦ ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ଜବତ ସରଞ୍ଜାମ ମଧ୍ୟରେ ଏକ ୧୦ଏଚ୍‌ପିର ଇଲେକ୍ଟ୍ରିକ ମୋଟର, ଏକ ସେଟ୍ କରତମେଶିନ, ଦୁଇଟି ଲୁହା ଚକା ରହିଛି। ଏ ନେଇ କଟକ ଫରେଷ୍ଟ ଡିଭିଜନ କାର୍ଯ୍ୟାଳୟରେ ଏକ ମାମଲା (ନଂ.୮୦ଡି/୧୯-୨୦) ରୁଜୁ ହୋଇଛି।

## ଗଣ୍ଡଗୋଳ ଘଟଣା: ୭ ଗିରଫ

କଟକ ଅଫିସ,୧୪।୧୦

ଦୁର୍ଗାପୂଜା ଭସାଣିବେଳେ ଘଟିଥିବା ଗଣ୍ଡଗୋଳ ଘଟଣାରେ ବିଡାନାସୀ ଥାନା ପୋଲିସ ସୋମବାର ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତୁଳସୀପୁର ମଠସାହିର ମାନସ ନନ୍ଦ, ବିକ୍ରମ ସାହୁ, ଜଗନ୍ନାଥ ବେହେରା, ସଞ୍ଜୟ କୁମାର ସାହୁ, ଅନିଲ ସାହୁ, ମିଲନ ସାହୁ ଓ ସୋନୁ ସେଠୀ। ସେମାନେ ଗୋଟିଏ ସ୍ଥାନରେ ବସି କଥା ହେଉଥିବାବେଳେ ପୋଲିସ ପହଞ୍ଚି ଧରିଥିଲା। ଗତ ୯ ତାରିଖ ରାତିରେ ଦଶହରା ଭସାଣିବେଳେ ଦେଉଳସାହି ଓ ତୁଳସୀପୁରର ମେଢ ବକ୍ସିବଜାର ନିକଟରେ ଅଟକିଥିଲା। ଏହି ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଉଭୟ ସାହିର ପିଲାଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ତୁଳସୀପୁରର କେତେଜଣ ଯୁବକ ସଂଘବଦ୍ଧ ଭାବେ ଦେଉଳସାହିର ଜଣେ ଯୁବକଙ୍କୁ ମାଡ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୧୬୩/୧୯) ରୁଜୁ ହୋଇଛି।

## ନଦୀରେ ଭାସିଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର, ୧୪।୧୦(ଡି.ଏନ୍.ଏ.)

ବିରୁପା ନଦୀ ବ୍ୟାରେଜ କୂଳ ଗାଳା ନିକଟରୁ ଜଗତପୁର ଥାନା ପୋଲିସ ପାଣିରେ ଭାସୁଥିବା ଏକ ଯୁବକଙ୍କ ମୃତଦେହକୁ ସୋମବାର ଉଦ୍ଧାର କରିଛି। ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ହିଙ୍ଗୁଳାଇ ସାହିର ଅଶୋକ ନାୟକଙ୍କ ପୁଅ ଅବିନାଶ ନାୟକ । ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇଛି । ସୂଚନାଯୋଗ୍ୟ, ଗତ ଶନିବାର ଦିନ ୧୨ଟା ସମୟରେ ଅବିନାଶ ବିରୁପା ନଦୀକୁ ଗାଧୋଇବାକୁ ଯାଇ ନଦୀ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଜଗତପୁର ପୋଲିସ, ଦମକଳବାହିନୀ ଓ ଓଡ୍ରାଫ୍‌ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେହେଁ ଅବିନାଶଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ଅବିନାଶଙ୍କ ମୃତଦେହ ଗାଳା କୂଳରେ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

## ୨ ମେଡିକାଲ ପରିଦର୍ଶନ କଲେ ଆର୍‌ଡିସି

କଟକ ଅଫିସ,୧୪।୧୦

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଅନିଲ କୁମାର ସାମଲ ସୋମବାର ଏସ୍‌ସିବି ମେଡ଼ିକାଲ ଓ ସିଟି ହସ୍ପିଟାଲ ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ଆର୍‌ଡିସି ସାମଲ ଏହି ପରିଦର୍ଶନ କରିଥିଲେ। ପୂର୍ବାହ୍ନରେ ପ୍ରଥମେ ସିଟି ହସ୍ପିଟାଲକୁ ଯିବା ସହ ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ରୋଗୀମାନଙ୍କୁ ସରକାରୀ ସ୍ତରରୁ ଠିକ୍ ଭାବେ ଔଷଧ ମିଳୁଛି ନା ନାହିଁ ପଚାରି ବୁଝିଥିଲେ। ଏଥିସହ ୱାର୍ଡଗୁଡ଼ିକର ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଆଉଟ୍‌ଡୋରରେ ରେଜିଷ୍ଟ୍ରେଶନ ସୁବିଧା ପାଇଁ ଅଧିକ କାଉଣ୍ଟର ଖୋଲିବା, ରୋଗୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା, ସପ୍ତାହରେ ସବୁଦିନ ରୋଗୀଙ୍କୁ ଖାଦ୍ୟ ଯୋଗାଇଦେବା, ହସ୍ପିଟାଲ ପରିସରରେ ଥିବା ଜବରଦଖଲ ଉଚ୍ଛେଦ ସମ୍ପର୍କରେ ସିଟି ହସ୍ପିଟାଲର ଡାକ୍ତର ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଏସ୍‌ସିବି ମେଡ଼ିକାଲ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ସିବିକେ ମହାନ୍ତି, କଳ୍ପତରୁ ବେହେରା ଓ ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ସୀତା ଦାଶ ଉପସ୍ଥିତ ଥିଲେ।



କଟକ ନୂଆବଜାର ଅଞ୍ଚଳର ଏକ ଭୋଗ ଦୋକାନରୁ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଜବତ ହୋଇଥିବା ପଲିଥିନ୍।

# ୨ ଲକ୍ଷ ଟଙ୍କାର ପଲିଥିନ ଜବତ

କଟକ ଅଫିସ,୧୪।୧୦

କଟକ ମହାନଗର ନିଗମ (ସିଏମ୍‌ସି)ର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୋମବାର ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ପଲିଥିନ ଜବତ କରାଯାଇଛି। ବେଆଇନ ଭାବେ ପଲିଥିନ ବ୍ୟବହାର କରୁଥିବା ଯୋଗୁ ବ୍ୟବସାୟୀଙ୍କଠାରୁ ଗୋଟିଏ ଦିନରେ ୬୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଡ. ଅବିନାଶ ରାଉତଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ବକ୍ସିବଜାର ଅଞ୍ଚଳର ଗୋଟିଏ ତେଜରାତି ଦୋକାନ ଏବଂ ଷ୍ଟେଶନାରୀ ଦୋକାନରେ ଚଢାଉ କରି ୪୦ କେଜି ପଲିଥିନ ଜବତ କରିବା ସହିତ ୧୨ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ସେହିପରି ନୂଆବଜାର ଅଞ୍ଚଳର ଏକ ପୂଜା ଦୋକାନରେ ଚଢାଉ କରାଯାଇ ଗୋଟିଏ ବିପୁଳ ପରିମାଣର ପଲିଥିନ, ଗ୍ଲାସ, ସୋଲର କପ୍‌ପ୍ଲେଟ ଜବତ କରାଯିବା ସହିତ ୫୦ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା। ଚଢାଉ ସମୟରେ ସେହି ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପଲିଥିନ୍ ଜବତ ସମୟରେ ବ୍ୟବସାୟୀ ଜଣକ ହଠାତ ଦୋକାନ ଶଟର ବନ୍ଦ କରିଦେବାରୁ ଏନଫୋର୍ସମେଣ୍ଟ କର୍ମଚାରୀମାନେ ଭିତରେ ରହିଯାଇଥିଲେ। ଏଭଳି ପରିସ୍ଥିତି ସୃଷ୍ଟି ହେବା ପରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରଭାକର ସାହୁ ଓ ସିଏମ୍‌ସି ଡେପୁଟି କମିଶନର ଡ. ଅବିନାଶ ରାଉତ ଏ ନେଇ ଚାଉଳିଆଗଞ୍ଜ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନର ୨ଜଣ କର୍ମଚାରୀଙ୍କୁ ଥାନାକୁ ଆଣିଥିଲା। ପରେ ସେମାନଙ୍କ ନାମରେ ଏକ ଷ୍ଟେସନ ଡାଏରୀ ରୁଜୁ କରିବା ସହ ଚେତାବନୀ ଦେଇ ଛାଡ଼ିଛି। ତେବେ ସୋମବାର ମୋଟ୍ ୧୨ କୁଇଣ୍ଟାଲ ପଲିଥିନ୍ ଜବତ କରାଯାଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସାହୁ କହିଛନ୍ତି। ଅକ୍ଟୋବର ୨ରୁ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ସିଏମ୍‌ସି ପ୍ରୟାସ ଆରମ୍ଭ କରିଥିଲା। ଏଥିପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ଚଳିତବର୍ଷ ମୋଟ୍ ୮ଥର ଚଢାଉ କରାଯାଇ ପ୍ରାୟ ୧ଲକ୍ଷ ୮୬ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହିତ ବିପୁଳ ପରିମାଣର ପଲିଥିନ ଜବତ କରାଯାଇଛି ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସାହୁ କହିଛନ୍ତି।

**୬୨ ହଜାର ଜରିମାନା ଆଦାୟ**



କଟକ ସାଆନ୍ତ ସାହି କେଲୁଚରଣ କୁମାର ଉତ୍ସବ ମଣ୍ଡପରେ କୁମାର ଉତ୍ସବ ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ।



କଟକ ଲେଖକ ସହଯୋଗ ସମିତି ସଭାଗୃହରେ ଅମିତା ବେହେରାଙ୍କ ଲିଖିତ ଶିଶୁ କିଶୋର କବିତା ସମ୍ଭାରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଚୌଦ୍ୱାର, ୧୪।୧୦(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗୋଡଧୁଆ ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲରୁ ସୋମବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହକୁ ଚୌଦ୍ୱାର ପୋଲିସ ଉଦ୍ଧାର କରିଛି। ସେ ହେଲେ ସେହି ଗ୍ରାମର ପୂଜକ ଘନ ସୋରେନ୍। ମୃତକଙ୍କ ପୁଅ ଭଜଗ ସୋରେନ୍‌ଙ୍କ କହିବାନୁଯାୟୀ, ଘନ ଗତ ଶନିବାରଠାରୁ ନିକଟସ୍ଥ ସମଟିକିରା ଗ୍ରାମରେ ଥିବା ଜଣେ ସମ୍ପର୍କିୟଙ୍କ ଘରକୁ ଯାଇଥିଲେ। ସେହିଦିନ ସନ୍ଧ୍ୟାରେ ସେ ଘରକୁ ଫେରିବାର ଥିଲା। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ରବିବାର ସମ୍ପର୍କିୟଙ୍କ ଘରକୁ ଯାଇ ଘନଙ୍କ ସମ୍ପର୍କରେ ବୁଝିଥିଲେ। ଶନିବାର ରାତିରେ ଘନ ସେଠାରୁ ଯାଇଥିବା ସମ୍ପର୍କିୟଙ୍କଠାରୁ ଜାଣିବା ପାଇଥିଲେ। ପରେ ପରିବାର ଲୋକେ ଘନଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୋମବାର ସକାଳେ ଘନଙ୍କ ମୃତଦେହ ସ୍ଥାନୀୟ କାଜୁ ଜଙ୍ଗଲରେ ପଡିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଘନଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ଥିବାବେଳେ ପ୍ରବଳ ରକ୍ତସ୍ରାବ ହୋଇ ଶୁଖିଯାଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରୁ କିଛି ଦୁରରେ ସେ ପିନ୍ଧୁଥିବା ଚଷମା ଓ ଚପଲ ପଡିଥିଲା। ଚୌଦ୍ୱାର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଯାଇଛି। ଘନଙ୍କୁ କେହି ହତ୍ୟାକରି ସେଠାରେ ପକାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ. ୩୯୨/୧୯)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

### ଓଟିଇଟି ପରୀକ୍ଷାରେ ବିଭ୍ରାଟ ଘଟଣା

# ବୋର୍ଡ କାର୍ଯ୍ୟାଳୟ ଘେରାଉ

କଟକ ଅଫିସ,୧୪।୧୦

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପରୀକ୍ଷାରେ ଅନେକ ବିଭ୍ରାଟ ଘଟିଛି। ଗତ ୯ ତାରିଖରେ ବୋର୍ଡ ପକ୍ଷରୁ ପରୀକ୍ଷାର ଉତ୍ତର ଶିଟ୍ ଅନ୍‌ଲାଇନରେ ପ୍ରକାଶ ପାଇଥିଲା। ହେଲେ ପ୍ରତି ଶିଟ୍‌ରେ ଉତ୍ତର ଭୁଲ୍ ଥିବା ଜଣାପଡିଥିଲା। ଉଦାହରଣ ସ୍ୱରୂପ, ପ୍ରଶ୍ନଥିଲା- ଓଡ଼ିଶାର ୨୬ତମ ରାଜ୍ୟପାଳ କିଏ? ଯେଉଁଥିରେ ୪ଟି ଅପ୍ସନ ରହିଥିଲା, ଯଥା-ପ୍ରଫେସର ଗଣେଶୀ ଲାଲ, ସତ୍ୟପାଲ ମଲ୍ଲିକ, ନବୀନ ପଟନାୟକ ଓ ରାମ ନାଏକ। ତେବେ ଓଟିଇଟି ପକ୍ଷରୁ ଜାରି କରାଯାଇଥିବା ଉତ୍ତର ଥିଲା ନବୀନ ପଟ୍ଟନାୟକ। ହେଲେ ଠିକ୍ ଉତ୍ତର ହେଉଛି ଗଣେଶି ଲାଲ। କେବଳ ଏହି ଗୋଟିଏ ପ୍ରଶ୍ନ ନୁହେଁ, ଆହୁରି ଅନେକ ପ୍ରଶ୍ନର ଭୁଲ ଉତ୍ତର ବୋର୍ଡ ପକ୍ଷରୁ ଦର୍ଶାଯାଇଛି। ଏଭଳି ଅଭିଯୋଗ ଉଠାଇ ରାଜ୍ୟ ସ୍ତରୀୟ-୫ (ଏକ୍ସ କ୍ୟାଡର) ଶିକ୍ଷକ ମହାସଂଘ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସୋମବାର ବୋର୍ଡ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ବୋର୍ଡ ସମ୍ପାଦକ ରାମାଶିଷ ହାଜରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୋର୍ଡ କର୍ତ୍ତୃପକ୍ଷ ଠିକ୍ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କୁହାଯାଇଛି।

ଗତ ଅଗଷ୍ଟ ୫ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଓଟିଇଟି ପରୀକ୍ଷା ହୋଇଥିଲା। ୨୦୧୮ରେ ପ୍ରଶ୍ନପତ୍ର ଲିକ୍ ଯୋଗୁ ସେହି ବର୍ଷ ବାତିଲ ହୋଇଥିବା ପରୀକ୍ଷାକୁ ଗତ ଅଗଷ୍ଟରେ କରାଯାଇଥିଲା। ୫୦ପ୍ରତିଶତ ପ୍ରଶ୍ନର ଉତ୍ତର ବୋର୍ଡ ପକ୍ଷରୁ ଭୁଲ୍ ଦର୍ଶାଯାଇଛି ବୋଲି ଆନ୍ଦୋଳନକାରୀଙ୍କ ମୁଖ୍ୟ ଅଭିଯୋଗ ରହିଥିଲା। ଏହାଛଡ଼ା କିଛି ପ୍ରଶ୍ନରେ ତାମିଲ, କେରଳୀ ଓ ବେଙ୍ଗଲୀ ଶବ୍ଦକୁ ବ୍ୟବହାର କରାଯାଇଥିବାରୁ ପରୀକ୍ଷାର୍ଥୀମାନେ ବୁଝି ପାରି ନ ଥିଲେ। ଅନ୍ୟପକ୍ଷରେ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଭାଇରାଲ ହୋଇଛି ବୋଲି ମଧ୍ୟ ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘ ସଭାପତି ଶିବଲାଲ ସାହୁ କହିଛନ୍ତି, ବୋର୍ଡ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଯୋଗୁ ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ହଇରାଣ ହେବା ଭଳି ପରିସ୍ଥିତି ଉପୁଜିଛି। ପ୍ରତିଟି ପ୍ରଶ୍ନର ମୂଲ୍ୟାୟନ ପାଇଁ ୫୦୦ଟଙ୍କା ଧାର୍ଯ୍ୟ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ସେମାନଙ୍କ ଭୁଲ ଯୋଗୁ ପରୀକ୍ଷାର୍ଥୀଙ୍କ ଅର୍ଥ ହାନି ହେଉଛି। ଗ୍ରେସ ମାର୍କ ଦିଆଯିବା ପାଇଁ ମୁଖ୍ୟ ଦାବି କରିଛୁ। ଏଥିସହ ପରୀକ୍ଷାର୍ଥୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଓ ପରୀକ୍ଷାରେ ଅନିୟମିତତା ପାଇଁ ଦାୟୀ କର୍ତ୍ତୃପକ୍ଷଙ୍କୁ ନିଲମ୍ବନ କରାଯିବାକୁ ଦାବି କରୁଛୁ। ବୋର୍ଡ କର୍ତ୍ତୃପକ୍ଷ ଦାବି ନ ଶୁଣିଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ ହେବ ବୋଲି ସଭାପତି ସାହୁ କହିଥିଲେ। ଏ ସମ୍ପର୍କରେ ବୋର୍ଡ ସମ୍ପାଦକ ହାଜରା କହିଛନ୍ତି, ଦାବିପତ୍ର ଗ୍ରହଣ କରାଯାଇଛି। ତ୍ରୁଟି କେଉଁଠାରେ ଅଛି ସେ ସମ୍ପର୍କରେ ପଚରାଉଚରା ଆରମ୍ଭ ହୋଇ ସାରିଲାଣି। ସମସ୍ତ ଘଟଣା ତର୍ଜମା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।





ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



# ବିଏମ୍‌ସିର ରାଜସ୍ୱ ଚିନ୍ତା

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

■ ୮ ମାସରେ ଆଦାୟ ହୋଇଛି ୩୦ କୋଟି

■ ୧୫୦ କୋଟି ରାଜସ୍ୱ ଆଦାୟ ନେଇ ଅନିଶ୍ଚିତତା

ରାଜସ୍ୱ ବଢ଼ାଇବା ଚିନ୍ତାରେ ବାଉଳିଚାଉଳି ହେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଆର୍ଥିକ ବର୍ଷ ଶେଷ ସୁଦ୍ଧା କିପରି ୧୫୦ କୋଟି ଟଙ୍କା ରାଜସ୍ୱ ଆଦାୟ କରିବ, ଏନେଇ ଟେର୍ ପାଉନି ବିଏମ୍‌ସି। ସର୍ବକ୍ଷମା ଯୋଜନାରେ ସୁଧାର ହେଉ ବା ହୋଲ୍ଡିଂ ଟ୍ୟାକ୍ସରେ ପରିବର୍ତ୍ତନ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିୟମ ହେଉ ବା ବିଜ୍ଞାପନ ଏବଂ ବଜାର ଟିକସ୍ ଅଦାୟ, ସେହିପରି ପାର୍କିଂ ପାଇଁ ଟେଣ୍ଡର ହେଉ ବା ସ୍ୱଟ୍ ଅକ୍ସନ୍, ସବୁଆଡୁ ରାଜସ୍ୱ ଆଦାୟର ନିଗମ ଚେଷ୍ଟା ଚଳାଇଛି। ହେଲେ ସମସ୍ତ ପ୍ରକ୍ରିୟା ଏବେ ନାଲିଫିତା ତଳେ ନଥିପତ୍ର ହୋଇ ପଡ଼ିରହିଛି। ଚଳିତ ଆର୍ଥିକ ବର୍ଷର ୭ମାସ ବିତିଯାଇଥିଲେ ମଧ୍ୟ ସେପ୍ଟେମ୍ବର ସୁଦ୍ଧା ବିଏମ୍‌ସି ମାତ୍ର ୩୦ କୋଟି ୯୧ ଲକ୍ଷ ୪୯ହଜାର ୮୧୩ ଟଙ୍କା ଆଦାୟ କରିଛି। ତେବେ ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ବିଏମ୍‌ସି ୧୫୦ କୋଟିର ରାଜସ୍ୱ ଆଦାୟ ଟାର୍ଗେଟ୍ କିଭଳି ପୂରଣ କରିବ ସେ ନେଇ ଅନିଶ୍ଚିତତା ଲାଗି ରହିଛି।

ଅନ୍ୟପକ୍ଷେ ବିଏମ୍‌ସିର ହୋଲ୍ଡିଂ ଟ୍ୟାକ୍ସ କଲେକ୍ଟର ଭାବେ ଏସ୍ଏଚ୍‌ଜି ମହିଳାଙ୍କ ନିଯୁକ୍ତି ଏବେ ବି ଟେଣ୍ଡର ଭାବେ ପଡ଼ିରହିଛି ଓ ବାରମ୍ବାର ଏହାର ସମୟସୀମା ବୃଦ୍ଧି କରାଯାଉଛି। ଏପଟେ ଏସ୍ଏଚ୍‌ଜି ମହିଳାମାନେ ବିଏମ୍‌ସିର ସର୍ତ୍ତରେ ରାଜି ନ ଥିବାବେଳେ ନିଷ୍କର୍ଷ ଆଲୋଚନାରେ ଅଟକିଛି। ଫଳରେ ଅହେତୁକ ବିଳମ୍ବ ହୋଇଚାଲିଛି। ଏନେଇ ଜଣେ ଏସ୍ଏଚ୍‌ଜି ମହିଳା କହିଛନ୍ତି, ମହିଳା ସଶକ୍ତୀକରଣ ବାର୍ତ୍ତା ଦେଇ ପ୍ରଲୋଭନ ଦେଖାଯାଉଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା। ନିଯୁକ୍ତି ପାଇଁ ପୂର୍ବରୁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ରଖାଯାଇଥିବାରୁ କେହି ମଧ୍ୟ ଟେଣ୍ଡରରେ ଆବେଦନ କରି ନ ଥିଲେ। ଏବେ ଉକ୍ତ ସର୍ତ୍ତକୁ କମାଇ ଶିକ୍ଷାଗତ ଯୋଗ୍ୟତା ମ୍ୟାଟ୍ରିକ୍ ପାସ୍ ରଖାଯାଇଛି। ତେବେ ଆଗକୁ ଯଦିଓ ନିଯୁକ୍ତି ମିଳୁଛି, ଏତେ କମ୍ ସମୟ ମଧ୍ୟରେ ଏତେ ପରିମାଣର ରାଜସ୍ୱ ଆଦାୟ କରିହେବ ନାହିଁ ବୋଲି ସେ କହିଛନ୍ତି।

ସେହିପରି ସହରରେ ପାର୍କିଂରୁ ବିଏମ୍‌ସି ମୋଟା ଅଙ୍କର ରାଜସ୍ୱ ଆଦାୟ କରିଥାଏ। କିନ୍ତୁ ଗତ କିଛି ମାସ ହେବ ବିଏମ୍‌ସିର ୱେବସାଇଟରେ ପାର୍କିଂ ପାଇଁ ଟେଣ୍ଡର ଅବଧି ବଢ଼ି ଚାଲିଛି, ହେଲେ ଆଶାନୁରୂପ ଆବେଦନ ହେଉନାହିଁ। ପ୍ରଥମତଃ ପାର୍କିଂ ପ୍ୟାକେଜ୍ ପାଇଁ କେହି ଆବେଦନ କରି ନ ଥିବାବେଳେ ଗତ ମାସରେ ପୁଣି ଥରେ ପ୍ରକାଶ ପାଇଥିବା ଟେଣ୍ଡରରେ **'ମିନିମମ୍ କଷ୍ଟ ରେଟ୍'** ନ ଥିବାରୁ କେହି ଆବେଦନ କରି ନ ଥିଲେ। ଯେଉଁଥିପାଇଁ ଏବେ ପାର୍କିଂ ସ୍ଥଳଗୁଡ଼ିକର ନିଲାମ କରାଯିବ ବୋଲି ୱେବସାଇଟରେ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଜମିର ବେଞ୍ଚମାର୍କ ଅନୁସାରେ ବିଏମ୍‌ସି ହୋଲ୍ଡିଂ ଟ୍ୟାକ୍ସ ଆଦାୟ ପାଇଁ ନୂଆ ନିୟମ ପ୍ରସ୍ତୁତ କରିଛି। ତେବେ ଏନେଇ କୌଣସି ଆଧିକାରିକ ସୂଚନା ମିଳି ନ ଥିବାବେଳେ ଗତ ୯ତାରିଖରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏ ବାବଦରେ ଆଲୋଚନା କରିଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ପ୍ରତି ୨ବର୍ଷରେ ଜମିର ବେଞ୍ଚମାର୍କ ବଢ଼ାଇ ଦିଆଯାଉଥିବାବେଳେ ବିଏମ୍‌ସି ସେଭଳି କିଛି ନ କରି ଟ୍ୟାକ୍ସ ଆଦାୟର ପରିମାଣକୁ ଦ୍ୱିଗୁଣିତ କରିବ। ତେବେ ୨୦୧୦ରେ ପିଡବ୍ଲୁଡି ନିୟମାନୁଯାୟୀ ଟ୍ୟାକ୍ସ କଲେକ୍ସନ ପାଇଁ ନିୟମ ହୋଇଥିଲା। ହେଲେ ଏହାକୁ ନେଇ ଜନ ଅସନ୍ତୋଷ ହେବାସହ ବିରୋଧ କରାଯାଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ବିଭିନ୍ନ ସମୟରେ ବିଏମ୍‌ସିର ଏଭଳି ନିଷ୍ପତ୍ତିଗୁଡ଼ିକୁ ନେଇ ବିରୋଧ କରାଯାଉଥିବାବେଳେ ଏହି ନିଷ୍ପତ୍ତିକୁ ମଧ୍ୟ ଲୋକେ ଗ୍ରହଣ କରିବେ ନାହିଁ ବୋଲି ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ବାଲିପାଟଣା,୧୪।୧୦(ଡି.ଏନ୍.ଏ.):ବାଲିପାଟଣା ଥାନା ଅନ୍ତର୍ଗତ ପମ୍ପାଲ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ପୋଲିସ ସୋମବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁକାନ୍ତ ମହାପାତ୍ର। ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ରବିବାର ପମ୍ପାଲ ଗ୍ରାମର ସୁଦର୍ଶନ ବେହେରା ଓ ଅଭିଯୁକ୍ତ ସୁକାନ୍ତଙ୍କ ସହ ପାଟିତୁଣ୍ଡ ହୋଇଥିଲା। ରାତିରେ ସୁଦର୍ଶନ ଗ୍ରାମ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ପୂର୍ବରୁ ଜଗି ରହିଥିବା ସୁକାନ୍ତ ତାଙ୍କ ବେକକୁ ଏକ କଟୁରିରେ ଆକ୍ରମଣ କରିଥିଲେ। ସୁଦର୍ଶନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚିଯିବାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ଏହାପରେ ଗୁରୁତର ଅବସ୍ଥାରେ ସୁଦର୍ଶନଙ୍କୁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୁଦର୍ଶନଙ୍କ ପୁଅ ବ୍ରହ୍ମାନନ୍ଦ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୨୪୨/୧୯)ରୁଜୁ କରି ଅଭିଯୁକ୍ତ ସୁକାନ୍ତଙ୍କୁ ଗିରଫ କରିଥିଲା।

### ଦିବ୍ୟାଙ୍ଗ ଯୁବତୀଙ୍କୁ କନ୍‌ଷ୍ଟେବଲଙ୍କ ବଳାତ୍କାର ଘଟଣା ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ପୀଡିତା

ଭୁବନେଶ୍ୱର,୧୪।୧୦(ବ୍ୟୁରୋ): କନ୍ଧମାଳ ଜିଲା ଖଜୁରୀପଡା ଥାନାଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ପୋଲିସ କନ୍‌ଷ୍ଟେବଲ ବଳାତ୍କାର କରି ଗର୍ଭବତୀ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତ କନଷ୍ଟେବଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ମିଥ୍ୟା ମାମଲା ରୁଜୁ କରି ତାଙ୍କ ମାମୁ ପୁଅଙ୍କୁ ଗିରଫ କରିଛନ୍ତି। ପୋଲିସ ବିରୋଧରେ ଅଭିଯୋଗ କରିବାରୁ ପୋଲିସ କ୍ରୋଧାନ୍ୱିତ ହୋଇ ଏଭଳି ମିଛ ମାମଲାରେ ଫସାଇ ପାଟି ବନ୍ଦ କରିବାକୁ ଉଦ୍ୟମ କରୁଛି ବୋଲି ପୀଡିତା ଜଣକ କାନ୍ଦିକାନ୍ଦି କହିଛନ୍ତି। ସୋମବାର ପୀଡିତା ଓ ତାଙ୍କ ପରିବାର ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି)ରେ ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ପାଇବା ସହ ଅଭିଯୁକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନଙ୍କୁ ସେମାନେ ନିବେଦନ କରିଛନ୍ତି। ଏପରି କି ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ ରାଜଧାନୀରୁ ଘରକୁ ଫେରିବେନି। ଡିଜିପି ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ସେମାନେ କହିଛନ୍ତି।

### ବିବାହିତା ପ୍ରେମିକା ସହ ରହି ବିବାହିତ ଯୁବକ ଗିରଫ

ବାରଙ୍ଗ,୧୪।୧୦(ଡି.ଏନ.ଏ.): ବିବାହିତା ପ୍ରେମିକା ସହ ରହି ସ୍ତ୍ରୀକୁ ଅଣଦେଖା କରିବା ଅଭିଯୋଗରେ ଚନ୍ଦକା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ଏହି ଥାନା ଅନ୍ତର୍ଗତ କୁକୁଡାମଣ୍ଡି ଗ୍ରାମର ପ୍ରକାଶ ବେହେରା। ଖବର ଅନୁଯାୟୀ, ପ୍ରଥମେ ମୋବାଇଲ ମିସ୍ କଲରୁ ପ୍ରକାଶ ସହ ବେଗୁନିଆର ସୋନାଲି ପାଲଟା ସିଂଙ୍କ ପ୍ରେମ ଆରମ୍ଭ ହୋଇଥିଲା। ସୋନାଲି ତିନୋଟି ସନ୍ତାନର ମା' ହୋଇଥିଲେ ମଧ୍ୟ ପ୍ରେମ ଯୋଗୁ ପିଲାଙ୍କୁ ଛାଡ଼ି ପ୍ରକାଶ ଥିବା ଅଞ୍ଚଳରେ ଆସି ରହୁଥିଲା। ଅନ୍ୟପଟେ ପ୍ରକାଶ ମଧ୍ୟ ବିବାହିତ ହୋଇଥିଲେ ମଧ୍ୟ ସୋନାଲି ସହ ସମ୍ପର୍କ ରଖିଆସୁଥିଲେ। ୬ ବର୍ଷ କାଳ ଏକାଠି ରହିବା ପରେ ପ୍ରକାଶ ନିଜଘର ପାଖରେ ଏକ ଭଡ଼ାଘର ନେଇ ସୋନାଲିଙ୍କ ସହ ରହିଲେ। ପରେ ପ୍ରକାଶଙ୍କ ସ୍ତ୍ରୀ ଜାଣିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲେ ମଧ୍ୟ ସୋନାଲିକୁ ଛାଡ଼ିବାରେ ପ୍ରସ୍ତୁତ ହୋଇ ନ ଥିଲା। ଶେଷରେ ପ୍ରକାଶଙ୍କ ସ୍ତ୍ରୀ ରବିବାର ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ୧୯୫/୧୯ନଂ.ରେ ଏକ ମାମଲା ରୁଜୁ କରି ପ୍ରକାଶଙ୍କୁ ଗିରଫ କରିଥିଲା। ଏହି ଘଟଣା ସୋନାଲି ଜାଣିବା ପରେ ଥାନାକୁ ଆସି ନିଜର ପ୍ରକାଶଙ୍କ ସ୍ତ୍ରୀ ବୋଲି ଦାବି କରିବା ସହ ସ୍ୱାମୀସ୍ତ୍ରୀ ସମ୍ପର୍କରେ ଭାବେ ରହୁଥିବା କହିଥିଲେ। ପରେ ପୋଲିସ ଡାକ୍ତରୀମାଇନା କରିବାକୁ କହିବା ପରେ ପୋଲିସ ପଛଘୁଞ୍ଚା ଦେଇଥିବା ପ୍ରକାଶ କରିଛି।

# ଦାସକାଠିଆରେ ବାନ୍ଧି ହେଲେ ଦର୍ଶକ



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, ୧୪।୧୦(ଡି.ଏନ.ଏ.)

ଓଡ଼ିଶୀ ନୃତ୍ୟରେ ପ୍ରକମ୍ପିତ ହେଉଥିଲା ପରିବେଶ। ସୃଜନର ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ''ସୃଜନ''ର କାଳକାରମାନଙ୍କ ଦ୍ୱାରା ହେଉଥିବା ପ୍ରତିଟି ନୃତ୍ୟ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ପରେ ବ୍ରହ୍ମପୁରର ଶିଳ୍ପୀ ରବିନାରାଣ ଶତପଥୀ ଏବଂ ସାଥି ଶିଶିର କୁମାର ଶତପଥୀଙ୍କ ଦ୍ୱାରା ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦାସକାଠିଆରେ ବାନ୍ଧି ହୋଇଥିଲେ ଦର୍ଶକ। ଅବସର ଥିଲା ଭୀମଟାଙ୍ଗି ବିକାଶ ପରିଷଦ ଦ୍ୱାରା ଆୟୋଜିତ କୁମାର ଉତ୍ସବ ୨୦୧୯। ସ୍ଥାନୀୟ ଭୀମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ରପଣ୍ଡା ଯୋଗଦେଇ ଏଭଳି ଏକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଷଦ ବଞ୍ଚାଇ ରଖିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରିଷଦର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବାବେଳେ ଶିବନାରାୟଣ ରାୟ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସାମାଜିକ କର୍ମୀ ପ୍ରଭାସ ସୁନ୍ଦରାୟ, ଛବିନ୍ଦ୍ରନାଥ ଜେନା, ବଂଶୀଧର ପଣ୍ଡା, ସୂର୍ଯ୍ୟନାରାୟଣ ମିଶ୍ର, ବିରେନ୍ଦ୍ରନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବାରଙ୍ଗ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ବାରଙ୍ଗ/ନରାଜ,୧୪।୧୦(ଡି.ଏନ.ଏ.)

ବାରଙ୍ଗ ବ୍ଲକରେ ସୋମବାର କଟକ ଜିଲାପାଳ ଭବାନି ଶଙ୍କର ଚଇନିଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୦ଜଣ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ଉପସ୍ଥାପିତ କରିଥିଲେ। ଏଥିରେ ୬୦ ପ୍ରତିଶତ ଆବାସ ଯୋଜନା ଉପରେ ଅଭିଯୋଗ ହୋଇଥିଲା। ଏହାସହ ଶିକ୍ଷା, ପରିବାରମଙ୍ଗଳ, ଭତ୍ତା, ରାଶନ କାର୍ଡ, ପାନୀୟଜଳ ଆଦି ବିଷୟ ଉପରେ ଅଭିଯୋଗ ହୋଇଥିଲା। ମୁଣ୍ଡଳି ହାଇସ୍କୁଲରେ ହିନ୍ଦୀ ଓ ଗଣିତ ଶିକ୍ଷକ ୨ବର୍ଷ ହେବ ନ ଥିବାରୁ ପିଲାମାନେ ଉପଯୁକ୍ତ ପାଠପଢାରୁ ବଞ୍ଚିତ ହେବାସହ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ୪୨ଜଣ ଫେଲ ହୋଇଥିବା ଅଭିଯୋଗ ହୋଇଥିଲା। ସେହିଭଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଥିବା ରତାଗଡ ପାଖରେ ଅର୍ଦ୍ଧନିର୍ମିତ ବ୍ରିଜ ଓ ଆର୍ ଆଣ୍ଡ ବି ବିଭାଗ ଦ୍ୱାରା ବାରଙ୍ଗ ବ୍ଲକ ପାଖରେ ଅର୍ଦ୍ଧନିର୍ମିତ ବ୍ରିଜ ପୂର୍ଣାଙ୍ଗ ପାଇଁ ମଧ୍ୟ ଅଭିଯୋଗ ହୋଇଥିଲା। ରାଶନ କାର୍ଡରେ ଏଲ୍ଇଡି ବଲବ ମିଳୁନି। ରାମଦାସପୁର ଜମ୍ମୁଣ୍ଡିଆ ପାହାଡରୁ ବେଆଇନ ପଥର ଓ ମହରମ ଚୋରା ଚାଲଣ, ଆଦର୍ଶ ବିଦ୍ୟାଳୟର ଅବ୍ୟବସ୍ଥା ହେଉଥିବାର ନରାଜ ସରପଞ୍ଚ ବିରଞ୍ଚି ଓଝାଙ୍କ ଅଭିଯୋଗ ଉପରେ ତୁରନ୍ତ ତଦନ୍ତକରି ରିପୋର୍ଟ ଦେବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଶ୍ରୀବନ୍ତପୁରର ପଞ୍ଚାୟତର ଗଦେଇକୁଦରେ ଗ୍ରାମବାସୀଙ୍କୁ ନୂତନ ପାନୀୟଜଳ ଯୋଗାଣ ସଂଯୋଗ ଦିଆଯିବାକୁ ବିଭାଗୀୟ ଅଧିକାରୀମାନେ ଇଚ୍ଛା କରୁ ନ ଥିବାର ଅଭିଯୋଗ ଉପରେ ୧୫ଦିନ ମଧ୍ୟରେ ସଂଯୋଗୀକରଣ କରିଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଶିବିରରେ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡେଇତରାୟ, ପିଡି ଏମଡି.ଅବଦଲ ଅଖତାର, ତହସିଲଦାର ରମେଶ ଚନ୍ଦ୍ର ଜେନା, ବିଡିଓ ପ୍ରଭାକର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଜିଲାପାଳ ଜଣେ ବ୍ୟକ୍ତିଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।



କେଦାରଗୌରୀ ବିହାରରେ ହୋଇଥିବା ଲକ୍ଷ୍ମୀ ପୂଜାରେ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

# ନିରାପଦ ଗାଡ଼ିଚାଳନା ପାଇଁ ସଚେତନ କରିବ 'ରକ୍ଷକ'

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଏବଂ ନିରାପଦ ଗାଡ଼ିଚାଳନା ନେଇ ସଚେତନ କରିବାକୁ ବିଜୁ ଯୁବବାହିନୀ ପକ୍ଷରୁ ଆରମ୍ଭ କରାଯାଇଛି 'ରକ୍ଷକ' କାର୍ଯ୍ୟକ୍ରମ। ସୋମବାର ଏଜି ଛକଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୁବବାହିନୀ କର୍ମକର୍ତ୍ତାଙ୍କ ସମେତ ଏହାକୁ ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱରର ପ୍ରମୁଖ୍ୟ ୨୦ ଟ୍ରାଫିକ୍ ଛକ ସମେତ ରାଜ୍ୟର ବିଭିନ୍ନ ଟ୍ରାଫିକ୍ ଛକରେ ମଧ୍ୟ ଏହାର ଶୁଭାରମ୍ଭ କରାଯିବା ସହ ପ୍ଲାକାର୍ଡ ବଣ୍ଟାଯାଇ ସଚେତନତା ବାର୍ତ୍ତା ଦିଆଯାଇଛି। ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ସଭା ସାଂସଦ ଡ. ଅମର ପଟ୍ଟନାୟକ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଏବଂ ବିଏମ୍‌ସି ଅତିରିକ୍ତ କମିଶନର ସୁରଥ କୁମାର ମଲ୍ଲିକ ପ୍ରମୁଖ ମଧ୍ୟ ଯୋଗଦେଇଥିଲେ। ନୂତନ ମୋଟରଯାନ ସଂଶୋଧିତ ନିୟମ–୨୦୧୯ର କଡ଼ାକଡ଼ି ପାଳନ ଏବଂ ସଡ଼କରେ ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରି ସୁରକ୍ଷିତ ଗାଡ଼ିଚାଳନା ନିମନ୍ତେ ରାଜ୍ୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଜୁ ଯୁବ ବାହିନୀ ପକ୍ଷରୁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଆସନ୍ତା ୧୪ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।

# ପୋଲିସ ପୁଅ ନିଶା ବେପାରୀ

ପୁରୀ ଅଫିସ/ନିମାପଡ଼ା, ୧୪।୧୦(ଡି.ଏନ୍.ଏ.)



**୨୪ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ**

ମା', ବାପା ଉଭୟ ପୋଲିସ କର୍ମଚାରୀ। ମାତ୍ର ସେମାନଙ୍କର କଲେଜ ପଢୁଆ ପୁଅ ଜଣେ ନିଶା ବେପାରୀ। ବ୍ରାଉନସୁଗାର କାରବାର ଅଭିଯୋଗରେ ସୋମବାର ଅବକାରୀ ବିଭାଗ ହାତରେ ସମ୍ପୃକ୍ତ ଯୁବକ ଧରାପଡ଼ିବା ପରେ ଏହି ଘଟଣା ପଦାକୁ ଆସିଛି। ନିମାପଡ଼ା ବଜାରସ୍ଥ ଜୟଶ୍ରୀ ଛକ ନିକଟରେ ୨ଜଣ ଯୁବକ ଗ୍ରାହକଙ୍କୁ ବାଉନସୁଗାର ବିକ୍ରି କରୁଥିବା ସୂଚନା ପାଇ କଟକ ଗୋଇନ୍ଦା ଓ ପୁରୀ ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରିଥିଲେ। ସେଠାରୁ ପୁରୀ ଅଞ୍ଚଳର ଶାନ୍ତନୁ ଶେଖର ଦାସ ଓ ସତ୍ୟରଞ୍ଜନ ଦାସଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୨୪ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ (ଓଡି ୧୩ବି–୨୬୨୧) ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଶାନ୍ତନୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ହୋଇଥିବା ବେଳେ ତାଙ୍କ ମା' ନିମାପଡ଼ା ଥାନା ଏବଂ ବାପା ଡେଲାଙ୍ଗ ଥାନାରେ ଏସ୍ଆଇ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏ ନେଇ ତଦନ୍ତକାରୀ ଅଧିକାରୀ ବନ୍ଦନା ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ନିମାପଡ଼ା ଅବକାରୀ ଥାନାରେ ଦଫା ୨୧ ବି କ୍ରମେ ଏକ ମାମଲା (ନଂ.୭୨/୧୯) ରୁଜୁ ହୋଇଛି। ଏହି ଚଢ଼ାଉ ବେଳେ ନିମାପଡ଼ା ଅବକାରୀ ଏସ୍.ଆଇ. ବନ୍ଦନା ପଟ୍ଟନାୟକ, ଜିତେନ୍ଦ୍ର ବେହେରା, ଏସ୍.କେ ୱାରିସ ପ୍ରମୁଖ ସାମିଲ ଥିଲେ।

### ଶ୍ରୀ ନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନାର ଶତବାର୍ଷିକୀ ସମାରୋହ

ବାଲିଅନ୍ତା,୧୪।୧୦(ଡି.ଏନ.ଏ.)

ବାଲିଅନ୍ତାର ଆରାଧ୍ୟ ଠାକୁର ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ବିଗ୍ରହ ସ୍ଥାପନାର ଶତବାର୍ଷିକୀ ସମାରୋହ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମନ୍ଦିରରେ ଶୁଭକଳସ ସ୍ଥାପନ କରାଯାଇଥିଲା। ନିକଟସ୍ଥ କୁଶଭଦ୍ରା ନଦୀରୁ କଳସ ଯାତ୍ରା ବାହାରି ମନ୍ଦିରରେ ପହଞ୍ଚିବା ପରେ ଯଜ୍ଞର ଅଧିବାସ ହୋଇଥିଲା। ୧ମାସ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ଭଗବତ ପ୍ରବଚନ, ଗୀତା ଆହୁତି ଓ ଯଜ୍ଞ ଆଦି କାର୍ଯ୍ୟକ୍ରମ ହେବ ବୋଲି ମନ୍ଦିର ଟ୍ରଷ୍ଟି ବୋର୍ଡ ପକ୍ଷରୁ କୁହାଯାଇଛି।

# ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାରକୁ ବିପୁଳ ରେସ୍‌ପନ୍ସ

ଭୁବନେଶ୍ୱର,୧୪–୧୦



ସ୍ଥାନୀୟ ଜନତାମୈଦାନ ଠାରେ ଚାଲୁଥିବା ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାରକୁ ଗ୍ରାହକଙ୍କ ପକ୍ଷରୁ ଭଲ ରେସ୍‌ପନ୍ସ ମିଳୁଛି। ଚତୁର୍ଥଥର ପାଇଁ ଏହା ଆୟୋଜନ ହୋଇଥିବା ବେଳେ ଦେଶ ବିଦେଶର ବିଭିନ୍ନ ସାମଗ୍ରୀ କ୍ରୟ ଲାଗି ଏଠାରେ ଲୋକଙ୍କ ଭିଡ଼ ଜମୁଥିବା ଆୟୋଜକ ପ୍ରକାଶ କରିଛନ୍ତି। ପ୍ରତିଦିନ ୨୦–୩୦ ହଜାର ଲୋକ ଫେୟାର ବୁଲିବା ସହ ବିଭିନ୍ନ ସାମଗ୍ରୀ କ୍ରୟ କରିବାର ସୁଯୋଗ ପାଉଛନ୍ତି। ଭୁବନେଶ୍ୱର ବଜାରରେ ଉପଲବ୍ଧ ହେଉ ନ ଥିବା ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରର ପ୍ରଡକ୍ଟ ଏଠାରେ ସ୍ଥାନିତ ଥିବାରୁ ଲୋକମାନେ ମେଳାକୁ ଆସି ମନ ପସନ୍ଦ ଅନୁସାରେ ସାମଗ୍ରୀ କ୍ରୟ କରୁଛନ୍ତି। ଦୈନିକ ପ୍ରାୟ ୨ କୋଟି ଟଙ୍କାର କାରବାର ଫେୟାରରେ ହେଉଥିବା ଆୟୋଜକ ଗୁପ୍ତା ଇଭେଣ୍ଟସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡର ସ୍ୱତ୍ୱାଧିକାରୀ ସୁଜିତ କୁମାର ଗୁପ୍ତା କହିଛନ୍ତି। ମେଳାରେ ସବୁ ବର୍ଗକୁ ସୁହାଇଲା ଭଳି ପ୍ରଡକ୍ଟ ସାମିଲ କରାଯାଇଛି। ୫୦୦ ଷ୍ଟଲରେ ବିଭିନ୍ନ ବର୍ଗରେ ପ୍ରଡକ୍ଟ ଉପଲବ୍ଧ ହେଉଛି। ଲୋକଙ୍କର ମନୋରଞ୍ଜନ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ, ଫୁଡ୍‌କୋର୍ଟ, ସେଲ୍ଫିଜୋନ, ଫନ୍‌ଜୋନ ରହିଛି। ଏହାବାଦ ସ୍ମାର୍ଟ ଶ୍ରୀମତି ଏବଂ ଲିଟିଲ କିଙ୍ଗ୍ ଓ କ୍ୱିନ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏସିଡ୍ ସର୍ଭାଇଭରଙ୍କ ଲାଗି ଏକ ସ୍ୱତନ୍ତ୍ର ଷ୍ଟଲ ସ୍ଥାପନ କରାଯାଇଛି। ମେଳାରେ ରହିଥିବା ପ୍ରପର୍ଟି ଏକ୍ସପୋ ଆକର୍ଷଣ ସାଜିଥିବା ଗୁପ୍ତା କହିଛନ୍ତି।

# ଆଦିବାସୀ ଅଞ୍ଚଳରେ ପେସା ଆଇନର ଖୋଲାଖୋଲି ଉଲ୍ଲଂଘନ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ପଲ୍ଲିସଭାର ଆୟୋଜନ କରା ନ ଯାଇ ଅନୁସୂଚିତ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ ମିଳିବା ସହ ଏହାର କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଖୋଲାଖୋଲିଭାବେ ୧୯୯୬ ପେସା (ପିଇଏସ୍ଏ) ଆଇନର ଉଲ୍ଲଂଘନ ହେଉଛି। ସେହିଭଳି ରାଜ୍ୟରେ ବିଭିନ୍ନ ଜିଲାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମ୍‌କେକେକେୱାଇ) ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। କେବଳ ଏତିକି ନୁହେଁ, ଖଣିଜ ଅଞ୍ଚଳରେ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଜିଲାସ୍ତରରେ ଗଠିତ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ୍ (ଡିଏମ୍ଏଫ୍)ଗୁଡ଼ିକ ମଧ୍ୟ ତା'ର କାର୍ଯ୍ୟ ଠିକ୍ ଭାବରେ ତୁଲାଉନାହିଁ। ଏହାଦ୍ୱାରା ଆଦିବାସୀ ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ହୋଇପାରୁନାହିଁ ବୋଲି ଅଭିଯୋଗ କରିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦି ମଦର ଆର୍ଥ'। ଏନେଇ ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାସେବୀମାନେ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଅଭିଯୋଗ ମୁତାବକ, ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଡିଏମ୍ଏଫ୍ ପରିଚାଳନା ଓ କାର୍ଯ୍ୟକାରିତାରେ ତ୍ରୁଟି ବିଚ୍ୟୁତି ଦେଖାଦେଇଛି। ତେଣୁ ରାଜ୍ୟପାଳ ସମ୍ବିଧାନ ଧାରା ୨୪୪(୧) ଅନୁଯାୟୀ ସିଧାସଳଖ ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।



'ଦି ମଦର ଆର୍ଥ' ଅନୁଷ୍ଠାନର ସଦସ୍ୟମାନେ ରାଜ୍ୟପାଳଙ୍କୁ ଭେଟି ଫେରୁଛନ୍ତି।

ଏହି ଅବସରରେ 'ଦି ମଦର ଆର୍ଥ' ଅଧ୍ୟକ୍ଷ ସତ୍ୟବ୍ରତ ପଣ୍ଡା କହିଥିଲେ, ୧ ଲକ୍ଷ କୋଟି ଟଙ୍କାର ବଜେଟ୍ ପାଇଁ ରାଜ୍ୟ ବିଧାନସଭା ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ନେଉଛି। ହେଲେ ଜିଲା ପ୍ରଶାସନ ଏକ ଘଣ୍ଟାରେ ୪ ରୁ ୫ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରିଛି। ଏହାଦ୍ୱାରା ଆର୍ଥିକ ଶୃଙ୍ଖଳାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଡିଏମ୍ଏଫ୍ ଟ୍ରଷ୍ଟ କୌଣସି ଜିଲାରେ ପଞ୍ଜୀକୃତ ହୋଇପାରି ନାହିଁ। ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ନ ହୋଇ ଏହି ଅର୍ଥ କିଛି ସରକାରୀ ଅଧିକାରୀଙ୍କ ମନଇଚ୍ଛାରେ ଖର୍ଚ୍ଚ ହେଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପୃଷ୍ଠପୋଷକ ମୁରଲୀ ମନୋହର ଶର୍ମା ଏବଂ ଅନ୍ୟତମ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖଣି ଅଧ୍ୟୁଷିତ ଅଞ୍ଚଳର ରାସ୍ତାଘାଟ ମରାମତି ଓ ନିର୍ମାଣ ପାଇଁ ଡିଏମ୍ଏଫ୍ ଅର୍ଥ ବରାଦ କରିବାକୁ ଦାବି କରିଥିଲେ।



ଜମ୍ମୁ-କଶ୍ମୀରରେ ଶହୀଦ ହୋଇଥିବା ଯବାନଙ୍କ ପରିବାରକୁ କଂଗ୍ରେସ ୩୭୦ ଧାରାକୁ ଭଲ ପାଇବା ସମ୍ପର୍କରେ ବୁଝାଉ।
- ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଗୋଆ ଓ ଦିଲ୍ଲୀରେ ଡେଙ୍ଗୁ ଆତଙ୍କ: ୪ ମୃତ

ପଣଜୀ/ନୂଆଦିଲ୍ଲୀ,୧୪।୧୦- ଗୋଆ ଓ ରାଜଧାନୀ ଦିଲ୍ଲୀରେ ଡେଙ୍ଗୁ ଭୟଙ୍କର ରୂପ ଧାରଣ କରିଛି। ଗୋଆରେ ଗତ ୯ ମାସ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧,୪୬୮ ମାମଲା ଲୋକଲୋଚନକୁ ଆସିଛି। ପୋର୍‌ଭରିମ୍‌ରେ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ ଏହା କହିଛନ୍ତି। ଏନେଇ ଲୋକପ୍ରତିନିଧୀମାନେ ସଚେତନତା କାର୍ଯ୍ୟକ୍ରମ କରିବା ଲାଗି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀରେ ମଧ୍ୟ ସମାନ ସ୍ଥିତି। ଏଠାରେ ସପ୍ତାହକ ମଧ୍ୟରେ ୧୧୧ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ଚଳିତ ବର୍ଷ ୪୬୭ ବ୍ୟକ୍ତି ରୋଗାକ୍ରାନ୍ତ ହୋଇଥିବା ପ୍ରକାଶ।

### ଟ୍ରକ ଡ୍ରାଇଭରଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୪।୧୦-କଶ୍ମୀରର ସୋପିଆନ୍‌ଠାରେ ରାଜସ୍ଥାନର ଜଣେ ଟ୍ରକ ଡ୍ରାଇଭର ସରିଫ୍ ଖାନ୍‌ଙ୍କୁ ୨ ସନ୍ଦିଗ୍ଧ ଆତଙ୍କବାଦୀ ଗୁଳିକରି ହତ୍ୟା କରିଛନ୍ତି। ଏଥିସହ ସେଠାକାର ଜଣେ ଉଦ୍ୟାନ ମାଲିକଙ୍କୁ ଆକ୍ରମଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଉପତ୍ୟକାରେ ଫଳ ପରିବହନ ଜାରି ରହିଥିବାବେଳେ ଆତଙ୍କବାଦୀମାନେ ଏହାକୁ ଟାର୍ଗେଟ କରୁଥିବା ଜଣାପଡ଼ିଛି। ଦୀର୍ଘ ୭୨ ଦିନ ପରେ କଶ୍ମୀରରେ ସୋମବାରଠାରୁ ପୋଷ୍ଟପେଡ୍ ମୋବାଇଲ ସେବା ଆରମ୍ଭ ହେବା ପରେ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ଏହା ପରେ ସେନା ଅପରେଶନକୁ ଜୋର୍‌ଦାର କରାଯାଇଛି।

### ପାର୍ଲାମେଣ୍ଟ ଏକ ଖୋଲା ଅନୁଷ୍ଠାନ: ବାଚସ୍ପତି

ନୂଆଦିଲ୍ଲୀ,୧୪।୧୦(ପି.ଟି.)-ପାର୍ଲାମେଣ୍ଟ ଏକ ଖୋଲା ଅନୁଷ୍ଠାନ, ଯାହା ନାଗରିକଙ୍କୁ ସେମାନଙ୍କ ଜନପ୍ରତିନିଧିଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନ କରାଇଥାଏ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର କହିଛନ୍ତି। ଏଥିସହ ସେମାନଙ୍କ ପ୍ରତିନିଧିଙ୍କୁ ଉତ୍ତରଦାୟୀ କରାଇବାରେ ମଧ୍ୟ ଏହା ଭୋଟରଙ୍କୁ ସଶକ୍ତ କରାଇଥାଏ ବୋଲି ବେଲଗ୍ରେଡ୍‌ଠାରେ ଆୟୋଜିତ ଆନ୍ତଃ ପାର୍ଲାମେଣ୍ଟାରି ୟୁନିୟନ (ଆଇପିୟୁ)ରେ ବାଚସ୍ପତି କହିଛନ୍ତି। ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ବିର୍ଲା କହିଛନ୍ତି।

### [ଇତିହାସର ଆଇନାରେ]

**ଅକ୍ଟୋବର ୧୫ର ପ୍ରମୁଖ ଘଟଣା**

୧୯୯୫ ଅକ୍ଟୋବର ୧୫ରେ ଇରାକର ରାଷ୍ଟ୍ରପତି ଭାବେ ସଦ୍ଦାମ ହୁସେନ୍ ପୁଣି ନିର୍ବାଚିତ ହୋଇଥିଲେ। ୧୯୭୯ରେ ବଳପୂର୍ବକ କ୍ଷମତା ଦଖଲ କରିଥିବା ସଦ୍ଦାମ ପ୍ରଥମ ଥର ଲାଗି ଜନମତ ଲୋଡ଼ି ନିର୍ବାଚନରେ ବିଜୟୀ ହୋଇଥିଲେ। ରାଷ୍ଟ୍ରପତି ଭାବେ ସଦ୍ଦାମଙ୍କୁ ଦେଖିବାକୁ ଚାହାନ୍ତି କି ନା ବୋଲି ବାଲାଟ ପେପରରେ ଉଲ୍ଲେଖ କରାଯାଇଥିଲା।

୨୦୧୩ ଅକ୍ଟୋବର ୧୫ରେ ଫିଲିପାଇନ୍ସରେ ଭୟଙ୍କର ଭୂକମ୍ପ ଦେଖାଦେବାରୁ ବୋହୋଲ ଦ୍ୱୀପରେ ୨୨୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୨ ରହିଥିଲା। ୮ ଜଣ ନିଖୋଜ ହୋଇଥିବାବେଳେ ୯୭୬ ଜଣ ଏହାର ପ୍ରଭାବରେ ଆହତ ହୋଇଥିଲେ। ଅନେକ ଘରଦ୍ୱାର ଏହାଦ୍ୱାରା ଭାଙ୍ଗି ଚୁରମାର ହୋଇଯାଇଥିଲା।

■ ସୋସିଆଲ ମିଡିଆରେ ଆଧାର ସଂଯୋଗ

# ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

■ ୧୦ ପ୍ରତିଶତ ଟୁଇଟର୍ ଆକାଉଣ୍ଟ ନକଲି

■ ମିଥ୍ୟା ଖବର, ପେଡ୍ ନ୍ୟୁଜ୍ ବନ୍ଦ ଲାଗି ପିଟିଶନ ଦାଏର ହୋଇଥିଲା

ନୂଆଦିଲ୍ଲୀ,୧୪।୧୦

ସୋସିଆଲ ମିଡିଆ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରିବା ଲାଗି ହୋଇଥିବା ଏକ ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ସବୁ ମାମଲା ସର୍ବୋଚ୍ଚ ଅଦାଲତକୁ ଆସିବା ଆବଶ୍ୟକ ନାହିଁ। ଏହି ମାମଲା ଏବେ ମାଡ୍ରାସ ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ସେଠାକୁ ଯିବା ଲାଗି ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟଙ୍କୁ ଅଦାଲତ କହିଥିଲେ।

ସୋସିଆଲ ମିଡିଆରେ ମିଥ୍ୟା ଓ ପଇସାଦିଆ ଖବର ଛପାଯାଉଥିବାରୁ ଏହାକୁ ରୋକିବା ଲାଗି ଉପାଧ୍ୟାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ନକଲି ଓ ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦେବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନକାରୀ ଅଦାଲତଙ୍କୁ ଅନୁରୋଧ କରିଥିଲେ। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପେଡ୍ ନ୍ୟୁଜ୍ (ଟଙ୍କା ଦେଇ ପ୍ରସାରଣ କରାଯାଉଥିବା ଖବର) ଏବଂ ରାଜନୈତିକ ବିଜ୍ଞାପନ ଛପାକୁ ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ଭାବେ ଘୋଷଣା କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଉ ବୋଲି ମଧ୍ୟ ଆବେଦନକାରୀ ନିବେଦନ କରିଥିଲେ।

ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେବା ପରେ ଭାଜପା ନେତା ଉପାଧ୍ୟାୟ ତାଙ୍କ ପିଟିଶନ ପ୍ରତ୍ୟାହାର କରିନେଇଛନ୍ତି। ପୂର୍ବରୁ ଫେସବୁକ୍ ପକ୍ଷରୁ ଦାଏର ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ଶୁଣାଣି କରିସାରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟରେ ଆଧାର ସଂଯୋଗ ସମ୍ପର୍କିତ କେତେକ ମାମଲା ମାଡ୍ରାସ, ବମ୍ବେ ଓ ମଧ୍ୟପ୍ରଦେଶ ହାଇକୋର୍ଟଗୁଡ଼ିକରେ ବିଚାରାଧୀନ ଥିଲାବେଳେ ସେଗୁଡ଼ିକୁ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର ଲାଗି ଫେସବୁକ୍ କର୍ତ୍ତୃପକ୍ଷ ଆବେଦନ କରିଥିଲେ।



ଉପାଧ୍ୟାୟ ତାଙ୍କ ଆବେଦନରେ ଫେସବୁକ୍ ଓ ଟୁଇଟରରେ ସାମିଲ ଥିବା ବ୍ୟକ୍ତି ସେମାନଙ୍କ ବିବରଣୀ ସାମିଲ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ଲାଗି ଅନୁରୋଧ କରିଥିଲେ। ଏଥିସହିତ ମିଥ୍ୟା ଓ ପେଡ୍ ନ୍ୟୁଜ୍ ରୋକିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଲାଗି ନିର୍ବାଚନ କମିଶନ ଓ ଭାରତର ପ୍ରେସ୍ କାଉନସିଲଙ୍କୁ ନିର୍ଦ୍ଦେଶ ଦେବା ଲାଗି ପିଟିଶନରେ ଅନୁରୋଧ କରାଯାଇଥିଲା।

୩.୫ କୋଟି ଟୁଇଟର ହ୍ୟାଣ୍ଡଲ ମଧ୍ୟରୁ ୧୦ ପ୍ରତିଶତ ନକଲି। ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶତାଧିକ ଖ୍ୟାତନାମା ବ୍ୟକ୍ତିଙ୍କ ନାଁରେ ଜାଲ୍ ଟୁଇଟର୍ ଆକାଉଣ୍ଟ ଥିବା ପିଟିଶନ୍‌ରେ ଦାବି କରାଯାଇଥିଲା। ସେହିପରି ଲକ୍ଷ ଲକ୍ଷ ଫେସବୁକ୍ ଆକାଉଣ୍ଟ ନକଲି ବୋଲି ଅଭିଯୋଗ ହୋଇଛି। ଉକ୍ତ ଜାଲ୍ ଆକାଉଣ୍ଟରେ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ଫଟୋ ବ୍ୟବହାର କରାଯାଇ ଏହାକୁ ଜାତିବାଦ, ସାମ୍ପ୍ରଦାୟିକତାବାଦ ଓ ବିଚ୍ଛିନ୍ନତାବାଦର ପ୍ରସାରଣ ଲାଗି ବ୍ୟବହାର କରାଯାଉଛି। ଏଭଳି କାର୍ଯ୍ୟ ଜାତୀୟ ସଂହତି ପାଇଁ ବିପଦ ସୃଷ୍ଟି କରିବା ସହ ଅଧିକାଂଶ ଦଙ୍ଗାର ମୂଳ କାରଣ ସାଜିଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଠିକ୍ ତଥ୍ୟ ଭୋଟରମାନଙ୍କ ଲାଗି ଜରୁରୀ ହୋଇଥିଲା ହୋଇଥିଲାବେଳେ ଭୁଲ୍ ତଥ୍ୟ ସୋସିଆଲ ମିଡିଆରେ ଛାଡ଼ି ସେମାନଙ୍କୁ ବିଭ୍ରାନ୍ତ କରାଯାଉଥିବା ଭାଜପା ନେତା ପିଟିଶନରେ ଦର୍ଶାଇଛନ୍ତି।

## ଡିସେମ୍ବର ୧୦ ଯାଏ ୧୪୪



ଅଯୋଧ୍ୟାରେ ଦୀପାବଳି ପାଳନ ଲାଗି ପ୍ରଶାସନକୁ ଦାବିପତ୍ର ଦେଉଛି ଭିଏଚ୍‌ପି।

■ ରାମ ଜନ୍ମଭୂମି ମାମଲା ରାୟ ପୂର୍ବରୁ ଅଯୋଧ୍ୟାରେ କଟକଣା

■ ହିନ୍ଦୁ ପକ୍ଷଙ୍କୁ ପ୍ରଶ୍ନ କରାଯାଉ ନ ଥିବା ଅଭିଯୋଗ

ନୂଆଦିଲ୍ଲୀ,୧୪।୧୦

ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାର ଶୁଣାଣି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ହିଂସାକାଣ୍ଡ ସୃଷ୍ଟି ହେବା ଆଶଙ୍କାରେ ଅଯୋଧ୍ୟାରେ ୧୪୪ ଧାରା ଜାରି କରାଯାଇଛି। କୌଣସି ସ୍ଥାନରେ ୪ କିମ୍ବା ତାହାଠାରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି। ଶନିବାର ରାତିରୁ ଲାଗୁ ହୋଇଥିବା ଏହି କଟକଣାକୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଅଯୋଧ୍ୟା ଜମିବିବାଦ ରାୟ ପ୍ରକାଶ ପାଇବାକୁ ଥିବାରୁ ଉକ୍ତ ଅଞ୍ଚଳରେ ସୁରକ୍ଷା ଓ ନିରାପତ୍ତାକୁ ବିଚାରକୁ ନେଇ କଟକଣା ଲାଗୁ କରାଯାଇଥିବା କୁହାଯାଇଛି। ସୁଟିଂ ପାଇଁ ଡ୍ରୋନ୍ ବ୍ୟବହାରକୁ ମଧ୍ୟ ନିଷିଦ୍ଧ କରାଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ନଭେମ୍ବର ୧୭ରେ ଅବସର ଗ୍ରହଣ କରୁଥିବାରୁ ଏହା ପୂର୍ବରୁ ଅଯୋଧ୍ୟା ରାୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

କଟକଣାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଅସନ୍ତୋଷ ବ୍ୟକ୍ତ କରିଛି। ଦିୱାଲିରେ ଦୀପ ଜାଳିବା ଲାଗି ଅନୁମତି ଦେବାକୁ ଉକ୍ତ ସଂଗଠନ ଦାବି କରିଛି। ଦିୱାଲିରେ ସାରା ଅଯୋଧ୍ୟା ଆଲୋକମୟ ହେବାକୁ ଥିଲାବେଳେ ରାମଲାଲା କ'ଣ ପାଇଁ ଅନ୍ଧକାରରେ ରହିବେ ବୋଲି ମହନ୍ତ ନୟନ ଦାସ ପ୍ରଶ୍ନ କରିବା ସହ ଏନେଇ ସେ ଡିଭିଜନାଲ କମିଶନରଙ୍କୁ ଭେଟିଛନ୍ତି। ଅନ୍ୟପକ୍ଷରେ ଯଦି ବିବାଦୀୟ ସ୍ଥାନରେ ଦୀପ ଜାଳିବାକୁ ଭିଏଚ୍‌ପିକୁ ଅନୁମତି ମିଳେ ତେବେ ମୁସଲମାନ ମଧ୍ୟ ନମାଜ ପଢ଼ିବା ଲାଗି ଅନୁମତି ଲୋଡ଼ିବେ ବୋଲି ହାଜି ମେହବୁବ୍ କହିଛନ୍ତି।

ହିନ୍ଦୁପକ୍ଷଙ୍କୁ ପ୍ରଶ୍ନ କରା ନ ଯାଇ କେବଳ ମୁସଲମାନ ପକ୍ଷଙ୍କୁ ପ୍ରଶ୍ନ କରାଯାଉଥିବା ସୋମବାର ସୁପ୍ରିମକୋର୍ଟରେ ଅଭିଯୋଗ ହୋଇଛି। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଅଯୋଧ୍ୟା ମାମଲାର ୩୮ତମ ଦିବସର ଶୁଣାଣି ବେଳେ ମୁସଲମାନ ପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରାଜୀବ ଧାୱନ ଏଭଳି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାମଲାଲା ପକ୍ଷର ଓକିଲ ସି.ଏସ୍. ବୈଦ୍ୟନାଥନ ଏହାର ବିରୋଧ କରିଥିଲେ। ବିବାଦୀୟ ସ୍ଥଳର ଭିତର ଅଗଣାକୁ ବାହାର ଅଗଣାଠାରୁ ଅଲଗା କରିବା ଲାଗି ଲୁହା ରେଲିଂ ଲଗାଇବାର ଚିନ୍ତାଧାରା କରାଯାଇଥିବା ସାମ୍ବିଧାନିକ ପୀଠ କହିବାରୁ ଧାୱନ ଉପରୋକ୍ତ ଅଭିଯୋଗ ଆଣିଥିଲେ।

# କଶ୍ମୀରରେ ମୋବାଇଲ ସେବା ଆରମ୍ଭ

ଶ୍ରୀନଗର,୧୪।୧୦(ପି.ଟି.)

ଦୀର୍ଘ ୭୨ ଦିନ ପରେ ଜମ୍ମୁ-କଶ୍ମୀରରେ ପୋଷ୍ଟପେଡ୍ ମୋବାଇଲ ସେବା ସୋମବାର ଆରମ୍ଭ ହୋଇଛି। ଏହାକୁ ନେଇ ଉପତ୍ୟକାରେ ଆନନ୍ଦର ଲହରି ଖେଳିଯାଇଛି। ପରିବାର, ବନ୍ଧୁ ଓ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗର ସଂଯୋଗ ପାଇଥିବାରୁ ଏହା ସେମାନଙ୍କ ପାଇଁ ଇଦ୍‌ଠାରୁ କମ୍ ନ ଥିଲା। କେନ୍ଦ୍ର ସରକାର ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ କଶ୍ମୀରରେ ଫୋନ୍, ମୋବାଇଲ ଓ ଇଣ୍ଟରନେଟ୍ ସେବା ବନ୍ଦ ହୋଇଥିଲା। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳରେ ଲ୍ୟାଣ୍ଡଲାଇନ୍ ସେବା ଉପଲବ୍ଧ ହୋଇଥିଲାବେଳେ ସୋମବାର ପର୍ଯ୍ୟନ୍ତ ମୋବାଇଲ ସେବା ସମ୍ପୂର୍ଣ୍ଣ ବନ୍ଦ ଥିଲା।

**ଉପତ୍ୟକାରେ ଇଦ୍‌ର ଆନନ୍ଦ**

ସୋମବାର ମୋବାଇଲ ସେବା ଆରମ୍ଭ ହେବ କ୍ଷଣି ଲୋକେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ଫୋନ୍ କରିବାରେ ଆଦୌ ବିଳମ୍ବ କରି ନ ଥିଲେ। ଘଣ୍ଟାକ ମଧ୍ୟରେ ୩୦ ଥର ଫୋନ୍ କରିଥିବା ଶ୍ରୀନଗରର ବଶରତ ଅହମଦ କହିଛନ୍ତି। ଦୀର୍ଘ ବ୍ୟବଧାନରେ ବାହାରେ ରହୁଥିବା ନିକଟ ସମ୍ପର୍କୀୟଙ୍କ କଣ୍ଠସ୍ୱର ଶୁଣିବାର ସୁଯୋଗ ମିଳିଲା ବୋଲି ସେ କହିଛନ୍ତି। ସେ ୭୦ ଦିନ ହେଲା ଦିଲ୍ଲୀ ଓ କଶ୍ମୀର ବାହାରେ ରହୁଥିବା ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। ସେ ଏବେ ବି ବଞ୍ଚିଛନ୍ତି ଏହା ସମ୍ପର୍କୀୟମାନଙ୍କୁ ଜଣାଇଦେବାକୁ ଏବଂ ସେମାନଙ୍କଠାରୁ କିଛି ଶୁଣିବା ପାଇଁ ଏହି ଫୋନ କରିଥିଲେ। ପୁଣି ଥରେ ଇଦ୍ ଫେରିଆସିଥିବା ନିଘାତ ଶାହ କହିଛନ୍ତି।

■ ବାୟୁସେନା ହେଲିକପ୍ଟର ଖସାଇବା ଘଟଣା

# କୋର୍ଟ ମାର୍ଶାଲର ସମ୍ମୁଖୀନ ହେବେ ୨ ଅଧିକାରୀ

ନୂଆଦିଲ୍ଲୀ, ୧୪।୧୦

ଗତ ଫେବୃୟାରୀ ୨୭ରେ ଭାରତୀୟ ବାୟୁସେନାର ଏକ ହେଲିକପ୍ଟରକୁ ଅଜାଣତରେ ମିଶାଇଲ ମାଡ଼ କରି ଖସାଇବା ଘଟଣାରେ ୨ ଅଧିକାରୀ କୋର୍ଟ ମାର୍ଶାଲର ସମ୍ମୁଖୀନ ହେବେ। ଏନେଇ ବାୟୁସେନା ମୁଖ୍ୟ ରାକେଶ କୁମାର ସିଂ ଭାଦୌରିଆ ପ୍ରକାଶ କରିଛନ୍ତି। ଏଥିସହ ଅନ୍ୟ ୪ କର୍ମଚାରୀଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରୁଷିଆ ନିର୍ମିତ ଏମ୍‌ଆଇ-୧୭ ହେଲିକପ୍ଟରକୁ ପାକିସ୍ତାନର ଭାବି ବାୟୁସେନା ପକ୍ଷରୁ ମିଶାଇଲ ମାଡ଼ କରାଯାଇଥିଲା। ହେଲିକପ୍ଟରଟି ଧ୍ୱଂସ ପାଇଯାଇଥିବାବେଳେ ଏଥିରେ ଥିବା ୬ ଭାରତୀୟ ଯବାନ ପ୍ରାଣ ହରାଇଥିଲେ। ଏହା ଏକ ତ୍ରୁଟି ଥିଲା ବୋଲି ପୂର୍ବରୁ ବାୟୁସେନା ମୁଖ୍ୟ ପ୍ରକାଶ କରିଥିଲେ।



## ହେଜିବିସ୍ ମୃତ୍ୟୁସଂଖ୍ୟା ୫୬

ଟୋକିଓ, ୧୪।୧୦

ଜାପାନରେ ଝଡ଼ବାତ୍ୟା ହେଜିବିସ୍ ତାଣ୍ଡବ ରଚିଥିବାବେଳେ ମୃତ୍ୟୁସଂଖ୍ୟା ୫୬କୁ ବୃଦ୍ଧିପାଇଛି। ୧୫ ଲୋକ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଶନିବାର ଓ ରବିବାର ଏହାର ପ୍ରଭାବରେ ଟୋକିଓ ସହର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅନେକ ଘର ଭାଙ୍ଗିଯାଇଥିବାବେଳେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଜରୁରିକାଳୀନ ବୈଠକ ଡ଼ାକି ସୋମବାର ଏସମ୍ପର୍କରେ ସମୀକ୍ଷା କରିଥିବା ଜଣାପଡ଼ିଛି। ବନ୍ୟା ଓ ଭୂସ୍ଖଳନ ଲୋକଙ୍କ ନିଦ ହଜାଇଦେଇଛି। ଲକ୍ଷାଧିକ ଘର ପାଣିଘେରରେ ରହିଥିବାବେଳେ ୭୫ ହଜାରରୁ ଊର୍ଦ୍ଧ୍ୱ ଘରେ ବିଜୁଳି ନ ଥିବା ଜଣାପଡ଼ିଛି।

# ବାଲାକୋଟରେ ତାଲିମ ନେଉଛନ୍ତି ୫୦ ଆତଙ୍କବାଦୀ

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ବାଲାକୋଟର ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିରକୁ ଭାରତୀୟ ବାୟୁସେନା ଧ୍ୱଂସ କରିବାର ୮ ମାସ ପରେ ଉକ୍ତ ଶିବିର ପୁଣିଥରେ ସକ୍ରିୟ ହୋଇଉଠିଛି। ସେଠାରେ ୪୦ରୁ ୫୦ ଜଣ ଆତଙ୍କବାଦୀ ପ୍ରଶିକ୍ଷଣ ନେଉଥିବା ଗୋଇନ୍ଦା ସଂସ୍ଥା ଜାଣିବାକୁ ପାଇଛି। ସେମାନଙ୍କ ମଧ୍ୟରେ ଆତ୍ମଘାତୀ ମଧ୍ୟ ଅଛନ୍ତି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଉକ୍ତ ଶିବିର ଉପରେ କଡ଼ା ନଜର ରଖିଛି। ସେଠାରେ ତାଲିମ ନେଇଥିବା କେତେଜଣ ଆତଙ୍କବାଦୀଙ୍କୁ କଶ୍ମୀର ପଠାଯାଇଛି। ଭାରତୀୟ ସୁରକ୍ଷା ଘାଟିକୁ ଟାର୍ଗେଟ କରିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ଫେବୃୟାରୀ ୨୬ରେ ବାଲାକୋଟ ଜେଇଏମ୍ ଶିବିର ଉପରେ ବାୟୁସେନା ଏୟାରଷ୍ଟ୍ରାଇକ୍ କରିଥିଲା। ଏହା ପରେ ୬ ମାସ ପର୍ଯ୍ୟନ୍ତ ଉକ୍ତ ଶିବିର ବନ୍ଦ ରହିଥିଲା। କିଛି ଦିନ ମଧ୍ୟରେ ଏହି ଆତଙ୍କବାଦୀ ସଂଗଠନ ଖୁବ୍‌ଶୀଘ୍ର ପୁନଃସକ୍ରିୟ ହେବାକୁ ଯାଉଥିବା ଗତ ମାସରେ ବାୟୁସେନା ମୁଖ୍ୟ ଜେନେରାଲ ବିପିନ ରାୱତ ସୂଚନା ଦେଇଥିଲେ।

## ବିଚାରପତି ହେଲେ ଆଇନ ସଚିବ

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ପ୍ରଥମ ଥର ଲାଗି ଜଣେ ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ସୋମବାର କେନ୍ଦ୍ର ଆଇନ ସଚିବ ନିଯୁକ୍ତ କରାଯାଇଛି। ଅନୁପ କୁମାର ମେଣ୍ଡିରତ୍ତା ଆଇନ ମନ୍ତ୍ରଣାଳୟର ନୂଆ ସଚିବ (ଆଇନ ବ୍ୟାପାର) ନିଯୁକ୍ତ ହୋଇଛନ୍ତି। ଏବେ ସେ ଦିଲ୍ଲୀ ଉତ୍ତରପୂର୍ବ ଜିଲ୍ଲା କର୍କାଡୁମା କୋଟର ଜିଲ୍ଲା ଓ ଦୌରା ଜଜ୍ ଅଛନ୍ତି।

## ସିଲିଣ୍ଡର ବିସ୍ଫୋରଣରେ ୧୩ ମୃତ

ମାଉ(ୟୁପି),୧୪।୧୦(ପି.ଟି.)

ଉତ୍ତରପ୍ରଦେଶର ମାଉ ଅନ୍ତର୍ଗତ ୱାଲିଦପୁରରେ ଏକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ୧୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ଯୋଗୁ ଦୁଇମହଲା ଅଟ୍ଟାଳିକାଟି ଭୁଶୁଡ଼ି ପଡ଼ିଛି। ପାଖରେ ଥିବା ଅନ୍ୟ କେତେକ ବିଲ୍ଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣ ବେଳେ ଘରେ ରୋଷେଇ ଚାଲିଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରାଣସୀରୁ ଏନ୍‌ଡିଆର୍‌ଏଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

**ଦୁଇ ମହଲା ବିଲ୍ଡିଂ ଧ୍ୱଂସ**

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ଲାଗି ଶୋକବ୍ୟକ୍ତ କରିବା ସହ ଆହତମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବାକୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣ ସ୍ଥଳରୁ ଭଗ୍ନାବଶେଷ ହଟାଯାଉଥିବା ଏସ୍‌ପି ଅନୁରାଗ ଆର୍ଯ୍ୟ କହିଛନ୍ତି। ଏହି କାର୍ଯ୍ୟରେ ଜେସିବି ଓ ଗ୍ୟାସ୍ କଟର ବ୍ୟବହାର କରାଯାଉଛି। ପାଖ ଅଞ୍ଚଳକୁ ମଧ୍ୟ ଖାଲି କରିଦିଆଯାଇଛି।





ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବା ସମ୍ଭାବନା ରହିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୩ | ୨୩.୫ |
| ଚାନ୍ଦବାଲି | ୩୦.୬ | ୨୪.୯ |
| କଟକ | ୩୨.୨ | ୨୨.୦ |
| ପାରାଦୀପ | ୩୧.୫ | ୨୫.୩ |
| ଭୁବନେଶ୍ୱର | ୩୦.୭ | ୨୪.୦ |
| ଗୋପାଳପୁର | ୩୨.୮ | ୨୪.୩ |
| ପୁରୀ | ୩୨.୬ | ୨୪.୮ |
| ଅନୁଗୋଳ | ୩୨.୧ | ୧୮.୬ |
| ବାରିପଦା | ୩୨.୪ | ୨୪.୬ |
| ଝାରସୁଗୁଡ଼ା | ୩୨.୬ | ୨୧.୪ |
| କେନ୍ଦୁଝର | ୩୦.୨ | ୨୦.୦ |
| ସମ୍ବଲପୁର | ୩୩.୫ | ୨୧.୫ |
| ସୁନ୍ଦରଗଡ଼ | ୩୦.୦ | ୧୬.୦ |
| ହୀରାକୁଦ | ୩୨.୯ | ୨୨.୪ |
| ତାଳଚେର | ୩୪.୧ | ୨୨.୭ |
| ଭବାନୀପାଟଣା | ୩୧.୨ | ୨୧.୮ |
| ବଲାଙ୍ଗୀର | ୩୨.୦ | ୨୩.୩ |
| କୋରାପୁଟ | ୩୦.୦ | ୧୭.୮ |
| ଫୁଲବାଣୀ | ୩୧.୦ | ୨୧.୦ |
| ଟିଟିଲାଗଡ଼ | ୩୩.୦ | ୧୯.୬ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୨.୮ | ୨୨.୦ |
| ଦାରିଙ୍ଗିବାଡ଼ି | -- | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

# ଏଫ୍‌ଏଟିଏଫ୍‌ରେ ଏକଘରିକିଆ ହେବ ପାକ୍

ପ୍ୟାରିସ୍,୧୪।୧୦(ପି.ଟି.)

ଅନ୍ତର୍ଜାତୀୟ ଆତଙ୍କବାଦକୁ ପାଣ୍ଠି ଯୋଗାଣ ଉପରେ କଡ଼ା ନଜର ରଖିଥିବା ସଂସ୍ଥା ଫାଇନାନ୍ସିଆଲ ଆକ୍ସନ୍ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଏହି ଦେଶକୁ ସୁଧୁରିବା ଲାଗି ଶେଷ ଚେତାବନୀ ସ୍ୱରୂପ ଡାର୍କ ଗ୍ରେ (କଳା ଧୂସର) ତାଲିକାରେ ରଖାଯାଇପାରେ ବୋଲି ଜଣାପଡ଼ିଛି। ଏଫ୍‌ଏଟିଏଫ୍‌ର ବିସ୍ତୃତ ଆଲୋଚନାରେ ଭାଗ ନେଇଥିବା ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଆତଙ୍କବାଦକୁ ପାଣ୍ଠି ଯୋଗାଣ ରୋକିବା ଦିଗରେ ଯଥେଷ୍ଟ ପଦକ୍ଷେପ ନେଇଥିବା ଇସ୍‌ଲାମାବାଦ ସବୁ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏକଘରିକିଆ ହେବାକୁ ଯାଉଥିବା ସୂଚନା ମିଳିଛି। ଆତଙ୍କବାଦକୁ ପାଣ୍ଠି ଯୋଗାଣ ରୋକିବା ଦିଗରେ ୨୭ଟି ପଦକ୍ଷେପ ନେବା ଲାଗି ପାକିସ୍ତାନକୁ ଏଫ୍‌ଏଟିଏଫ ପକ୍ଷରୁ ପରାମର୍ଶ ଦିଆଯାଇଥିବାବେଳେ ଏହା ମାତ୍ର ୬ଟି ପଦକ୍ଷେପ ନେଇଛି। ଏଫ୍‌ଏଟିଏଫ୍ ପାକିସ୍ତାନ ବିରୋଧରେ ୧୮ରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛି। ଡାର୍କ ଗ୍ରେ ଅର୍ଥ କୌଣସି ଦେଶ ବିରୋଧରେ ଚୂଡ଼ାନ୍ତ ଚେତାବନୀ ଜାରି। ଗତବର୍ଷ ଜୁନ୍‌ରେ ପାକିସ୍ତାନକୁ ଗ୍ରେ ତାଲିକାଭୁକ୍ତ କରାଯାଇଥିଲା। ଏଥିସହିତ ଉକ୍ତ ଦେଶକୁ କେତେଗୁଡ଼ିଏ କାର୍ଯ୍ୟଯୋଜନା ୨୦୧୯ ଅକ୍ଟୋବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ କୁହାଯାଇଥିଲା। ଏହାକୁ କାର୍ଯ୍ୟକାରୀ ନ କଲେ ଇରାନ ଓ ଉତ୍ତର କୋରିଆ ଭଳି ଉକ୍ତ ଦେଶକୁ କଳା ତାଲିକାଭୁକ୍ତ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। କୌଣସି ଦେଶ ଡାର୍କ ଗ୍ରେ ତାଲିକାରେ ରହିଲେ ଆଇଏମ୍‌ଏଫ୍ (ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି), ବିଶ୍ୱବ୍ୟାଙ୍କ, ୟୁରୋପୀୟ ସଂଘ ଆଦିରୁ ଆର୍ଥିକ ସହାୟତା ପାଇବା କଷ୍ଟକର ହୋଇଥାଏ।

## 'ଇସ୍‌ଲାମାବାଦ ବିରୋଧରେ ତଥ୍ୟ ସଂଗ୍ରହ କର'

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ସହ ଆର୍ଥିକ ସହାୟତା ଯୋଗାଇଆସୁଥିବା କଥା ସମସ୍ତେ ଜାଣନ୍ତି। ଆତଙ୍କବାଦୀ କାର୍ଯ୍ୟରେ ଇସ୍‌ଲାମାବାଦର ଭୂମିକା ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ପ୍ରମାଣ ଯୋଗାଡ଼ କରିବା ଲାଗି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଦେଶର ସମସ୍ତ ଆତଙ୍କବାଦ ନିରୋଧୀ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ଏହି ତଥ୍ୟଗୁଡ଼ିକୁ ଅନ୍ତର୍ଜାତୀୟ ଫୋରମ୍ ଓ ମଞ୍ଚରେ ଉପସ୍ଥାପନ କରାଯାଇପାରିବ। ତଥ୍ୟ ପ୍ରମାଣ ସଂଗ୍ରହ କରିବା ଜରୁରୀ ବୋଲି ସୋମବାର ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ମୁଖ୍ୟମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡୋଭାଲ କହିଥିଲେ। ପାକିସ୍ତାନ ଆତଙ୍କବାଦର ପ୍ରାୟୋଜନ କରୁଥିବାର ତଥ୍ୟ ସଂଗ୍ରହ କରି ଏହାକୁ ପ୍ରମାଣରେ ବଦଳାଇବାକୁ ହେବ। ଏଫ୍‌ଏଟିଏଫ୍ ଇସ୍‌ଲାମାବାଦ ଉପରେ ସର୍ବାଧିକ ଚାପ ପକାଇଥିବା ଡୋଭାଲ ସୂଚନା ଦେଇଛନ୍ତି।



ଅଜିତ ଡୋଭାଲ

# କାର୍ତ୍ତିକ ବ୍ରତର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଜଣେ ହବିଷିଆଳି କଥା ହେଉଛନ୍ତି।

**ପୁରୀ ଅଫିସ/ଭୁବନେଶ୍ୱର, (ବ୍ୟୁରୋ)୧୪।୧୦**

ସୋମବାରଠାରୁ ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସ। ହବିଷିଆଳିମାନେ ଆରମ୍ଭ କରିଛନ୍ତି କାର୍ତ୍ତିକ ବ୍ରତ। ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ୩ହଜାର ହବିଷିଆଳିଙ୍କ ପାଇଁ ଶ୍ରୀକ୍ଷେତ୍ରରେ ୩ଟି ଆଶ୍ରୟସ୍ଥଳୀ କରାଯାଇଛି। ଏଠାରେ ସେମାନଙ୍କ ଲାଗି ରହିବା, ମହାପ୍ରସାଦ ସେବନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ଭୁବନେଶ୍ୱର ଲୋକସେବା ଭବନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ହବିଷିଆଳି କାର୍ତ୍ତିକ ବ୍ରତର ଶୁଭାରମ୍ଭ କରିଛନ୍ତି।

ଏଥିପାଇଁ ପୁରୀ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ହୋଇଥିଲା। ଏଥିରେ ବହୁ ହବିଷିଆଳି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କାର୍ତ୍ତିକ ବ୍ରତର ଶୁଭାରମ୍ଭ କରି ହବିଷିଆଳିଙ୍କ ଉଦ୍ଦେଶ୍ୟରେ କହିଥିଲେ, ପୁରୀରେ ଆପଣମାନଙ୍କ କାର୍ତ୍ତିକ ବ୍ରତ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ମହାପ୍ରଭୁଙ୍କ କରୁଣାରୁ ଆପଣମାନେ ଭଲରେ ମାସକ ଯାକ ରହି କାର୍ତ୍ତିକ ବ୍ରତ ପାଳନ କରି ପୁଣ୍ୟ ଲାଭ କରନ୍ତୁ। ଏହି ଅବସରରେ ସେ ହବିଷିଆଳି ଓ ସେମାନଙ୍କ ପରିବାରର ଶୁଭ କାମନା କରିଥିଲେ। ବାରିପଦାର ମମତା ଦେ ଏବଂ କୃଷ୍ଣପ୍ରସାଦର ରମା ଦଳାଇ ସେମାନଙ୍କ ଅନୁଭୂତି କହିଥିଲେ। ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ। ପ୍ରତ୍ୟୁତ୍ତରରେ ହବିଷିଆଳିମାନେ ହଁ କହିବା ସହ ହୁଳହୁଳି ପକାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ଲୋକସେବା ଭବନରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ସଂସ୍କୃତି ସଚିବ ଡ. ମନୋରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସେହିପରି ପୁରୀ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଭୁବନେଶ୍ୱର ନୟାଗଡ଼ ସେବା ଏକ୍ସପ୍ରେସ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର-ନୟାଗଡ଼ ସେବା ଏକ୍ସପ୍ରେସ ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଅପରାହ୍ନ ୧ଟା ୩୦ରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଏହାକୁ ଉଦ୍‌ଘାଟନ କରିବେ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ଅନ୍ୟପକ୍ଷରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଉଚ୍ଚ ଶିକ୍ଷା ଓ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୁରୀ ଏମ୍‌ପି ପିନାକୀ ମିଶ୍ର, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି।

# ଏକାଠି ହେଲେ ସଲମାନ୍-ଦିଶା



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ଇଦ୍‌କୁ କେବେ ହାତଛଡ଼ା କରନ୍ତି ନାହିଁ। ପ୍ରତିବର୍ଷ ସେ ଇଦ୍ ଅବସରରେ ନିଜ ଫ୍ୟାନ୍ସଙ୍କୁ ସ୍ପେଶାଲ ଭେଟି ଦେଇଥାନ୍ତି। ତେବେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୦ର ଇଦ୍ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି ସଲମାନ୍। ୨୦୨୦ ଇଦ୍ ଅବସରରେ ଫ୍ୟାନ୍ସଙ୍କୁ ତେବେ ଏହି ଫିଲ୍ମରେ ପ୍ରଥମେ ଅନୁଷ୍କା ଲିଡ୍ କରିବେ ବୋଲି ଚର୍ଚ୍ଚା ହେଉଥିବାବେଳେ ଏବେ କିନ୍ତୁ ଦିଶା ପଟାନୀଙ୍କୁ ଫାଇନାଲ୍ କରାଯାଇଥିବା ଜଣାପଡ଼ିଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଫିଲ୍ମ 'ରାଧେ-ଇଣ୍ଡିଆଜ୍ ମୋଷ୍ଟ ୱାଣ୍ଟେଡ୍ କୋପ୍'ରେ ସଲମାନ୍‌ଙ୍କ ସହ ଦିଶା ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ତେବେ ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା କରାଯାଇନାହିଁ। ଫିଲ୍ମ 'ଏମ୍‌ଏସ୍ ଧୋନୀ'ରୁ ନିଜର ବଲିଉଡ୍ ଡେବ୍ୟୁ ଆରମ୍ଭ କରିଥିବା ଦିଶା ସଲମାନ୍‌ଙ୍କ ସହ ଫିଲ୍ମ 'ଭାରତ'ରେ ନଜରକୁ ଆସିଥିଲେ। 'ଭାରତ'ରେ ଉଭୟଙ୍କ ଗୀତ ସ୍ଲୋ-ମୋଶନ୍ ସୁପରହିଟ୍ ଥିଲା। ଆଗକୁ ଏହି ଯୋଡ଼ିକୁ ଦର୍ଶକେ କେତେ ପସନ୍ଦ କରୁଛନ୍ତି ତାହା ୨୦୨୦ ଇଦ୍ ଅବସରରେ ହିଁ ଜଣାପଡ଼ିବ।


## ICMR-REGIONAL MEDICAL RESEARCH CENTRE
(Indian Council of Medical Research)
Chandrasekharpur, Bhubaneswar - 751 023

No.03(10)/Proj/TH/Pul.TB/2019/1149 Dt.14.10.2019

**WALK-IN-INTERVIEW / WRITTEN TEST**

A walk-in-interview / Written test is scheduled to be held at the office of ICMR-Regional Medical Research Centre, Chandrasekharpur, Bhubaneswar, Odisha for the following contractual posts for project entitled **"Intensified pulmonary tuberculosis case findings among selected high risk clinical groups attending secondary level public health care facilities".**

| Sl.No. | Name of the Post | Category | Date of walk-in-interview |
|---|---|---|---|
| 1 | Junior Medical Officer | UR-1 | 23.10.2019 at 10:00 A.M |
| 2 | Project Technical Officer | UR-1 | 24.10.2019 at 10:00 A.M |
| 3 | Project Assistant | UR-2, EWS-1, OBC-1 | 24.10.2019 at 10:00 A.M |
| 4 | Data Entry Operator-(Grade-B) | UR-1 | 23.10.2019 at 10:00 A.M |

**No TA/DA will be paid for appearing in the interview.**
For details of advertisement, terms & conditions, please visit the websites: **www.rmrcbbsr.gov.in OR www.icmr.nic.in**

Sd/-
Administrative Officer
For Director



## OFFICE OF THE SUPERINTENDING ENGINEER ELECTRICAL CIRCLE (R&B)
## NIRMAN SOUDHA BHUBANESWAR
E-mail seec.bbsr2010 @ gmail.com

**E-procurement Tender Call Notice No.2 of 2019-20**
No. 1681 /Date 11.10.19 /

**No. 220-B:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for street lighting work as detailed in the table given below.

| Sl. No | Name of the work | Approximate Estimated costput to Tender (Rs.) | Cost of Bid Document | Class of Contractor | Period of Completion |
|---|---|---|---|---|---|
| 1 | Supply, Installation, Testing & Commissioning of Street lights in the Town portion along the Median & Road sides of Cuttack-Chandbali road from Ch.49:160 to 54:902 in the district of Kendrapara. | Rs.1,77,23,216.00 (excluding GST) | Rs.10,000.00 Online | M.V/H.T | 3 (three) Calendar Months. |

Date & Time of available of bid document in the portal / online: - From 5:00 P.M of 18.10.2019 to 5:00 P.M. of 01.11.2019.
Date of Opening: - 11:30 A.M. of 02.11.2019.
Name and address of officer inviting Bid:- Superintending Engineer, Electrical Circle (R&B) Odisha, Bhubaneswar.
Further details can be seen from the e-procurement portal: https://tendersorissa.gov.in.

34107/11/0002/1920 Sd/-Er.R.K.Sahu, Superintending Engineer, Electrical Circle (R&B) Odisha, BBSR


# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ରାଜସ୍ୱ ଅଧିକାରୀ

**କଟକ ରୋଡ,୧୪।୧୦(ଡି.ଏନ୍.ଏ.)**



## ୫ ମ୍ୟୁଟେଶନ ପାଇଁ ନେଉଥିଲେ ୫ହଜାର ଟଙ୍କା

ମ୍ୟୁଟେଶନ କରାଇ ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ଅଧିକାରୀ। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଦୋଲଣଶାସନ ଗ୍ରାମର ଦେବଦତ୍ତ ମିଶ୍ର। ସୂଚନା ଅନୁଯାୟୀ, ଦେବଦତ୍ତ ତହସିଲ ଅଫିସରେ ରେକର୍ଡ ରୁମ ଦାୟିତ୍ୱରେ ରହିଛନ୍ତି। ଗତ କିଛିଦିନ ଧରି ସୂର୍ଯ୍ୟକାନ୍ତ ସାହୁ ନାମକ ଜଣେ ବ୍ୟକ୍ତି ୫ଟି ମ୍ୟୁଟେଶନ ପାଇଁ ଆବେଦନ କରିଥିଲେ। ମ୍ୟୁଟେଶନ ଫାଇଲ ପଠାଇବା ପାଇଁ ଦେବଦତ୍ତ ୫ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସୂର୍ଯ୍ୟକାନ୍ତ ଭିଜିଲାନ୍ସ ବିଭାଗର ସହଯୋଗ ଲୋଡିଥିଲେ। ସୋମବାର ପୂର୍ବ ଯୋଜନା ମୁତାବକ ଦେବଦତ୍ତ ତାଙ୍କ ଅଫିସ କୋଠରି ମଧ୍ୟରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଡିଏସପି ଅକ୍ଷୟ ମିଶ୍ର ଓ ସୁଶାନ୍ତ ପାଣିଗ୍ରାହୀଙ୍କ ସହ ଏକ ଟିମ ତାଙ୍କୁ ଧରିଥିଲେ। ଏ ନେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ମାମଲା (ନଂ.୪୫/୧୯) ରୁଜୁ ହୋଇଛି।


## OFFICE OF MUNICIPAL COUNCIL, SUNABEDA
## E-PROCUREMENT NOTICE
No. 6068/ Date : 10.10.2019

**Bid-Identification No. M.C.-SBD-05/2019-20**

| | | |
|---|---|---|
| Total No. of Works | : | 02 Nos. |
| Tender Value | : | Rs. 24,19,000/- to 26,93,000/- |
| Bid Security | : | Rs. 24,200/- to Rs. 27,000/- |
| Available Period | : | Dt. 15.10.2019 at 11.00 AM to 26.10.2019 at 5.00P.M. |
| Tender Opening date | : | 29.10.2019 at 11.00 A.M. |

No. 242-C

Bidders are requested to participate in advance with their Class-D and Class-C DSC before the closing date.
Further details please visit : https://www.tendersorissa.gov.in

**Sd./- Executive Officer**
**Sunabeda Municipality**

13076/11/0007/1920



ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର
Odisha Rural Development & Marketing Society
*creating competence and values in rural Odisha*
Panchayati Raj and DW Department, Government of Odisha
ORMAS BHUBANESWAR

**No.2734/19** **Date: 14.10.19**
**SD/337/2019(P-2)**
No.CAD-460 :-

## REQUEST FOR PROPOSAL

**Selection of Agencies for Establishment and Operation of Five Migration Support Centers (Bhubaneswar, Hyderabad, Pune, Bengaluru, Bhiwadi-NCR under DDU-GKY(Deen Dayal Upadhyaya-Grameen Kaushalya Yojana), ORMAS**

ORMAS invites eligible agencies to indicate their interest in providing the services demonstrating that they have the required qualifications and relevant experience to perform the Services in the prescribed format. The details of the terms and conditions of the above services can be downloaded from **www.ormas.org.** The agencies will submit sealed proposals superscribing "Request for Proposal for Selection of Agencies for Establishment and Operation of Five Migration Support Centers (Bhubaneswar, Hyderabad, Pune, Bengaluru, Bhiwadi-NCR under DDU-GKY(Deen Dayal Upadhyaya-Grameen Kaushalya Yojana), ORMAS" to the office of the Chief Executive Officer, Odisha Rural Development & Marketing Society (ORMAS), SIRD Campus, Unit-VIII, Bhubaneswar-751012 by 14.11.2019 (03.00 P.M). The technical proposal shall be opened on the same date at 4 P.M in ORMAS Conference Hall. In case of any Addendum/ Clarification/ Corrigendum/ Extension regarding this tender call notice, the same will be published in the above website. Authority reserves the right to accept or reject any tender and to cancel the procurement process at any time prior to the award of contract without assigning any reason thereof.

**Sd./- Chief Executive Officer**
**ORMAS, Bhubaneswar**

**19004/11/0003/1920**


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-MBJ-0032-2019/ 23212** **R&DM, Dated I 9 AUG 2019**

**No. XXI-35:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ମାକନ୍ଦ,** ଥାନା: ବେତନଟୀ ନଂ. ୧୦୧, ତହସିଲ- ମୋରଡ଼ା, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୨୨.୬୭** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ।
**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
**୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବାରିପଦା।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡ଼ା | ମାକନ୍ଦ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୮.୭୧ | ଏ. ୨୨.୬୭ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏକର ୮.୫୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୧୮/୨୦୧୮**
**ଏ.୨୨.୬୭ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ**
**ମୌଜା-ମାକନ୍ଦ, ଥାନା- ବେତନଟୀ, ନଂ-୧୦୧, ତହସିଲ-ମୋରଡା, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୦୯ | ୧.୨୬ | ୦.୬୦ | ଡାହି ଏକ | ପ୍ରମିଳା ବାରିକ, ସ୍ୱା: ପୂର୍ଣ୍ଣଚନ୍ଦ୍ର ବାରିକ, ପୁଷ୍ପଲତା ବାରିକ, ପି: ପୂର୍ଣ୍ଣଚନ୍ଦ୍ର ବାରିକ, ଚନ୍ଦ୍ରମଣି ବାରିକ, ନିରମଣି ବାରିକ, ପି: ଅର୍ଜୁନ ବାରିକ, ଜା: ଭଣ୍ଡାରି, ବା: ନିଜଗାଁ |
| ୪ | ୪୮୦ | ୧.୪୯ | ୦.୧୮ | ଶାରଦ ଦୁଇ | ଆଶୀର୍ବାଦ ମହାନ୍ତ, ଝରି ମହାନ୍ତ, ଯାତ୍ରୀ ମହାନ୍ତ, ଯଶୋଦା ମହାନ୍ତ, ରବନୀ ମହାନ୍ତ, ପି: ଚନ୍ଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୪୮୭ | ୦.୩୬ | ୦.୨୩ | ଶାରଦ ତିନି | |
| ୬ | ୬୪୬ | ୧.୩୭ | ୦.୫୮ | ଶାରଦ ଦୁଇ | ଓପେନ ସିଂ, ଜଳଧର ସିଂ, ପି: କାମଲା ସିଂ, ସମ ସିଂ, ସ୍ୱା ; ରମେଶ ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୬୪୯ | ୦.୫୩ | ୦.୨୪ | ଶାରଦ ଦୁଇ | |
| | ୨୦୮ | ୦.୦୯ | ୦.୦୧ | ଘରବାରି | |
| ୧୦ | ୫୦୧ | ୦.୧୧ | ୦.୦୨ | ଘରବାରି | କାଳିଚରଣ ମହାନ୍ତ, ପି: ବୈକୁଣ୍ଠ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧ | ୪୦୧ | ୦.୪୫ | ୦.୧୨ | ଘରବାରି | କାଳିଆ ମାଝୀ, ସାଧୁ ମାଝୀ, ରାମ ମାଝୀ, ପି: ନାରଣ ମାଝୀ, ବାର୍ଷା ମାଝୀ, ମଧୁସୂଦନ ମାଝୀ, ପି: ସୁକୁଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୦୨ | ୦.୦୩ | ୦.୦୧ | ଘରବାରି | |
| | ୨୧୫ | ୧.୮୫ | ୦.୩୮ | ଡାହି ଏକ | |
| | ୨୨୫ | ୦.୭୬ | ୦.୦୧ | ଡାହି ଏକ | |
| ୧୬ | ୧୧୦ | ୦.୬୨ | ୦.୧୮ | ଡାହି ଏକ | କୃପାସିନ୍ଧୁ ମହାନ୍ତ, ପି: ରଞ୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୭ | ୪୮୮ | ୦.୭୧ | ୦.୭୧ | ଶାରଦ ତିନି | କୈଳାସ ମହାନ୍ତ, ପି: ବଡପାନ୍ଦୁଡୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୮ | ୪୨୧ | ୦.୭୯ | ୦.୫୧ | ଡାହି ଏକ | କୈଳାସ ମହାନ୍ତ, ଅଜମ୍ବର ମହାନ୍ତ, ଦୁଃଶାସନ ମହାନ୍ତ, ସୁଦର୍ଶନ ମହାନ୍ତ, ପି: ବଡପାନ୍ଦୁଡ ମହାନ୍ତ, ଅହଲ୍ୟା ମହାନ୍ତ, ସ୍ୱା: ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୦ | ୪୯୪ | ୦.୫୩ | ୦.୧୮ | ଶାରଦ ତିନି | କ୍ଷେତ୍ର ମୋହନ ମହାନ୍ତ, ପି: ଠେଲୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୫ | ୪୨୩ | ୦.୬୪ | ୦.୨୦ | ଘରବାରି | ଚାୟା ସିଂ, ପି: ଲେଦା ସିଂ, ବୈଦ୍ୟ ନାଥ ସିଂ, ପି: ସୁଲା ସିଂ, ସନିଆ ସିଂ, ନନ୍ଦ କିଶୋର ସିଂ, ପି: ଦୁଲା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୪୨୨ | ୦.୫୭ | ୦.୫୩ | ଡାହି ଏକ | |
| ୪୧ | ୪୮୬ | ୦.୩୪ | ୦.୦୫ | ଶାରଦ ତିନି | ଝାଲ ମହାନ୍ତ, ସ୍ୱା: ସଭା ମହାନ୍ତ, ଗୌର ମହାନ୍ତ, ତିନିବାସ ମହାନ୍ତ, ସାଗର ମହାନ୍ତ, ସୁରୁ ମହାନ୍ତ, ପି: ସଭା ମହାନ୍ତ, ରାମଚନ୍ଦ୍ର ମହାନ୍ତ, ରାଇଟର ମହାନ୍ତ, ହରମୋହନ ମହାନ୍ତ, ପି: ରତ୍ନା ମହାନ୍ତ, ପବନା ମହାନ୍ତ, ପି: ମକୁରୁ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ଗଗନା ମହାନ୍ତ, କାର୍ତ୍ତିକ ମହାନ୍ତ, ପି: କ୍ଷୀର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୪୧୪ | ୦.୭୫ | ୦.୫୫ | ଘରବାରି | ହରମୋହନ ମହାନ୍ତ ଅଂଶ ପକ୍ଷେ, ଖରିଦ ସୂତ୍ରେ ଦଖଲ ରାମ ଚନ୍ଦ୍ର ମହାନ୍ତ, ରାଇଟର ମହାନ୍ତ, ଖାତା ରୟତ ରେଜେଷ୍ଟ୍ରି ଦଲିଲ, ନମ୍ବର 345 ତା.15.2.74, ଜରସମନ ଟ. 1000.00 |
| ୪୨ | ୪୩୩ | ୧.୮୩ | ୦.୨୩ | ଡାହି ଏକ | ଦାବଡା ମାଝୀ, ବୁଢ଼ାଣ ମାଝୀ, ପି: ମହେଶ୍ୱର ମାଝୀ, ସାଲାଇ ମାଝୀ, ପି: ଦାବଡ଼ା ମାଝୀ, ତଳ ମାଝୀ, ପି: ସାନ ରୁପାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୧ | ୪୮୯ | ୦.୦୨ | ୦.୦୨ | ଶାରଦ ତିନି | ପାର୍ବତୀ ମହାନ୍ତ, ସ୍ୱା: ମହେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୨ | ୪୦୭ | ୦.୮୮ | ୦.୦୬ | ଡାହି ଏକ | ପାର୍ବତୀ ମହାନ୍ତ, ସ୍ୱା: ମହେନ୍ଦ୍ର ମହାନ୍ତ, ମହେନ୍ଦ୍ର ମହାନ୍ତ, ପି: ଚୈତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୦ | ୪୯୦ | ୦.୨୧ | ୦.୧୬ | ଶାରଦ ତିନି | ବିଦ୍ୟାଧର ବିନ୍ଧାଣୀ, ପି: ଭୁରୁଙ୍ଗ ବିନ୍ଧାଣୀ, ସୋମନାଥ ବିନ୍ଧାଣୀ, ପି: ଶମ୍ଭୁ ବିନ୍ଧାଣୀ, ମଙ୍ଗୁଳି ବିନ୍ଧାଣୀ, ସ୍ୱା: ଶମ୍ଭୁ ବିନ୍ଧାଣୀ, ବଳରାମ ବିନ୍ଧାଣୀ, ଘାନା ବିନ୍ଧାଣୀ, ଦର୍ଗା ବିନ୍ଧାଣୀ, ଲକ୍ଷ୍ମଣ ବିନ୍ଧାଣୀ, ପି: ଛୁଟୁ ବିନ୍ଧାଣୀ, ଜା: କମାର, ବା: ନିଜଗାଁ |
| | ୨୧୩ | ୦.୮୦ | ୦.୫୧ | ଘରବାରି | |
| ୭୪ | ୪୦୫ | ୦.୧୭ | ୦.୧୭ | ଘରବାରି | ବୈକୁଣ୍ଠ ମହାନ୍ତ, ପି: ଜଗତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୦୯ | ୧.୨୫ | ୦.୪୦ | ଡାହି ଏକ | |
| ୭୮ | ୪୧୬ | ୦.୩୫ | ୦.୩୦ | ପଡିତ | ଭୁଆ ମାଝୀ, ପି: ବାଢ଼େଇ ମାଝୀ, ରାମ ଯାଇ ମାଝୀ, ପି: ଦାଟୁ ମାଝୀ, ସାଗରାମ ମାଝୀ, ପି: ନେମ୍ଭ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୬ | ୧.୧୪ | ୦.୮୬ | ଡାହି ଏକ | |
| ୮୧ | ୨୨୦ | ୦.୫୬ | ୦.୦୩ | ଡାହି ଏକ | ମଙ୍ଗଳ ସିଂ, ପି: କାରୁ ସିଂ, ଜଗା ସିଂ, ପି: ଡିଗିରା ସିଂ, ଭଡୁଗା ସିଂ, ପି: କାରୁ ସିଂ, ସୁନି ସିଂ, ସ୍ୱା: ଟୁଟୁ ସିଂ, ପୂର୍ଣ୍ଣ ସିଂ, ପି: ଟୁଟୁ ସିଂ, ରେପ ସିଂ, ଗୋରା ସିଂ, ପି: ଖଇରା ସିଂ, ବିନ୍ଦି ସିଂ, ସ୍ୱା: ଖଇରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୨ | ୨୨୧ | ୦.୫୫ | ୦.୨୮ | ଡାହି ଏକ | ମଙ୍ଗଳ ସିଂ, ଭଡୁଗା ସିଂ, ପି: କାରୁ ସିଂ, ପୂର୍ଣ୍ଣ ସିଂ, ପି: ଛଟୁ ସିଂ, କାଲା ସିଂ, ପି: ଖାନିଆ ସିଂ, ରୁଣ୍ଡା ସିଂ, ଗୁରୁଭା ସିଂ, ମକରା ସିଂ, ପି: ଗୟା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୩ | ୪୮୫ | ୧.୦୬ | ୦.୨୨ | ଶାରଦ ତିନି | ମଦନ ମାଝୀ, ପି: ଭଜାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୬ | ୨୧୦ | ୦.୩୭ | ୦.୨୬ | ଘରବାରି | ମାର୍କଣ୍ଡ ସିଂ, ବାଜନ ସିଂ, ଡଗଲ ସିଂ, ମିସ୍ତ୍ରୀ ସିଂ, ଶୁକ୍ର ସିଂ, ପି: ସାଇବା ସିଂ, ଗୁରୁବାରି ସିଂ, ସ୍ୱା: ସାରଦା ସିଂ, ଶୁକୁରୁ ସିଂ, ସ୍ୱା: ଶ୍ୟାମ ସିଂ, ଦୁର୍ଗା ସିଂ, ସ୍ୱା: ଡବାଲ ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୨୨୩ | ୦.୪୦ | ୦.୩୮ | ଡାହି ଏକ | |
| ୧୦୨ | ୨୨୭ | ୦.୮୬ | ୦.୨୩ | ଡାହି ଏକ | ରେଣ୍ଡା ମାଝୀ, ପି: ସୁକୁଲ ମାଝୀ, ସୁନା ମାଝୀ, କର ମାଝୀ, ପି: ମିରିଜା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୭ | ୬୪୭ | ୩.୦୮ | ୧.୦୮ | ଶାରଦ ଦୁଇ | ଲାଲା ସିଂ, ପି: ଗହ୍ଲା ସିଂ, ପୁଦୁ ସିଂ, ପି: ଦୁର୍ଗା ସିଂ, ଦିବି ସିଂ, ସ୍ୱା: ଦୁର୍ଗା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୪୯୮ | ୧.୬୮ | ୦.୪୮ | ଡାହି ଏକ | |
| | ୨୨୪ | ୦.୫୪ | ୦.୪୦ | ଡାହି ଏକ | |
| ୧୦୯ | ୪୨୦ | ୦.୮୪ | ୦.୪୦ | ପଡିତ | ଶତ୍ରୁଘ୍ନ ମହାନ୍ତ, ପି: ଜଗତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୩ | ୨୨୨ | ୦.୬୭ | ୦.୦୧ | ଡାହି ଏକ | ସନିଆ ସିଂ, ଲକ୍ଷ୍ମଣ ସିଂ, ପି: କାନ୍ଦୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୧୬ | ୧୧୨ | ୧.୫୪ | ୦.୯୦ | ଡାହି ଏକ | ଶରତ ମହାନ୍ତ, ଅଷ୍ଟମୀ ମହାନ୍ତ, ପି: ମହେଶ୍ୱର ମହାନ୍ତ, ମୁଷି ମହାନ୍ତ, ସ୍ୱା: ମହେଶ୍ୱର ମହାନ୍ତ, କାଳି ଚରଣ ମହାନ୍ତ, ରବୀନ୍ଦ୍ର ମହାନ୍ତ, ଶୁକୁରୀ ମହାନ୍ତ, ସୀତା ମହାନ୍ତ, ପି: ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୨୧ | ୪୦୪ | ୦.୨୪ | ୦.୧୮ | ଘରବାରି | ସୁକୁରା ସିଂ, ପି: ମନୁ ସିଂ, ଶୁନୁ ସିଂ, ସନିଆ ସିଂ, ପି: ସୁକୁରା ସିଂ, ରଇବୁ ସିଂ, ପି: ରଥ ସିଂ, ସାନସୁକୁରା ସିଂ, ପି: ଲକ୍ଷ୍ମଣ ସିଂ, ଗେଡି ସିଂ, ସ୍ୱା: ଗୋରା ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୪୦୬ | ୦.୯୯ | ୦.୫୫ | ପଡିତ | |
| ୧୩୦ | ୧୧୧ | ୦.୭୦ | ୦.୧୫ | ଡାହି ଏକ | ହେମ ଚନ୍ଦ୍ର ମହାନ୍ତ, ପି: ଜଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୦/ ୩୦ | ୪୮୯/ ୮୫୭ | ୦.୫୩ | ୦.୨୪ | ଶାରଦ ତିନି | ସୁଧାକର ମହାନ୍ତ, ପି: ଦିବାକର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୦/ ୪୭ | ୪୮୭/ ୯୦୮ | ୦.୩୬ | ୦.୩୬ | ଶାରଦ ତିନି | ଭୀମଚରଣ ମହାନ୍ତ, ପି: ବିଶ୍ୱମ୍ବର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| **ସମପରିମାଣ ଗୋଚର ପ୍ରତିବଦଳି** | | | | | |
| ୧ | ୧୦୯ | | ୦.୬୬ | ଡାହି ଏକ | ପ୍ରମିଳା ବାରିକ, ସ୍ୱା: ପୂର୍ଣ୍ଣଚନ୍ଦ୍ର ବାରିକ, ପୁଷ୍ପଲତା ବାରିକ, ପି: ପୂର୍ଣ୍ଣଚନ୍ଦ୍ର ବାରିକ, ଚନ୍ଦ୍ରମଣି ବାରିକ, ନିରମଣି ବାରିକ, ପି: ଅର୍ଜୁନ ବାରିକ, ଜା: ଭଣ୍ଡାରି, ବା: ନିଜଗାଁ |
| ୧୧ | ୨୧୫ | | ୧.୪୭ | ଡାହି ଏକ | କାଳିଆ ମାଝୀ, ସାଧୁ ମାଝୀ, ରାମ ମାଝୀ, ପି: ନାରଣ ମାଝୀ, ବାର୍ଷା ମାଝୀ, ମଧୁସୁଦନ ମାଝୀ, ପି: ସୁକୁଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨ | ୨୧୭ | ୧.୮୦ | ୧.୮୦ | ଡାହି ଏକ | କାଲା ସିଂ, ପି: ଗୋପ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୬ | ୧୧୦ | | ୦.୪୪ | ଡାହି ଏକ | କୃପାସିନ୍ଧୁ ମହାନ୍ତ, ପି: ରଞ୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୮ | ୨୧୬ | ୦.୫୧ | ୦.୫୧ | ଡାହି ଏକ | ପଗ ସିଂ, ଲେହ୍ଲା ସିଂ, ଲବା ସିଂ, ପି: ବୋକା ସିଂ, କୌଶଲ୍ୟା ସିଂ, ସ୍ୱା: ବୋକା ସିଂ, ଓପାର ସିଂ, ସ୍ୱା: ଲେହ୍ଲା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୭୮ | ୨୨୬ | | ୦.୨୮ | ଡାହି ଏକ | ଭୁଆ ମାଝୀ, ପି: ବଢ଼େଇ ମାଝୀ, ରାମ ଯାଇ ମାଝୀ, ପି: ଦାଟୁ ମାଝୀ, ସାଗରାମ ମାଝୀ, ପି: ନେମ୍ଭ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୧ | ୨୨୦ | | ୦.୫୩ | ଡାହି ଏକ | ମଙ୍ଗଲ ସିଂ, ପି: କାରୁ ସିଂ, ଜଗା ସିଂ, ପି: ଡିଗିରା ସିଂ, ଭଡୁଗା ସିଂ, ପି: କାରୁ ସିଂ, ସୁନି ସିଂ, ସ୍ୱା: ଟୁଟୁ ସିଂ, ପୂର୍ଣ୍ଣ ସିଂ, ପି: ଟୁଟୁ ସିଂ, ରେପ ସିଂ, ଗୋରା ସିଂ, ପି: ଖଇରା ସିଂ, ବିନ୍ଦି ସିଂ, ସ୍ୱା: ଖଇରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୨ | ୨୨୧ | | ୦.୨୭ | ଡାହି ଏକ | ମଙ୍ଗଳ ସିଂ, ଭଡୁଗା ସିଂ, ପି: କାରୁ ସିଂ, ପୂର୍ଣ୍ଣ ସିଂ, ପି: ଛଟୁ ସିଂ, କାଲା ସିଂ, ପି: ଖାନିଆ ସିଂ, ରୁଣ୍ଡା ସିଂ, ଗୁରୁଭା ସିଂ, ମକରା ସିଂ, ପି: ଗୟା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୮୬ | ୨୨୩ | | ୦.୦୨ | ଡାହି ଏକ | ମାର୍କଣ୍ଡ ସିଂ, ବାଜନ ସିଂ, ଡଗଲ ସିଂ, ମିସ୍ତ୍ରୀ ସିଂ, ଶୁକ୍ର ସିଂ, ପି: ସାଇବା ସିଂ, ଗୁରୁବାରି ସିଂ, ସ୍ୱା: ସାରଦା ସିଂ, ଶୁକୁରୁ ସିଂ, ସ୍ୱା: ଶ୍ୟାମ ସିଂ, ଦୁର୍ଗା ସିଂ, ସ୍ୱା: ଡବାଲ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୧୩ | ୨୨୨ | | ୦.୪୬ | ଡାହି ଏକ | ସନିଆ ସିଂ, ଲକ୍ଷ୍ମଣ ସିଂ, ପି: କାନ୍ଦୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୨୨ | ୨୧୯ | ୧.୦୪ | ୧.୦୪ | ଡାହି ଏକ | ସୁନି ସିଂ, ସ୍ୱା: ମଙ୍ଗଳ ସିଂ, ସୁନ୍ଦରଲାଲ ସିଂ, ପି: ଲେପା ସିଂ, ଗୁରୁବାରି ସିଂ, ସ୍ୱା: ଲେପା ସିଂ, ମାଦି ସିଂ, ସ୍ୱା: ରୋହିଆ ସିଂ, କସ୍ତୁରି ସିଂ, ବାୟା ସିଂ, ପି: ରୋହିଆ ସିଂ, ଭିମ ସିଂ, କୟାଁ ସିଂ, ପି: ଲକ୍ଷ୍ମୀଧର ସିଂ, ଜା: ଭୂମିଜ, ବା: ନିଜଗାଁ |
| ୧୨୭ | ୨୧୮ | ୦.୪୯ | ୦.୪୯ | ଡାହି ଏକ | ହରିଶ୍ଚନ୍ଦ୍ର ମହାନ୍ତ, ରଙ୍ଗଲାଲ ମହାନ୍ତ, ପି: ଶଙ୍କୁର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୦ | ୧୧୧ | | ୦.୫୫ | ଡାହି ଏକ | ହେମ ଚନ୍ଦ୍ର ମହାନ୍ତ, ପି: ଜଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| **ମୋଟ** | **୪୯ ପ୍ଲଟ୍‌କୁ** | **ଏ.୩୮.୭୧ ଡେ.ମି.** | **ଏ.୨୨.୬୭ ଡେ.ମି.** | | |

**24001/14/0210/1920**

ସୌ | ନ୍ଦ | ର୍ଯ୍ୟ



ଘନ ଓ ସିଧା କେଶ କାହାର ବା ପସନ୍ଦ ନୁହେଁ। ଯେଉଁଥିଲାଗି ବର୍ତ୍ତମାନ ହେୟାର୍ ଷ୍ଟ୍ରେଟନିଂ ଟ୍ରେଣ୍ଡ ପାଲଟିଛି। ହେଲେ କେବେ କେବେ ସିଧା ଏବଂ ପତଳା କେଶ ଅନେକଙ୍କଠାରେ ସୌନ୍ଦର୍ଯ୍ୟ ବଢାଇବା ପରିବର୍ତ୍ତେ କମାଇଥାଏ। ତେଣୁ ସେମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ହେୟାର୍ ପର୍ମିଂ ସବୁଠୁ ବେଷ୍ଟ ଉପାୟ। ଜାଣି ରଖନ୍ତୁ ଏହା କରିବାର ଉପାୟ...

# ହେୟାର ପର୍ମିଂ

- ପ୍ରଥମେ କେଶକୁ ଭଲ ଭାବେ ଶାମ୍ପୁ କରି ନିଅନ୍ତୁ। ଏହାକୁ ଟାୱେଲ୍‌ରେ ପରେ ପୋଛି ଦିଅନ୍ତୁ।
- ସାମାନ୍ୟ ଓଦାଥିବା ଅବସ୍ଥାରେ ଶୋଇ ରହି କେଶକୁ ଅଳ୍ପ ଅଳ୍ପ ଭାଗ କରିଦିଅନ୍ତୁ। ପ୍ରତି ଭାଗ କେଶକୁ ଭଲ ଭାବେ ରୋଲରରେ ଗୁଡାଇ ଦିଅନ୍ତୁ।
- ସବୁ ରୋଲ ହୋଇଥିବା କେଶ ଉପରେ ପର୍ମିଂ ଲୋଶନ ଲଗାନ୍ତୁ।
- ଏହା ଉପରେ ସାୱାର୍ କ୍ୟାପ୍ କିମ୍ବା ଟାୱେଲ୍ ଗୁଡାଇ ଦିଅନ୍ତୁ।
- ୧୫ ମିନିଟ୍ ରଖିବା ପରେ କେଶ ରୋଲ ହୋଇଛି କି ନାହିଁ ଜାଣିବା ଲାଗି ସର୍ବ ପ୍ରଥମେ ଯେଉଁ କେଶ ରୋଲ କରିଥିଲେ ତା'କୁ ଖୋଲି ଦେଖନ୍ତୁ। ଯଦି ହୋଇଥାଏ ତେବେ ରୋଲର ଲାଗି ଥିବା ଅବସ୍ଥାରେ ହିଁ କେଶକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାକୁ ଟିସୁ ପେପର ସାହାଯ୍ୟରେ ଶୁଖାନ୍ତୁ।
- ପାଣି ସମ୍ପୂର୍ଣ୍ଣ ଛାଡ଼ିଗଲେ ନ୍ୟୁଟ୍ରାଲାଇଜର ଲଗାନ୍ତୁ ଏବଂ କିଛି ସମୟ ରଖିବା ପରେ ରୋଲର ଖୋଲି ଦିଅନ୍ତୁ। ଖୋଲିବା ପରେ ପୁନର୍ବାର ନ୍ୟୁଟ୍ରାଲାଇଜର ଲଗାଇ ୫ ମିନିଟ୍ ରଖିବା ପରେ ସାଦା ପାଣିରେ ଧୋଇ ଦିଅନ୍ତୁ ଏବଂ ଶୁଖିବାକୁ ଛାଡି ଦିଅନ୍ତୁ। ବର୍ତ୍ତମାନ ଆପଣଙ୍କ କେଶ ପୂର୍ବ ଅପେକ୍ଷା ବାଉଁନ୍ସି ଏବଂ ଷ୍ଟାଇଲିଶ୍ ଲାଗିବ।



# ପୁରୁଣା ଶାଢିରୁ...

ବିତୁଥିବା ଦିନ ସହିତ ନୂଆ ନୂଆ ଶାଢୀ କିଣିବା ଭିତରେ ଅନେକ ଶାଢୀ ପୁରୁଣା ହୋଇ ଅଦରକାରୀ ହୋଇଯାଏ। ହେଲେ ଫିଙ୍ଗିବା ଅପେକ୍ଷା ବିଭିନ୍ନ ଉପାୟରେ ଏହାର ବ୍ୟବହାର କରାଯାଇ ପାରିବ। ଜାଣି ରଖନ୍ତୁ ସେ ସମ୍ପର୍କରେ...





- ପୁରୁଣା ଶାଢ଼ିରେ ସାଲୱାର ପଞ୍ଜାବୀ, ଫ୍ରକ୍, ଲଙ୍ଗ୍ ସ୍କର୍ଟ ଏବଂ ଅନ୍ୟାନ୍ୟ ନୂଆ ନୂଆ ଡିଜାଇନ୍‌ର ଡ୍ରେସ୍ ପ୍ରସ୍ତୁତ କରି ପିନ୍ଧି ପାରିବେ। ଶାଢିକୁ କାଟି ବିଶେଷ କରି ପାଟ ଶାଢିକୁ ଓଢଣି ଭାବେ କୁର୍ତ୍ତି ସହିତ ବ୍ୟବହାର କଲେ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ ଲାଗିବ।
- କୌଣସି ପୁରୁଣା ଶାଢୀର ବର୍ଡର ଆକର୍ଷଣୀୟ ହୋଇଥିଲେ ଏହାକୁ କାଢି ଅନ୍ୟ ଶାଢି କିମ୍ବା ପ୍ଲେନ୍ ରଙ୍ଗର କପଡାରେ ଲଗାଇ ନୂଆ ଶାଢି ଭାବେ ବ୍ୟବହାର କରିପାରିବେ।
- ଅଳ୍ପ ଖର୍ଚ୍ଚରେ ମନମୁତାବକ ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ ଆପଣ ନିଜ ପାଖରେ ଥିବା କୌଣସି ଡିଜାଇନର ବର୍ଡର ୱାର୍କ ଥିବା ପୁରୁଣା ଶାଢୀକୁ ବ୍ୟବହାର କରିପାରିବେ। ଏହା ଅନ୍ୟମାନଙ୍କ ଠାରୁ ଡିଫରେଣ୍ଟ ଲୁକ୍ ଦେବ।
- ଟେବୁଲ୍ କ୍ଲଥ୍ ଭାବେ ବ୍ୟବହାର କରିବା ଲାଗି ପୁରୁଣା ଶାଢୀ ଏକ ଭଲ ବିକଳ୍ପ। ଏହା ଦ୍ୱାରା ଗୋଟିଏ ଶାଢୀରୁ ଏକାଧିକ ଟେବୁଲ କ୍ଲଥ୍ ପ୍ରସ୍ତୁତ କରି ପାରିବେ। ଏହାକୁ ଧୋଇବା ମଧ୍ୟ ଖୁବ୍ ସହଜ। ସେହିପରି ଏଥିରୁ ଆପଣ ୱାଶିଂ ମେସିନ୍, ଫ୍ରିଜ୍, ଆଲମିରା ଆଦିର କଭର ମଧ୍ୟ ପ୍ରସ୍ତୁତ କରିପାରିବେ।
- ସୁନ୍ଦର ସୁନ୍ଦର କୁସନ୍ କଭର ପ୍ରସ୍ତୁତ କରିବା ଲାଗି ପୁରୁଣା ଶଢିକୁ ବ୍ୟବହାର କରି ପରିବେ। ବିଶେଷ କରି ପାଟ, ମଠା ଭଳି ପାରମ୍ପରିକ ଶାଢୀରେ କୁସନ୍ କଭର ପ୍ରସ୍ତୁତ କଲେ ଏହା ଘରକୁ ଏଥ୍‌ନିକ୍ ଲୁକ୍ ଦେଇଥାଏ।



# ମହିଳା ଓ ଶ୍ୱେତପ୍ରଦର

ଶ୍ୱେତପ୍ରଦର ରୋଗ ନାରୀମାନଙ୍କୁ ହୋଇଥାଏ। ଅସାମଞ୍ଜସ୍ୟ ଆହାର, ବିହାର, ଦୂଷିତ ପରିବେଶ, ଅତ୍ୟଧିକ ପରିଶ୍ରମ, ମାସିକ ଋତୁସ୍ରାବ ସମୟରେ ପରିଷ୍କାର ନ ରହିବା ଦ୍ୱାରା ଏହି ରୋଗ ଉତ୍ପତ୍ତିର କାରଣ ହୋଇଥାଏ। ଏହି ରୋଗରେ ଆକ୍ରାନ୍ତ ରୋଗୀର ଯୌନାଙ୍ଗ ସର୍ବଦା ଅସ୍ୱଚ୍ଛ ଓ ଦୁର୍ଗନ୍ଧଯୁକ୍ତ ହୋଇଥାଏ ଏବଂ ଲଜ୍ଜା ଓ ସଙ୍କୋଚ କରି ଉକ୍ତ ରୋଗକୁ ଲୁଚାଇଥାନ୍ତି। ଯଦ୍ଦ୍ୱାରା ରୋଗୀ ଶାରୀରିକ ଓ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ମଳିନ ପଡ଼ିଯାଏ। ଏବେ ଶତକଡ଼ା ୬୫ ପ୍ରତିଶତ ନାରୀ ଏହି ରୋଗରେ ଆକ୍ରାନ୍ତ । ଏହି ରୋଗର କାରଣ ଓ ପ୍ରତିକାର ଦ୍ୱାରା ଏହାକୁ ପ୍ରତିରୋଧ କରାଯାଇପାରିବ।
ଶ୍ୱେତପ୍ରଦର ଯାହାର ଅର୍ଥ ହେଉଛି ଧଳାସ୍ରାବ। ଏହାକୁ Leucorrhoea କୁହାଯାଏ। ଅର୍ଥାତ୍ Leuco (ଧଳା) ଏବଂ Orrhoea (ସ୍ରାବ) ଅଟେ।

**କାରଣ :** ଶରୀର ବିକାରଗ୍ରସ୍ତ କାରଣରୁ ଜରାୟୁରୁ ଅସ୍ୱାଭାବିକ ବା ସର୍ବଦା ଧଳାସ୍ରାବ ଯୌନାଙ୍ଗରୁ ନିର୍ଗତ ହେବାକୁ ଶ୍ୱେତପ୍ରଦର କୁହାଯାଏ। ଏହି ରୋଗରେ କୌଣସି ସ୍ୱତନ୍ତ୍ର କଷ୍ଟ ବା ପୀଡ଼ା ନ ଥିଲେ ମଧ୍ୟ ଅନ୍ୟ ଆନୁଷଙ୍ଗିକ ପୀଡ଼ାକୁ ଏକତ୍ର କରି ରୋଗୀକୁ କଷ୍ଟ ଦେଇଥାଏ।
ଏହି ରୋଗର ପ୍ରମୁଖ କାରଣ ଅହିତକର ଆହାର, ଦୂଷିତ ପରିବେଶ ଅର୍ଥାତ୍ ଅଧିକ ମାତ୍ରାରେ ତେଲ, ଲୁଣ, କଟୁ, ବାସି, ଖଟା, ଅଧିକ ରାଗ ଓ ତେଲମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଲୁଣି ମାଛ, ଶୁଖୁଆ, କଙ୍କଡ଼ା ଆଦି ଅଧିକ ପରିମାଣର ଭୋଜନ ଦ୍ୱାରା ଖାଦ୍ୟର ଅନୁପଯୁକ୍ତ ସମୟ, ଯୌନାଙ୍ଗରେ ଦୂଷିତ କପଡ଼ା ବ୍ୟବହାର କରିବା, ଯୌନାଙ୍ଗ ଅପରିଷ୍କାର ରହିବା ଦ୍ୱାରା ଧଳାସ୍ରାବ ହୋଇଥାଏ। ଏତଦ୍‌ବ୍ୟତୀତ ସିଫିଲିସ୍, ଗନେରିଆଯୁକ୍ତ ବ୍ୟକ୍ତିଙ୍କ ସହ ଯୌନ ସମ୍ବନ୍ଧ ସ୍ଥାପନାର ପ୍ରଥମ ଲକ୍ଷଣ ମଧ୍ୟ ଶ୍ୱେତପ୍ରଦର ହୋଇଥାଏ। ଏହି କାରଣରୁ ଯୋନିକଣ୍ଡୁ ଉତ୍ପନ୍ନ ହୋଇଥାଏ। ଯାହାଦ୍ୱାରା ଅପରିଷ୍କାର ଜିନିଷ ବା ଅଙ୍ଗୁଳି ଦ୍ୱାରା କୁଣ୍ଡାଇଲେ ମଧ୍ୟ ସଂକ୍ରମଣ ହୋଇ ଏହି ରୋଗ ବଢ଼ିଯାଏ। ଏହି ରୋଗ ପୁରାତନ ହେଲେ ଶରୀର ଦୁର୍ବଳ ହୋଇଯାଏ। ରୋଗୀ ସର୍ବଦା ଶୋଇବାକୁ ଇଚ୍ଛାକରେ ଓ ଚିଡ଼ିଚିଡ଼ା ହୋଇଯାଏ। ହାତଗୋଡ଼, ଅଣ୍ଟା ଦରଜ ହୁଏ, ଜ୍ୱର ହେଲାପରି ଲାଗେ। ସର୍ବଦା ଥଣ୍ଡା ଧରେ। ହାତ, ପାଦ, ମୁଖ ମଧ୍ୟ ଜ୍ୱଳନ ହେଲାପରି ଲାଗେ। ମାସିକ ଋତୁସ୍ରାବ ମଧ୍ୟ ଠିକ୍ ହୋଇ ନ ଥାଏ। ପରିସ୍ରା ମଧ୍ୟ ଜ୍ୱଳନ କରେ ଓ ହଳଦିଆ ପରିସ୍ରା ହୋଇଥାଏ।

**ରୋଗର ଲକ୍ଷଣ :** ରୋଗ ଆରମ୍ଭରୁ ରୋଗୀକୁ ଅଜୀର୍ଣ୍ଣ, ଅରୁଚି, ଅଗ୍ନିମାନ୍ଦ୍ୟ, ଅମ୍ଳପିତ୍ତ, ମୁଣ୍ଡବ୍ୟଥା, ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା, ଧଳାସ୍ରାବ ସମୟରେ ସାମାନ୍ୟ କଷ୍ଟ ହୋଇଥାଏ। ଏହି ରୋଗ ପୁରୁଣା ହେଲେ ସ୍ରାବରୁ ଉତ୍କଟ ଦୁର୍ଗନ୍ଧ ହୋଇଥାଏ। ଲୁଗାରେ ସ୍ରାବର ଦାଗ ଲାଗି ରହେ ଧୋଇଲା ପରେ ମଧ୍ୟ ଏହା ଛାଡ଼େ ନାହିଁ। ଏହି ରୋଗ ବହୁଦିନ ଧରି ଲାଗି ରହିଲେ ଭୋକ କମିବା, ଓଜନ କମିବା, ରକ୍ତାଦି କମିବା, ପୂରା ଶରୀର ବ୍ୟଥା ହେବା ଏବଂ ଦେହରେ ଜ୍ୱଳନ ହୋଇଥାଏ।
ଅନେକ ସମୟରେ ସନ୍ତାନହାନି, ଶରୀରର ରୁକ୍ଷତା, ଜ୍ୱର, କୋଷ୍ଠକାଠିନ୍ୟ ମୁଖମଣ୍ଡଳ ମଳିନ ଦେଖାଯିବା, ଆଖି ଭିତରକୁ ପଶିଯିବା, ଅନ୍ୟମନସ୍କ ଆଦି ଲକ୍ଷଣ ପ୍ରକାଶ ପାଏ। ଯୌନାଙ୍ଗରେ ସ୍ରାବ ଲାଗିବା ଦ୍ୱାରା ଯୌନାଙ୍ଗ କୁଣ୍ଡାଇହେବା ସହ ଘା ହୋଇଥାଏ। ଧଳାସ୍ରାବ ଅଧିକ ମାତ୍ରାରେ ହେଲେ ଜରାୟୁର ଶ୍ଳୈଷ୍ମିକ ଝିଲ୍ଲୀର ବିକୃତାବସ୍ଥା ଘଟି ମୋଟା ଓ ଅଠାଳିଆ ସ୍ରାବ ହୋଇଥାଏ। ରୋଗ ପୁରାତନ ହେଲେ ଜରାୟୁ କର୍କଟ ମଧ୍ୟ ହେବାର ଆଶଙ୍କା ଅଧିକ ରହିଥାଏ। ବିନା ଚିକିତ୍ସକଙ୍କ ପରାମର୍ଶରେ ବାରମ୍ବାର ଗର୍ଭ ନଷ୍ଟ ପାଇଁ ଔଷଧ ସେବନ କରିବା ଦ୍ୱାରା ମଧ୍ୟ ସ୍ରାବ ହୋଇଥାଏ।

**ପ୍ରତିକାର :** ଶ୍ୱେତପ୍ରଦର ରୋଗୀ ଶୁଦ୍ଧ ଆହାର, ସୁସ୍ଥ ପରିବେଶରେ ରହିବା ଆବଶ୍ୟକ ଓ ସର୍ବଦା ସାତ୍ତ୍ୱିକ ଭୋଜନ କରିବା ଉଚିତ।

**ଅନୁଭୂତ ଚିକିତ୍ସା :**
୧– ଅଁଳାଚୂର୍ଣ୍ଣ ୮ଭାଗ, ଚିନି ୧ଭାଗ ମିଶାଇ ରଖିବେ। ସକାଳ ଓ ସନ୍ଧ୍ୟାରେ ୨ରୁ ୩ଗ୍ରାମ୍ ମାତ୍ରାରେ ମହୁ ମିଶାଇ ସେବନ କରିବେ।
୨– ଦାରୁହଳଦୀ କ୍ୱାଥ ଓ ମହୁ କିଛିଦିନ ସେବନ କଲେ ଉପଶମ ମିଳେ।
୩– ଅଶୋକ ଛାଲିର କ୍ୱାଥ ଓ ମହୁ କିଛିଦିନ ସେବନ କଲେ ଉପଶମ ମିଳେ।
୪– ପାଚିଲାକଦଳୀ କଞ୍ଚା ଗୋଦୁଗ୍ଧରେ ଚକଟି ଖାଇଲେ ରୋଗରୁ ଉପଶମ ମିଳିଥାଏ।
୫– ହରିହରିକା ପତ୍ରର ରସ ଓ ମହୁ କିଛିଦିନ ସେବନ କଲେ ରୋଗରୁ ଉପଶମ ମିଳିଥାଏ।
୬– ରୋଗୀ ଅମ୍ଳ, ତିକ୍ତ, କଟୁ, ବାସି, ଅଧିକ ରାଗ, ତେଲମସଲାଯୁକ୍ତ ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଫାଷ୍ଟ ଫୁଡ୍ ସେବନ କରନ୍ତୁ ନାହିଁ।

ଏପରି ବହୁ ଶାସ୍ତ୍ରସମ୍ମତ ମତ ମଧ୍ୟ ରହିଅଛି, ଯଦ୍ଦ୍ୱାରା ଶ୍ୱେତପ୍ରଦର ରୋଗରୁ ଉପଶମ ମିଳେ। ଏତଦ୍‌ଭିନ୍ନ ଆୟୁର୍ବେଦରେ ବିଭିନ୍ନ ପ୍ରକାରର ଶାସ୍ତ୍ରୀୟ ଔଷଧ ମାନ ଅଛି; ଯଥା ପୁଷ୍ୟାନୁଗ ଚୂର୍ଣ୍ଣ, ପ୍ରଦରାନ୍ତକ ଲୌହ, ଲାଧ୍ରାଦି ଚୂର୍ଣ୍ଣ, ଅଶୋକାରିଷ୍ଟ, ମେଥିମୋଦକ, ପ୍ରତଙ୍ଗାସବ ଆଦି ସେବନ କରିବା ଦ୍ୱାରା ମଧ୍ୟ ଶ୍ୱେତପ୍ରଦର ରୋଗରୁ ଉପଶମ ମିଳିଥାଏ।

**ବିଶେଷ ଦ୍ରଷ୍ଟବ୍ୟ :** ରୋଗୀ ଔଷଧ ସେବନ ପୂର୍ବରୁ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକଙ୍କୁ ପରାମର୍ଶ କରି ଯଥାବିଧି ଔଷଧ ସେବନ କରିବା ଉଚିତ। ବିନା ଚିକିତ୍ସକଙ୍କ ପରାମର୍ଶରେ କୌଣସି ଔଷଧ ଗ୍ରହଣ କରିବା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇ ପାରେ।

**–ଡାକ୍ତର ରଙ୍ଗନାଥ ଦାଶ**
*ପୁରୀଘାଟ ଥାନା ପାଖ, କଟକ–୯*
*ମୋ : ୯୪୩୭୦ ୧୯୯୬୦*



# ଘରକୁ ରଖନ୍ତୁ ସୁବାସିତ

ନିଜ ଘରକୁ ସବୁବେଳେ ସଫା ଏବଂ ସୁନ୍ଦର ରଖିବାକୁ ସମସ୍ତେ ଚାହାନ୍ତି। ଆଉ ଏଥିପାଇଁ ବିଭିନ୍ନ ପ୍ରକାର ଡେକୋରେଟିଭ୍ ସାମଗ୍ରୀ ବି ବ୍ୟବହାର କରନ୍ତି। ହେଲେ ଏସବୁ ପରେ ବି ଯଦି ଘର ଭିତରେ କୌଣସି ପ୍ରକାରର ଗନ୍ଧ ହେଉଥାଏ ତେବେ ଏହା ମାନସିକ ସ୍ତରରେ ବି ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ମୁଡ୍ ଫ୍ରେଶ୍ ରଖିବା ଲାଗି ଘରକୁ କିପରି ପ୍ରାକୃତିକ ଉପାୟରେ ସୁବାସିତ ରଖିହେବ ଜାଣି ରଖନ୍ତୁ ଟିପ୍ସ...



**ଫୁଲ:** ଆପଣ ଘରେ ଫୁଲଦାନିରେ ତାଜା ଫୁଲ ରଖିପାରିବେ। ଏହା ନା କେବଳ ସୁନ୍ଦର ଏବଂ ଆକର୍ଷଣୀୟ ଲାଗିବ ବରଂ ଏହାର ପ୍ରକୃତିକ ମହକରେ ଘର ସୁଗନ୍ଧିତ ହୋଇ ଉଠିବ। ଶୁଖିଯାଇଥିବା ଫୁଲକୁ ନ ଫିଙ୍ଗି ଝରକାରେ ଅବା ଟେବୁଲ୍ ଉପରେ ବାନ୍ଧି ରଖନ୍ତୁ। ଏପରି କରିବା ଦ୍ୱାରା ଆପଣ ଯେବେବି ଫ୍ୟାନ୍ ଖୋଲିବେ ଅବା ଝରକା ଦେଇ ପବନ ଆସିବ ଘର ଭିତରର ବାତାରଣ ସମ୍ପୂର୍ଣ୍ଣ ଫ୍ରେଶ୍ ଲାଗିବ। ଆପଣ ଚାହିଁଲେ ତାଜା ଫୁଲର ପାଖୁଡ଼ା ନେଇ ପାଣିରେ ଭଲ ଭାବେ ପ୍ରାୟ ଅଧ ଘଣ୍ଟା ଫୁଟେଇ ଦେବେ ଉକ୍ତ ପାଣିକୁ ଛାଣି ସ୍ପ୍ରେ ବୋତଲରେ ରଖି ପାରିବେ। ଏହି ଫ୍ଲୋରାଲ ସ୍ପ୍ରେକୁ ଘରେ ପକାଇଲେ ଘର ମହକିବ।

**କର୍ପୂର:** ଏହା ମଧ୍ୟ ଏକ ଭଲ ପ୍ରାକୃତିକ ଫ୍ରାଗ୍ରାନ୍ସ ପ୍ରଡକ୍ଟ। ଏହାକୁ ଡ୍ରଇଂ ରୁମ୍ ଏବଂ ଅନ୍ୟାନ୍ୟ ରୁମ୍‌ରେ ରଖି ପାରିବେ। ଏହା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ଧୀରେ ଧୀରେ ଉଡ଼ି ଯାଇଥାଏ ଏବଂ ଘର ଭିତରେ ଏହାର ମହକ ଖେଳିଯାଏ।

**ଗୋଲାପ ଜଳ:** ଘର ଭିତରେ ହେଉ କିମ୍ବା ବାଲକୋନିରେ ଥିବା ଗଛରେ ଗୋଲାପ ଜଳ ସ୍ପ୍ରେ କରନ୍ତୁ। ପବନ ଚଳାଚଳ ସହିତ ଏହାର ସୁଗନ୍ଧ ଆପଣଙ୍କୁ ଏକ ଫ୍ରେଶ୍ ବାତାବରଣ ଯୋଗାଇବ।

**କଫି:** ଏହାର ମହକ ମୁଡ୍‌ଫ୍ରେଶ୍ କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏକ ଛୋଟ ଜାଗାରେ କଫି ପାଉଡର କାଢ଼ି ଟେବ୍‌ଲ ଉପରେ ରଖି ଦିଅନ୍ତୁ। ଏହା ବ୍ୟତୀତ କଫି କ୍ୟାଣ୍ଡେଲ୍ ଜଳାଇବା ଦ୍ୱାରା ମଧ୍ୟ ଏହାର ସୁଗନ୍ଧ ସାରା ଘରକୁ ଖେଳିଯିବ।

**ବେକିଂ ସୋଡ଼ା ଏବଂ ଲେମ୍ବୁ:** ଲେମ୍ବୁର ବାସ୍ନା ଏଭଳି ତାହା ଆଖ ପାଖରେ ହେଉଥିବା ଦୁର୍ଗନ୍ଧକୁ ଦୂର କରିଦିଏ। ତେଣୁ ଏକ ପାତ୍ରରେ ଅଳ୍ପ ପାଣି ସହ କିଛି ଟୋପା ଲେମ୍ବୁରସ ମିଶାଇ ରଖନ୍ତୁ କିମ୍ବା ଏକ କାଚ ବୋତଲରେ ବେକିଂ ସୋଡ଼ା ଏବଂ ଲେମ୍ବୁକୁ ଛୋଟ ଛୋଟ କାଟି ଘରର ଏକ ପାର୍ଶ୍ୱରେ ରଖନ୍ତୁ। ଏଥିରୁ ବାହାରୁଥିବା ମୃଦୁ ମୃଦୁ ସୁଗନ୍ଧ ଆପଣଙ୍କୁ ବେଶ୍ ଭଲ ଲାଗିବ ଏବଂ ଫ୍ରେଶ୍ ଲାଗିବ।

ଖାଦ୍ୟ | ରୁ | ଚି

# ମିଲ୍କ କେକ୍



**ଆବଶ୍ୟକ ସାମଗ୍ରୀ:** ୮ କପ୍ କ୍ଷୀର, ୨ ବଡ଼ ଚାମଚ ଚିନି, ଏକ ବଡ଼ ଚାମଚ ଲେମ୍ବୁରସ, ଏକ ଛୋଟ ଚାମଚ ଗୁଜୁରାତିପାଉଡର।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ କ୍ଷୀର ଗରମ କରନ୍ତୁ। ଏହାକୁ ମଝିରେ ମଝିରେ ଘାଣ୍ଟନ୍ତୁ। ଏହା ଫୁଟି ଫୁଟି ୧/୩ ଭାଗ ହୋଇଯିବା ପରେ ଆଞ୍ଚ କମ୍ କରି ଦିଅନ୍ତୁ। ଲେମ୍ବୁ ରସରେ ଅଧା ଚିନି ମିଶାଇ ଏହାକୁ କ୍ଷୀରରେ ଢାଳନ୍ତୁ ଏବଂ ୨–୩ ମିନିଟ୍ କ୍ଷୀରକୁ ଗୋଳାନ୍ତୁ। ଏହା ପୂର୍ବାପେକ୍ଷା ଗାଢ ଲାଗିଲେ ଏଥିରେ ବାକି ଅଧା ଚିନି ମିଶାଇ ଘାଣ୍ଟନ୍ତୁ। ମିଶ୍ରଣ ବହଳିଆ ଲାଗିଲେ ସେଥିରେ ଗୁଜୁରାତି ପାଉଡର ପକାଇ ଭଲଭାବେ ମିଶାଇ ଦିଅନ୍ତୁ ଏବଂ ଚୁଲି ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ଏକ ପ୍ଲେଟ୍‌ରେ ଘିଅ ଲଗାଇ ଏହି ମିଶ୍ରଣକୁ ପକାଇ ସମାନ ଭାବେ ସେଟ୍ କରିଦିଅନ୍ତୁ। କିଛି ସମୟ ସେହିପରି ଛାଡିବା ପରେ ତାହା ସେଟ୍ ହୋଇଗଲେ ମନପସନ୍ଦ ଆକାରରେ କାଟି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମିଲ୍କ କେକ୍, ଏହାକୁ ଖାଇବାର ମଜା ନିଅନ୍ତୁ।

ଇଣ୍ଡିଆନ ସୁପର ଲିଗ୍ ଯୋଗୁ ନଭେମ୍ବରରେ ହେବାକୁଥିବା ଜାତୀୟ କ୍ୟାମ୍ପରେ ବହୁ ଭାରତୀୟ ଖେଳାଳି ଅନୁପସ୍ଥିତ ରହିବେ, ଯାହାକି ମୋ ପାଇଁ ଚିନ୍ତାର ବିଷୟ ।

–ଇଗୋର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍



କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଏବେ ମଧ୍ୟ ଭଲ ଖେଳିପାରୁଛନ୍ତି, ତେଣୁ କେବେ ସେ କ୍ରିକେଟରୁ ଅବସର ନେବେ ଏହି ନିଷ୍ପତ୍ତି ତାଙ୍କ ଉପରେ ଛାଡ଼ିଦେବା ଉଚିତ ।

– ଶେନ୍ ୱାଟସନ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



## ସଂକ୍ଷେପରେ

### ସ୍ୱତନ୍ତ୍ର ଅଧିନାୟକ ତାଲିକାରେ କୋହଲି

**ନୂଆଦିଲ୍ଲୀ,୧୪।୧୦:** ଅଧିନାୟକ ଭାବେ ବିରାଟ କୋହଲିଙ୍କ ୫୦ତମ ଟେଷ୍ଟ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା। କେବଳ ୨୫୪ ରନ୍‌ର ଅପରାଜିତ ଇନିଂସ, ତାହା ନୁହେଁ ସେ ଅଷ୍ଟ୍ରେଲିଆ ଷ୍ଟିଭ ୱ୍ ଏବଂ ରିକି ପଣ୍ଟିଂଙ୍କ ଭଳି ଅଧିନାୟକଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଇନିଂସ ଓ ୧୩୭ ରନ୍‌ର ବିଜୟ କୋହଲିଙ୍କ ନେତୃତ୍ୱରେ ଭାରତର ୩୦ତମ ବିଜୟ। ୫୦ ମ୍ୟାଚ୍‌ରେ ଯେକୌଣସି ଦଳର ନେତୃତ୍ୱ ନେଇଥିବା ଅଧିନାୟକଙ୍କ ମଧ୍ୟରେ କୋହଲିଙ୍କ ବିଜୟ ପ୍ରତିଶତ ୩ୟ ସର୍ବାଧିକ। ଏହି ଧାରାରେ ୱ୍'ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୫୦ ମ୍ୟାଚ୍‌ରୁ ୩୭ ଜିତିଥିଲା। ତାଙ୍କ ପଛକୁ ପଣ୍ଟିଂ ଅଧିନାୟକ ଥିବାବେଳେ ଦଳ ୫୦ ମ୍ୟାଚ୍‌ରୁ ୩୫ ମ୍ୟାଚ୍ ଜିତିଥିଲା। ମୋଟ ଉପରେ ୱ୍ କ୍ୟାପଟେନ ଭାବେ ୫୭ ଟେଷ୍ଟ ଖେଳିଥିଲେ, ଯେଉଁଥିରୁ ୪୧ ମ୍ୟାଚ୍ ଦଳ ଜିତିଥିଲା। ତାଙ୍କ ବିଜୟ ହାର ୭୧.୯୨ ଥିଲା। ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଜିତିଥିବା ପଣ୍ଟିଂ ୭୭ରୁ ୪୮ରେ ବିଜୟୀ ହୋଇଥିଲେ। ତାଙ୍କର ବିଜୟ ହାର ଥିଲା ୬୦ ପ୍ରତିଶତ। ଏହି ତାଲିକାରେ ଅଧିନାୟକ ଭାବେ ୫୦ ମ୍ୟାଚ୍ ଖେଳି ୩୦ଟି ଜିତିଥିବା କୋହଲିଙ୍କ ବିଜୟ ହାର ଏବେ ୬୦.୦୦ରେ ପହଞ୍ଚିଛି।

### ଡେନମାର୍କ ପାରା ବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ



**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି):** ଡେନମାର୍କର କୋପେନହାଗେନଠାରେ ଅନ୍ତର୍ଜାତୀୟ ଡେନମାର୍କ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଚଳିତମାସ ୧୫ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ୧୮୪ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିବାବେଳେ ଓଡ଼ିଶାର ପ୍ରମୋଦ ଭଗତ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରମୋଦଙ୍କୁ ମିଶାଇ ମୋଟ ୧୧ ଖେଳାଳି ଭାରତକୁ ପ୍ରତିନିଧିତ୍ୱ କରିବେ।

### ଟୋକିଓ ଅଲିମ୍ପିକ୍ସରେ ଭାଗନେବେ ଫେଡରର

**ପ୍ୟାରିସ, ୧୪।୧୦ (ଏଏଫ୍‌ପି):** ଆସନ୍ତାବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ବୋଲି ସୋମବାର ଘୋଷଣା କରିଛନ୍ତି ଟେନିସ ଷ୍ଟାର ରୋଜର ଫେଡରର। ଫେଡରର ସମସ୍ତ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଜିତିପାରିଛନ୍ତି। ଏହାଛଡ଼ା ୬ଥର ଏଟିପି ଟୁର୍ ଫାଇନାଲ୍ସ ବିଜୟୀ ହୋଇ ପାରିଛନ୍ତି, ହେଲେ ଥରେ ହେଲେ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ଲାଭ କରିପାରି ନାହାନ୍ତି। ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ କିନ୍ତୁ ଥରେ ଡବଲ୍ସ ସ୍ୱର୍ଣ୍ଣ ହାତେଇ ପାରିଛନ୍ତି। ୨୦୦୮ରେ ଅନୁଷ୍ଠିତ ବେଜିଂ ଅଲିମ୍ପିକ୍ସରେ ସେ ନିଜ ଦେଶର ଷ୍ଟାନ ୱାରିଙ୍କାଙ୍କୁ ପାର୍ଟନର କରି ଏହି ସ୍ୱର୍ଣ୍ଣ ଜିତିଥିଲେ। ଫେଡରର ୨୦୧୨ରେ ଲଣ୍ଡନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେ ଆଣ୍ଡି ମୁରେଙ୍କ ନିକଟରୁ ପରାସ୍ତ ହୋଇଯାଇଥିଲେ। ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ବୋଲି ସର୍ବିୟାର ନୋଭାକ ଜୋକୋଭିଚ୍ ଏବଂ ଫେଡରରଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ ପୂର୍ବରୁ ଘୋଷଣା କରିସାରିଛନ୍ତି।

### ପୋଲାଣ୍ଡ, ରୁଷିଆକୁ ୟୁରୋ ୨୦୨୦ ଯୋଗ୍ୟତା

**ପ୍ୟାରିସ,୧୪।୧୦(ଏଏଫ୍‌ପି):** ପୋଲାଣ୍ଡ ଓ ରୁଷିଆ ସୋମବାର ୟୁରୋ ୨୦୨୦ରେ ସ୍ଥାନ ପକ୍କା କରିଛନ୍ତି। ଦୁଇ ଦଳ ଯଥାକ୍ରମେ ନର୍ଥ ମେସିଡୋନିଆ ଓ ସାଇପ୍ରସକୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଜର୍ମାନୀ ଓ ନେଦରଲାଣ୍ଡ ଆଶା ଉଜ୍ଜୀବିତ ରହିଛି। ରୁଷିଆ ୫-୦ ଗୋଲରେ ୧୦ ଜଣିଆ ସାଇପ୍ରସକୁ ହରାଇଥିବାବେଳେ ପୋଲାଣ୍ଡ ୨-୦ରେ ନର୍ଥ ମାସିଡୋନିଆକୁ ପରାସ୍ତ କରିଛି। ଷ୍ଟାନିସ୍‌ଲାଭ ଚେରଚେସୋଭଙ୍କ ନେତୃତ୍ୱାଧୀନ ରୁଷିଆ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିବା ଭାରତୀୟ ପୁରୁଷ ହକି ଦଳର ଖେଳାଳିମାନେ।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ମହିଳା ଦଳର ଖେଳାଳିଙ୍କ ଅଭ୍ୟାସ।

# କଳିଙ୍ଗରେ ହକି କ୍ୟାମ୍ପ ଆରମ୍ଭ

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ନଭେମ୍ବର ୧ ଓ ୨ ତାରିଖରେ ହେବାକୁଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପାଇଁ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ଦଳର କ୍ୟାମ୍ପ ସୋମବାର ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ପୁରୁଷ ଦଳର ଖେଳାଳିମାନେ ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭାରତୀୟ ପୁରୁଷ ଦଳ ଯୋଗ୍ୟତା ପର୍ଯ୍ୟାୟରେ ରୁଷିଆକୁ ଭେଟିବାକୁଥିବାବେଳେ ମହିଳା ଦଳ ଆମେରିକା ସହିତ ମୁକାବିଲା କରିବ। ଯୋଗ୍ୟତା ପର୍ଯ୍ୟାୟର ବିଜେତା ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ।

ହକି କ୍ୟାମ୍ପ ପାଇଁ ରବିବାର ମହିଳା ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଅବଶିଷ୍ଟ ଖେଳାଳି ଏବଂ କୋଚ୍ ଜୋର୍ଡ ମାରିଜନେ ସୋମବାର କ୍ୟାମ୍ପରେ ଯୋଗ ଦେଇଛନ୍ତି। ମହିଳା ଦଳ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛି। ପ୍ରଥମ ଦିବସରେ ଖେଳାଳିମାନେ ରନିଂ, ଷ୍ଟ୍ରେଚିଂ ଏବଂ ଅନ୍ୟ ଶାରୀରିକ ଅଭ୍ୟାସ କରିଛନ୍ତି। ଭାରତୀୟ ପୁରୁଷ ଦଳ ଏଫଆଇଏଚ୍ ର୍ୟାଙ୍କିଙ୍ଗ୍‌ରେ ୫ମ ସ୍ଥାନରେ ଥିବାବେଳେ ରୁଷିଆର ର୍ୟାଙ୍କିଙ୍ଗ୍ ୨୨। ସେହିପରି ଭାରତୀୟ ମହିଳା ଦଳର ର୍ୟାଙ୍କିଙ୍ଗ୍ ୯ମ ଥିବାବେଳେ ଆମେରିକା ୧୩ତମ ସ୍ଥାନରେ ରହିଛି। ପୁରୁଷ ଦଳ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ ସମେତ ଏକାଧିକ ଟୁର୍ନାମେଣ୍ଟ ଖେଳି ସାରିଥିବାବେଳେ ମହିଳା ଦଳ ପ୍ରଥମଥରପାଇଁ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ।

''ରୁଷିଆକୁ ଭେଟିବା ପୂର୍ବରୁ ଆମେ ୩ ସପ୍ତାହଧରି ଏଠାରେ ଅଭ୍ୟାସ କରିବୁ। ଦଳର କେତେକ ବିଭାଗ ଉପରେ ଆମର ଗୁରୁତ୍ୱର ସହ ଫୋକସ ରହିବ।



ଗ୍ରାହାମ ରିଡ

ଆକ୍ରମଣାତ୍ମକ ଖେଳ ଜାରି ରହିବା ସହ ଡିଫେନ୍ସକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଶର୍ଟ କର୍ନର ଉପରେ ଆମେ କାମ କରିବୁ। ରୁଷିଆ ଏକ ଭଲ ଦଳ। ପୂର୍ବରୁ ଆମେ କଳିଙ୍ଗ ଷ୍ଟାଡିୟମରେ ଏହି ଦଳ ବିପକ୍ଷରେ ଖେଳି ସାରିଛୁ। ଆମ ଖେଳାଳିମାନେ ଘରୋଇ ପରିବେଶରୁ ଫାଇଦା ଉଠାଇବା ଆଶା ରହିଛି'' ବୋଲି ସନ୍ଧ୍ୟାରେ ପହଞ୍ଚିଥିବା କୋଚ୍ ଗ୍ରାହାମ୍ ରିଡ୍ ପ୍ରକାଶ କରିଛନ୍ତି। ଅଧିନାୟକ ମନପ୍ରୀତ ସିଂ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ''ରୁଷିଆର ରକ୍ଷଣଭାଗ ବେଶ୍ ଦୃଢ଼। ଆମେ ଏହି ଦଳକୁ କୌଣସି ପରିସ୍ଥିତିରେ ହାଲ୍‌କାଭାବେ ନେଉନାହୁଁ। ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆମେ ସମ୍ମାନ ଜଣାଇଥାଉ। ରୁଷିଆର ଦକ୍ଷତା କ'ଣ ଆମେ ଜାଣିଛୁ। ତେଣୁ କୋହଳ ମନୋଭାବର ପ୍ରଶ୍ନ ଉଠୁନାହିଁ। ଗତଥର ଜୁନ୍‌ରେ ଏଠାକାର ପରିବେଶ ରୁଷିଆ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା। ମାତ୍ର ଏବେ ସେ ପରିବେଶ ନାହିଁ। ଅଲିମ୍ପିକ୍ କ୍ୱାଲିଫାୟର୍ସ ଖେଳିବାକୁ ଆସିଥିବାରୁ ସେମାନେ ନିଶ୍ଚିତ ଭଲଭାବେ ପ୍ରସ୍ତୁତ ହୋଇ ଆସିଥିବେ ବୋଲି ଆଶା। ରୁଷିଆ ନିଜ ପ୍ରଦର୍ଶନ ଦ୍ୱାରା ଯେ କୌଣସି ଦଳକୁ ବିସ୍ମିତ କଲାଭଳି କ୍ଷମତା ରଖିଛି। ତେଣୁ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରି ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ପଡ଼ିବ'' ବୋଲି ମନପ୍ରୀତ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ପୁରୁଷ ହକି ଦଳ ନିକଟରେ ବେଲ୍‌ଜିୟମ ଟୁର୍‌ରେ ଚମତ୍କାର ପ୍ରଦର୍ଶନ କରି ୫ ମ୍ୟାଚ ବିଶିଷ୍ଟ ସିରିଜ ଜିତିଥିଲା। ଭୁବନେଶ୍ୱର ଦର୍ଶକ ସର୍ବଦା ବହୁ ସଂଖ୍ୟାରେ ଭାରତକୁ ଅତୀତରେ ସମର୍ଥନ କରି ଆସିଛନ୍ତି। ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବ ଏବଂ ଆମେ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବୁ ବୋଲି ମନପ୍ରୀତ ଦୃଢ଼ ଆଶା ପୋଷଣ କରିଛନ୍ତି। ଏଫଆଇଏଚ୍ ସିରିଜ ଫାଇନାଲ୍ସ ଅବସରରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ରୁଷିଆ ଭେଟ ହୋଇଥିଲା। ଏହି ମ୍ୟାଚରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ରୁଷିଆ ଉଜ୍‌ବେକିସ୍ତାନକୁ ୧୨-୧ ଗୋଲରେ ଏବଂ ପୋଲାଣ୍ଡକୁ ୩-୨ ଗୋଲରେ ହରାଇଥିବାବେଳେ ଦକ୍ଷିଣ ଆଫ୍ରିକାଠାରୁ ୧-୨ ଗୋଲରେ ପରାଜିତ ହୋଇଥିଲା।

### ସ୍ମିଥ୍‌ଙ୍କ ନିକଟତର ହେଲେ କୋହଲି

**ଦୁବାଇ, ୧୪।୧୦ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ ଅଧିନାୟକ ବିରାଟ କୋହଲି ଟେଷ୍ଟ ବ୍ୟାଟ୍ସମ୍ୟାନ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷରେ ରହିଥିବା ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ମାତ୍ର ଏକ ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଅପରାଜିତ ୨୫୪ ରନ ଯୋଗୁ କୋଲିଙ୍କ ପଏଣ୍ଟ ସଂଖ୍ୟା ବୃଦ୍ଧି ପାଇଛି। ର୍ୟାଙ୍କିଙ୍ଗରେ ଓପନର ମୟଙ୍କ ଅଗ୍ରୱାଲଙ୍କର ମଧ୍ୟ ଉନ୍ନତି ଘଟିଛି।

**ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍**

ସେ ଶ୍ରେଷ୍ଠ ୨୦ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ତାଙ୍କ ୧୦୮ରନର ଇନିଂସ ପାଇଁ ତାଙ୍କର ୮ ସ୍ଥାନ ପଦୋନ୍ନତି ଘଟିଛି। ତାଲିକାରେ ତାଙ୍କୁ ୧୭ ତମ ସ୍ଥାନ ମିଳିଛି। ଟପ୍ ୧୦ରେ ସ୍ଥାନ ପାଇଥିବା ଅନ୍ୟ ଦୁଇଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଯଥାକ୍ରମେ ଚତୁର୍ଥ ଓ ନବମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ବୋଲରମାନଙ୍କ ତାଲିକାରେ ରବିଚନ୍ଦ୍ରନ ଅଶ୍ୱିନ ତିନୋଟି ସ୍ଥାନ ପଦୋନ୍ନତି ପାଇଛନ୍ତି। ସେ ୭ମ ସ୍ଥାନରେ ରହିଥିବାବେଳେ ଯଶପ୍ରୀତ୍ ବୁମ୍‌ରା ପୂର୍ବଭଳି ତୃତୀୟ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡରମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍‌ଡରଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରାଞ୍ଚିଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଖେଳାଯିବ। ଏଥିରେ ଭଲ ପ୍ରଦର୍ଶନ କରିପାରିଲେ କୋହଲି ଅଷ୍ଟ୍ରେଲିଆର ସ୍ମିଥ୍‌ଙ୍କ ହଟାଇ ଟେଷ୍ଟ ବ୍ୟାଟ୍ସମ୍ୟାନ ତାଲିକାରେ ନମ୍ବର ୱାନ ସ୍ଥାନ ଅଧିକାର କରିପାରିବେ।

■ ଆନ୍ତଃ ରେଲୱେ ସୁରକ୍ଷାବଳ ହକି ଉଦ୍‌ଯାପିତ

## ଦକ୍ଷିଣ ପୂର୍ବ ରେଲୱେ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦକ୍ଷିଣପୂର୍ବ ରେଲ୍‌ୱେ ଦଳ।

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି)**

ପୂର୍ବତଟ ରେଲୱେ ଆନୁକୂଲ୍ୟରେ ଆନ୍ତଃ ରେଲୱେ ସୁରକ୍ଷାବଳ ହକି ଟୁର୍ନାମେଣ୍ଟ ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ହକି ଗ୍ରାଉଣ୍ଡରେ ଉଦ୍‌ଯାପିତ ହୋଇଛି । ଫାଇନାଲରେ ଉତ୍ତର ପୂର୍ବ ରେଲୱେକୁ ୨-୦ ଗୋଲରେ ହରାଇ ଦକ୍ଷିଣ ପୂର୍ବ ରେଲୱେ ଚାମ୍ପିୟନ ହୋଇଛି। ପୂର୍ବତନ ରେଲୱେର ଜେନେରାଲ ମ୍ୟାନେଜର ବିଦ୍ୟା ଭୂଷଣ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୂର୍ବତଟ ରେଲୱେ ସୁରକ୍ଷାବଳ ମହାନିରୀକ୍ଷକ ତଥା ପ୍ରମୁଖ ସୁରକ୍ଷା ଆୟୁକ୍ତ ରାଜା ରାମ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉତ୍ତର ପୂର୍ବ ରେଲୱେର ଅକ୍ଷୟ ପାଶୱାନ ୧୧ ଗୋଲ ଦେଇ ଟପ୍ ସ୍କୋରର ହୋଇଥିଲେ। ସଦର୍ନ ରେଲୱେର ପି. ବିନୋଦ କୁମାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

### ବେଙ୍ଗାଲୁରୁ, ୟୁ ମୁମ୍ବା ସେମିଫାଇନାଲରେ

**ଅହମ୍ମଦାବାଦ, ୧୪।୧୦ (ପି.ଟି.):** ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସ ଓ ୟୁ ମୁମ୍ବା ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ୭ମ ସିଜନର ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ପ୍ରଥମ ଏଲିମିନେଟର୍ ମ୍ୟାଚ୍‌ରେ ବେଙ୍ଗାଲୁରୁ ୪୮-୪୫ ପଏଣ୍ଟରେ ୟୁପି ଯୋଦ୍ଧାକୁ ପରାସ୍ତ କରିଛି। ସେହିଭଳି ଏଲିମିନେଟର୍-୨ରେ ୟୁ ମୁମ୍ବା ୪୬-୩୮ ପଏଣ୍ଟରେ ହରିୟାଣା ଷ୍ଟିଲସକୁ ହରାଇ ସେମିଫାଇନାଲରେ ହାରିଯାଇଛି। ଫଳରେ ପିକେଏଲ୍‌ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ବୁଧବାର ଅହମ୍ମଦାବାଦରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାନାଲରେ ବେଙ୍ଗାଲୁରୁର ମୁକାବିଲା ଦବଙ୍ଗ ଦିଲ୍ଲୀ ସହ ହେବ। ସେହିଭଳି ସେହି ସମାନ ଦିନରେ ବେଙ୍ଗଲ ୱାରିୟର୍ସ ଓ ୟୁ ମୁମ୍ବା ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଦୁର୍ଘଟଣାରେ ୪ ହକି ଖେଳାଳିଙ୍କ ମୃତ୍ୟୁ

**ଭୋପାଳ, ୧୪।୧୦:** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଭୋପାଳର ୪ଜଣ ଜାତୀୟସ୍ତରୀୟ ଯୁବ ହକି ଖେଳାଳିଙ୍କ ବିୟୋଗ ଘଟିଛି। ମୃତକମାନେ ହେଲେ ଶାହାନୱାଜ ଖାଁ (୧୭), ଆଦର୍ଶ ହାର୍ଦୁଆ (୧୭), ଆଶିଷ ଲାଲ (୧୬) ଓ ଅଙ୍କିତ ବରୁଣ (୧୭)। ସେହିଭଳି ଏହି ଘଟଣାରେ ଶାୱନ ଗିଡିଅନ ଅଲ୍‌ଫର୍ଡ (୨୨), ଅକ୍ଷୟ ଆୱାସ୍ଥି (୧୭) ଓ ସାହିଲ ଚୌରେ (୧୭) ଗୁରୁତର ଆଘାତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୋମବାର ସକାଳେ ଭୋପାଳର ହୋଶାଙ୍ଗବାଦ ଜିଲା ଇଟର୍ସି ନିକଟରେ ଏହି ଦୁଃଖଦ ଘଟଣା ଘଟିଥିଲା। ଏକ ସର୍ବଭାରତୀୟ ଆମନ୍ତ୍ରଣୀୟ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ଏହି ଖେଳାଳିମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିଲା।

ମଧ୍ୟପ୍ରଦେଶ କ୍ରୀଡ଼ା ନିର୍ଦ୍ଦେଶକ ଏସ୍.ଏଲ୍. ଥାଓସେନଙ୍କ କହିବାନୁଯାୟୀ, ସର୍ବଭାରତୀୟ ଟୁର୍ନାମେଣ୍ଟ ଲାଗି ସମସ୍ତ ଖେଳାଳି ହୋଶାଙ୍ଗବାଦରେ ରହୁଥିଲେ। ରବିବାର ଆଦର୍ଶଙ୍କ ଜନ୍ମଦିନ ଉତ୍ସବ ପାଳନ ପାଇଁ ତାଙ୍କ ପରିବାର ପକ୍ଷରୁ ଇଟାର୍ସି ଛାଡ଼ିବା ପାଇଁ କୋଚ୍‌ଙ୍କୁ ଅନୁରୋଧ କରାଯାଇଥିଲା। ଖେଳାଳିଙ୍କୁ ଯିବା ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ରାତିରେ ନ ଫେରିବା ପାଇଁ ବାରଣ କରିଥିଲେ। ଫଳରେ ସୋମବାର ସକାଳେ ସମସ୍ତ ଖେଳାଳି କାର୍ ଯୋଗେ ହୋଶାଙ୍ଗବାଦ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏହି ଅଘଟଣ ଘଟିଥିଲା ବୋଲି କ୍ରୀଡ଼ା ନିର୍ଦ୍ଦେଶକ ଥାଓସେନ କହିଛନ୍ତି। ସ୍ଥାନୀୟ ଏସ୍‌ପି ଏମ୍.ଏଲ୍. ଚାରୀଙ୍କ ସୂଚନା ଅନୁଯାୟୀ ଖାମଖିଆଲି ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଛି। ଶାୱନ ଗିଡିଅନ ଦ୍ରୁତ ଗତିରେ କାର ଚଲାଉଥିବାବେଳେ ଏକ ବୋଲେରୋ କାର୍ ସାମ୍ନାକୁ ଚାଲି ଆସିଥିଲା। ଫଳରେ ନିୟନ୍ତ୍ରଣ ହରାଇ କାର୍ ଏକ ଗଛରେ ଧକ୍କା ଖାଇ ଓଲଟି ପଡ଼ିଥିଲା। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ଦେବା ପାଇଁ ଘୋଷଣା କରିଛନ୍ତି।

## ରାଜୁ, ତାରାକାନ୍ତଙ୍କ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ ଆରୋହଣ



ରାଜୁ କୁମାର ବେହେରା



ତାରାକାନ୍ତ ପରିଡ଼ା

**ଭୁବନେଶ୍ୱର, ୧୪।୧୦(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଦୁଇ ପର୍ବତାରୋହୀ ରାଜୁ କୁମାର ବେହେରା ଓ ତାରାକାନ୍ତ ପରିଡ଼ା ସଫଳତାର ସହ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ (୬,୧୫୪ ମିଟର, ୨୦, ୧୯୦ ଫୁଟ) ସଫଳତାର ସହ ଆରୋହଣ କରିଛନ୍ତି। ତାରାକାନ୍ତ ସେପ୍ଟେମ୍ବର ୧୯ରେ ଏବଂ ରାଜୁ କୁମାର ସେହିମାସ ୨୦ ତାରିଖ ଭୋର୍ ୪ଟା ୩୬ ମିନିଟରେ ଶିଖରରେ ପହଞ୍ଚିଥିଲେ ବୋଲି ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ପର୍ବତାରୋହୀ ଯୋଗାବ୍ୟାସ ଭୋଇ ସୂଚନା ଦେଇଛନ୍ତି। ଉକ୍ତ ଦୁଇ ପର୍ବତାରୋହୀଙ୍କୁ ଯୋଗାବ୍ୟାସ ଅଭିନନ୍ଦନ ଜଣାଇଛନ୍ତି।

## ସବ୍‌ଜୁନିୟର ଟେନିସ କ୍ରିକେଟ: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧୪।୧୦ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ ସବ୍‌ଜୁନିୟର ଟେନିସ କ୍ରିକେଟର ୪ର୍ଥ ସଂସ୍କରଣ ସୋମବାର ଉଜ୍ଜୟିନୀରେ ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ଝାଡ଼ଖଣ୍ଡକୁ ୬୬ ରନରେ ହରାଇ ଓଡ଼ିଶା ପ୍ରଥମଥର ପାଇଁ ଚାମ୍ପିୟନ ହୋଇଛି। ଟସ୍ ଜିତିଥିବା ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୨୮ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ପୂରା ଓଭର ଖେଳିଥିଲେ ହେଁ ୬ ଉଇକେଟ ହରାଇ ୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶାର ସୌନୁପ ସୁନା ଅଲରାଉଣ୍ଡ(୩୪ ରନ ଏବଂ ୨ ଉଇକେଟ) ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। କେବଳ ସେତିକି ନୁହେଁ ସେ ମୋଟ ୨୧୪ ରନ ଏବଂ ୬ ଉଇକେଟ ନେଇ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ପାଇଥିଲେ। ଓଡ଼ିଶାର ମହମ୍ମଦ ଇରସାଦ ମୋଟ ୧୪ ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଲିଗ୍ ପର୍ଯ୍ୟାୟରେ ଆନ୍ଧ୍ର ପ୍ରଦେଶ, ଡାମନ ଡିୟୁ, ହରିୟାଣା ଏବଂ ଗୁଜରାଟକୁ ହରାଇଥିବା ଓଡ଼ିଶା ସେମିଫାଇନାଲରେ ଦିଲ୍ଲୀକୁ ୯ ଉଇକେଟରେ ହରାଇ ଦେଇଥିଲା। ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଦଳକୁ ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର, ସହସମ୍ପାଦକ ସୋଭେନ ମହାରଣା, ଉପସଭାପତି ଦୀପକ ହଂସ, ମହମ୍ମଦ ଆଜାମ, ରାଜେନ୍ଦ୍ର ମହାରଣା, ଉପଦେଷ୍ଟା ଅଖିଳେଶ ତିୱାରୀ, କୋଷାଧକ୍ଷ ରାଗିଣୀ ମିତ୍ର, ସଦସ୍ୟ ସୁଧାକର ମୁଦୁଲି, ବଦ୍ରିନାରାୟଣ ପାତ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।




କର୍ମକର୍ତ୍ତାଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ୍ ଓଡ଼ିଶା ଦଳ।



"ସଲ୍ଟଲେକ୍ ଷ୍ଟାଡିୟମରେ ମଙ୍ଗଳବାର ଫେଭରାଇଟ୍ ଭାରତ ବିପକ୍ଷରେ ବିଜୟ ହାସଲ କରି ଆମ ଦଳ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି ।
–ଜମାଲ ଭୂୟାଁ, ବାଂଲାଦେଶ ଫୁଟ୍‌ବଲ ଅଧିନାୟକ



"ଆମ ଦଳ କେବଳ ମୋ ଉପରେ ବିଶେଷ ନିର୍ଭରଶୀଳ ନୁହେଁ, କାରଣ ଦଳର ଅନ୍ୟ ଖେଳାଳିମାନେ ଏବେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରୁଛନ୍ତି ।
–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ

## ସଂକ୍ଷେପରେ

### ଗମ୍ଭୀରଙ୍କୁ ୩୮ତମ ଜନ୍ମଦିବସ ଶୁଭେଚ୍ଛା



**ନୂଆଦିଲ୍ଲୀ,୧୪।୧୦:** ଚାମ୍ପିୟନ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ସୋମବାର ୩୮ ବର୍ଷରେ ପାଦ ଦେଇଛନ୍ତି। ଏହି ଅବସରରେ କ୍ରିକେଟ ଜଗତକୁ ଟୁଇଟ କରି ଶୁଭେଚ୍ଛା ଜଣାଇଛନ୍ତି। କ୍ରିକେଟ କ୍ୟାରିୟରରେ ଗମ୍ଭୀର ୧୪୭ ଦିନିକିଆ ଓ ୫୮ ଟେଷ୍ଟ ଖେଳି ଯଥାକ୍ରମେ ୫୨୩୮ ଓ ୪୧୫୪ ରନ୍ କରିଛନ୍ତି। ଭାରତୀୟ ଦଳର ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଲେଖିଛନ୍ତି, ଗମ୍ଭୀର ତୁମକୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା। ଭଗବାନ ତୁମ ମଙ୍ଗଳ କରନ୍ତୁ ଓ ସଫଳତା ଦିଅନ୍ତୁ। ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ଗମ୍ଭୀରଙ୍କ କେକ୍ କାଟିବାବେଳର ଫଟୋ ଟୁଇଟ୍ କରି କ୍ୟାପଶନରେ ଲେଖିଛନ୍ତି, ଗମ୍ଭୀର ଜନ୍ମଦିନର ଶୁଭେଚ୍ଛା। ତୁମ ଇଚ୍ଛା ଓ ସ୍ୱପ୍ନ ପୂରଣ ହେଉ। ଉକ୍ତ ଫଟୋରେ ଇର୍ଫାନ ପଠାନ ଓ ଆର.ପି. ସିଂ ମଧ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍ ଫାଇନାଲରେ ଗମ୍ଭୀର ଚମତ୍କାର ପ୍ରଦର୍ଶନ କରିଥିଲେ। କ୍ରିକେଟରୁ ସନ୍ନ୍ୟାସ ନେବା ପରେ ଗମ୍ଭୀର ରାଜନୀତିରେ ପ୍ରବେଶ କରିଛନ୍ତି।

# 'ପ୍ରଥମଶ୍ରେଣୀ କ୍ରିକେଟରଙ୍କୁ ଗୁରୁତ୍ୱ ଦେବି'

ମୁମ୍ବାଇ, ୧୪।୧୦ (ପି.ଟି.)

ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂତନ ସଭାପତି ଭାବେ ପଦ ମଣ୍ଡନ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏଭଳି ମର୍ଯ୍ୟାଦାଜନକ ପଦ ଅଳଙ୍କରଣ କରିବାକୁ ଯାଉଥିବା ଗାଙ୍ଗୁଲି ପ୍ରଥମଶ୍ରେଣୀ କ୍ରିକେଟର୍‌ଙ୍କ ଆର୍ଥିକସ୍ଥିତିରେ ସୁଧାର ଆଣିବା ଉପରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏଥିସହ ସେ ଭାରତୀୟ କ୍ରିକେଟ୍ ବୋର୍ଡର ଛବି ସୁଧାରିବାକୁ ଲକ୍ଷ୍ୟ ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ଦ୍ୱାରା ୨୦୧୭ରେ ଅନୁରାଗ ଠାକୁର ପ୍ରତ୍ୟାହୃତ ହେବାର ଦୀର୍ଘ ୩୩ ମାସ ପରେ ବିସିସିଆଇର ପ୍ରଥମ ସଭାପତି ଭାବେ ଗାଙ୍ଗୁଲି ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି। ମାତ୍ର ୯ ମାସ ପାଇଁ ବିସିସିଆଇର ସଭାପତି ପଦରେ ରହିବାକୁ ଯାଉଥିବା ଗାଙ୍ଗୁଲି 'କିଛି ଭଲ' କରିବା ପାଇଁ ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଛନ୍ତି। 'କୁଲିଂ ଅଫ୍ ପିରିୟଡ୍' ପାଇଁ ଆସନ୍ତା ଜୁଲାଇରେ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ଏକମାତ୍ର ବ୍ୟକ୍ତି ଭାବେ ସୌରଭ ବିସିସିଆଇ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବିସିସିଆଇର ସବୁଠାରୁ ମର୍ଯ୍ୟାଦାଜନକ ପଦ ଗ୍ରହଣ କରିବାକୁ ଯାଉଥିବା ଗାଙ୍ଗୁଲି କହିଛନ୍ତି,' ଏହା ଏକ ଚମତ୍କାର ଅନୁଭବ ଯେ ମୁଁ ଦେଶ ପାଇଁ ଖେଳିଲି ଏବଂ ଦେଶର ନେତୃତ୍ୱ ନେବାର ମଧ ସୁଯୋଗ ପାଇଲି। ଏଥିସହ ଏଭଳି ଏକ ସମୟରେ ବିସିସିଆଇର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛି ଯେଉଁ ସମୟରେ ଏହାର ଛବି ଗତ ୩ ବର୍ଷ ହେଲା ଖରାପ ରହିଛି। ଏହା ମୋ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଯେ, ମୋତେ କିଛି ଭଲ କରିବାକୁ ମିଳିଛି'। ଆଗାମୀ କିଛି ମାସ ମଧ୍ୟରେ ଆମେ ସବୁକିଛି ଠିକ୍ କରିପାରିବୁ ଏବଂ ଭାରତୀୟ କ୍ରିକେଟ୍‌କୁ ପୁଣିଥରେ ପୂର୍ବସ୍ଥିତିକୁ ଆଣିପାରିବୁ। ଆପେକ୍ସ କାଉନସିଲ୍‌ର ସଦସ୍ୟ ଥିବା ମୋର ୮ ଜଣିଆ ସାଥୀ ଏକାଠି ମିଶି କାମ କରିବା ସହ ବିସିସିଆଇର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଚେଷ୍ଟା କରିବୁ' ବୋଲି ଭାରତ ପକ୍ଷରୁ ୧୧୩ ଟେଷ୍ଟ ଓ ୩୧୧ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିବା ଗାଙ୍ଗୁଲି ଏକ ସାକ୍ଷାତକାର ଅବସରରେ କହିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟର୍‌ଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତଙ୍କ ସହିତ ଆଲୋଚନା କରିବି। ଗତ ୩ ବର୍ଷ ହେଲା ସିଓଏକୁ ଏନେଇ ଅନୁରୋଧ କରିଆସିଛି। କିନ୍ତୁ ସେମାନେ ଏହା ଶୁଣି ନାହାନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟର୍‌ଙ୍କ ଆର୍ଥିକସ୍ଥିତିରେ ସୁଧାର ଆଣିବା ମୋର ପ୍ରଥମ ଲକ୍ଷ୍ୟ ହେବ' ବୋଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୮ ହଜାରରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଥିବା ଗାଙ୍ଗୁଲି ଏହି ଅବସରରେ ଉଲ୍ଲେଖ କରିଛନ୍ତି।



ସୋମବାର ସୌରଭ ଗାଙ୍ଗୁଲିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ ବେହେରା ।

### ପ୍ରଚାର କରିବେନି

ଶନିବାର ଗାଙ୍ଗୁଲି ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟିଥିଲେ। ତେଣୁ ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ନିର୍ବାଚନରେ ସେ ଭାଜପା ପାଇଁ ପ୍ରଚାର କରିବେ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଗାଙ୍ଗୁଲି ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। 'ମୋତେ ଏନେଇ କେହି କିଛି କହିନାହାନ୍ତି। କୌଣସି ରାଜନେତାଙ୍କ ସହ ମୋର ଯୋଗାଯୋଗ ନାହିଁ' ବୋଲି ୪୭ ବର୍ଷୀୟ ଗାଙ୍ଗୁଲି କହିଛନ୍ତି।

### ଡାଲମିଆ ମୋ ପିତୃତୁଲ୍ୟ

ବିସିସିଆଇର ପୂର୍ବତନ ସଭାପତି ଜଗମୋହନ ଡାଲମିଆଙ୍କୁ ସ୍ମରଣ କରି ଗାଙ୍ଗୁଲି ଭାବବିହ୍ୱଳ ହୋଇଯାଇଥିଲେ। 'କଦାପି ବିଶ୍ୱାସ କରିପାରୁନି କି ମୁଁ ଏହି ପଦରେ କାମ କରିବାର ସୁଯୋଗ ପାଇବି। ସେ ମୋ ପିତୃତୁଲ୍ୟ ଥିଲେ। ଏନ୍. ଶ୍ରୀନିବାସନ, ଅନୁରାଗ ଠାକୁରଙ୍କ ପରି ବିସିସିଆଇର କେତେଜଣ ଶ୍ରେଷ୍ଠ ସଭାପତି ରହିଥିଲେ।

### ଚ୍ୟାଲେଞ୍ଜ ରହିବ

ନିର୍ଦ୍ୱନ୍ଦ୍ୱରେ ବିସିସିଆଇ ସଭାପତି ଭାବେ ନିର୍ବାଚିତ ହେବାକୁ ଯାଉଥିବାରୁ ତାଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ରହିବ ବୋଲି ଗାଙ୍ଗୁଲି ସ୍ୱୀକାର କରିଛନ୍ତି। 'ତୁମେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୁଅ କିମ୍ବା ନ ହୁଅ ଯେହେତୁ ଏହା ବିଶ୍ୱର ସବୁଠାରୁ ଧନୀଶାଳୀ କ୍ରିକେଟ୍ ବୋର୍ଡ ତେଣୁ ଏକ ଦାୟିତ୍ୱ ରହିବ। ଆର୍ଥିକ ରୂପେ ଭାରତ କ୍ରିକେଟ୍‌ର ପାୱାର ହାଉସ୍। ତେଣୁ ନିଶ୍ଚିତ ଭାବେ ଚ୍ୟାଲେଞ୍ଜ ରହିବ।

## ପ୍ରାର୍ଥୀପତ୍ର ଦାଖଲକଲେ ଗାଙ୍ଗୁଲି

ଅକ୍ଟୋବର ୨୩ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କର୍ମକର୍ତ୍ତା ନିର୍ବାଚନ ହେବ। ଏଥିରେ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଆଶା କରାଯାଉଛି। ସୋମବାର ପୂର୍ବତନ ଭାରତ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ଜୟ ଶାହ ଯଥାକ୍ରମେ ସଭାପତି ଓ ସମ୍ପାଦକ ପଦବୀ ପାଇଁ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୂର୍ବତନ ବିସିସିଆଇ ସଭାପତି ଏନ୍. ଶ୍ରୀନିବାସନ, ପୂର୍ବତନ ସମ୍ପାଦକ ତଥା ସୌରାଷ୍ଟ୍ରର ଷ୍ଟଲ୍‌ୱାର୍ଟ ନିରଞ୍ଜନ ଶାହ ଏବଂ ପୂର୍ବତନ ଆଇପିଏଲ ଚେୟାରମ୍ୟାନ ତଥା ଉତ୍ତରପ୍ରଦେଶର ପ୍ରଭାବଶାଳୀ ବ୍ୟକ୍ତି ରାଜୀବ ଶୁକ୍ଳାଙ୍କ ଗହଣରେ ଗାଙ୍ଗୁଲି ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୋମବାର ୮ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଷୟ ଶୁକ୍ଳା ପରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଗାଙ୍ଗୁଲି ଓ ଶାହଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ସେମାନଙ୍କ ମଧ୍ୟରେ ରହିଛନ୍ତି ମହିମ ବର୍ମା (ଉପସଭାପତି), ଅରୁଣ ସିଂ ଧୁମଲ (କୋଷାଧ୍ୟକ୍ଷ), ବ୍ରିଜେଶ ପଟେଲ (ଆଇପିଏଲ ଗଭର୍ନିଂ କାଉନ୍‌ସିଲ ସଦସ୍ୟ), ଜୟେଶ ଜର୍ଜ (ଯୁଗ୍ମ ସମ୍ପାଦକ) ଖୈରୁଲ ଜମିଲ ମଜୁମ୍‌ଦାର୍ (ଗଭର୍ନିଂ କାଉନ୍‌ସିଲ ସଦସ୍ୟ) ଏବଂ ପ୍ରଭଜୋତ୍ ସିଂ ଭାଟିଆ (କାଉନ୍‌ସିଲ)। ଅକ୍ଟୋବର ୨୩ରେ ବୋର୍ଡର ବାର୍ଷିକ ସାଧାରଣ ବୈଠକ ବସିବ। ଏଥିରେ ଏହି ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଆଶା କରାଯାଉଛି। ବିସିସିଆଇରେ ଦାୟିତ୍ୱ ଗ୍ରହଣ କରିବା ପରେ ଗାଙ୍ଗୁଲି ଓ ଜର୍ଜଙ୍କୁ ଯଥାକ୍ରମେ ବେଙ୍ଗଲ କ୍ରିକେଟ ଆସୋସିଏଶନ ଏବଂ କେରଳ କ୍ରିକେଟ ଆସୋସିଏଶନର ମୁଖ୍ୟ ପଦବୀ ତ୍ୟାଗ କରିବାକୁ ପଡ଼ିବ।

■ ବାହାରିନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ

# ଟପ୍ ସିଡ୍ ଜାସନଙ୍କୁ ହରାଇ ପ୍ରିୟାଂଶୁ ଚାମ୍ପିୟନ

ଇସା ଟାଉନ(ବାହାରିନ), ୧୪।୧୦(ପି.ଟି.)

ଭାରତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଭା ପ୍ରିୟାଂଶୁ ରାଜାୱତ କ୍ୟାରିୟରରେ ଏକ ବଡ଼ ସଫଳତା ଅର୍ଜନ କରିଛନ୍ତି। ସୋମବାର ଶେଷ ହୋଇଥିବା ବାହାରିନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ସିରିଜର ଫାଇନାଲରେ ସେ ଟପ୍ ସିଡ୍ କାନାଡ଼ାର ଜାସନ ଆଣ୍ଟୋନୀ ହୋ-ଶୁଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷୀୟ ଭାରତୀୟ ପ୍ରିୟାଂଶୁ ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ୧୬-୨୧, ୨୧-୭, ୨୧-୧୨ ପଏଣ୍ଟରେ ଜାସନଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ପ୍ରିୟାଂଶୁ ପ୍ରି-କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ସିଡ୍ ଆଦେ ରେସ୍କି ଡ୍ୱିକାୟୋଙ୍କୁ ହରାଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ବାହାରିନ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିବାରେ ସେ ଅନ୍ୟ ଭାରତୀୟ ଖେଳାଳି ସମୀର ବର୍ମା, ଶୁଭଙ୍କର ଦେ ଓ ଗୁରୁ ସାଇଦତ୍ତଙ୍କ ସୌରଭ ବର୍ମା, ସାଇ ପ୍ରଣୀଥ, କ୍ଲବରେ ଯୋଗ ଦେଇଛନ୍ତି।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ପ୍ରିୟାଂଶୁ ରାଜାୱତ ।

### ଜୁହି-ଭେଙ୍କଟଙ୍କୁ ଟାଇଟଲ

ଭାରତୀୟ ମିକ୍ସଡ ଡବଲ୍ସ ଯୋଡ଼ି ତଥା ଟପ୍ ସିଡ୍ ଜୁହି ଦେବଗନ ଓ ଭେଙ୍କଟ ଗୌରବ ପ୍ରସାଦ ପ୍ରଭାବୀ ପ୍ରଦର୍ଶନ କରି ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ଏହି ଯୋଡ଼ି ଥାଇଲାଣ୍ଡର ପାନାୱତ ଥ୍ରାପନିତୁନ ଓ କାନ୍ୟାନତ ସୁଦଚୋଇଚୋମଙ୍କୁ ୨୧-୧୮, ୨୧-୧୬ ପଏଣ୍ଟରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଇରା ଶର୍ମା ୧୪-୨୧, ୨୨-୨୪ ପଏଣ୍ଟରେ ଇଣ୍ଡୋନେସିଆର ଶ୍ରୀ ଫତ୍‌ମାୱତୀଙ୍କଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ଭାରତୀୟ ଡବଲ୍ସ ଯୋଡ଼ି ରୋହନ କପୁର ଓ ସୌରଭ ଶର୍ମା ଫାଇନାଲରେ ଥାଇଲାଣ୍ଡର ପ୍ରାଦ୍ ତାଙ୍ଗଶ୍ରୀପାପେଫାନ ଓ ଆପିଚାସିତ ତେରାୱିୱାତଙ୍କଠାରୁ ହାରି ରନର୍ସଅପ୍ ହୋଇଛନ୍ତି।

# ସୁପର ଓଭର ନିୟମରେ ପରିବର୍ତ୍ତନ

ଦୁବାଇ,୧୪।୧୦ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶେଷରେ ଏହାର ସମସ୍ତ ପ୍ରମୁଖ ଇଭେଣ୍ଟଗୁଡ଼ିକ ଲାଗି ସୁପର ଓଭର ନିୟମରେ ପରିବର୍ତ୍ତନ କରିଛି। ଏଣିକି ସେମିଫାଇନାଲ କିମ୍ବା ଫାଇନାଲ ମ୍ୟାଚରେ ଟାଇ ଭାବେ ହେଲେ ସୁପର ଓଭରରେ ଯଦି ଫଇସଲା ନ ହୁଏ ତେବେ ଫଳାଫଳ ବାହାରିବା ପର୍ଯ୍ୟନ୍ତ ସୁପର ଓଭର ଜାରି ରହିବ। ସୂଚନାଯୋଗ୍ୟ, ଗତ ଜୁଲାଇରେ ବିଶ୍ୱକପ୍ ଫାଇନାଲ ଟାଇ ହେବା ପରେ ସୁପର ଓଭର ପଦ୍ଧତିର ସହାୟତା ନିଆଯାଇଥିଲା। ମାତ୍ର ତାହା ଟାଇ ଭାବେ ଶେଷ ହେବାରୁ ମ୍ୟାଚରେ ଅଧିକ ବାଉଣ୍ଡ୍ରି ମାରିଥିବା ଦଳ ଇଂଲଣ୍ଡକୁ ବିଜେତା ଘୋଷଣା କରାଯାଇଥିଲା। ଏହାକୁ ଅନେକେ ସହଜେ ଗ୍ରହଣ କରି ନ ଥିଲେ। ସେତେବେଳେ ଏହା ବିଶ୍ୱ କ୍ରିକେଟ ମହଲର ଚର୍ଚ୍ଚାର ବିଷୟ ପାଲଟିଥିଲା। ସୋମବାର ଆଇସିସି ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ଯଦି ସୁପର ଓଭର ଟାଇ ରୁହେ ତେବେ ମ୍ୟାଚ ଟାଇ ବୋଲି ଘୋଷଣା କରାଯିବ, କିନ୍ତୁ ସେମିଫାଇନାଲ ଏବଂ ଫାଇନାଲ ପାଇଁ





ସୁପର ଓଭର ନିୟମର ମୌଳିକତାକୁ ବଜାୟ ରଖି ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏଣିକି ଗୋଟିଏ ଦଳ ଅନ୍ୟ ଦଳଠାରୁ ଅଧିକ ରନ ସଂଗ୍ରହ ନ କରିବା ପର୍ଯ୍ୟନ୍ତ ସୁପର ଓଭର ଚାଲୁ ରହିବ। ବୋର୍ଡ ବୈଠକରେ ଆହୁରି ମଧ ୨୦୨୩ରୁ ୮ବର୍ଷିଆ ଯୋଜନା ଆରମ୍ଭ କରିବା ଲାଗି ସ୍ଥିର କରାଯାଇଛି। ଏହି ସମୟ ମଧ୍ୟରେ ୮ ପୁରୁଷ, ୮ମହିଳା ଇଭେଣ୍ଟ, ୪ଟି ୧୯ବର୍ଷରୁ କମ୍ ମହିଳା ଏବଂ ୪ଟି ୧୯ବର୍ଷରୁ କମ୍ ପୁରୁଷ ଇଭେଣ୍ଟ ଅନୁଷ୍ଠିତ ହେବ ବୋଲି ଆଇସିସି ଚେୟାରମ୍ୟାନ ଶଶାଙ୍କ ମନୋହର ସୂଚନା ଦେଇଛନ୍ତି। ଆଇସିସି ସୋମବାର ଆହୁରି ମଧ ଜିମ୍ବାୱେ ଏବଂ ନେପାଳ ଉପରୁ ସସ୍‌ପେଣ୍ଡ ଆଦେଶକୁ ପ୍ରତ୍ୟାହାର କରି ନେଇଛି। ସୂଚନାଯୋଗ୍ୟ, ଏହି ଦୁଇ ଦେଶର କ୍ରିକେଟ ବୋର୍ଡର କାର୍ଯ୍ୟଧାରାରେ ସ୍ଥାନୀୟ ସରକାର ହସ୍ତକ୍ଷେପ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ଆଇସିସି ସଦସ୍ୟ ପଦବୀରୁ ଉଭୟ ନେପାଳ ଓ ଜିମ୍ବାୱେକୁ ସସ୍‌ପେଣ୍ଡ କରିଥିଲା। ପୁନଃ ସଦସ୍ୟତା ଫେରି ପାଇବାରୁ ଜିମ୍ବାୱେ ଜାନୁୟାରୀରେ ୧୯ବର୍ଷରୁ କମ୍ ବିଶ୍ୱକପ୍ ଏବଂ ପରେ ୨୦୨୦ରେ ଆଇସିସି ସୁପର ଲିଗ୍‌ରେ ଭାଗ ନେଇ ପାରିବ।


## ମନେ ପଡ଼ନ୍ତି

୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିନାୟକ ରଥ
(୧୯୩୪-୨୦୦୪)
ରାଜଲକ୍ଷ୍ମୀ ଭବନ, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର-୨
ଆପଣଙ୍କର ୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୭୨୪୦

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଧୀରେନ୍ଦ୍ର କୁମାର ଦାସ
ଜଗନ୍ନାଥନଗର, ଭୁବନେଶ୍ୱର
ଆବିର୍ଭାବ: ୨୨।୦୬।୧୯୫୫
ତିରୋଧାନ: ୦୭।୧୦।୨୦୧୭
(କାର୍ତ୍ତିକ କୃଷ୍ଣ ଦ୍ୱିତୀୟା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୧୪୭୭୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



✓ ପଦ୍ମାବତି ମହାନ୍ତି
ସ୍ଥାନ- ପଟିଆଗଡ଼, ଜି-ଖୋର୍ଦ୍ଧା
ଆବିର୍ଭାବ :୧୯୨୮-ସୀତାନବମୀ
ତିରୋଧାନ :୦୫-୧୦-୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରାଦ୍ଧାଞ୍ଜଳି ଅର୍ପଣ କରୁଛୁ ।
- ଶୋକସନ୍ତପ୍ତ -
ପୁତ୍ର-ବିଜୟ, ଅଜୟ, ଅକ୍ଷୟ, ସଞ୍ଜୟ, ଅମିୟ, ଉପେନ୍ଦ୍ର, ପୁତ୍ରବଧୂ, କନ୍ୟା ଓ ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଓ ଅନଣାତି ଏବଂ ସମସ୍ତ ପରିବାରବର୍ଗ ।
ଧ-୧୪୭୭୧


# ମହିଳା କ୍ରିକେଟ: ଭାରତର ସିରିଜ ସୁଇପ୍

ଭଦୋଦରା, ୧୪।୧୦

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ସୋମବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌କୁ ଭାରତ ୬ ରନରେ ଜିତିନେଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଭାରତ ୩-୦ରେ କ୍ଲିନ ସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆକୁ ଘରୋଇ ଦଳ ଯଥାକ୍ରମେ ୮ ଉଇକେଟ୍ ଓ ୫ ଉଇକେଟ୍‌ରେ ଜିତିଥିଲା। ପୂର୍ବରୁ ଟି୨୦ ସିରିଜକୁ ମଧ ଭାରତ ୩-୧ରେ କବ୍‌ଜା କରିନେଇଥିଲା। ଫଳରେ ଭାରତୀୟ ମହିଳା ଦଳ ସିରିଜ ସୁଇପ୍ କରିବାରେ ସଫଳ ହୋଇଛି।

ସ୍ଥାନୀୟ ରିଲାଏନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ୩ୟ ଦିନିକିଆ ମ୍ୟାଚ୍ ଲୋ-ସ୍କୋରିଂ ବିଶିଷ୍ଟ ରହିଥିଲା। ଟସ୍ ଜିତି ଭାରତୀୟ ଅଧିନାୟିକା ମିଥାଲି ରାଜ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୫ ରନ ମଧ୍ୟରେ ଦୁଇ ଓପନର୍ ପ୍ରିୟା ପୁନିଆ (୦) ଓ ଜେମିମା ରୋଡ୍ରିଗ୍ସେଜ (୩)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ଦଳ ନିୟମିତ ଅନ୍ତରରେ ଉଇକେଟ୍ ହରାଇ ୪୫.୫ ଓଭରରେ ୧୪୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ହର୍‌ମନପ୍ରୀତ୍ କୌର (୩୮) ଓ ଶିଖା ପାଣ୍ଡେ (୩୫)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟ୍ସୱମେନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ପୁନମ ରାଉତ (୧୫), ମିଥାଲି (୧୧), ଦୀପ୍ତି ଶର୍ମା (୭), ଉଇକେଟ୍‌କିପର ତାନିଆ ଭାଟିଆ (୬) ପ୍ରମୁଖ ବିଫଳ ହୋଇଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ମାରିଜନେ କାପ୍ପ ୩ ଏବଂ ଶାବନିମ ଇସମାଇଲ ଓ ଆୟାବୋଙ୍ଗା ଖାକା ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ମଧ ଭାରତ ଭଳି ଅନୁରୂପ ଭାବେ ନିୟମିତ ଅନ୍ତରରେ ଉଇକେଟ୍ ହରାଇ ୪୮ ଓଭରରେ ୧୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମାରିଜନେ ୨୯, ଅଧିନାୟିକା ସୁନି ଲୁସ ୨୪, ଲୌରା ୱୋଲଭର୍ଡଟ୍ ୨୩ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏକତା ବିସ୍ତ ୩ ଏବଂ ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍ୱାଡ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଏକତା ବିସ୍ତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଓ ମାରିଜନେଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।





ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ ଦଳ।

### ସଂକ୍ଷିପ୍ତ ସ୍କୋର

- ଭାରତ: ୧୪୬/୧୦, ୪୫.୫ ଓଭର (ହର୍‌ମନପ୍ରୀତ୍ ୩୮, ଶିଖା ୩୫, ମିଥାଲି ୧୧, ମାନସୀ ଜୋଶୀ ୧୨, ମାରିଜନେ ୩/୨୦)।
- ଦକ୍ଷିଣ ଆଫ୍ରିକା: ୧୪୦/୧୦, ୪୮ ଓଭର (ମାରିଜନେ ୨୯, ଲୁସ ୨୪, ମିଗନନ୍ ଡୁ ପ୍ରିଜ ୧୦, ବିସ୍ତ ୩/୩୨)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯ Bhubaneswar, Tuesday, October 15/2019




# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପଦ ପାଇଁ ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନୂତନ କୁଳପତି ଚୟନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ଗତ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆଶାୟୀ ପ୍ରଫେସରମାନେ ବିଜ୍ଞପ୍ତି ପ୍ରକାଶ ପାଇବାର ଏକମାସ ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ଶିକ୍ଷାଦାନ ତଥା ପ୍ରଶାସନିକ କ୍ଷେତ୍ରରେ ଅତିକମ୍‌ରେ ୧୦ ବର୍ଷ ଅଭିଜ୍ଞତା ରହିଥିବା ପ୍ରାର୍ଥୀମାନେ କୁଳପତି ପଦବୀ ପାଇଁ ଆବେଦନ କରିପାରିବେ। ସେହିଭଳି କୌଣସି ଜାତୀୟସ୍ତରୀୟ ସାଂସ୍କୃତିକ ଶିକ୍ଷାନୁଷ୍ଠାନରେ ୧୦ବର୍ଷ ପ୍ରଫେସର ଭାବେ କାର୍ଯ୍ୟ କରିଥିବେ, ସମାନ ପଦବୀରେ ୧୦ ବର୍ଷ ଧରି ଗବେଷଣା କରିଥିବେ କିମ୍ବା ପ୍ରଶାସନିକ ଦାୟିତ୍ୱରେ ରହିଥିବା ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ। ବିଶ୍ୱବିଦ୍ୟାଳୟ ଆଇନ ଅନୁଯାୟୀ କୁଳପତି ୩ବର୍ଷ ପାଇଁ ନିଯୁକ୍ତ ହେବେ ବୋଲି କୁଳସଚିବଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ନିୟମାନୁଯାୟୀ ୬୫ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟକାଳ ରହିଥିବାରୁ ଆବେଦନ କରିବା ପୂର୍ବରୁ ଆଶାୟୀ ପ୍ରଫେସରମାନେ ଯେପରି ସମ୍ପୂର୍ଣ୍ଣ ୩ ବର୍ଷ କାର୍ଯ୍ୟ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ନିଜ ନାମରେ କୌଣସି ପ୍ରକାର ଅଭିଯୋଗ କିମ୍ବା କୋର୍ଟରେ ମାମଲା ଥିଲେ ଆବେଦନ ସମୟରେ ଜଣାଇବାକୁ ବିଜ୍ଞପ୍ତିରେ କୁହାଯାଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟ୍ uuu.ac.in କିମ୍ବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ୍ odishaculture.gov.inରୁ ଫର୍ମ ଡାଉନ୍‌ଲୋଡ୍ କରି ଆଶାୟୀ ଆବେଦନ କରିପାରିବେ। ମଦନପୁରସ୍ଥିତ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଠିକଣାରେ ୫ସେଟ୍ ଆବେଦନ ଫର୍ମ ପଠାଇବାକୁ କୁହାଯାଇଛି। ଗତ ସେପ୍ଟେମ୍ବରରେ ପ୍ରଫେସର କମଳକାନ୍ତ ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱରେ ଅଛନ୍ତି।

# ଭୁବନେଶ୍ୱରରୁ ଏୟାର ଏସିଆ ଉଡ଼ାଇବ ଆଉ ୪ ବିମାନ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ଭୁବନେଶ୍ୱରରୁ ଆଉ ୪ ବିମାନ ଉଡ଼ାଇବ ଏୟାର ଏସିଆ। ଖୁବ୍‌ଶୀଘ୍ର ତିନୋଟି ରୁଟ୍‌ରେ ଏହି ବିମାନଗୁଡିକ ଚଳାଚଳ କରିବ ବୋଲି ପର୍ଯ୍ୟଟନ ସଚିବ ବିଶାଲ ଦେବ କହିଛନ୍ତି। ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସଚିବ ଏହି ସୂଚନା ଦେଇଛନ୍ତି। ଏହାସହ ଦୁବାଇକୁ ବିମାନ ଚଳାଚଳ କରିବାକୁ ଆଲୋଚନା କରାଯାଉଛି। ଇଣ୍ଡିଗୋ ଦୁବାଇକୁ ବିମାନ ଚଳାଚଳ କରିବାକୁ ରାଜି ହେବ ବୋଲି ଆଶା କରାଯାଉଥିବା ବିଶାଳ କହିଛନ୍ତି।

### ଜାତୀୟ ଡାକ ସପ୍ତାହ ପାଳିଲା ଓଡିଶା ପୋଷ୍ଟାଲ ସର୍କଲ

# ସୁନୀତା ପ୍ରିୟଦର୍ଶିନୀଙ୍କୁ ମେଘଦୂତ ସମ୍ମାନ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

- ୭ଜଣଙ୍କୁ ଡାକ ସେବା ସମ୍ମାନ
- ସମ୍ବର୍ଦ୍ଧିତ ହେଲେ ଡାକ ସଂଗ୍ରହକାରୀ

ଓଡ଼ିଶା ପୋଷ୍ଟାଲ ସର୍କଲ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ଡାକ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ 'ବାଣିଜ୍ୟ ବିକାଶ ଦିବସ' ଓ 'ଡାକ ଟିକଟ ସଂଗ୍ରହ ଦିବସ' ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଡାକପାଳ ସନ୍ତୋଷ କାମିଲାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ଡାକସେବା ମୁଖ୍ୟାଳୟର ନିର୍ଦ୍ଦେଶକ ଜି. ଗୁରୁନାଥନ, ବ୍ରହ୍ମପୁର ଆଞ୍ଚଳିକ ମହାଡାକପାଳ କଲୋନେଲ ଜଳେଶ୍ୱର କହଁର, ସମ୍ବଲପୁର ଆଞ୍ଚଳିକ ମହାଡାକପାଳ ଲଳିତେନ୍ଦୁ ପ୍ରଧାନ ଓ କଟକ ଡାକ ନିର୍ଦ୍ଦେଶକ (ଆକାଉଣ୍ଟ୍‌ସ) ପ୍ରଶାନ୍ତ ଦାସ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସମ୍ବଲପୁର ଡାକ ଡିଭିଜନର ଅଫିସ୍ ଆସିଷ୍ଟାଣ୍ଟ ସୁନୀତା ପ୍ରିୟଦର୍ଶିନୀ ସାମନ୍ତରାୟଙ୍କୁ ଡାକ ବିଭାଗର ସର୍ବୋଚ୍ଚ ସମ୍ମାନ 'ମେଘଦୂତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡାକ ଅଧିକାରୀ ଅଶୋକ ରଥ, ଖଗେଶ୍ୱର ମଲ୍ଲିକ, ଶିବପ୍ରସାଦ ବେହେରା, ମନୋରଞ୍ଜନ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଜଗବନ୍ଧୁ ଜେନା ଓ ନୀଳକଣ୍ଠ ଗଡ଼ନାୟକଙ୍କୁ 'ଡାକ ସେବା ସମ୍ମାନ' ପ୍ରଦାନ କରାଯିବା ସହ ଡାକ ଟିକଟ ସଂଗ୍ରହକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



## ସଂକ୍ଷେପରେ

### ରାହାଜାନି ଘଟଣାରେ ୩ ଅଟକ

**ନରସିଂହପୁର,୧୪।୧୦(ଡି.ଏନ.ଏ.):** ନରସିଂହପୁର ଥାନା ରାଜବାଟୀ ନିକଟରେ ଥିବା ଏକ ଗଳି ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କଠାରୁ ମୋବାଇଲ ଓ ତିନି ହଜାର ଟଙ୍କା ଦୁର୍ବୃତ୍ତ ଲୁଟି ନେଇଥିଲେ। ଏନେଇ ଯୁବକ ଜଣଙ୍କ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଘଟଣାର ତଦନ୍ତ କରିବା ସହ ୩ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। କାନପୁର ଥାନା ଭୁସ୍କା ଗ୍ରାମର ଶିଶିର ରାଉଳ (୨୫) ନରସିଂହପୁର ଥାନା ଅଧୀନ ଜେମାଦେଇପୁର ଗ୍ରାମରୁ ନାଚ ଦେଖି ଫେରୁଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କୁ ପିଛା କରି ମୋବାଇଲ ଓ ଟଙ୍କା ଛଡ଼ାଇ ନେଇଥିଲେ।

### ଯୁବତୀଙ୍କ ବେକରୁ ସୁନାଚେନ୍ ଲୁଟ୍

**ଚୌଦ୍ୱାର,୧୪।୧୦(ଡିଏନଏ):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚୌଦ୍ୱାର-ମଣ୍ଡାପଡ଼ା ରାସ୍ତାରେ ସୋମବାର ଜଣେ ଦୁର୍ବୃତ୍ତ ଜଣୈକା ଯୁବତୀଙ୍କ ବେକରୁ ସୁନାଚେନ୍ ଲୁଟି ଫେରାର ହୋଇଯାଇଛି। ଲୁଟ୍‌ର ଶିକାର ହୋଇଥିବା ଯୁବତୀ ହେଲେ ୧୬ ନମ୍ବର ୱାର୍ଡ଼ ଦୌଲତାବାଦ ଗ୍ରାମର ତନୁଶ୍ରୀ ବେହେରା। ତନୁଶ୍ରୀ ସ୍କୁଟିରେ କଟକରୁ ଘରକୁ ଫେରୁଥିବାବେଳେ ପୋଟଲେଇ ନିକଟରେ ଜଣେ ଲୁଟେରା ଏକ ବାଇକ୍‌ରେ ପଛରୁ ଆସି ତାଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ନେଇଯାଇଥିଲେ। ଏ ନେଇ ସେ ଚୌଦ୍ୱାରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୯୪/୧୯ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଯାତ୍ରା ପଡ଼ିଆରେ ସୂଚନା କେନ୍ଦ୍ର ଉଦ୍‌ଘାଟନ

**ଚୌଦ୍ୱାର,୧୪।୧୦ (ଡି.ଏନ୍.ଏ):** ଚୌଦ୍ୱାର ରୂପଯାତ୍ରା ଉପଲକ୍ଷେ ମେଲଣ ପଡିଆରେ ଯାତ୍ରା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ସୂଚନା କେନ୍ଦ୍ର ଓ ମୁଖପତ୍ର ବିରାଟ ଚୌଦ୍ୱାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସିନେ ଅଭିନେତା ତଥା ଚଳଚ୍ଚିତ୍ର ନିଗମ ନିର୍ଦ୍ଦେଶକ କୁନା ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାତ୍ରାର ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପତ୍ରିକା ଉନ୍ମୋଚନ କରିଥିଲେ। ଏହାସହ ସୂଚନା କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯାତ୍ରା କମିଟି ସଭାପତି ସୁବୋଧ ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, କିରଣବାଳା ନାୟକ, ନରୋତ୍ତମ ଦାସ, ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ସୂର୍ଯ୍ୟନାରାୟଣ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଚାନ୍ଦି ମେଢ଼ ଲୋକାର୍ପଣ ଉତ୍ସବ

**ଚୌଦ୍ୱାର,୧୪।୧୦(ଡିଏନଏ):** ଚୌଦ୍ୱାର ରୂପଯାତ୍ରା ଉପଲକ୍ଷେ ବ୍ରାହ୍ମଣ ସାହି ପୂଜା କମିଟି ପକ୍ଷରୁ ୫୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଚାନ୍ଦି ମେଢ଼ର ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ବୈକୁଣ୍ଠନାଥ ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ଯାତ୍ରା କମିଟି ସଭାପତି ସୁବୋଧ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବ୍ରାହ୍ମଣସାହି ପୂଜା କମିଟି ସମ୍ପାଦକ ଅଶୋକ ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷାବିତ୍ ବାଣୀଭୂଷଣ ମହାନ୍ତି ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ମେଢ଼ ମୁରବୀ ଓ ସାମ୍ବାଦିକଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### 'ସଂଜୀବନ' ଉନ୍ମୋଚିତ

**ଚୌଦ୍ୱାର,୧୪।୧୦ (ଡି.ଏନ୍.ଏ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିଡବ୍ଲୁଏସ୍ ପକ୍ଷରୁ ସ୍ଥାନୀୟ ହିନ୍ଦ୍ ସେବକ ସଂଘ ଆଶ୍ରମ ପରିସରରେ ବାର୍ଷିକ ମୁଖପତ୍ର 'ସଞ୍ଜୀବନ'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଷ୍ଣୁଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଅନ୍ୟତମ ଅତିଥି ଭାବେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁ, ଇମ୍ପାର ବରିଷ୍ଠ ଅଧିକାରୀ ଶାରଦା ପ୍ରସାଦ ରାଓ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଦସ୍ୟ ପଞ୍ଚାନନ ବେହେରା ସ୍ୱାଗତ ଭାଷଣ ଓ ବିକ୍ରମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

■ ରାଶନ କାର୍ଡରେ ଆଧାର ସଂଯୋଗ ପ୍ରସଙ୍ଗ

# ୬୭୦ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମଙ୍କ ଆଧାର କାର୍ଡ ନାହିଁ

**ନିଶ୍ଚିନ୍ତକୋଇଲି,୧୪।୧୦(ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ବ୍ଲକ**
■ସାମଗ୍ରୀ ବନ୍ଦ ନ କରିବାକୁ ସରକାରଙ୍କୁ ବ୍ଲକ ପ୍ରଶାସନର ଚିଠି
■୭୮୪ଜଣ ଆଧାର ସଂଯୋଗ କରିନାହାନ୍ତି

ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ ହେବା ପରେ ସରକାର ବିଭିନ୍ନ ଗାଇଡ୍ ଲାଇନ ଜାରି କରିଛନ୍ତି। ନିକଟରେ ସମସ୍ତ ରାଶନକାର୍ଡ ହିତାଧିକାରୀ ସେମାନଙ୍କ ଆଧାରକାର୍ଡକୁ ରାଶନକାର୍ଡ ସହ ସଂଯୋଗ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି ହିତାଧିକାରୀ ଏହା ନ କରନ୍ତି ତେବେ ସେମାନଙ୍କୁ ରାଶନ ସମଗ୍ରୀ ମିଳି ପାରିବ ନାହିଁ ବୋଲି ଯୋଗାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଥିଲା। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୧୪୫୪ଜଣ ହିତାଧିକାରୀ ରାଶନକାର୍ଡ ସହ ଆଧାର ସଂଯୋଗ କରି ପାରି ନ ଥିଲେ। ଫଳରେ ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛିଯେ, ବ୍ଲକରେ ଥିବା ୬୭୦ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ଆଧାରକାର୍ଡ ନାହିଁ। ଏପରି କି ସେମାନଙ୍କ ନୂତନ ଆଧାରକାର୍ଡ ମଧ୍ୟ ହୋଇପାରିବ ନାହିଁ। ଏକଥା ଜାଣିବା ପରେ ବ୍ଲକ ପ୍ରଶାସନ ଏମାନଙ୍କ ରାଶନ ସାମଗ୍ରୀ ବନ୍ଦ ନ କରିବା ପାଇଁ ଏକ ଚିଠା ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ପଠାଇଛି। ଫଳରେ ସେମାନେ ରାଶନ ସାମଗ୍ରୀ ପାଇବାରୁ ଆଉ ବଞ୍ଚିତ ହେବେ ନାହିଁ ବୋଲି କଟକ ଏସିସିଓ ପ୍ରିତମ ଦାସ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକରେ ଥିବା ଅନ୍ୟ ୭୮୪ଜଣ ହିତାଧିକାରୀ ଏ ପର୍ଯ୍ୟନ୍ତ ସେମାନଙ୍କ ରାଶନକାର୍ଡ ସହ ଆଧାର ସଂଯୋଗ କରିନାହାନ୍ତି। ଫଳରେ ଆସନ୍ତା ମାସରେ ସେମାନଙ୍କୁ ସାମଗ୍ରୀ ମିଳି ପାରିବ ନାହିଁ ବୋଲି ଦାସ କହିଛନ୍ତି। ବ୍ଲକର ୪୦ ପଞ୍ଚାୟତରେ ୩୭ହଜାର ୩୫୧ ରାଶନ କାର୍ଡରେ ୧ଲକ୍ଷ ୩୮ ହଜାର ୫୭୧ଜଣ ହିତାଧିକାରୀ, ଅନ୍ତ୍ୟୋଦୟ ଯୋଜନାରେ ୩ହଜାର ୨ଶହ କାର୍ଡରେ ୧୦ ହଜାର ୯୨୭ ହିତାଧିକାରୀ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ହଜାର ୮୦ କାର୍ଡରେ ୬ହଜାର ୩୫୦ ହିତାଧିକାରୀ ଅଛନ୍ତି। ୨୦୧୧ ଜନଗଣନା ଅନୁଯାଇ ବ୍ଲକରେ ୧ଲକ୍ଷ ୮୮ହଜାର ୫୯୯ ଜଣ ଲୋକଥିବା ବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ୧ଲକ୍ଷ ୪୯ହଜାର ୫୧୨ଜଣ ସାମିଲ ହୋଇଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୪୮ ହଜାର ୦୫୮ ହିତାଧିକାରୀଙ୍କ ଆଧାର ସଂଯୋଗ କରାଯାଇଛି। ଯାହାକି ୯୮.୭୬% ରହିଛି। ଆଧାର ସଂଯୋଗ କରିଥିବା ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୨୫୫୫.୭୧କୁଇଣ୍ଟାଲ ଗହମ, ୫ ହଜାର ୮୩୪.୩୪ କୁଇଣ୍ଟାଲ ଚାଉଳ ଓ ୬୮ ହଜାର ୨୩୬.୫୬ ଲିଟର କିରୋସିନ ଯୋଗାଇ ଦିଆଯାଉଛି। ସାମଗ୍ରୀ ବଣ୍ଟନ କରିବା ପାଇଁ ୮୦ ପ୍ରାଇଭେଟ ଡିଲର, ଗୋଟିଏ ସୋସାଇଟି ଓ ଗୋଟିଏ ଏସଏସଜି ଗ୍ରୁପକୁ ମିଶାଇ ୮୨ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ଆଧାର ସଂଯୋଗ ପରେ ୨ଟି ସ୍ଥାନରୁ ସାମଗ୍ରୀ ନେଉଥିବା ହିତାଧିକାରୀ ଧରାପଡିଛନ୍ତି। ଯେଉଁ ହିତାଧିକାରୀ ୨ ସ୍ଥାନରୁ ସାମଗ୍ରୀ ନେଇଛନ୍ତି ସେମାନଙ୍କ ବିରୋଧରେ ସରକାର କି ପଦକ୍ଷେପ ନେବେ ସେନେଇ କୌଣସି ସ୍ପଷ୍ଟିକରଣ ମିଳିପାରିନାହିଁ।



ବଡ଼ମ୍ବା ବ୍ଲକ ଅଧୀନ ମାଣିଆବନ୍ଧ କମାରସାହିରେ ପୂଜା ପାଉଥିବା ଗଜଲକ୍ଷ୍ମୀ।

# ବୈଷ୍ଣବ ପାଣି ଥିଲେ ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା

**ମାହାଙ୍ଗା,୧୪।୧୦(ସ୍ୱ.ପ୍ର.)**



ବୈଷ୍ଣବ ପାଣି ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ କବିଙ୍କ ଜନ୍ମପୀଠ ମାହାଙ୍ଗା ବ୍ଲକ ଅଧୀନ କୋଠପଦାସ୍ଥିତ ରଘୁନାଥ ନୋଡାଲ ବିଦ୍ୟାପୀଠ ପରିସରରେ ତାଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବୈଷ୍ଣବ ପାଣି ସ୍ମୃତି ମଣ୍ଡପରେ ଆୟୋଜିତ ସାରସ୍ୱତ ସଭାରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ୫ଦିନିଆ ପାଣି ସାହିତ୍ୟ ଆଲୋଚନାସଭା ଓ ପାଣି ଗୀତିନାଟ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଗଣକବି ବୈଷ୍ଣବ ପାଣି ଓଡ଼ିଆ ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ସଂସଦ ସଭାପତି ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥିଭାବେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ସମ୍ମାନିତ ଅତିଥି ବିକ୍ରମ କେଶରୀ ବର୍ମା, ବ୍ଲକ୍ ଅଧକ୍ଷ ଶରତ ନାୟକ, ଉପାଧକ୍ଷା ରଶିଦା ବେଗମ, ସମ୍ମାନିତ ବକ୍ତା ରାଜକିଶୋର ଜେନା, ଭିକାରି ଚରଣ ସ୍ୱାଇଁ, ସଂସଦ ସମ୍ପାଦକ ହୃଷୀକେଶ ସ୍ୱାଇଁ, କୁହୁଣ୍ଡା ସରପଞ୍ଚ କଳ୍ପନା ଜେନା, ସମିତିସଭ୍ୟ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଗଣକବିଙ୍କ ଦ୍ୱାରା ରଚିତ କବିତା, ସୁଆଙ୍ଗ, ସଂଗୀତ ଓ ଗୀତିନାଟ୍ୟ ଚିର କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ। ସୁବାସ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରଘୁନାଥ ଜେନା, ସୁଧାଂଶୁ ପାଣି, ପ୍ରିୟରଞ୍ଜନ ଦାଶ, ମନୋଜ ଦାସ, ରମାକାନ୍ତ ପଣ୍ଡା, ଗଣେଶ ବିହାରୀ ଓ ହେମନ୍ତ ପ୍ରଧାନଙ୍କ ସମେତ କୁହୁଣ୍ଡା ଗ୍ରାମର ପାଣିପ୍ରେମୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଶେଷରେ ବାଣେଶ୍ୱରୀ କ୍ଲବ୍ ବନଗୁରିଆ ପକ୍ଷରୁ ଗୀତିନାଟ୍ୟ ମହିଷାସୁର ବଧ ଓ ଗାନ୍ଧିଜୀ ଯୁବକ ସଂଘ କୋଠପଦା ପକ୍ଷରୁ ଦାନବୀର ସୁରସେନ ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା।

### ସାଧନାପୀଠରେ ଜୟନ୍ତୀ ଉତ୍ସବ

**ମାହାଙ୍ଗା,୧୪।୧୦(ସ୍ୱ.ପ୍ର.)**

ଗଣକବି ବୈଷ୍ଣବ ପାଣିଙ୍କ ସାଧନାପୀଠ ମାଳିହତାଠାରେ କ୍ଷେତ୍ରପାଳିନୀ ପାଠାଗାର ପକ୍ଷରୁ କବିଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଫୁଲ୍ଲ ସେନାପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଶିକ୍ଷକ ବିଷ୍ଣୁଚରଣ ମିଶ୍ର ଯୋଗଦେଇ ଗଣକବିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିବା ସହ ସେ ଗଣମାନସର କବି ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ମାହାଙ୍ଗା-ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଭକ୍ତଚରଣ ସାହୁ, ସମ୍ମାନିତ ଅତିଥି ଖବରଦାତା ଅଖିଳେଶପଦ ମହାନ୍ତି, କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନିହାଣ, ସମ୍ମାନିତ ବକ୍ତା ପ୍ରସନ୍ନ ଦାସ, ଖବରଦାତା ତାପସ ରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ କ୍ଷେତ୍ରବାସୀ ଦଳାଇ ପ୍ରମୁଖ ଯୋଗଦେଇ ଗଣକବିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ପାଣି ସାହିତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଣି ପ୍ରତିଭା ସମ୍ମାନ ୨୦୧୯ କୁହୁଣ୍ଡାର ରତ୍ନାକର ଓଝା ଏବଂ ଅଡ଼ମମହେଶପୁରର ରାହାସ ବିହାରୀ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଆନନ୍ଦପୁର (କଲୁରିଆ) ଭାଗବତ ଗୋସାଇଁ ଯୁବ ପରିଷଦ ପକ୍ଷରୁ କର୍ଣ୍ଣବଧ ଓ ମାହାଙ୍ଗା ବିନୋଦବିହାରୀ କଳା ପରିଷଦ ପକ୍ଷରୁ ଦକ୍ଷ ଯଜ୍ଞ ଗଣକବିଙ୍କ ରଚିତ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଉତ୍ସବ ପରିଚାଳନାରେ ମନୋଜ ବେହେରା, ବିଜୟ ବରାଳ, ବିବେକାନନ୍ଦ ସାହୁ, ଚିତ୍ତରଞ୍ଜନ ସାହୁ ଓ ଧନେଶ୍ୱର ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ସାଲେପୁରରେ ରାଜ୍ୟସ୍ତରୀୟ ଗଣକବି ଜୟନ୍ତୀ

**ସାଲେପୁର,୧୪।୧୦(ଡି.ଏନ.ଏ.)**

ସାଲେପୁର ମଧୁସୂଦନ ଭବନରେ ରାଜ୍ୟସ୍ତରୀୟ ଗଣକବି ଜୟନ୍ତୀ, ଗୀତାଭିନୟ ଓ ୪୦ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସଭା ଅନୁଷ୍ଠିତ ହୋଇଛି। ଗଣକବି ବୈଷ୍ଣବ ପାଣି ଜୟନ୍ତୀ ଓ କୁମାରୋତ୍ସବ କମିଟି ସଭାପତି ଅକ୍ଷୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ବାଚସ୍ପତି ଶରତ କର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ମୁଖ୍ୟବକ୍ତା ସମବାୟବିତ୍ ପ୍ରମୋଦ ସାହୁ, ସମ୍ମାନିତ ଅତିଥି କୃଷକ ସମ୍ବାଦ ଓ ସର୍ବଶକ୍ତିର ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା, ଅନ୍ୟତମ ସମ୍ମାନିତ ଅତିଥି ଗୀତା ଦାସ ଯୋଗଦେଇ ସାଲେପୁର ଓ ମାହାଙ୍ଗା ମାଟିରେ ଏହିଭଳି ଜଣେ କୃତୀ ସନ୍ତାନ ଜନ୍ମନେଇ ମାଟିକୁ ଧନ୍ୟ କରିଛନ୍ତି ବୋଲି କହିଥିଲେ। ଅନୁଷ୍ଠାନ ସମ୍ପାଦକ ଭାବଗ୍ରାହୀ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୀତା ଦାସଙ୍କୁ ଗଣକବି ସେବା ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ସେହିପରି ଗଣକବିଙ୍କ ଗୀତିନାଟ୍ୟ ତଥା ନୃତ୍ୟ ନିର୍ଦ୍ଦେଶନା ଓ ବାଦ୍ୟଯନ୍ତ୍ରରେ କାର୍ଯ୍ୟ କରିଥିବା ବରିଷ୍ଠ ୪୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମେହେନ୍ଦୀ ପ୍ରତିଯୋଗିତାରେ ଭାଗନେଇଥିବା ଲିପିକା ପ୍ରିୟଦର୍ଶିନୀଙ୍କୁ ସୁକନ୍ୟା ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଅଳତାରେ ଶୁଭଲକ୍ଷ୍ମୀ ଶତପଥୀ ଏବଂ ସ୍ନେହଶ୍ରଦ୍ଧା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।




ସାଲେପୁରରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ଅଭିଯୋଗ କରିବାରୁ ଧମକ ଦେଉଛନ୍ତି ସିଡିପିଓ

# ଉପଜିଲାପାଳଙ୍କୁ ଫେରାଦ ହେଲେ ଅଙ୍ଗନୱାଡି କର୍ମୀ

**ଆଠଗଡ଼,୧୪।୧୦(ସ୍ୱ.ପ୍ର.)**

ଆଠଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ କେତେକ ଅଙ୍ଗନୱାଡି କର୍ମୀ ଓ ସହାୟିକା (ଚାଇଲ୍ଡ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ ଅଫିସର)ସିଡିପିଓଙ୍କ ଅନିୟମିତତା ଏବଂ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସୋମବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ସିଡିପିଓ ସେମାନଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରିବା ଏବଂ ବିଭିନ୍ନ ଯୋଜନା ବାବଦ ଅର୍ଥ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ଫଳରେ ସେମାନେ ଘଟଣା ସମ୍ପର୍କରେ ଗତ ସେପ୍ଟେମ୍ବର ୨୩ରେ ଜିଲାପାଳଙ୍କ ଆଠଗଡ଼ ଗସ୍ତ ସମୟରେ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କରେ ତଦନ୍ତ କରି ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳ ଭବାନୀ ଶଙ୍କର ଚଇନୀ ଆଠଗଡ଼ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଉପଜିଲାପାଳ ଅମୀୟ ସାହୁ ଅନ୍ୟ ଅଧିକାରୀଙ୍କ ସହ ଗତ ମାସ ୨୬ତାରିଖରେ ସିଡିପିଓଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ଗୁଡିକ ସମ୍ପର୍କରେ ତଦନ୍ତକରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ଏବଂ ଉପଜିଲାପାଳଙ୍କ ତଦନ୍ତ ବେଳେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ ସେମାନଙ୍କୁ ଏବେ ସିଡିପିଓ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କ ପ୍ରାପ୍ୟ ବନ୍ଦ କରିବା ପାଇଁ ଉପର ମହଲରୁ ନିର୍ଦ୍ଦେଶ ଆସିଥିବା କହି ଧମକ ଚମକ ଦେଉଛନ୍ତି ବୋଲି ସେମାନେ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଉପଜିଲାପାଳ ସେମାନଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ସିଡିପିଓଙ୍କୁ ପଚାରିବାରେ, ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ।

କାର୍ତ୍ତିକ ମାସର ପ୍ରଥମ ସୋମବାର

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ୧୫ହଜାର ଭକ୍ତ

**ଖୁଣ୍ଟୁଣୀ,୧୪।୧୦(ଡି.ଏନ.ଏ.)**

ଆରମ୍ଭ ହୋଇଯାଇଛି କାର୍ତ୍ତିକ ମାସ। ସୋମବାର ପ୍ରଥମବାର ଥିବାରୁ ବିଳମ୍ବିତ ରାତି ୨ଟାରୁ ଠାକୁରଙ୍କ ପହୁଡ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ଠାକୁରଙ୍କ ନୀତି କାର୍ଯ୍ୟ ସମ୍ପନ୍ନ ହେବା ପରେ ପ୍ରାତଃ ୪ଟାରେ ଭକ୍ତମାନେ ଧବେଳଶ୍ୱରଙ୍କ ଦର୍ଶନ କରିଥିଲେ ବୋଲି ନୀତି ପାଳି ପରମାନନ୍ଦ ପତ୍ରୀ କହିଛନ୍ତି। ପ୍ରଥମେ ଦିନରେ ଆଠଗଡ଼, କଟକ,ବଡମ୍ବା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଆଦି ଅଞ୍ଚଳରୁ ୧୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା ବୋଲି ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଶୃଙ୍ଖଳିତ ଦର୍ଶନ ନିମନ୍ତେ ଆଠଗଡ଼ ଦେବୋତ୍ତର ପ୍ରଶାସନ ମୁଖ୍ୟ ତଥା ଉପଜିଲପାଳ ଅମିୟ କୁମାର ସାହୁ ଓ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସା ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଗୁରୁଡ଼ିଝାଟିଆ ଥାନାଧିକାରୀ ବିଜୟ କେତନ ବିସି ଓ ତାଙ୍କ ସହଯୋଗୀ ୧ପ୍ଲାଟୁନ ଫୋର୍ସ ସହିତ ଶୃଙ୍ଖଳିତ ଦର୍ଶନ ପାଇଁ ସହାୟତା କରିଥିଲେ। ଚୌଦ୍ୱାରା ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ପୋଲିସର ଗତିବିଧି ଉପରେ ନଜର ରଖିଥିଲେ। ଅପରପକ୍ଷେ ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ପରିମଳ ବ୍ୟବସ୍ଥା ଉପରେ ପ୍ରଶାସନ ଦୃଷ୍ଟି ନ ଦେଇଥିବାରୁ ଭକ୍ତମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଭୋଗ କରିଥିଲେ। ଗତବର୍ଷ ଆରତି ଷ୍ଟିଲ ପକ୍ଷରୁ ୪ଟି ଶୌଚାଳୟ ନିର୍ମାଣ କରିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଇଥିଲା। ଆଗକୁ ପଞ୍ଚୁକ ଓ ବଡଓଷା ଥିବାରୁ ଏ ବିଷୟ ଉଠାଇବାକୁ ସାଧାରଣ ଲୋକ ପ୍ରସ୍ତୁତ ହୋଇଛନ୍ତି।

# ବାଙ୍କୀ ଓଡ଼ିଆ ସଂସ୍କୃତିର ଅନ୍ୟତମ ପ୍ରାଣକେନ୍ଦ୍ର

**ବାଙ୍କୀ,୧୪।୧୦(ସ୍ୱ.ପ୍ର.)**

ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଦେଶର ସମବାୟ ଅନ୍ଦୋଳନର ଜନ୍ମସ୍ଥାନ ଭାବେ ପରିଚିତ ବାଙ୍କୀ। ଯାହା ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ଅନ୍ୟତମ ପ୍ରାଣକେନ୍ଦ୍ର। ଏପରି ଏକ ଐତିହ୍ୟ ସମ୍ପନ୍ନ ସହରରେ ମହୋତ୍ସବ ଆୟୋଜିତ ହେଉଥିବା ଅଭିନନ୍ଦନୀୟ। ମୁଖ୍ୟବକ୍ତା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତବକ୍ତା ସାହିତ୍ୟିକ ଡ. ମୃତ୍ୟୁଞ୍ଜୟ ରଥ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, ମହୋତ୍ସବ ଉପସଭାପତି ସୁରଞ୍ଜନ ପଣ୍ଡା, ଭରତ ବେହେରା, ଅନୁପ ବଥୁଆଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ସଫଳତା ଉପରେ ଆଲୋକପାତ କରିଥିଲେ। ମହୋତ୍ସବ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱଗତ ଭାଷଣ ଦେଇଥିବା ବେଳେ ଉପସଭାପତି ସନ୍ତୋଷ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପ୍ରଭାତ ତ୍ରିପାଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡା. ରାମଚନ୍ଦ୍ର ରାଉତ, ସାହିତ୍ୟିକ ନକୁଳ ସାହୁ, ପୋଲିସ ପ୍ରଶାସକ ପ୍ରଦୀପ ପଟ୍ଟନାୟକ, କାମଦେବ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବ ମୁଖ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। କବି ଚମ୍ପକ ରବିନାରାୟଣ ମଙ୍ଗରାଜଙ୍କ ପୁସ୍ତକ 'ସୁବର୍ଣ୍ଣ ସ୍ମୃତି' ଓ କବି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ କ୍ୟାସେଟ୍ 'ତୁମେ ଗଲାପରେ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବ୍ରଜକିଶୋର ମହାପାତ୍ର ଓ ପଠାଣି ବେହେରା ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ ଉପସଭାପତି ଅନନ୍ତ ଦାସ ଧନ୍ୟବାଦ ଦେଇଥିଲେ।

■ ସାର୍ବଜନୀନ ହେବ ଆବାସ ଯୋଜନା ହିତାଧିକାରୀ ତାଲିକା

# ବ୍ଲକ ପ୍ରଶାସନର ପ୍ରକ୍ରିୟା ଆରମ୍ଭ

**ନିଶ୍ଚିନ୍ତକୋଇଲି,୧୪।୧୦(ସ୍ୱ.ପ୍ର.)**

ବାତ୍ୟା ଫନୀ ପରେ ସବୁ କଚାଘରକୁ ପକ୍କାଘରରେ ପରିଣତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏପରି କି ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା କଚା ଘର ହିତାଧିକାରୀଙ୍କୁ ତୁରନ୍ତ ପକ୍କାଘର ଯୋଗାଇବା ଓ ଘର ପାଇ ନ ଥିବା ହିତଧିକାରୀଙ୍କୁ ଘର ଯୋଗାଇବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ହିତାଧିକାରୀ ପଞ୍ଚାୟତ ମାଧ୍ୟମରେ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିବା ବେଳେ ରାଜସ୍ୱ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟ ଅଧିକ କ୍ଷତିଗ୍ରସ୍ତଙ୍କ ଏକ ତାଲିକା ପ୍ରସ୍ତୁତି କରିଥିଲା। ସମସ୍ତ ତାଲିକାକୁ ସ୍କ୍ରୁଟିନ କରାଯାଇ ହିତାଧିକାରୀଙ୍କ ଜିଓ ଟ୍ୟାଗିଂ ମଧ୍ୟ କରାଯାଇଥିଲା। ତେବେ ଜିଓ ଟ୍ୟାଗିଂ ସରିବା ପରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବାର ବ୍ୟବସ୍ଥା ଥିବା ବେଳେ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଥିବା ଅଭିଯୋଗ ହୋଇଥିଲା। ଏକଥା ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଜାଣିବା ପରେ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟା କରିଛନ୍ତି। ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ତାଲିକା ସାର୍ବଜନିନ କରିବା ପାଇଁ ମନ୍ତ୍ରୀ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି କଡ଼ା ଆଭିମୁଖ୍ୟକୁ ନେଇ ବ୍ଲକ ପ୍ରଶାସନ ସୋମବାର ୫ ପଞ୍ଚାୟତର ହିତାଧିକାରୀ ତାଲିକା ସାର୍ବଜନିନ କରିବା ପାଇଁ ବିଜ୍ଞପ୍ତି ଜାରି କରିଛି। ଜିଗ୍ନିପୁର, ଅସୁରେଶ୍ୱର, ନଗସପୁର, ଝାଡେଶ୍ୱରପୁର ଓ ବାଲିଆପଦା ପଞ୍ଚାୟତର ହିତାଧିକାରୀ ତାଲିକା ସାର୍ବଜନିନ କରିବା ପାଇଁ ସମ୍ପୃକ୍ତ ପଞ୍ଚାୟତକୁ ବ୍ଲକ ପ୍ରଶାସନ ଚିଠି ଲେଖିଛି। ଚିଠି ଅନୁସାରେ ଆସନ୍ତା ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ସର୍ଭେ ତାଲିକା ପ୍ରକାଶ ପାଇବ। ୧୭ରେ ତାଲିକାରେ ଥିବା ଯୋଗ୍ୟ, ଅଯୋଗ୍ୟ ହିତାଧିକାରୀଙ୍କ ଅଭିଯୋଗ ଗ୍ରହଣ କରାଯିବ ଓ ୧୮ରେ ଏହାର ତଦନ୍ତ କରାଯାଇ ଚୂଡାନ୍ତ ବିବରଣୀ ଦାଖଲ କରାଯିବା ପାଇଁ ଘୋଷଣା କରାଯାଇଛି। ଯଦିକୌଣସି ବ୍ୟକ୍ତି ଅଭିଯୋଗ କରିବାକୁ ଚାହାନ୍ତି ସେମାନେ ପଞ୍ଚାୟତରେ ଆସି ଅଭିଯୋଗ କରିପାରିବେ। ସେଠାରେ ଥିବା ଅଧିକାରୀ ସେମାନଙ୍କ ଅଭିଯୋଗ ଗ୍ରହଣ କରିବେ। ଜିଗ୍ନିପୁର ପଞ୍ଚାୟତ ପାଇଁ ବିଭୂଦତ ରାୟ, ଦିଲୀପ ମହନ୍ତ, ଗାୟତ୍ରୀ ମହାପାତ୍ର, ଅସୁରେଶ୍ୱର ପାଇଁ ଅନାମ ଚରଣ ବିଶ୍ୱାଳ, କୈଳାସ ଚନ୍ଦ୍ର ରାଉତ ଓ ଅନୁପ ରଥ, ନଗସପୁର ପାଇଁ ବନ୍ୟା ମହାନ୍ତି, ଅନ୍ତର୍ଯାମୀ ନାୟକ, ରଞ୍ଜନ ବେହେରା, ଝାଡେଶ୍ୱରପୁର ପାଇଁ ସତ୍ୟରଞ୍ଜନ ପଣ୍ଡା, ରଞ୍ଜନ ପରିଡା, ଅନନ୍ତ ସ୍ୱାଇଁ, ବାଲିଆପଦା ପାଇଁ ବେଳାଭୂମି ସାହୁ, ବିଜୟ କୁମାର ରାଉତ ଓ ରାଜେସ ସାହୁଙ୍କୁ ନିଯୁକ୍ତ କରାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କୁ ସମ୍ପୃକ୍ତ ପଞ୍ଚାୟତର ଲୋକମାନେ ଚିହ୍ନଟ କରିବେ। ସାଧାରଣ ଲୋକଙ୍କ ଦ୍ୱାରା ଚୟନ ହୋଇଥିବା ହିତାଧିକାରୀଙ୍କ ପୁନଃ ତଦନ୍ତ କରାଯାଇ ଚୂଡ଼ାନ୍ତ ଯୋଗ୍ୟ ତାଲିକା ପ୍ରକାଶ କରାଯିବ ବୋଲି ଭାରପ୍ରାପ୍ତ ବିଡିଓ ସୁଶାନ୍ତ କୁମାର ରଣା ପ୍ରକାଶ କରିଛନ୍ତି। ତେବେ କଟକ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାଇ ଏହି ୫ଟି ପଞ୍ଚାୟତର ତାଲିକାକୁ ପରୀକ୍ଷାମୂଳକ ଭାବେ ସଂଶୋଧନ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ କରାଯିବ ବୋଲି ବ୍ଲକ ଅଧକ୍ଷା ସବିତା ଓଝା ପ୍ରକାଶ କରିଛନ୍ତି।



“ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



## ସଂକ୍ଷେପରେ

### ଡକାୟତି ଉଦ୍ୟମ ପଣ୍ଡ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୪।୧୦:** ଖୋର୍ଦ୍ଧା ଜିଲା ବାଘମାରି ଥାନା ପୋଲିସ ଏକ ଡକାୟତି ଉଦ୍ୟମ ପଣ୍ଡ କରି ପଙ୍ଗାରସିଂହର ତୁଜିଦ୍ଦିନ ଖାନ(୪୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ଦିନିଆରି ରାସ୍ତାରେ ତୁଜିଦ୍ଦିନ ଓ ଅନ୍ୟ ଦୁଇ ଜଣ ଡକାୟତି ପାଇଁ ଉଦ୍ୟମ କରୁଥିଲେ। ଖବରପାଇ ପୋଲିସ ଚଢ଼ାଉ କରି ତୁଜିଦ୍ଦିନଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି, ମୋବାଇଲ ଫୋନ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୫୨/୧୯)ରୁଜୁ ହୋଇଛି।

### ଜୀବନାଶକର ଠିକ୍ ଓ ନିରାପଦ ବ୍ୟବହାର

**ଖୋର୍ଦ୍ଧା ଅଫିସ,୧୪।୧୦:** ବିଷାକ୍ତ ଜୀବନାଶକର ସଠିକ୍ ଓ ନିରାପଦ ବ୍ୟବହାର ଉପରେ ଏକ ଶିବିର ଜଟଣୀ ବ୍ଲକର ଅଙ୍ଗାରପଡା ପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଜଣ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜଟଣୀ ବ୍ଲକ ଏଓ ରୁଚିସ୍ମିତା କର ମହାପାତ୍ର, ଏଏଓ ରାଧେଶ୍ୟାମ ଦାଶ, ଅଙ୍ଗାରାପଡା ଭିଏଡବ୍ଲ୍ୟୁ ଶ୍ରଦ୍ଧାଞ୍ଜଳି ମନସି, ସରପଞ୍ଚ ଯୋଗଦେଇଥିଲେ। ଏହା ସହ କ୍ଷେତ୍ର ପରିଦର୍ଶନ ମଧ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ବେଗୁନିଆ,୧୪।୧୦(ଡି.ଏନ୍.ଏ.):** ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ବେଗୁନିଆ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଡ଼ବେରଣା ଗ୍ରାମର ଦୀନବନ୍ଧୁ ମାଝି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଦୀନବନ୍ଧୁ ଦେଶୀ ମଦ କରାବାର କରୁଥିବା ନେଇ ପୋଲିସ ଖବର ପାଇଥିଲା। ସୋମବାର ଅପରାହ୍ନରେ ସେ ଏକ ବାଇକରେ ୭୦ଲିଟର ଦେଶୀ ରନ୍ଧା ମଦ ନେଇ ଯାଉଥିବା ଖବରପାଇ ପୋଲିସ ତାଙ୍କୁ କୋଦବେରେଣି ଗ୍ରାମ ନିକଟରୁ ଧରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୬୦/୧୯)ରୁଜୁ ହୋଇଛି।

### ଗ୍ରୀନ୍ ପାରିକୁଦ ଲକ୍ଷ୍ୟରେ ଚାରାରୋପଣ

**କୃଷ୍ଣପ୍ରସାଦ,୧୪।୧୦(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟରେ ଅଞ୍ଚଳର ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଗ୍ରୀନ୍ ପାରିକୁଦ ଅଭିଯାନ ଆରମ୍ଭ କରିଛନ୍ତି। ଅଭିଯାନରେ ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ବଡଝାଡ ସରପଞ୍ଚ ସତ୍ୟବାନ ତରେଇ, ଗୋମୁଣ୍ଡିଆ ସମିତିସଭ୍ୟ ବିଜୟ କୁମାର ତରେଇ, ସାମାଜିକ କର୍ମୀ ଶେଷଦେବ ବେହେରା, ରାଜକିଶୋର ନାୟକ, ବନ କର୍ମଚାରୀ ସୁନୀଲ ଲେଙ୍କା, ଲକ୍ଷ୍ମଣ ବେହେରାଙ୍କ ସମେତ ବଡଝାଡ ପଞ୍ଚାୟତ ବାଲିସାହି ଗ୍ରାମ ମହିଳା ସଂଘ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ । ଗ୍ରୀନ ପାରିକୁଦର ସମସ୍ତ ସଦସ୍ୟ ଅଂଶଗ୍ରହଣ କରି ବାଲିସାହି ପଡିଆଠାରେ ୨ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା ଲାଗି ଏହି ଅଭିଯାନ ଆରମ୍ଭ ହୋଇଥିବା ଆବାହକ ହିମାଂଶୁ ନାୟକ ପ୍ରକାଶ କରିଛନ୍ତି। ହିମାଂଶୁଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

■ ଗ୍ରାମୀଣ ଆବାସ ଯୋଜନା

# ବିଡିଓ, ଏବିଡିଓଙ୍କ ନାଁରେ ଟଙ୍କା ଆଦାୟ

## ଲାଞ୍ଚ ନ ଦେବାରୁ ମାଡ଼ ଖାଇଲେ ହିତାଧିକାରୀ

**ଖୋର୍ଦ୍ଧା ଅଫିସ,୧୪।୧୦**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ପରି ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀଙ୍କ ଠାରୁ ୨୦ହଜାର ଟଙ୍କା ଲାଞ୍ଚ ଆଦାୟ କରାଯାଉଛି। ଏହି ଲାଞ୍ଚ ଟାଙ୍ଗୀ ବିଡିଓ ଏବଂ ଏବିଡିଓଙ୍କୁ ଦିଆଯିବ କହି ଆଦାୟ ହେଉଛି। ଏପରିକି ଲାଞ୍ଚ ନ ଦେବାରୁ ସୋମବାର ଜଣେ ହିତାଧିକାରୀ ମାଡ଼ ଖାଇ ଆହତ ହୋଇଛନ୍ତି। ସେ ହେଲେ ଦେଉଳିପାଟଣା(ଅରାଙ୍ଗ) ଗ୍ରାମର ନବ କିଶୋର ବିଶ୍ୱାଳ। ସେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ନବକିଶୋରଙ୍କ ସ୍ତ୍ରୀ ସଙ୍ଗୀତା ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ଜଙ୍କିଆ ପୋଲିସ ତଦନ୍ତ ଚଳାଇଛି।

ସଙ୍ଗୀତାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବା ପାଇଁ ମୋ ନାଁ ରହିଛି। ମୋ ନାଁ ରହିବା ପରେ ଗ୍ରାମର ୨ଜଣ ଦଲାଲ ସ୍ୱାମୀ ନବକିଶୋରଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଁ ସାମିଲ କରିବା ପାଇଁ ବିଡିଓ ଓ ଏବିଡିଓଙ୍କୁ ଦିଆଯିବ କହି ଏହି ଟଙ୍କା ମାଗିଥିଲେ। ସେ ଲାଞ୍ଚ ଦେବାକୁ ମନା କରିବା ସହ ପାରୁଛ ଯଦି ଆବାସ ଯୋଜନାରୁ ନାଁକୁ ହଟାଇ ଦିଅ ବୋଲି କହିଥିଲେ। ସମସ୍ତେ ଦେଉଛନ୍ତି ତୁମେ କାହିଁ ଦେବନି କହି ଉକ୍ତ ୨ଦଲାଲ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସୋମବାର ପୂର୍ବାହ୍ନରେ ଉକ୍ତ ଦୁଇ ଦଲାଲଙ୍କ ସହ ଆଉ ଜଣେ ବ୍ୟକ୍ତି ମିଶି ନବକିଶୋରଙ୍କୁ ମାଡ଼ ମାରି ଆହତ କରିଛନ୍ତି। ଏ ନେଇ ସଙ୍ଗୀତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଉକ୍ତ ଦଲାଲମାନେ ନବକିଶୋରଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିଥିବା ସଙ୍ଗୀତା କହିଛନ୍ତି। ଦେଉଳିପାଟଣା ଗ୍ରାମର ଜଣେ ମହିଳା ନାମ ଗୋପନ ରଖି କହିଛନ୍ତି, ଦଲାଲମାନେ ଗ୍ରାମୀଣ ଆବାସ ଯୋଜନା ମଞ୍ଜୁର ପୂର୍ବରୁ ଓ ପରେ ୧୦ହଜାର ଟଙ୍କା ଲେଖାଏ ୨୦ହଜାର ଟଙ୍କା ନେଉଛନ୍ତି। ଲାଞ୍ଚ ନ ଦେଲେ ମାରପିଟ୍ କରି ଓଲଟା ଥାନାରେ ଅଭିଯୋଗ କରୁଛନ୍ତି। ତେଣୁ ଅଧିକାଂଶ ହିତାଧିକାରୀ ବିବାଦକୁ ନ ଯାଇ ଲାଞ୍ଚ ଟଙ୍କା ଦେଉଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ବିଡିଓ ଅକ୍ଷୟ ରାଉତ କହିଛନ୍ତି, ଦଲାଲଙ୍କ ବିରୋଧରେ ଲିଖିତ ଅଭିଯୋଗ ମିଳିନାହିଁ। ଲିଖିତ ଅଭିଯୋଗ ମିଳିଲେ ତଦନ୍ତ ତ୍ୱରାନ୍ୱିତ ହେବା ସହ ଦୋଷୀ ଦଣ୍ଡ ପାଇବ। ଘଟଣା ସମ୍ପର୍କରେ ଜଙ୍କିଆ ଥାନା ଆଇଆଇସିଙ୍କ ସହ ଯୋଗାଯୋଗ କରି ପରବର୍ତ୍ତୀ ପଦକ୍ଷେପ ନେବି।



ଉତ୍ସବରେ ଯୋଗ ଦେଇଥିବା ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅତିଥିବୃନ୍ଦ ।

## ପର୍ଯ୍ୟଟନ ହବ୍ ପାଇଁ ଏମ୍‌ପିଙ୍କୁ ପ୍ରସ୍ତାବ

**ଖୋର୍ଦ୍ଧା ଅଫିସ,୧୪।୧୦:** ଖୋର୍ଦ୍ଧାର କାଇପଦର, ଅତ୍ରି, ଜରିପୁଟ୍ ଓ ଭୁଷଣ୍ଡପୁର ପର୍ଯ୍ୟଟନସ୍ଥଳୀକୁ ନେଇ ଏକ ପର୍ଯ୍ୟଟନ ହବ୍ କରିବାକୁ ଭୁବନେଶ୍ୱର ଏମ୍‌ପିଙ୍କ ନିକଟରେ ସୋମବାର ଦାବି ଉପସ୍ଥାପନ କରାଯାଇଛି। ଏହି ଅବସରରେ ମହାବୀର ସେବା ସଂଘ ଆନୁକୂଲ୍ୟରେ ପଲ୍ଲାତୋଟାପଡା ପଞ୍ଚାୟତର ଜରିପୁଟ ତନ୍ତ ମୁଣ୍ଡିଆରେ ସମ୍ବର୍ଦ୍ଧନା ପର୍ବ ଆୟୋଜନ କରାଯାଇଥିଲା। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସର୍ବେଶ୍ୱର ସାହୁ ପୌରୋହିତ୍ୟ କରିଥିବାବେଳେ ପୂର୍ବତନ ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି ଶକ୍ତିଶଙ୍କର ମିଶ୍ର, ସମ୍ପାଦକ ଦୟାନିଧି ରାଉତରାୟ ବିବରଣୀ ପାଠ କରିଥିଲେ। ଏଥିରେ ୫୦ଜଣ ସାଧୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନିକୁଞ୍ଜ ପଟ୍ଟନାୟକ, ସୁବାସ ଗନ୍ତାୟତ, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କୃଷ୍ଣପ୍ରସାଦ ଉତ୍ସବମୁଖର

**କୃଷ୍ଣପ୍ରସାଦ,୧୪।୧୦(ଡି.ଏନ.ଏ.):** ମା’ ଗଜଲକ୍ଷ୍ମୀଙ୍କ ଆଗମନରେ ଚଳଚଞ୍ଚଳ ହୋଇ ପଡିଛି ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳ। ସବୁଠି ଚାଲିଛି ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା’ ଲକ୍ଷ୍ମୀଙ୍କ ଆବାହନ। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଉଛି ପୂଜା ମଣ୍ଡପ। ଅଲଣ୍ଡା ପଞ୍ଚାୟତର ପାଟଣା ଗ୍ରାମବାସୀଙ୍କ ତରଫରୁ ୩୨ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳିତ ହେଉଛି। ସେହିଭଳି ଉକ୍ତ ପଞ୍ଚାୟତର ତିଛିଣି, ଯମୁନା, କୃଷ୍ଣପ୍ରସାଦ ପଞ୍ଚାୟତର ପାଇକସାହି, ଜହ୍ନିକୁଦା, ଚିଲିକା ନୂଆପଡା, ବଡଝାଡ, ତିତିପ, ଚାରିଛକ, ମାଲୁଦ, ପାଇକରାପୁର ଆଦି ସ୍ଥାନରେ ମା’ଙ୍କ ପୂଜା ଅନୁଷ୍ଠିତ ହେଉଛି । ଚାରିଛକ ବଜାରରେ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ବାଦିପାଲା ପରିବେଷଣ କରାଯାଉଛି । ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏହି ପୂଜା ଉତ୍ସବ ଚାରିଦିନ ଧରି ଚାଲିବ।



ମା’ ମଙ୍ଗଳା ପୂଜାକମିଟି ପକ୍ଷରୁ ଅଣ୍ଡା ଗ୍ରାମରେ ଅନୁଷ୍ଠିତ କୁମାରୋତ୍ସବ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥିବୃନ୍ଦ।

## ଅଣ୍ଡା ଗାଁରେ କୁମାରୋତ୍ସବ

**ଖୋର୍ଦ୍ଧା ଅଫିସ,୧୪।୧୦:** ମା’ ମଙ୍ଗଳା ପୂଜା କମିଟି ପକ୍ଷରୁ ଅଣ୍ଡା ଗାଁରେ କୁମାରୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଦୀପ୍ତ ରାଜଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସଭାନେତ୍ରୀ ବିରୋଜିନୀ ସାମନ୍ତରାୟ ଉତ୍ସବକୁ ପରିଚାଳନା କରିଥିଲେ।

■ ବୋଲଗଡ଼ ପାସେଞ୍ଜର ହଲ୍ଟରେ ଟ୍ରେନ ରହଣି ଦାବି

## ଡିସିଏମ୍‌ଙ୍କ ସହ ଆଲୋଚନା ପରେ ରେଲରୋକୋ ସ୍ଥଗିତ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧୪।୧୦ (ଡି.ଏନ୍.ଏ.)**

ବହୁ ଦିନର ପ୍ରତୀକ୍ଷା ପରେ ପୂର୍ବତଟ ରେଳପଥର ଖୋର୍ଦ୍ଧା–ବଲାଙ୍ଗୀର ରେଳପଥରେ ରାଜଧାନୀ ଭୁବନେଶ୍ୱରରୁ ନୟାଗଡକୁ ୧୫ ତାରିଖ ମଙ୍ଗଳବାର ସେବା ସର୍ଭିସ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଅପରାହ୍ନ ସାଢ଼େ ୧ଟାରେ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଖୋର୍ଦ୍ଧା ଜିଲାର ବୋଲଗଡ ପାସେଞ୍ଜର ହଲ୍ଟରେ ଟ୍ରେନ ଅଟକିବ ନାହିଁ ବୋଲି ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଦ୍‌ଘାଟନ ଦିବସରେ ବୋଲଗଡ ଠାରେ ରେଲରୋକୋ କରାଯିବ ବୋଲି ବୋଲଗଡ ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ସୋମବାର ପ୍ରଶାସନ ପକ୍ଷରୁ ବୋଲଗଡ ବିଡିଓ ମଧୁସୂଦନ ବେହେରା, ଆଇଆଇସି ସେଖ ଆକବର ଅଲ୍ଲୀ ଓ ବୋଲଗଡ ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି କୃଷ୍ଣ ମୋହନ ପାଲଟାସିଂହ, ସମ୍ପାଦକ ରବୀନ୍ଦ୍ର ପରିଡା, ବୋଲଗଡ ସମିତି ସଭ୍ୟ ବୀର କିଶୋର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ସରପଞ୍ଚ ବବିତା ସାହୁ ଓ କମିଟି ସଦସ୍ୟ ଜୟକୃଷ୍ଣ ଦଳବେହେରା ପ୍ରମୁଖ ଖୋର୍ଦ୍ଧା ରୋଡ(ଜଟଣୀ)ସ୍ଥିତ ରେଳ ବିଭାଗର ଡିଭିଜନାଲ କମର୍ସିଆଲ ମ୍ୟାନେଜର(ଡିସିଏମ) ସି.ପି. ଜେନାଙ୍କୁ ଭେଟି ଆଲୋଚନା କରିଥିଲେ। ବୋଲଗଡ ପାସେଞ୍ଜର ହଲ୍ଟରେ ଟ୍ରେନ ରହଣି ପାଇଁ ଦାବି କରାଯାଇଥିଲା। ଆଲୋଚନା ପରେ ସାମୟିକ ଭାବେ ରେଲରୋକୋ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇଛି ବୋଲି ବୋଲଗଡ ରେଳ କ୍ରିୟାନୁଷ୍ଠାନକମିଟି ପକ୍ଷରୁ କୁହାଯାଇଛି।

### କୁମାରବସ୍ତ୍ରରେ ୨ହାତୀଙ୍କ ଉତ୍ପାତ

## ଆକ୍ରମଣରେ ଜଣେ ଆହତ

**ଖୋର୍ଦ୍ଧା ଅଫିସ,୧୪।୧୦**

ଖୋର୍ଦ୍ଧା ବନଖଣ୍ଡ କୁମାରବସ୍ତ୍ରରେ ଦୁଇଟି ହାତୀଙ୍କ ଉତ୍ପାତ ସୋମବାର ଦେଖାଦେଇଛି। ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୮ଟାରେ ଦନ୍ତାହାତୀ ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ର ବେହେରା(୪୫) ଆହତ ହୋଇଛନ୍ତି। ପୂର୍ଣ୍ଣଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପୂର୍ଣ୍ଣ ସାଇକେଲ ଯୋଗେ ଖୋର୍ଦ୍ଧାରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଲୋକନାଥ ମନ୍ଦିର ସମ୍ମୁଖ ଖେଳପଡିଆ ନିକଟରେ ଦୁଇ ହାତୀ ଅତିକ୍ରମ କରୁଥିଲେ। ହାତୀର ନିକଟରେ ପୂର୍ଣ୍ଣ ପହଞ୍ଚି ଯାଇଥିଲେ। ସାଇକେଲ ଫୋପାଡି ପୂର୍ଣ୍ଣ ଫେରାର ହୋଇଯାଇ ବୁଦିବୁଦିକିଆ ଜଙ୍ଗଲକୁ ଯାଉଥିବାବେଳେ ହାତୀ ଗୋଡ ବାଜି ଆହତ ହୋଇଥିଲେ।

## କୃଷ୍ଣପ୍ରସାଦରେ ଋଣମେଳା

**କୃଷ୍ଣପ୍ରସାଦ,୧୪।୧୦(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ସୋମବାର ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମନୋରମା ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ କୃଷ୍ଣପ୍ରସାଦ, ବଡଅଁଳ, ଅଲଣ୍ଡା ପଞ୍ଚାୟତ ଅଧୀନ ୩୨ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି, ସମ୍ପାଦିକା ଯୋଗଦେଇଥିଲେ। ରାଜ୍ୟ ସରକାର ବିନା ସୁଧରେ ମିଶନ ଶକ୍ତି ଗ୍ରୁପମାନଙ୍କୁ ୩ଲକ୍ଷ ଟଙ୍କା ବ୍ୟବସାୟ ପାଇଁ ଋଣ ଯୋଗାଉଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ମହିଳା ସଂଘଗୁଡିକର କାଗଜପତ୍ର ସିଡିପିଓ ଯାଞ୍ଚ କରିବା ସହିତ ଯୋଗ୍ୟ ସଂଘର ନାମ ତାଲିକାଭୁକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

## ଜଟଣୀ ପୁସ୍ତକମେଳା ଉଦ୍‌ଘାଟିତ

**ଜଟଣୀ,୧୪।୧୦(ଡି.ଏନ୍.ଏ.)**

ଏକବିଂଶତମ ଜଟଣୀ ପୁସ୍ତକମେଳା ସ୍ଥାନୀୟ ଟାଉନ୍‌ହଲ୍ ପରିସରରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୁସ୍ତକମେଳା କମିଟିର କାର୍ଯ୍ୟକାରୀ ସଭାପତି କୁମାର ମୋହନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, କବି ଡ. ପ୍ରମୋଦ ଚନ୍ଦ୍ର ଦାଶ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ କବି କୁଞ୍ଜବିହାରୀ ପାଢ଼ୀଙ୍କ କବିତା ସଙ୍କଳନ ‘ମନଝୁରେ ଝୁରେମନ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୁସ୍ତକମେଳା କମିଟିର ଜବାହରଲାଲ ସୁବୁଦ୍ଧି, କ୍ଷୀରୋଦ ନନ୍ଦ, ତ୍ରିନାଥ ସାମନ୍ତରାୟ, ଭବାନୀଶଙ୍କର ମହାପାତ୍ର, ସୁଶାନ୍ତ ରାଉତ, ସ୍ୱସ୍ତିଦା ପାଳ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରକାଶନୀ ସଂସ୍ଥାଦ୍ୱାରା ୧୦ରୁ ଅଧିକ ପୁସ୍ତକ ଷ୍ଟଲ ଖୋଲାଯାଇଛି। ପୁସ୍ତକମେଳା ପରିସରରେ ହୋଇଥିବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିଶ୍ୱ ନବ ନିର୍ମାଣ ଆଧ୍ୟାତ୍ମିକ ଚିତ୍ର ପ୍ରଦର୍ଶନୀ ଷ୍ଟଲ ମଧ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

## ଖୋର୍ଦ୍ଧା ମୁଖ୍ୟ ପୋଷ୍ଟ ଅଫିସରେ ରାଉଟର ମେଶିନ ଅଚଳ

### ସପ୍ତାହ ହେଲା ଟଙ୍କା ଉଠାଣ ବନ୍ଦ

**ଖୋର୍ଦ୍ଧା ଅଫିସ,୧୪।୧୦:** ଖୋର୍ଦ୍ଧା ମୁଖ୍ୟ ପୋଷ୍ଟ ଅଫିସରେ ଟଙ୍କା ଉଠାଣ ଓ ଜମା ପ୍ରାୟ ୧ ସପ୍ତାହ ଧରି ବନ୍ଦ ରହିଛି। ରାଉଟର ମେଶିନ ଅଚଳ ଯୋଗୁ ଲିଙ୍କ୍ ଫେଲୁଅର ହେବାରୁ ଏହି ସମସ୍ୟା ଦେଖାଯାଇଛି। ଡିଜିଟାଲ ଯୁଗରେ ଜିଲା ସଦର ମହକୁମାରେ ଥିବା ପୋଷ୍ଟ ଅଫିସରେ ଲୋକ ସେବା ପାଉନାହାନ୍ତି। ପ୍ରତିଦିନ ଲୋକମାନେ ପୋଷ୍ଟ ଅଫିସକୁ ଆସି ଫେରୁଛନ୍ତି। ଏ ନେଇ ଗୁରୁଜଙ୍ଗର ସୁମନ୍ତ ମହାନ୍ତି କୁହନ୍ତି, ପ୍ରାୟ ୫ଦିନ ହେବ ପୋଷ୍ଟ ଅଫିସକୁ ଆସୁଛି। ହେଲେ ଟଙ୍କା ଉଠାଇ ହେଉନାହିଁ। ଖୋର୍ଦ୍ଧାର ଛାତ୍ରୀ ଅନିତା ଦାସ କୁହନ୍ତି, ୩ଦିନ ହେଲା ପୋଷ୍ଟ ଅଫିସକୁ ଆସୁଛି। ଲିଙ୍କ୍ ଫେଲୁଅର ଯୋଗୁ ଫେରିବାକୁ ପଡୁଛି। ବରିଷ୍ଠ ନାଗରିକ ଚକ୍ରଧର ଚୌଧୁରୀ କୁହନ୍ତି, ୧ ସପ୍ତାହ ଧରି ପୋଷ୍ଟ ଅଫିସକୁ ଆସୁଛି। ହେଲେ ଫେଲୁଅର ଲିଙ୍କ୍‌ର ମରାମତି ନାହିଁ। ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର ରବୀନ୍ଦ୍ର କୁମାର ସେଠୀ କୁହନ୍ତି, ରାଉଟ୍‌ର ମେଶିନ ଅଚଳ ଯୋଗୁ ଲିଙ୍କ୍ ଫେଲୁଅର ଟଙ୍କା ଜମା ଓ ଉଠାଣରେ ବାଧା ସୃଷ୍ଟି ହୋଇଛି। ଏହି ମେଶିନ ନୂଆ ପ୍ରାୟ ଅଢ଼େଇରୁ ୩ ଲକ୍ଷ ଟଙ୍କା ପଡିବ। ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ଦରକାର। ମେଶିନ ଅଚଳ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛି ବୋଲି କହିଥିଲେ।

## ବଡ଼ପାରୀରେ ଆନ୍ତଃସାହି ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଟାଙ୍ଗୀ (ଖୋର୍ଦ୍ଧା), ୧୪।୧୦ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡପାରୀ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ତଃସାହି ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି । ସୋମବାର ଝରିଆର ରଘୁନାଥ କ୍ଲବ ଓ ବଡପାରୀ ପାଇକ ସାହିର ନବଜ୍ୟୋତି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧–୧ ଗୋଲରେ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ବଡପାରୀ ନବଜ୍ୟୋତି କ୍ଲବ ୩–୧ ଗୋଲରେ ବିଜୟୀ ହୋଇଥିଲା। ନନ୍ଦକିଶୋର ସ୍ୱାଇଁ, ନାଲୁ ବେହେରା ଓ ପ୍ରକାଶ ନାୟକ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ବିଜୟ ରାଉତ, ଟାଙ୍ଗୀ ବିଆରସିସି ପ୍ରଶାନ୍ତ ବିଶ୍ୱାଳ, ସଚିତ୍ର ସାମନ୍ତରାୟ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ଦାସ, ରଘୁନାଥ ସାହୁ, ସହଦେବ ବିଶ୍ୱାଳ, ଗଦାଧର ପାତ୍ର, ଅଖିଳ ପ୍ରଧାନ ଯୋଗଦେଇଥିଲେ। ରମାକାନ୍ତ ବିଶ୍ୱାଳ ସଭାପରିଚାଳନା କରିଥିଲେ ।



ଏକ ବିଂଶତମ ଜଟଣୀ ପୁସ୍ତକ ମେଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

■ ଅସରଳା ଅଞ୍ଚଳରେ ବ୍ୟାପୁଛି ବଜବଜିଆ ରୋଗ

# ୨ ସପ୍ତାହରେ ମଲେଣି ୧୦ ଗୋରୁ

**ବୋଲଗଡ଼,୧୪।୧୦(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅସରଳା ଓ ପୁଆଁଣିଆ ଗ୍ରାମରେ ଗୋରୁଙ୍କୁ ବଜବଜିଆ ଓ ସାହଣ ରୋଗ ବ୍ୟାପିବାରେ ଲାଗିଛି। ୨ସପ୍ତାହ ମଧ୍ୟରେ ଗ୍ରାମରେ ୧୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଗୋପାଳକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ,ଏହି ରୋଗରେ ଗୋରୁଙ୍କ ବେକତଳ ଫୁଲିଯାଉଛି। ଆକ୍ରାନ୍ତ ଗୋରୁ ଦିନେ ଦୁଇଦିନ ମଧ୍ୟରେ ମୃତ୍ୟୁମୁଖରେ ପଡୁଛନ୍ତି। ଖବରପାଇ ବାଙ୍କୋଇ ପ୍ରାଣୀଧନ ନିରୀକ୍ଷକ ଓ ବୋଲଗଡ଼ ପ୍ରାଣୀ ଚିକିତ୍ସାଳୟରୁ କର୍ମଚାରୀ ଆସି ୧୫୦ ଗୋରୁଙ୍କୁ ଟିକାକରଣ କରିଛନ୍ତି। ଗୋପାଳକ ଶ୍ରୀନିବାସ ବେହେରାଙ୍କ ଏଭଳି ରୋଗ ଦ୍ୱାରା ୭ ଗାଈ ଓ ବାଛୁରୀଙ୍କ ମୃତ୍ୟୁ ଘଟିଛି। ସେହିପରି ସନ୍ତୋଷ ବରାଡଙ୍କ ଗୋଟିଏ ଗାଈ ଓ କାଶୀନାଥ ପ୍ରଧାନଙ୍କ ୨ଟିଗାଈଙ୍କ ମୃତ୍ୟୁ ଘଟିଛି। ଗ୍ରାମରେ ଥିବା ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ କର୍ମଚାରୀ ନିଯୁକ୍ତି ପାଇଁ ଦାବି ହେଉଛି।



ରୋଗରେ ଆକ୍ରାନ୍ତ ହୋଇଥିବା ଶ୍ରୀନିବାସ ବେହେରାଙ୍କ ଗାଈ ।

# ଚଞ୍ଚକତା କରି ବ୍ୟାଙ୍କ ଜମା ଖାତାରୁ ଟଙ୍କା ଲୁଟ୍

**ବାଲୁଗାଁ,୧୪।୧୦(ଡି.ଏନ.ଏ.)**

ଏକ ଆନ୍ତଃରାଜ୍ୟ ବ୍ୟାଙ୍କ ଠକେଇ ଦଳ ଚଞ୍ଚକତା ପୂର୍ବକ ଫୋନ୍ କରି ଜଣେ ଜମାକାରୀଙ୍କଠାରୁ ସମସ୍ତ ତଥ୍ୟ ହାସଲ କରିବା ପରେ ତାଙ୍କ ବ୍ୟାଙ୍କ ଖାତାରୁ ଜମା ଟଙ୍କା ଲୁଟି ନେଇଛନ୍ତି। ବାଲୁଗାଁ ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି। ଲୁଟ୍‌ର ଶିକାର ହୋଇଛନ୍ତି ବାଲୁଗାଁ ନିକଟସ୍ଥ ଇଞ୍ଜନପୁର ଗ୍ରାମର ଅନୀତା ପଣ୍ଡା ନାମ୍ନୀ ଜଣେ ବିଧବା ମହିଳା । ତାଙ୍କ ଜମାଖାତାରୁ ଦୁର୍ବୃତ୍ତ ସମସ୍ତ ୨୪ହଜାର ଟଙ୍କା ଲୁଟି ନେଇଛନ୍ତି।

ଘଟଣାରୁ ପ୍ରକାଶ, ଇଞ୍ଜନପୁର ଗ୍ରାମର ଅନୀତା ଓ ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ପଣ୍ଡାଙ୍କ ଯୁଗ୍ମନାମରେ ବାଲୁଗାଁ ଆନ୍ଧ୍ର ବ୍ୟାଙ୍କରେ ଏକ ଜମାଖାତା ଅଛି । ସ୍ୱାମୀଙ୍କ ଦେହାନ୍ତ ପରେ ବହୁ ଦୁଃଖକଷ୍ଟରେ ସଞ୍ଚିତ ୨୪ହଜାର ଟଙ୍କାକୁ ଅନୀତା ନିଜ ଆକାଉଣ୍ଟରେ ଜମା ରଖିଥିଲେ । ଏପରିସ୍ଥଳେ ଗତ ଶନିବାର ପୂର୍ବାହ୍ନରେ କେହି ଜଣେ ହିନ୍ଦୀ ଭାଷାରେ ଅନୀତାଙ୍କ ମୋବାଇଲକୁ ଫୋନ୍ କରି ତୁମର ଏଟିଏମ୍ ଆକାଉଣ୍ଟ ଅଚଳ ହୋଇଯାଇଛି, ସଚଳ ନିମନ୍ତେ ସମସ୍ତ ତଥ୍ୟ ଆବଶ୍ୟକ ବୋଲି କହିଥିଲେ। ଅନୀତା ବିଶ୍ୱାସର ସହ ନିଜ ଏଟିଏମ୍ କାର୍ଡ ଗୁପ୍ତ ନମ୍ବର ସମେତ ନିଜର ଜମାଖାତା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୋଟି ଗୋଟି କରି ତାଙ୍କୁ କହିଦେଇଥିଲେ। ଏହାର କିଛି ସମୟ ପରେ ଅନୀତାଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ଘଟଣା ସମ୍ପର୍କରେ ସେ ନିଜର ସମ୍ପର୍କୀୟଙ୍କୁ ଜଣାଇଥିଲେ । ସମ୍ପର୍କୀୟ ଜଣକ ସମସ୍ତ ଘଟଣା ଶୁଣି ଅନୀତା ଠକାମିର ଶିକାର ହୋଇଥିବା ଏବଂ ତୁରନ୍ତ ଏଟିଏମ୍ ଯାଇ ଟଙ୍କା ଉଠାଇଦେବାକୁ ପରାମର୍ଶ ଦେଇଥିଲେ । ସଙ୍ଗେ ସଙ୍ଗେ ଅନୀତା ବାଲୁଗାଁ ଆସି ଏଟିଏମ୍ କାଉଣ୍ଟରରେ ଟଙ୍କା ଉଠାଇଲା ବେଳକୁ ମାତ୍ର ଅଧଘଣ୍ଟା ବ୍ୟବଧାନରେ ତାଙ୍କ ଜମା ଖାତାରୁ ୨୪ ହଜାର ଟଙ୍କା ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଶନିବାର ଓ ରବିବାର ବ୍ୟାଙ୍କ ବନ୍ଦ ହେତୁ ସୋମବାର ଅନୀତା ବାଲୁଗାଁସ୍ଥିତ ଆନ୍ଧ୍ରାବ୍ୟାଙ୍କ ଶାଖାକୁ ଆସି ପରିଚାଳକଙ୍କୁ ସମସ୍ତ ଘଟଣା ଜଣାଇଥିଲେ । କିନ୍ତୁ କୌଣସି ସୁଫଳ ମିଳି ନ ଥିଲା । ସେହିପରି ସେ ବାଲୁଗାଁ ଥାନାରେ ଜଣାଇଥିଲେ। ହେଲେ ଏହା ବ୍ୟାଙ୍କର କାମ ବୋଲି ଥାନା ପକ୍ଷରୁ କୁହାଯାଇଥିବା ଅନୀତା କହିଛନ୍ତି। ଏପରି ଘଟଣା ଘଟୁଥିବା ଯୋଗୁ ବ୍ୟାଙ୍କ ତରଫରୁ ଗ୍ରାହକଙ୍କୁ ବାରମ୍ବାର ସଚେତନ କରାଯାଉଥିବାବେଳେ ଗ୍ରାମାଞ୍ଚଳର ନିରୀହ ଗରିବ ଶ୍ରେଣୀର ଲୋକେ ଏହି ଚଞ୍ଚକତାର ଶିକାର ହେଉଥିବା ଦେଖାଯାଉଛି । ଏହି ଠକେଇରେ ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । ପୋଲିସ ଓ ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ସଂପୃକ୍ତ ଠକେଇ ଗ୍ୟାଙ୍ଗକୁ ଠାବ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଅକ୍ଟୋବର, ୨୦୧୯



"ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



# ପୋଲିସ ପୁଅ ନିଶା ବେପାରୀ


ଅବକାରୀ କର୍ମଚାରୀଙ୍କ ହାତରେ ଧରାପଡିଥିବା ଦୁଇ ଅଭିଯୁକ୍ତ।

ପୁରୀ ଅଫିସ/ନିମାପଡ଼ା, ୧୪।୧୦(ଡି.ଏନ୍.ଏ.):

ମା', ବାପା ଉଭୟ ପୋଲିସ କର୍ମଚାରୀ। ମାତ୍ର ସେମାନଙ୍କର କଲେଜ ପଢ଼ୁଆ ପୁଅ ଜଣେ ନିଶା ବେପାରୀ। ବ୍ରାଉନସୁଗାର କାରବାର ଅଭିଯୋଗରେ ସୋମବାର ଅବକାରୀ ବିଭାଗ ହାତରେ ସମ୍ପୃକ୍ତ ଯୁବକ ଧରାପଡ଼ିବା ପରେ ଏହି ଘଟଣା ପଦାକୁ ଆସିଛି। ନିମାପଡ଼ା ବଜାରସ୍ଥ ଜୟଶ୍ରୀ ଛକ ନିକଟରେ ୨ଜଣ ଯୁବକ ଗ୍ରାହକଙ୍କୁ ବାଉନସୁଗାର ବିକ୍ରି କରୁଥିବା ସୂଚନା ପାଇ କଟକ ଗୋଇନ୍ଦା ଓ ପୁରୀ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରିଥିଲେ। ସେଠାରୁ ପୁରୀ ଅଞ୍ଚଳର ଶାନ୍ତନୁ ଶେଖର ଦାସ ଓ ସତ୍ୟରଞ୍ଜନ ଦାସଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୨୪ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ (ଓଡି ୧୩ବି-୨୬୨୧) ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି।

**୨୪ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ**

ଅଭିଯୁକ୍ତ ଶାନ୍ତନୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ହୋଇଥିବା ବେଳେ ତାଙ୍କ ମା' ନିମାପଡ଼ା ଥାନା ଏବଂ ବାପା ଡେଲାଙ୍ଗ ଥାନାରେ ଏସ୍ଆଇ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏ ନେଇ ତଦନ୍ତକାରୀ ଅଧିକାରୀ ବନ୍ଦନା ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ନିମାପଡ଼ା ଅବକାରୀ ଥାନାରେ ଦଫା ୨୧ ବି କ୍ରମେ ଏକ ମାମଲା (ନଂ.୭୨/୧୯) ରୁଜୁ ହୋଇଛି। ଏହି ଚଢ଼ାଉ ବେଳେ ନିମାପଡ଼ା ଅବକାରୀ ଏସ୍.ଆଇ. ବନ୍ଦନା ପଟ୍ଟନାୟକ, ଜିତେନ୍ଦ୍ର ବେହେରା, ଏସ୍.କେ ୱାରିସ ପ୍ରମୁଖ ସାମିଲ ଥିଲେ।

### ରତ୍ନ ଅଳଙ୍କାର ଯାଞ୍ଚ ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ ପ୍ରସଙ୍ଗ

## ପଦକ୍ଷେପ ନେବାକୁ ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ

ପୁରୀ ଅଫିସ,୧୪।୧୦:

ଦୀର୍ଘବର୍ଷ ହେଲାଣି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ଯାଞ୍ଚ ହୋଇନାହିଁ। ଗତବର୍ଷ ଏହାକୁ ଖୋଲାଯିବାକୁ ଉଦ୍ୟମ କରାଯାଇଥିଲେ ମଧ ଏଥିରେ ପ୍ରଶାସନ ବିଫଳ ହୋଇଥିଲା। ତେଣୁ ଭିତର ରତ୍ନଭଣ୍ଡାର ଖୋଲି ରତ୍ନଅଳଙ୍କାର ଯାଞ୍ଚ ଲାଗି ଦିଲୀପ ବରାଳ ନାମକ ଜଣେ ଭକ୍ତ ରାଜ୍ୟପାଳଙ୍କୁ ଡାକ ଯୋଗେ ଅନୁରୋଧପତ୍ର ପଠାଇଥିଲେ। ରାଜ୍ୟପାଳ ଏହାକୁ ଗ୍ରହଣ କରି ଉଚିତ ପଦକ୍ଷେପ ନେବାକୁ ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିପିଲି ବ୍ଲକ କମାକନ୍ତିଆର ଭକ୍ତ ଦିଲୀପ ସେପ୍ଟେମ୍ବର ୭ରେ ରାଜ୍ୟପାଳଙ୍କୁ ରତ୍ନଭଣ୍ଡାର ସଂକ୍ରାନ୍ତରେ ଏକ ଅନୁରୋଧପତ୍ର ପଠାଇଥିଲେ। ଗତବର୍ଷ ଏପ୍ରିଲ ୪ ତାରିଖରେ ପ୍ରଶାସନ ଏହାକୁ ଖୋଲିବାକୁ ଚେଷ୍ଟା କରିଥିଲା। କିନ୍ତୁ ଏହାର ଚାବି ହଜି ଯାଇଥିବାରୁ ଖୋଲାଯାଇ ପାରି ନ ଥିବା ପ୍ରଶାସନିକ ଅଧିକାରୀ କହିଥିଲେ। ଦୀର୍ଘବର୍ଷ ହେଲାଣି ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ଯାଞ୍ଚ ହୋଇନାହିଁ। ଏହା ସୁରକ୍ଷିତ ରହିଛି କି ନାହିଁ ଭିତର ରତ୍ନଭଣ୍ଡାର ଖୋଲି ଏହାକୁ ଯାଞ୍ଚ କରିବା ଲାଗି ଦିଲୀପ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ରାଜ୍ୟପାଳ ଦିଲୀପଙ୍କୁ ଅନୁରୋଧପତ୍ରକୁ ଗ୍ରହଣ କରି ଗତ ସେପ୍ଟେମ୍ବର ୧୯ରେ ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ଏହି ପ୍ରସଙ୍ଗରେ ଉପଯୁକ୍ତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆଇନ ବିଭାଗ ପ୍ରମୁଖ ସଚିବ ଯାହା ପଦକ୍ଷେପ ନେବେ ତାହାର ଏକକିତା ନକଲ ଅଭିଯୋଗକାରୀଙ୍କୁ ପଠାଇବେ ଏବଂ ଏହାର ଏକ କପି ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପଠାଇବା ଲାଗି ଚିଠିରେ ଉଲ୍ଲେଖ ରହିଛି।
ଗତ ସେପ୍ଟେମ୍ବର ୨୩ରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଦିଲୀପଙ୍କ ପାଖକୁ ଏକ ଚିଠି (ନଂ.୧୧୭୫୯) ପଠାଯାଇଥିଲା। ଗତ ୧୨ତାରିଖରେ ତାଙ୍କ ନିକଟରେ ଏହି ଚିଠି ପହଞ୍ଚିଥିବା ଦିଲୀପ କହିଛନ୍ତି।

## ସଂକ୍ଷେପରେ

### ପୋଲିସ ପରିଚୟ ଦେଇ ଲୁଟିଲେ ସୁନାଗହଣା



ପୁରୀ ଅଫିସ, ୧୪।୧୦:ଲୁଟ୍ ପାଇଁ ନୂଆ ତରିକା ଆପଣେଇଛନ୍ତି ଲୁଟେରା। ପୋଲିସ ପରିଚୟ ଦେଇ ଦୁଇ ଜଣ ଯୁବକ ସୋମବାର ଏସ୍ସିଏସ୍ କଲେଜ ଛକ ନିକଟରେ ଜଣେ ମହିଳାଙ୍କଠାରୁ ୧୩୦ ଗ୍ରାମ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ସିଟି ଡିଏସ୍ପିଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଶହେ ମିଟର ଦୂରରେ ସ୍ପଷ୍ଟ ଦିବାଲୋକରେ ଏହି ଘଟଣା ଘଟିଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି। ସୂଚନା ଅନୁଯାୟୀ, ମଧାହ୍ନରେ ସ୍ଥାନୀୟ କୁମୁଟି ସାହିର ବିନୋଦିନୀ ନାୟକ ଓ ତାଙ୍କ ଶାଶୁ ଉର୍ମିଳା ବଜାରରୁ ସଉଦା କିଣି ଘରକୁ ଫେରୁଥିଲେ। ବିନୋଦିନୀ ୪୦ ଗ୍ରାମର ୨ଟି ସୁନାହାର ଏବଂ ୯୦ ଗ୍ରାମର ଦୁଇହଳ ସୁନାଚୁଡ଼ି ପିନ୍ଧିଥିଲେ। ଏହି ସମୟରେ ପଛପଟୁ ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କ ନିକଟରେ ଅଟକିଥିଲେ। ନିଜକୁ ପୋଲିସ ପରିଚୟ ଦେଇ ତାଙ୍କୁ କହିଥିଲେ, କାହିଁକି ସୁନାଗହଣା ପିନ୍ଧିଛନ୍ତି, ଲୁଟପାଟ ଚାଲିଛି। ସବୁ ବାହାର କରି ଦିଅନ୍ତୁ। ବିନୋଦିନୀ ସେମାନଙ୍କ କଥାରେ ବିଶ୍ୱାସ କରି ସମସ୍ତ ସୁନାଗହଣା ବାହାର କରି ଲୁଗାକାନିରେ ବାନ୍ଧୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଜ ପକେଟରୁ ଗୋଟିଏ କାଗଜ ବାହାର କରି ସେଥିରେ ରଖିବାକୁ କହିଥିଲେ। ବିନୋଦିନୀ କାଗଜରେ ରଖୁଥିବାବେଳେ ସମ୍ପୃକ୍ତ ଯୁବକ କୌଶଳ କ୍ରମେ ତାଙ୍କୁ ଖାଲି କାଗଜଗୁଳା (ଆଗରୁ ଗୁଡ଼ାଇ ରଖିଥିବା) ଧରାଇଦେଇ ସୁନାଗହଣା ନେଇ ଚମ୍ପଟ ମାରିଥିଲେ। ବିନୋଦିନୀ ସେହି କାଗଜ ଗୁଳା ଖୋଲି ଦେଖିବାବେଳକୁ କିଛି ଗହଣା ନ ଥିଲା। ସେ ଚିତ୍କାର କରିବାରୁ ଲୋକେ ରୁଣ୍ଡ ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଏ ନେଇ ବିନୋଦିନୀଙ୍କ ପୁଅ ଅମିତ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି।

### ଅରବିନ୍ଦ କ୍ଲବ ପକ୍ଷରୁ ନାଟକୋତ୍ସବ ଉଦ୍‌ଘାଟିତ

ନିମାପଡ଼ା,୧୪।୧୦(ଡି.ଏନ୍.ଏ.): ନିମାପଡ଼ା ଗଡ଼ଅଣିଆ ଗ୍ରାମ ମଙ୍ଗଳ ସମିତି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ମା' ଲକ୍ଷ୍ମୀଙ୍କ ମୂର୍ତ୍ତି, ତୋରଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଗଡ଼ ଅଣିଆ ଅରବିନ୍ଦ କ୍ଲବ ଓ ଗ୍ରାମ ମଙ୍ଗଳ ସମିତି ପକ୍ଷରୁ ୬୬ତମ ମୁକ୍ତ ମଞ୍ଚ ନାଟକୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ନିମାପଡ଼ା କୋର୍ଟ ଛକ ଓମ ସାଇ ନାଟ୍ୟ ସଂସଦ ପକ୍ଷରୁ ନାଟକ 'ସିନ୍ଦୂର ରହିଛି ସିଂହ ଦୁଆରେ' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକୋତ୍ସବରେ ୬ଟି ନାଟକ ଅନୁଷ୍ଠାନ ଅଂଶଗ୍ରହଣ କରିଥିବା ଜଣାପଡିଛି। ନାଟକୋତ୍ସବ ୧୯ତାରିଖରେ ଉଦ୍‌ଯାପିତ ହେବା ସହ ପୁରସ୍କାର ବିତରଣ ସମାରୋହ, କଣ୍ଠ ଶିଳ୍ପୀ ଅସୀମା ପଣ୍ଡା ଓ ଗ୍ରୁପ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର କର୍ମକର୍ତ୍ତାମାନେ କହିଛନ୍ତି।

### ବିଭିନ୍ନ ଯୋଜନାରୁ ବଞ୍ଚିତ ୫୦ ହିତାଧିକାରୀ ଜିଲାପାଳଙ୍କ ନିକଟରେ ଯୁବକ ସଂଘର ଅଭିଯୋଗ

ପୁରୀ ଅଫିସ, ୧୪।୧୦: ପୁରୀ ଜିଲା ଗୋପ ବ୍ଲକର ଛଇତନା ପଞ୍ଚାୟତରେ ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଲକ୍ଷ୍ମୀନାରାୟଣ ଯୁବକ ସଂଘ କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗରିବ ହିତାଧିକାରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ପାଇବା ଆଦିରୁ ବଞ୍ଚିତ ହୋଇଛନ୍ତି। କେତେଜଣ ଧନୀକ ଶ୍ରେଣୀର ତଥା ରାଜନୈତିକ ବ୍ୟକ୍ତି ଚଞ୍ଚକତା କରି ନିଜେ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଏସବୁ ଯୋଜନାର ଫାଇଦା ନେଉଛନ୍ତି। ଅନ୍ୟପକ୍ଷେ ପ୍ରକୃତ ତଥା ଗରିବ ହିତାଧିକାରୀମାନେ ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି। ଉଲ୍ଲେଖ ଥାଉ କି, ପୂର୍ବରୁ ୨ନମ୍ବର ୱାର୍ଡର ୱାର୍ଡସଭ୍ୟାଙ୍କ ସ୍ୱାମୀ ଚଞ୍ଚକତା କରି ସରକାରୀ ଯୋଜନା ହଡେଇଥିବା ଅଭିଯୋଗ ହୋଇଥିଲା।

### ଯୁଗ୍ମ ଜନଶୁଣାଣି ଶିବିରକୁ ଆସିଲେନି ଜିଲାପାଳ

## ବ୍ଲକ ଅଫିସ ଫାଟକ ଆଗରେ ଲୋକଙ୍କ ହୋହଲ୍ଲା


ବ୍ଲକ କାର୍ଯ୍ୟାଳୟ ଫାଟକ ଆଗରେ ଉତ୍ତ୍ୟକ୍ତ ଲୋକମାନେ ହୋ ହଲ୍ଲା କରୁଛନ୍ତି।

ନିମାପଡ଼ା,୧୪।୧୦(ଡି.ଏନ୍.ଏ.):

ନିମାପଡ଼ା ବ୍ଲକରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ବିଡିଓ ଶ୍ରୀଧର ବିଶ୍ୱାଳ, ତହସିଲଦାର କମଲଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। କିନ୍ତୁ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇ ନ ଥିବାରୁ ଶତାଧିକ ମହିଳାଙ୍କ ସମେତ ପ୍ରାୟ ୩ହଜାର ବ୍ୟକ୍ତି ଫାଟକ ବନ୍ଦ କରିଦେବା ସହ ହୋ ହଲ୍ଲା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ପରିସ୍ଥିତିକୁ ଶାନ୍ତ କରିବାକୁ ନାକେଦମ ହେବାକୁ ପଡ଼ିଥିଲା। ଉତ୍ତେଜନା ପରିସ୍ଥିତି ଯୋଗୁ ଜନଶୁଣାଣି ଶିବିରକୁ ଆସିଥିବା ଶତାଧିକ ଅଭିଯୋଗକାରୀ ଦରଖାସ୍ତ ନ ଦେଇ ଫେରିଯାଇଥିଲେ। ନିମାପଡ଼ା ବ୍ଲକରେ ସରକାରଙ୍କ ୫ଟି ଯୋଜନା ବିଫଳ ହୋଇଥିବା ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ପ୍ରତାପ ସେନ ସ୍ୱାଇଁ, ବୀଣାପାଣି ସ୍ୱାଇଁ, ବାତ୍ସଲତା ପ୍ରଧାନ ସମିତିସଭ୍ୟ ପୃଥ୍ୱିରାଜ ସ୍ୱାଇଁଙ୍କ ସମେତ ଶାତାଧିକ ବ୍ୟକ୍ତି କହିଛନ୍ତି। ଏହା ପରେ ଶତାଧିକ ଅଭିଯୋଗକାରୀଙ୍କଠାରୁ ଦରଖାସ୍ତ ରଖାଯାଇ ସେମାନଙ୍କୁ କେବଳ ଟୋକନ ପ୍ରଦାନ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଜିଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇପାରି ନ ଥିଲେ ମଧ ବିଧିବଦ୍ଧଭାବେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଓ ଶତାଧିକ ଅଭିଯୋଗକାରୀଙ୍କ ଶୁଣାଣି କରାଯାଇଥିବା ବିଡିଓ ବିଶ୍ୱାଳ ଓ ତହସିଲଦାର ଦାସ କହିଛନ୍ତି। ଏହା ସହ ସମସ୍ତ ଅଭିଯୋଗକାରୀଙ୍କ ଦରଖାସ୍ତ ଜିଲାପାଳଙ୍କ ନିକଟକୁ ପଠାଯିବ ବୋଲି ବିଡିଓ ବିଶ୍ୱାଳ କହିଥିଲେ। ଏହି ଜନଶୁଣାଣି ଶିବିରରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ସାହୁ, ପୁରୀ ସମବାୟ ସମିତି ସମୂହର ଉପନିବନ୍ଧକ ପ୍ରଶାନ୍ତ ଦାଶ, ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ବେଉରା, ପୋଲିସ ଏସଡିପିଓ ଶରତ ମିଶ୍ର, ଆଇଆଇସି ଜନାର୍ଦ୍ଦନ ପାଢୀ, ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୁମୁଦନୀ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜଗବନ୍ଧୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଫନୀ କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ ବଣ୍ଟନ

କଣାସ, ୧୪।୧୦(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକରେ ଫନୀରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସୋମବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହାବିଟାଟ୍ ଫର ହ୍ୟୁମାନିଟି ଓ ଗ୍ରାମଉତ୍ଥାନ ଏବଂ ଏକେ.ଏସ୍ଏସ୍ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବ୍ଲକର ଦୋକନ୍ଦା ଗ୍ରାମପଞ୍ଚାୟତର ଦୋକନ୍ଦା, ନୂଆଦୋକନ୍ଦା, କେଶରପୁର, ସବଳଙ୍ଗ ଇତ୍ୟାଦି ଗ୍ରାମର ୭୫୦ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ ପରିବାରକୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏଥିରେ ହାବିଟାଟ୍ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଆଶାନନ୍ଦ ତାଣ୍ଡି, ଉପମୁଖ୍ୟ ଇଂ.କିଶୋର କୁମାର ଟପ୍ପୋ, ଗ୍ରାମଉତ୍ଥାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାଶ, ନିର୍ଦ୍ଦେଶକ ଦୀପକ କୁମାର ତ୍ରିପାଠୀ, ପ୍ରକଳ୍ପ ଅଧିକାରୀ ଶିଶିର କୁମାର ଦାଶ, ଏକେ.ଏସ୍ଏସ୍ର ସମ୍ପାଦକ ସୁବର୍ଣ୍ଣ କିଶୋର ବଳିୟାରସିଂହ ଓ ଉପସଭାପତି ରଜନିକାନ୍ତ ପାଢୀ ସହଯୋଗ କରିଥିଲେ। ପ୍ରତ୍ୟେକ ପରିବାରକୁ ତାରପଲିନ୍, ଦଉଡି, ହ୍ୟାଣ୍ଡଟୁଲ୍, କରତ, ହାତୁଡି, ପ୍ଲାଷ୍ଟିକ ମସିଣା, କମ୍ବଳ ପ୍ରଭୃତି ପ୍ରଦାନ କରାଯାଇଛି। ଏକେ ଏସ୍ଏସ୍ ପକ୍ଷରୁ ଡମ୍ବରୁ ସୁନ୍ଦରାୟ, ଗୌରୀ ଦାଶ, ପ୍ରମୋଦ ଦଳସିଂହ ପ୍ରମୁଖ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଆଉ କେତେକ ପଞ୍ଚାୟତରେ ଏହି ରିଲିଫ ସାମଗ୍ରୀ ବଣ୍ଟନ କରାଯିବ ବୋଲି ଏକେ ଏସ୍ଏସ୍ର ସମ୍ପାଦକ ସୁବର୍ଣ୍ଣ କେଶରୀ ବଳିୟାରସିଂହ ସୂଚନା ଦେଇଛନ୍ତି।

## 'ଓଷ୍ଟା' ଗୋପ ବ୍ଲକ୍‌ର ସାମ୍ବିଧାନିକ ସମ୍ମିଳନୀ

ଗୋପ, ୧୪।୧୦(ଡି.ଏନ୍.ଏ.)

ସରକାରଙ୍କର ଗୁଣାତ୍ମକ ଶିକ୍ଷାକୁ ଛାତ୍ରୀଛାତ୍ରଙ୍କ ନିକଟରେ ଠିକ୍‌ଭାବେ ପହଞ୍ଚାଇବା ଲାଗି ଯେପରି ଆମେ ଦାୟିତ୍ୱ ବହନ କରିଛୁ ସେହିପରି ସରକାର ଆମମାନଙ୍କ ଦାବି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି। ସଂଗଠନରେ ସମସ୍ତଙ୍କ ସହଯୋଗରେ ଦାବି ଉପସ୍ଥାପନା କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସୋମବାର ବେଲେଶ୍ୱର ଶୈବ ପୀଠରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ 'ଓଷ୍ଟା' ଗୋପ ବ୍ଲକ୍‌ର ସାମ୍ବିଧାନିକ ସମ୍ମିଳନୀରେ ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ମିଶ୍ର ଉପସ୍ଥିତ ସଭ୍ୟାସଭ୍ୟଙ୍କୁ କହିଥିଲେ। ସମ୍ମିଳନୀରେ ସଭ୍ୟ କୃଷ୍ଣଚନ୍ଦ୍ର ଦାଶ, ରାଜ୍ୟ ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର, ଜିଲା କାର୍ଯ୍ୟକାରିଣୀ ସଭ୍ୟା ସସ୍ମିତା ରାଉତରାୟ, ସରୋଜିନୀ ଦେଈ ପ୍ରମୁଖ ପର୍ଯ୍ୟବେକ୍ଷକ ରୂପେ ଉପସ୍ଥିତ ରହି ଶିକ୍ଷକ ଓ ଶିକ୍ଷାୟତନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ନିମନ୍ତେ ବ୍ଲକ୍ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିବାବେଳେ ଅର୍ଜୁନ ଚରଣ ବେହେରାଙ୍କୁ ସଭାପତି, ପ୍ରକାଶ କୁମାର ଜେନାଙ୍କୁ ସମ୍ପାଦକ, ରଶ୍ମିତା ମହାନ୍ତିଙ୍କୁ ଉପସଭାପତି, ପ୍ରଶାନ୍ତ କୁମାର ନାୟକଙ୍କୁ ଉପସଭାପତି, ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ଯୁଗ୍ମ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସରୋଜ କୁମାର ପ୍ରଧାନ, ସୁଲୋଚନା ସ୍ୱାଇଁ, ରାମକୃଷ୍ଣ ମହାନ୍ତିଙ୍କୁ ଜିଲା କାର୍ଯ୍ୟକାରୀ ସଭ୍ୟ ରୂପେ ମନୋନୀତ କରାଯାଇଥିଲା। ବିଭୁଦତ୍ତ ନାୟକ, ବିଭୂତି ଭୂଷଣ ପ୍ରଧାନଙ୍କୁ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ରୂପେ ମନୋନୀତ କରାଯାଇଛି।


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

## ଖୋଲା ଆକାଶ ତଳେ ମଧାହ୍ନଭୋଜନ ପ୍ରସ୍ତୁତି

କାକଟପୁର, ୧୪।୧୦(ଡି.ଏନ୍.ଏ.)

ଶିକ୍ଷା ବ୍ୟବସ୍ଥାକୁ ଲୋକଭୀମୁଖୀ କରିବା ଲାଗି ସରକାର 'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ସ୍ଲୋଗାନ ଦେବା ସହ ଏହି ଅନୁସାରେ ଯୋଜାନାମାନ ମଧ ଆଣିଛନ୍ତି। ମାତ୍ର ଅନେକ ସ୍ଥାନରେ ଏଥିରେ ବ୍ୟତିକ୍ରମ ଦେଖାଯାଉଛି। କାକଟପୁର ବ୍ଲକ ନାଶିକେଶର ଗ୍ରାମସ୍ଥିତ ପ୍ରାଧାନସାହି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏହାର ଜ୍ୱଳନ୍ତ ଉଦାହରଣ। ବିଦ୍ୟାଳୟଟି ୨୦୦୮ରୁ ସ୍ଥାପିତ ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା, ସ୍ଥାଣୁତା କାରଣରୁ ୧୧ବର୍ଷ ପରେ ବି ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ହୋଇପାରିନାହିଁ।

ସ୍କୁଲରେ ୬୦ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ସ୍ଥାୟୀ ଗୃହ ନ ଥିବାରୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଗୋଟିଏ ଗୃହ ମଧରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ଚାଲିଛି। ନାଁ ଅଛି କଳାପଟା ନାଁ ଅଛି ଆସବାବପତ୍ର, ଦୁଇଟି ଚଉକିରେ ୨ଜଣ ଶିକ୍ଷୟିତ୍ରୀ ବସି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ପ୍ରତିମାସ ୧୫ତାରିଖରେ ପଞ୍ଚାୟତ ପକ୍ଷରୁ ହିତାଧିକାରୀଙ୍କୁ ଏଠାରେ ଭତ୍ତା ପ୍ରଦାନ କରାଯାଉଥିବାରୁ ସେଦିନ ଗଛମୂଳେ ପାଠପଢ଼ା ହୋଇଥାଏ ବୋଲି ସ୍ୱୀକାର କରିଛନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଣାପାଣୀ ଦାଶ, ପ୍ରତିଦିନ କେନ୍ଦ୍ରର କାନ୍ଥକୁ ଲାଗି ଖୋଲା ଆକାଶ ତଳେ ଛାତ୍ରୀଛାତ୍ରଙ୍କ ଲାଗି ମଧାହ୍ନ ଭୋଜନ ରନ୍ଧା ହେଉଛି। ବର୍ଷାହେଲେ ମହିଳା ରୋଷେୟା ଛତା ଧରି ରୋଷେଇ କରୁଛନ୍ତି। ଏଭଳି ଅସୁରକ୍ଷିତ ଅବସ୍ଥାରେ ମଧାହ୍ନ ଭୋଜନ ରୋଷେଇ କରାଯିବାବେଳେ ଯଦି କେବେ ବିଷାକ୍ତ କୀଟ ପଡ଼ିଯାଇ କିଛି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ପରିଡ଼ାଙ୍କୁ ପଚାରିବାରୁ ବିଦ୍ୟାଳୟର ଶିକ୍ଷାକମିଟିର ପରାମର୍ଶରେ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିଦ୍ୟାଳୟ ଚାଲୁଥିବା ସ୍ୱୀକାର କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଜମି ଯୋଗାଇ ଦିଆଯାଉ ନ ଥିବାରୁ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ହୋଇପାରୁ ନ ଥିବା କହିଥିଲେ।


ବାହାରେ ମଧାହ୍ନଭୋଜନ ରୋଷେଇ ଚାଲିଛି।

### ସତ୍ୟଜିତ, ଅମ୍ରିତାଙ୍କ ଗୀତରେ ଝୁମିଲେ ଦର୍ଶକ

## ପ୍ରିୟାଂଶୁ ଲିଟିଲ ମାଷ୍ଟର, ଅଭିରୁଚି ଲିଟିଲ ମିସ୍


ଲିଟିଲ ମାଷ୍ଟର ପ୍ରିୟାଂଶୁ ଓ ଲିଟିଲ୍ ମିସ୍ ଅଭିରୁଚି।



କଳାକାରମାନେ ମଞ୍ଚରେ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୀ ଅଫିସ,୧୪।୧୦:

ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଅନୁଷ୍ଠିତ ଦୁଇଦିନିଆ ୪୦ତମ କୁମାର ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲେ ବଲିଉଡ୍‌ର ସୌରିନ ଭଟ୍ଟ ଏବଂ ଓଲିଉଡ୍‌ର ଯୁବ କଣ୍ଠଶିଳ୍ପୀ ସତ୍ୟଜିତ ଓ ଅମ୍ରିତା। ଏହି ତିନିଜଣ କଣ୍ଠଶିଳ୍ପୀଙ୍କ ଗୋଟିକ ପରେ ଗୋଟିଏ ହିଟ୍ ଗୀତରେ ମତୁଆଲା ହୋଇଥିଲେ ଶ୍ରୋତା। ସେମାନଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ । ସେହିପରି ପ୍ରଶାନ୍ତି ନୃତ୍ୟ କଳା ପରିଷଦର ମାହାରୀ ନୃତ୍ୟ ପରେ ଆର୍ଯ୍ୟନ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଗଣେଶ ବନ୍ଦନା କରାଯାଇଥିଲା, ଯାହାକି ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ପାରିଥିଲା। ଷ୍ଟେପ୍ ଅପ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ମଧ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସୁଶାନ୍ତ ନାୟକ ଏବଂ ଅନୁଷ୍ଠାନର ସଭ୍ୟ ରଘୁନାଥ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରିୟାଂଶୁ କୁମାର ପଣ୍ଡାଙ୍କୁ ଲିଟିଲ ମାଷ୍ଟର ଏବଂ ଅଭିରୁଚି ମହାନ୍ତିଙ୍କୁ ଲିଟିଲ୍ ମିସ୍ ଭାବେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଏମ୍‌ପି ପିନାକୀ ମିଶ୍ର, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ହରେକୃଷ୍ଣ ମିଶ୍ର, ଆଥଲେଟିକ ସେକ୍ରେଟାରୀ କୃପାସିନ୍ଧୁ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।